ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୦/୨୦୨୩ (୧୬ ପୃଷ୍ଠା) | Bhubaneswar, Thursday, August 10/2023 | Page 16 | ₹ 7.00 | SAMBALPUR
୪୯ଶ ଭାଗ ୨୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 256 | ମୂଲ୍ୟ ₹୭/-



**ପୃଥ୍ୱୀଙ୍କ ଦ୍ୱିଶତକ**

ଭାରତୀୟ କ୍ରିକେଟର ପୃଥ୍ୱୀ ଶ' କାଉଣ୍ଟି କ୍ରିକେଟରେ ନର୍ଥ ହାମ୍ପଟନଶାୟର ପକ୍ଷରୁ ୨୪୪ ରନ୍ ସ୍କୋର କରି ଲିଷ୍ଟ-ଏରେ ସର୍ବାଧିକ ସ୍କୋର ରେକର୍ଡ କରିଛନ୍ତି।

୧୨

୧୧

**ଫିଲ୍ମ ଶୁଟିଂ ବେଳେ ଗର୍ଭବତୀ ଥିଲେ ଆଲିଆ**

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ହଲିଉଡ୍ ଡେବ୍ୟୁ ଫିଲ୍ମ 'ହାର୍ଟ ଅଫ୍ ଷ୍ଟୋନ' ଶୁଟିଂ ସମୟରେ ସେ ଗର୍ଭବତୀ ଥିବା ନିକଟରେ ଏକ ସାକ୍ଷାତ୍କାରରେ କହିଛନ୍ତି।



# ମଣିପୁରରେ ଭାରତମାତାକୁ ହତ୍ୟା କରିଛି ଭାଜପା

## ସଦସ୍ୟତା ଫେରିପାଇବା ପରେ ଲୋକ ସଭାରେ ରାହୁଲଙ୍କ ବକ୍ତବ୍ୟ

**ନୂଆଦିଲ୍ଲୀ,୯।୮ (ପି.ଟି.)**

ଭାଜପାର ରାଜନୀତି ମଣିପୁରରେ ଭାରତ ମାତାକୁ ହତ୍ୟା କରିଛି ବୋଲି ବୁଧବାର କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ ଆଣିଛନ୍ତି। ଏଥିସହ ଶାସକ ଦଳର ସଦସ୍ୟମାନଙ୍କୁ ସେ ବିଶ୍ୱାସଘାତକ ଭାବେ ଅଭିହିତ କରି ଏହି ଉତ୍ତର-ପୂର୍ବ ରାଜ୍ୟରେ ହିଂସା ରୋକିବାରେ ବିଫଳ ହୋଇଥିବା ମୋଦି ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

୨୬ ବିରୋଧୀ ଦଳକୁ ନେଇ ଗଠିତ ଇଣ୍ଡିଆନ୍ ନ୍ୟାଶନାଲ ଡେଭେଲପ୍‌ମେଣ୍ଟାଲ ଇନ୍‌କ୍ଲୁସିଭ୍ ଆଲାଏନ୍ସ (ଇଣ୍ଡିଆ) ପକ୍ଷରୁ ଲୋକ ସଭାରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ) ସରକାର ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କର ଦ୍ୱିତୀୟ ଦିନ ରାହୁଲ ନିଜ ବକ୍ତବ୍ୟ ରଖିଛନ୍ତି। ସଦସ୍ୟତା ଫେରିପାଇବା ପରେ ରାହୁଲ ପ୍ରଥମ ଥର ପାଇଁ ଗୃହରେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁର ଯାଉନାହାନ୍ତି। କାରଣ ସେ ଏହି ରାଜ୍ୟକୁ ଭାରତଠାରୁ ଭିନ୍ନ ଏକ ଅଂଶ ବୋଲି ବିବେଚନା କରୁଛନ୍ତି। ରାବଣ ଯେମିତି କେବଳ ମେଘନାଦ



ଲୋକ ସଭାରେ ଉଦ୍‌ବୋଧନ ଦେଉଛନ୍ତି କଂଗ୍ରେସ ଏମ୍‌ପି ରାହୁଲ ଗାନ୍ଧୀ।

ଓ କୁମ୍ଭକର୍ଣ୍ଣଙ୍କ କଥା ଶୁଣୁଥିଲେ, ଠିକ୍ ସେହିପରି ପ୍ରଧାନମନ୍ତ୍ରୀ କେବଳ ଦୁଇଜଣଙ୍କ କଥା ଶୁଣନ୍ତି। ସେମାନେ ହେଲେ ଅମିତ୍ ଶାହା ଓ ଗୌତମ ଆଦାନୀ। ଏହି ଅବସରରେ ରାହୁଲ ମୋଦି ଓ ଆଦାନୀ ଏକ ବିମାନରେ ଏକାଠି ବସିଥିବାର ଫଟୋ ଥିବା ପୋଷ୍ଟର ଦେଖାଇ କହିଥିଲେ, ପ୍ରଧାନମନ୍ତ୍ରୀ ଭାରତର ସ୍ୱରକୁ ଶୁଣନ୍ତି ନାହିଁ। ଆଦାନୀ ଗ୍ରୁପ୍ ଯାହା କହିଥାଏ ତାହା ଶୁଣିଥାନ୍ତି। ରାହୁଲ ଏହି ପୋଷ୍ଟର ଦେଖାଇବାବେଳେ ଶାସକ ଦଳର ସଦସ୍ୟମାନେ ଆପତ୍ତି ଉଠାଇଥିଲେ। ବାଚସ୍ପତି ଓମ୍ ବିର୍ଲା ମଧ୍ୟ ରାହୁଲଙ୍କୁ ସଂଯମ ହେବାକୁ ପରାମର୍ଶ ଦେଇଥିଲେ।

ପୂର୍ବତନ କଂଗ୍ରେସ ଅଧ୍ୟକ୍ଷ ଆହୁରି କହିଥିଲେ, ଲଙ୍କାକୁ ହନୁମାନ ଧ୍ୱଂସ କରି ନ ଥିଲେ, ବରଂ ରାବଣର ଅହଂକାର ସବୁକିଛି ଛାରଖାର କରିଦେଇଥିଲା। କିଛିଦିନ ତଳେ ମୁଁ ମଣିପୁର ଯାଇଥିଲି। ଆମ ପ୍ରଧାନମନ୍ତ୍ରୀ ଏଯାଏ ସେଠାକୁ ଯାଇନାହାନ୍ତି। ସେ ମଣିପୁରକୁ ଭାରତର ଅଂଶ ବୋଲି ବିବେଚନା କରନ୍ତି ନହିଁ। ମୁଁ ମଣିପୁର ଶବ୍ଦ ବ୍ୟବହାର କରିଛି, କିନ୍ତୁ ବାସ୍ତବତା ହେଉଛି ସେଠାରେ ଆଉ କୌଣସି ମଣିପୁର ନାହିଁ। ମୋଦି ମଣିପୁରକୁ ଦୁଇଭାଗରେ ବିଭାଜିତ କରିଦେଇଛନ୍ତି। ମଣିପୁରରେ ଭାଜପା ହିନ୍ଦୁସ୍ତାନକୁ ହତ୍ୟା କରିଛି। ସେମାନଙ୍କ ରାଜନୀତି ମଣିପୁରକୁ ହତ୍ୟା କରିନାହିଁ, ମଣିପୁରରେ ହିନ୍ଦୁସ୍ତାନକୁ ହତ୍ୟା କରିଛି। ଭାରତ ହେଉଛି ଲୋକଙ୍କ ସ୍ୱର। ମଣିପୁରକୁ ହତ୍ୟା କରିବାର ତାତ୍ପର୍ଯ୍ୟ ହେଉଛି ମଣିପୁରରେ ☞ପୃଷ୍ଠା-୨





# ଚନ୍ଦ୍ରୟାନ-୩ ଚନ୍ଦ୍ରପୃଷ୍ଠ ନିକଟତର

**ବେଙ୍ଗାଲୁରୁ,୯।୮**

ଭାରତର ତୃତୀୟ ଚନ୍ଦ୍ର ଅଭିଯାନ ଭାବେ ଅଭିହିତ 'ଚନ୍ଦ୍ରୟାନ-୩' ଚନ୍ଦ୍ରକକ୍ଷର ଆଉ ଗୋଟିଏ ସ୍ତର ପାର କରି ବର୍ତ୍ତମାନ ଚନ୍ଦ୍ରପୃଷ୍ଠ ନିକଟତର ହୋଇଛି ବୋଲି ଇସ୍ରୋ କହିଛି। ଏହା ଭୂପୃଷ୍ଠରୁ ଜୁଲାଇ ୧୪ରେ ଚନ୍ଦ୍ର ଅଭିମୁଖେ ବାହାରିଥିଲା ଏବଂ ଚନ୍ଦ୍ର କକ୍ଷପଥରେ ଅଗଷ୍ଟ ୫ରେ ପହଞ୍ଚିଥିଲା। ବୁଧବାର ଏହା ଚନ୍ଦ୍ରପୃଷ୍ଠର ୧୦୦ କିମି ଅତିକ୍ରମ କରିଛି ବୋଲି ଇସ୍ରୋ କହିଛି। ସେହିପରି ଆଗାମୀ ଅଭିଯାନ ଚଳିତ ମାସ ୧୪ ତାରିଖ ସକାଳ ୧୧.୩୦ରୁ ୧୨.୩୦ ମଧ୍ୟରେ ହେବ ବୋଲି କୁହାଯାଇଛି। ☞ପୃଷ୍ଠା-୨

## ସଂସଦରେ ଫ୍ଲାଇଂ କିସ୍ ବିବାଦ

### ରାହୁଲଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିକଲେ ଭାଜପାର ୨୦ ମହିଳା ଏମ୍‌ପି

**ନୂଆଦିଲ୍ଲୀ,୯।୮ (ପି.ଟି.)**

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲୋକ ସଭା ସଦସ୍ୟତା ଫେରିପାଇବା ପରେ ବୁଧବାର ପ୍ରଥମ ଥର ପାଇଁ ଗୃହରେ ବକ୍ତବ୍ୟ ରଖିଥିଲେ। ମୋଦି ସରକାରଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ଭାଷଣ ଦେଇସାରିବା ପରେ ସେ ଫ୍ଲାଇଂ କିସ୍ ଦେଇଥିବା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଅଭିଯୋଗ ଆଣିଛନ୍ତି। ଇରାନୀ କହିଛନ୍ତି, କେବଳ ଜଣେ ମହିଳା ବିରୋଧୀ ପୁରୁଷ ହିଁ ପାର୍ଲାମେଣ୍ଟକୁ ଫ୍ଲାଇଂ କିସ୍ କରିପାରିବ, ଯେଉଁଠି ମହିଳା ସଦସ୍ୟମାନେ ନିଜ ଆସନରେ ବସିଥିବେ। ରାହୁଲଙ୍କ ଏଭଳି କାର୍ଯ୍ୟ ଅତ୍ୟନ୍ତ ଅସମ୍ମାନଜନକ। ଭାଜପାର ମହିଳା ଏମ୍‌ପିମାନେ ଲୋକ ସଭା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ପ୍ରକୃତି ସଂରକ୍ଷଣର ନୂଆ ରଣନୀତି



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୦ ଅଗଷ୍ଟ, ୨୦୨୩



## ସାପ କାମୁଡ଼ାରେ ଚାଷୀ ଗୁରୁତର

କୋକସରା,(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ): କଳାହାଣ୍ଡି ଜିଲା କୋକସରା ବ୍ଲକ ଟେମରା ପଞ୍ଚାୟତ ହଂସପଡା ଗ୍ରାମରେ ବୁଧବାର ସାପ କାମୁଡାରେ ଚାଷୀ ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ରାଜକୁମାର ହଂସ(୪୨)। ଚାଷ ଜମିରେ କାମ କରୁଥିବା ବେଳେ ଏକ ସାପ କାମୁଡି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ କୋକସରା ଡାକ୍ତରଖାନାରେ ସନ୍ଧ୍ୟାରେ ଭର୍ତ୍ତି କରିଛନ୍ତି। କୋକସରା ଡାକ୍ତରଖାନାରେ ତାଙ୍କର ଚିକିତ୍ସା ଚାଲିଛି।

# ବ୍ୟାଙ୍କ ଋଣ ଖିଲାପିଙ୍କ ଘର ଜବତ



ରେଙ୍ଗାଲିଠାରେ ବ୍ୟାଙ୍କ ଋଣ ଖିଲାପିଙ୍କ ଘର ଜବତ ପାଇଁ ଉପସ୍ଥିତ ଅଧିକାରୀମାନେ।

**କର୍ଲାମୁଣ୍ଡା,୯।୮(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକରେ ଜଣେ ବ୍ୟକ୍ତି ବ୍ୟାଙ୍କ ଋଣ ନେଇ ପରିଶୋଧ ନ କରିବାରୁ ତାଙ୍କ ଘର ଜବତ ହେବା ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ସୂଚନା ମତେ ଏହି ବ୍ଲକର ରେଙ୍ଗାଲି ଗ୍ରାମର ମନୋଜ କୁମାର ସାହୁ ଓ ତାଙ୍କ ପିତା ଗଣ୍ଡଦୀପ ସାହୁ ନାମକ ବ୍ୟକ୍ତି ମନୋଜ ଡେଲି ନିଜ୍ୱ ନାଁରେ ଗତ ୧୪।୩।୨୦୧୫ରେ ୯ ଲକ୍ଷ ଟଙ୍କା ଓ ଗତ ୧୯।୮।୨୦୧୫ରେ ଗୃହ ଋଣ ବାବଦକୁ ୭ ଲକ୍ଷ ଟଙ୍କା କର୍ଲାମୁଣ୍ଡା ଭାରତୀୟ ଷ୍ଟେଟ ବ୍ୟାଙ୍କଠାରୁ ନେଇ ପରିଶୋଧ କରୁ ନ ଥିଲେ। ବର୍ତ୍ତମାନ ସୁଦ୍ଧା ଦୁଇଟି ଋଣରେ ମୂଳ ସୁଧ ମିଶି ମୋଟ ୩୦ ଲକ୍ଷ ୭୩ ହଜାର ୭୩ ଟଙ୍କା ହୋଇଥିବା ବ୍ୟାଙ୍କ ସୂତ୍ରରୁ ଜଣାପଡ଼ିଛି। ବ୍ୟାଙ୍କ ପକ୍ଷରୁ ବାରମ୍ବାର ନୋଟିସ ଓ ଜିଲାପାଳଙ୍କ ନୋଟିସ ସତ୍ତ୍ୱେ ମନୋଜ ଋଣ ପରିଶୋଧ କରି ନ ଥିଲେ। ଫଳରେ ମଙ୍ଗଳବାର ମାଜିଷ୍ଟ୍ରେଟ ତଥା ତହସିଲଦାର ମିଳନ କୁମାର ଝାଙ୍କର, ପୋଲିସ ଏସଆଇ ବଂଶୀଧର ସାମଲ, ଭବାନୀପାଟଣା ଏସବିଆଇ ଆଞ୍ଚଳିକ ବ୍ୟବସାୟିକ କାର୍ଯ୍ୟାଳୟ ଅଧିକାରୀ ବିପିନ ବିହାରୀ ଦଳପତି, କର୍ଲାମୁଣ୍ଡା ଏସ୍‌ବିଆଇ କ୍ଷେତ୍ର ଅଧିକାରୀ ଭକ୍ତରାମ ମେହେରଙ୍କ ଉପସ୍ଥିତିରେ ଘର ଜବତ କରିଥିବା ଋଣ ଆଦାୟକାରୀ ସଂସ୍ଥା ଏସବି ରିସଲୁସନ ସମୀର ବେହେରା ସୂଚନା ଦେଇଛନ୍ତି।

# ହକ୍, ଅଧିକାର ନେଇ ଲଢ଼ିବାକୁ ଆହ୍ୱାନ

## ବିଭିନ୍ନ ସ୍ଥାନରେ ବିଶ୍ୱ ଆଦିବାସୀ ଦିବସ ପାଳିତ

**କର୍ଲାମୁଣ୍ଡା,୯।୮(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ବୁଧବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ବ୍ଲକ ସଦର ସାଧାରଣ ପଡ଼ିଆଠାରେ ବ୍ଲକ ଆଦିବାସୀ ସଂଘ ସଭାପତି ସୁରେନ୍ଦ୍ର ଭୋଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ କର୍ଲାମୁଣ୍ଡା ତହସିଲଦାର ମିଳନ କୁମାର ଝାଙ୍କର, ସମ୍ମାନିତ ଅତିଥି ଭାବେ ବ୍ଲକ ସମ୍ପାଦକ ଗୋବିନ୍ଦ ଭୋଇ, କୋଷାଧ୍ୟକ୍ଷ ନରେନ୍ଦ୍ର ଶବର, ବ୍ଲକ ଗଣ୍ଡୱାନା ସମାଜ ସଭାପତି ପର୍ଧିଆ ଧରୁଆ, ସମ୍ପାଦକ ସହଦେବ ଧରୂଆ, କେସିଙ୍ଗା ବ୍ଲକ ମାଝି ପ୍ରଗଣା ସଭାପତି ଧୀରେନ୍ଦ୍ର ମାଝି, ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଶିଶିର ଶବର, ଓ ଲଳିନ୍ଦ୍ର କିଶାନ, ଶିକ୍ଷକ ମଧୁସୂଦନ ଧରୁଆ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷା କ୍ଷେତ୍ରରେ ଆଗକୁ ଗଲେ ହିଁ ଆମେ ଉନ୍ନତି କରିପାରିବା ବୋଲି ଅତିଥିମାନେ କହିଥିଲେ। ସେହିପରି ଜୋରାଡବରା ପଞ୍ଚାୟତ କନ୍ଧ ସମାଜ ପକ୍ଷରୁ ମଧ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। କନ୍ଧ ସମାଜ ବରିଷ୍ଠ ସଭ୍ୟ ସନ୍ତୋଷ କୁମାର ଭୋଇଙ୍କ ସଭାପତିତ୍ୱରେ ଅତିଥି ଭାବେ କନ୍ଧ ସମାଜ ସମ୍ପାଦକ ନନ୍ଦି କିଶୋର ମାଝି, ଯୁଗ୍ମ ସମ୍ପାଦକ ସମରେନ୍ଦ୍ର ସିଂ ମାଝି, କୋଷାଧ୍ୟକ୍ଷ ଜଳନ୍ଧର ଭୋଇଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ଶୋଭାଯାତ୍ରା।

**ଲାଞ୍ଜିଗଡ଼,(ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରଠାରେ କ୍ରାନ୍ତି ଦିବସ ଅବସରରେ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଲାଞ୍ଜିଗଡ଼ କଂଗ୍ରେସ କମିଟି ବ୍ଲକ ସଭାପତି ହରିହର କୁମାରଙ୍କ ନେତୃତ୍ୱରେ ଚାଞ୍ଚେର ମାଝି, ରାଜେନ୍ଦ୍ର ମାଳି, ମନୋଜ ରାଉତ, ପୂର୍ଣ୍ଣଚନ୍ଦ୍ର ଗଉଡ଼, ବିଜୟ ନାଏକ, ରଞ୍ଜିତା ମୁଣ୍ଡା, ଭଗବାନ ମାଝି ପ୍ରମୁଖ ଏକ ବିଶାଳ ଶୋଭାଯାତ୍ରା ବିଶ୍ୱନାଥପୁର କଲେଜ ଛକରୁ ବାହାରି ମେଡିକାଲ ଛକ ଯାଏଁ ଯାଇଥିଲା। ଏଥିରେ କଂଗ୍ରେସ ଦଳର କର୍ମକର୍ତ୍ତାମାନେ କେନ୍ଦ୍ର ସରକାରଙ୍କ ଆଦିବାସୀ ଓ ଦଳିତ ବିରୋଧୀ ନୀତିକୁ ସମାଲୋଚନା କରି ଜୋରଦାର ନାରାବାଜି କରିଥିଲେ। ଏଥିରେ କଂଗ୍ରେସର ପୀତାମ୍ବର ପଟେଲ, ପଠାଣିସାମନ୍ତ ନାଗଙ୍କ ସମେତ ବ୍ଲକର ୨୬ଟି ଗ୍ରାମପଞ୍ଚାୟତ ଅଞ୍ଚଳରୁ ଶତାଧିକ କର୍ମୀ ସାମିଲ ହୋଇଥିଲେ। ସେହିପରି ନିୟମଗିରି ସୁରକ୍ଷା ସମିତି ପକ୍ଷରୁ ଲାଞ୍ଜିଗଡ଼ ନିକଟସ୍ଥ ଜଗନ୍ନାଥପୁରଠାରୁ ବହୁସଂଖ୍ୟକ ଆଦିବାସୀ ପାରମ୍ପରିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଏକ ଶୋଭାଯାତ୍ରା ଲାଞ୍ଜିଗଡ଼ ବଜାର ପଡ଼ିଆ ଯାଏଁ ଯାଇଥିଲା। ସେଠାରେ ଆୟୋଜିତ ସଭାରେ ଆଦିବାସୀ, ମୂଳନିବାସୀ ଓ ଆଦିମ ଜନଜାତିଙ୍କ ହକ ଓ ଅଧିକାରକୁ ନେଇ ଲଢ଼ିବାକୁ ଅତିଥିମାନେ କହିଥିଲେ। ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକୋକାଙ୍କ ନେତୃତ୍ୱରେ ନିୟମଗିରି ସୁରକ୍ଷା ସମିତି ଉପଦେଷ୍ଟା ଲିଙ୍ଗରାଜ ଆଜାଦ, ସତ୍ୟ ମାହାରଙ୍କ ସମେତ ଦଧି ପୁଷିକା, ଡ୍ରେଞ୍ଜୋ ସିକୋକା ଏବଂ ବହୁ ସଂଖ୍ୟାରେ ଆଦିବାସୀ ଯୁବକଯୁବତୀ ଯୋଗଦେଇଥିଲେ।

# ବ୍ଲକ ଅଧ୍ୟକ୍ଷାଙ୍କ ନିର୍ମାଣାଧୀନ ୫-ଟି ସ୍କୁଲ ପରିଦର୍ଶନ

**ଖଡ଼ିଆଳ,୯।୮(ସୁଜିତ୍ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦ ବୁଧୁବାର ବ୍ଲକ ଅନ୍ତର୍ଗତ ଖୁଦପେଜ, ଲାଞ୍ଜି, ଦାବରୀ, ଢଙ୍କସର ଓ ନେହେନା ହାଇସ୍କୁଲ ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ରାଜ୍ୟ ସରକାରଙ୍କ ୫-ଟି ଅଧୀନରେ ଚାଲିଥିବା ହାଇସ୍କୁଲ ନିର୍ମାଣାଧୀନ କାମ ବୁଲି ଦେଖି ସମୀକ୍ଷା କରିଥିଲେ। ବ୍ଲକ ଅଧ୍ୟକ୍ଷାଙ୍କ ସହ ତାଙ୍କ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ଅତିରିକ୍ତ ଯନ୍ତ୍ରୀ ବିକର୍ତ୍ତନ ହାସଦା, କନିଷ୍ଠ ଯନ୍ତ୍ରୀ ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଶ୍ରୀନାଥ ମୁର୍ମୁ ପ୍ରମୁଖ କାର୍ଯ୍ୟ ଦେଖିବା ସହ ଶୀଘ୍ର କାମ ସାରିବାକୁ ପରାମର୍ଶ ଦେଇଥିଲେ। କାମ ସବୁ ସୁଚାରୁ ରୂପରେ ହେଉଥିବା ବିଦ୍ୟାଳୟ ଶ୍ରେଣୀ ଗୃହ, କମ୍ପ୍ୟୁଟର ଲ୍ୟାବ ଓ ବିଦ୍ୟାଳୟ ପରିସରର ବୁଲିଥିଲେ। ଅସପୂର୍ଣ୍ଣ କାର୍ଯ୍ୟ ଶୀଘ୍ର ସାରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ବ୍ଲକ ଅଧ୍ୟକ୍ଷା ନନ୍ଦ ନିର୍ଦ୍ଦେଶ ଦେଇଥିଲେ।

# ଅବକାରୀ ବିଭାଗ ଟିମ୍ ଉପରେ ଆକ୍ରମଣ

## ଥାନାରେ ଏତଲା, ଜଣେ କୋର୍ଟ ଚାଲାଣ

**ଭବାନୀପାଟଣା,୯।୮ (ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ଜୟପାଟଣା ଥାନା ଅନ୍ତର୍ଗତ ଅଲାଭଟା ପଞ୍ଚାୟତ ଶାଗଜୋର ଗ୍ରାମରେ ବୁଧବାର ବେଆଇନ ମଦ କାରବାର ନେଇ ଜୟପାଟଣା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହି ସମୟରେ ଅବକାରୀ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ଥାନାରେ ବିଭାଗ ପକ୍ଷରୁ ଏତଲା ଦିଆଯାଇଛି। ସୂଚନା ଅନୁଯାୟୀ, ଦୀର୍ଘଦିନ ହେଲା ଶାଗଜୋର ଅଞ୍ଚଳରେ ବେଆଇନ ଭାବେ ମଦ ପ୍ରସ୍ତୁତ ସହ କାରବାର କରୁଥିବା ସୁଦର ବାଗଙ୍କ ଘରେ ୬ଜଣ ଅବକାରୀ କର୍ମଚାରୀ ଚଢ଼ାଉ କରିଥିଲେ। ସୁଦର ବାଗ ଓ ତାଙ୍କ ସହଯୋଗୀ ଅବକାରୀ ଓଆଇସି ନରେନ୍ଦ୍ର ମିଞ୍ଜ ଓ ଦୁଇ କନଷ୍ଟେବଲଙ୍କୁ ଅତର୍କିତ ଭାବେ ଆକ୍ରମଣ, ହତ୍ୟା ଉଦ୍ୟମ, ଗାଳିଗୋଲଜ କରିଥିବା ଅବକାରୀ ବିଭାଗ ପକ୍ଷରୁ ଅଭିଯୋଗ କରାଯାଇଛି। ଜୟପାଟଣା ଥାନା ଅଧିକାରିଣୀ ମମତା ପାଣିଗ୍ରାହୀ ତଦନ୍ତ କରି ଅଭିଯୁକ୍ତ ସୁଦର ବାଗଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅନ୍ୟପକ୍ଷରେ ସୁଦର ବାଗଙ୍କ ପକ୍ଷରୁ ମଧ ଏକ ପାଲଟା ଅଭିଯୋଗ ହୋଇଛି। ବିନା କାରଣରେ ଅବକାରୀ କର୍ମଚାରୀମାନେ ତାଙ୍କ ଘରେ ଚଢ଼ାଉ କରିଥିବା ସେ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ପରେ ସତ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ପାଣିଗ୍ରାହୀ କହିଛନ୍ତି।

# ରାଜା ଅନୁପ ସିଂ ଦେଓ ଫୁଟ୍‌ବଲ: ଜାମଖୁଣ୍ଟା ବିଜୟୀ

**ଖଡ଼ିଆଳ,୯।୮(ସୁଜିତ୍ କୁମାର ପ୍ରଧାନ)**

ନୂଆପଡା ଜିଲା ଖଡ଼ିଆଳ ରାଜା ଏଟି ହାଇସ୍କୁଲ ଖେଳପଡିଆଠାରେ ୧୪ତମ ଅନୁପ ସିଂ ଦେଓ ଫୁଟବଲ ଟୁର୍ନାମେଣ୍ଟର ବୁଧୁବାର ୨ୟ ଦିନ ଖେଳ ଜାମଖୁଣ୍ଟା ଏବଂ କୋମନା ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଜାମଖୁଣ୍ଟା ୩-୦ ଗୋଲରେ ବିଜୟୀ ଲାଭ କରିଥିଲା। ମୁଖ୍ୟଅତିଥି ଭାବେ ପଶ୍ଚିମ ଓଡିଶା ବିକାଶ ପରିଷଦ ସଦସ୍ୟ ମନ୍ଦାକିନୀ ବଘେଲ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ଦୀପିକା ଦୀପ, ଜିଲା ପରିଷଦ ସଭ୍ୟ ଜୋନ ନମ୍ବର ୪ ଚିତ୍ତରଞ୍ଜନ ବେହେରା, ବିଜୁ ଜନତା ଦଳ ଉପସଭାପତି ମନୋଜ କୁମାର ଦୀପ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାଣ୍ଡେ, ଶ୍ରୀଯୁକ୍ତ କୁନୁ କରୁଆଁ, ମୁଖ୍ୟ ଆୟୋଜକ କୁମାର ସାହେବ, ଅଙ୍କିତ ସିଂ ଦେଓ, ତଥା ସହଯୋଗୀ ଭାବେ ଜିତେନ୍ଦ୍ର ନାଏକ, ବିବେକ ୟାଦବ, ପ୍ରଭୁଦତ୍ତ ଗୌଡ, ମହମ୍ମଦ ଆକିବ ରାଜା, ଚିମ୍ମନ ମୁଣ୍ଡ, ନିରଞ୍ଜନ ପୋଡ ସମସ୍ତେ ସହଯୋଗ କରିଥିଲେ। ମୁଖ୍ୟ ସଂଚାଳକ ତାପସ ପତି, ସହ ସଞ୍ଚାଳକ ସୁଶାନ୍ତ ସ୍ୱାଇଁ, ଅମୂଲ୍ୟ ବାରିକ, ସୌରଭ ପଣ୍ଡା ଉପସ୍ଥିତ ଥିଲେ।

# ଧରିତ୍ରୀରେ ଖବର ପ୍ରକାଶ ପରେ ଡେନସିଟି ବଦଳିଲା

**ନୂଆପଡ଼ା,୯।୮(ମକାରୁ ବେମାଲ)**

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ନୂଆଗାଁ ଓ ଠିକପାଲି ପଞ୍ଚାୟତ କେନ୍ଦୁଭଟାଠାରେ ଉଦ୍ୟାନବନ୍ଧ-ବଲାଙ୍ଗୀର ରାସ୍ତା କଡରେ ଥିବା ପେଟ୍ରୋଲ ପମ୍ପରେ ଅପମିଶ୍ରଣ ପେଟ୍ରୋଲ ଓ ଡିଜେଲ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଧରିତ୍ରୀରେ ଖବର ପ୍ରକାଶ ପରେ ତୁରନ୍ତ ଡେନସିଟି ବଦଳି କରାଯାଇଛି। କିନ୍ତୁ ତେଲ ବଦଳି ନାହିଁ। ତେଲକୁ ମଧ୍ୟ ବଦଳା ଯାଉ ବୋଲି ଦାବି କରିଛନ୍ତି। ୨୦୨୩ ଜୁନ ୧୨ରେ ଉଦଘାଟନ ହୋଇ ମାସେ ନ ପୂରୁଣୁ ପେଟ୍ରୋଲ ପମ୍ପରେ ଅପମିଶ୍ରଣ ଅତି ନିମ୍ନମାନର ପେଟ୍ରୋଲ, ଡିଜେଲ ବିକ୍ରୟ କରାଯାଉଛି। ନିମ୍ନମାନର ତେଳ ଦେଉଥିବାରୁ ଗାଡିଗୁଡିକରେ ମାଇଲେଜ ଦେଉ ନ ଥିବା ଅଭିଯୋଗ ହେଉଥିଲା। ନିୟମ ମୁତାବକ ପେଟ୍ରୋଲର ଡେନସିଟି ୭୩୦ରୁ ୮୦୦ କେଜି/ଏମ ଓ ଡିଜେଲର ଡେନସିଟି ୮୩୦ରୁ ୯୦୦ କେଜି/ଏମ ରହିବା କଥା। ହେଲେ ପେଟ୍ରୋଲ ଓ ଡିଜେଲ ଉଭୟରେ ଡେନସିଟି ୭୦୦ କେଜି/ଏମ ରହିଥିବାରୁ ଗାଡି ଚାଳକ ମହଲରେ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି। ଧରିତ୍ରୀରେ ଖବର ପ୍ରକାଶ ପରେ ଡେନସିଟି ୭୦୦ ସ୍ଥାନରେ ପେଟ୍ରୋଲ ୭୫୦.୧ କରାଯାଇଥିବା ବେଳେ ଡିଜେଲ ୮୩୧.୮ କେଜି/ଏମ କରାଯାଇଛି। ମେଶିନରେ ଡେନସିଟି ବଦଳାଇ ଦେଲେ ତେଲର ମାନ ବଦଳି ଯିବ ନାହିଁ। ତେଲକୁ ପରିବର୍ତ୍ତନ କରାଯାଉ ବୋଲି ଦାବି ହେଉଛି। ଏହା ଉପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବି ହେଉଛି।




## ଗଛରୁ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ତରଭା,(ମାନଭଞ୍ଜନ ମିଶ୍ର ): ତରଭା ବ୍ଲକ ଅନ୍ତର୍ଗତ ସରଗଜ ଗ୍ରାମର ଏକ ଚାଷ ଜମିରେ ଥିବା ନିମ୍ବ ଗଛରୁ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି । ମୃତକ ହେଲେ ବଲାଙ୍ଗୀର ଜିଲା ପୁଇଁନ୍ତଲା ଥାନା ଅଧୀନ ଫଟକରା (ବି) ଗ୍ରାମର ଅଶୋକ ନାଏକ (୪୫) । ସେ କୌଣସି କାରଣରୁ ଘରୁ ଚାଲିଆସି ବେକରେ ଗାମୁଛା ଗୁଡାଇ ଆତ୍ମହତ୍ୟା କରିଥିଲେ। ସ୍ଥାନୀୟ ଲୋକଙ୍କ ଠାରୁ ଖବରପାଇ କମସରା ଫାଣ୍ଡି ଅଧିକାରୀ ଗଜାନନ ବେହେରା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଏନେଇ ତରଭା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି ।

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



ଚାଷୀମାନେ ଦାବିପତ୍ର ଦେବାକୁ ଯାଉଛନ୍ତି ।

**ଅମରପାଲି,୯।୮ (ପୀତାମ୍ବର ସାହୁ)**

ବୁଧବାର କୃଷକ ବିକାଶ ପରିଷଦ ଆନୁକୂଲ୍ୟରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ ପଶ୍ଚିମ ଓଡିଶା କୃଷକ ସଂଗଠନ ସମନ୍ୱୟ ସମିତି ତରଫରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ବୀରମହାରାଜପୁର ଉପଜିଲାପାଳଙ୍କ ଜରିଆରେ ଚାଷୀମାନଙ୍କ ସମସ୍ୟା ନେଇ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ରରେ ସ୍ୱାମିନାଥନ କମିଟି ଲାଗୁ କରି ଉତ୍ପାଦନ ଖର୍ଚ୍ଚର ସର୍ବନିମ୍ନ ସହାୟକ ମୂଲ୍ୟ ଦେଢଗୁଣା କରାଯିବା, ପ୍ରତି ଚାଷ ଜମିକୁ ଜଳସେଚନ, ଚାଷକୁ ଜଳସେଚନ ପାଇଁ ବିଜୁଳି ଦେୟ ଛାଡ଼, ଏମଏସପିକୁ ଆଇନଗତ ମାନ୍ୟତା ଆଦି ଦାବି ଉଲ୍ଲେଖ ରହିଛି। କୃଷକ ସଂଗଠନର ସଭାପତି ପ୍ରଦୀପ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଚାଷୀନେତା ରାଜେନ୍ଦ୍ର ପଧାନ, ଶମ୍ଭୁ ଭୂଷଣ ମହାକୁର, ସହଦେବ ପାତ୍ର, ସାହର ଖେତି, ବୁଧୁରାମ ମେଣ୍ଡିଲି, ମକୁନ୍ଦି ବିଶ୍ୱାଳ, ଶଙ୍କର୍ଷଣ ମେଣ୍ଡିଲି, ତପନ ବିହାରୀ ପଧାନ, ରାମକୃଷ୍ଣ ନାୟକ, ରାମଚନ୍ଦ୍ର ପଧାନ, ଗୁରୁ ମେହେରଙ୍କ ସମେତ ଅନେକ ଚାଷୀ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ବୀରମହାରାଜପୁର ଉପ ଜିଲାପାଳ ଅଶୋକ କୁମାର ଭୋଇଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟତଃ କୃଷି ଓ କୃଷକଙ୍କ ପରିସ୍ଥିତିରେ ସୁଧାର ଆଣିବାକୁ ଦାବି କରାଯାଇଛି। ଏହାସହିତ ଚାଷୀମାନେ ସରକାରଙ୍କ କୃଷିମାରଣ ନୀତିକୁ ନେଇ ପ୍ରତିବାଦ କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଦେଶର କୃଷି ଓ କୃଷକଙ୍କ ସ୍ଥିତି ଦୁର୍ଦ୍ଦିନରେ ଅଛି। ରାଜ୍ୟର ଚାଷ ଜମି, ଖଣି ଖାଦାନ ଆଦି କମ୍ପାନୀ ହାତରେ ଟେକି ଦିଆଯାଇଛି। ଟାଟା ପାୱାର ହାତରେ ବିଦ୍ୟୁତ୍ ଶକ୍ତିକୁ ଟେକି ଦେଇ ଚାଷ, ଚାଷୀ ଓ ଉପଭୋକ୍ତାଙ୍କୁ ଶୋଷଣ କରାଯାଉଛି। ଏଣୁ ଅଗଷ୍ଟ ୯ ତାରିଖ କ୍ରାନ୍ତି ଦିବସ ଅବସରରେ ଚାଷୀ, ଆଦିବାସୀ, ଶ୍ରମିକ ଓ ଜନସାଧାରଣ ମିଳିତ ଭାବେ ବିଭିନ୍ନ ଦାବି ନେଇ ଦାବିପତ୍ର ପ୍ରଦାନ କରିଥିଲେ।

# ଗୋରୁ ଚାଲାଣ ବେଳେ ଚଢ଼ାଉ

**ଅମରପାଲି,୯।୮ (ପୀତାମ୍ବର ସାହୁ)**

ମଙ୍ଗଳବାର ରାତିରେ ଏକ ପିକ୍‌ଅପ ଭ୍ୟାନ୍‌ରେ ଗୋରୁ ଚାଲାଣ ହେଉଥିବା ଖବର ପାଇ ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ସୁବଳୟା ବଜରଙ୍ଗ ଦଳର କର୍ମୀମାନେ ସୁରୁବାଲି ଯୋରର ଟୋଲ ଗେଟ ନିକଟରେ ଅଟକାଇ ଥିଲେ। ଉକ୍ତ ଭ୍ୟାନ୍‌ରେ ୪ଟି ଗୋରୁ ଚାଲାଣ ହେଉଥିବାର ଜଣାପଡିଥିଲା। ଘଟଣାସ୍ଥଳରୁ ଗାଡ଼ି ଚାଳକ ଫେରାର ହୋଇଯାଇଛି। ବଜରଙ୍ଗ ଦଳର କର୍ମୀମାନେ ଭ୍ୟାନ୍ ସହ ଗୋରୁକୁ ସୁବଳୟା ପୋଲିସ ଜିମା ଦେଇଥିବା ଜଣାପଡ଼ିଛି। ଏ ନେଇ ପୋଲିସ ଏକ ମାମଲା (ନଂ ୧୨୭/୨୩) ରୁଜୁ କରିଥିବା ଜଣାପଡିଛି।

# ବୀରମହାରାଜପୁର କଲେଜ ଯୁକ୍ତ ୨ କଳାରେ ୬୪ ସିଟ୍ ବୃଦ୍ଧି

**ଅମରପାଲି,୯।୮ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର କଲେଜରେ ଚଳିତବର୍ଷ ଯୁକ୍ତ ଦୁଇ କଳାରେ ସିଟ୍ ସଂଖ୍ୟା ବୃଦ୍ଧି ହୋଇଛି। କଲେଜର ଯୁକ୍ତ ଦୁଇ କଳାରେ ୬୪ଟି ସିଟ ବୃଦ୍ଧି ହୋଇ ସମୁଦାୟ ୩୨୦ସିଟ ହୋଇଥିବା ଷ୍ଟୁଡେଣ୍ଟ ଏକାଡେମିକ ମ୍ୟାନେଜମେଣ୍ଟ ସିଷ୍ଟମ( ସାମସ) ପୋର୍ଟାଲରୁ ଜଣାପଡିଛି। ପୂର୍ବରୁ ଉକ୍ତ କଲେଜରେ ଯୁକ୍ତ ଦୁଇ କଳାରେ ୨୫୬ ସିଟ୍ ଥିଲା। କଲେଜର ସିଟ ସଂଖ୍ୟା ବୃଦ୍ଧି ହେବା ପରେ ଛାତ୍ରୀଛାତ୍ର ଓ ଅଞ୍ଚଳର ଶିକ୍ଷାବିତ୍‌ଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। କଲେଜର ସିଟ୍ ସଂଖ୍ୟା ବୃଦ୍ଧି ହୋଇଥିବାରୁ ଅଞ୍ଚଳର ଛାତ୍ରୀଛାତ୍ରମାନେ ଏଠାରେ ନାମ ଲେଖାଇ ଏହାର ଲାଭ ଉଠାଇବାକୁ କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ଡା. ହିମାଂସୁ ଶେଖର ପାଢୀ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଚିଠି ନଂ ୭୭୬୪ ତା ୧୮/୭/୨୦୨୩ରେ ଏହା ଜଣାପଡିଥିଲେ ମଧ୍ୟ ସାମସ ପୋର୍ଟାଲରେ ଏହା ବୁଧବାର ପ୍ରଦର୍ଶିତ ହୋଇଛି।

# ଏଆଇଟିୟୁସି ପକ୍ଷରୁ ବିକ୍ଷୋଭ

**ବୌଦ୍ଧ,୯।୮ (ଅଜିତ କୁମାର ବାରିକ)**

ବୁଧବାର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ ପକ୍ଷରୁ ଆହୂତ ଦେଶବ୍ୟାପୀ ପ୍ରତିବାଦ ଦିବସ ପାଳନ ଅବସରରେ ବୌଦ୍ଧଠାରେ ଏଆଇଟିୟୁସି ପକ୍ଷରୁ ଜିଲା ସଂପାଦକ ଅବକାଶ ସାହୁଙ୍କ ନେତୃତ୍ୱରେ ୧୦ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ବର୍ତ୍ତମାନ ଦରଦାମ ଅହେତୁକ ଭାବରେ ବୃଦ୍ଧି ପାଇଛି। ଜିଲାରେ କୃଷିକ୍ଷେତ୍ର ଅବହେଳିତ ହୋଇ ରହିଛି। ଏଣୁ ସମସ୍ତ ଶ୍ରମିକ, କୃଷକଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ, ନୂତନ ପେନସନ ନୀତି ପ୍ରତ୍ୟାହାର କରି ପୁରୁଣା ପେନସନ୍ ଲାଗୁ କରିବାକୁ ଦାବି କରାଯାଇଥିଲା । ଆୟୋଜିତ ପ୍ରତିବାଦ ସଭାରେ ଭୁକ୍ତେଶ୍ୱର ପ୍ରଧାନ, ସୁଧାଂଶୁ ପ୍ରଧାନ, ବାସନ୍ତୀ ପ୍ରଧାନ, ପଞ୍ଚାନନ ମହାକୁଡ,ପ୍ରଫୁଲ୍ଲ ନାୟକ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତି ରେ ଅତିରିକ୍ତ ଜିଲାପାଳ ଦାବିପତ୍ର ଗ୍ରହଣ କରିଥିଲେ।

# ୨୯ତମ ବିଶ୍ୱ ଆଦିବାସୀ ଦିବସ ପାଳିତ

**ପୁରୁଣାକଟକ,୯।୮ (ସୁକାନ୍ତ ପଟ୍ଟନାୟକ)**

ବିର୍ସା ମୁଣ୍ଡା ଆଦିବାସୀ ମହାସଂଘ ଆନୁକୂଲ୍ୟରେ ଚାରିଛକଠାରେ ୨୯ତମ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏଥିରେ ମହାସଂଘର ସଭାପତି କନେଷ୍ଟ ମାଲିକ ସଭାପତିତ୍ୱ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ଲକ୍ଷ୍ମୀଧର ବେହେରା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଶ୍ରୀବନ୍ତ ମେହେର ଯୋଗ ଦେଇଥିଲେ। ବିର୍ସାମୁଣ୍ଡା ଆଦିବାସୀ (କନ୍ଧ )ମହାସଂଘର ବରିଷ୍ଠ କର୍ମକର୍ତ୍ତା ସୁଶୀଲ କୁମାର ଦେହୁରୀ ମଞ୍ଚ ପରିଚାଳନା କରିଥିଲେ। ଏହି ଉତ୍ସବ ଅବସରରେ ଏକ ଶୋଭାଯାତ୍ରା ହୋଇଥିଲା।

# ଆଦିବାସୀଙ୍କ ଉନ୍ନତି ଉପରେ ଗୁରୁତ୍ୱ

**ଘଣ୍ଟାପଡ଼ା,୯।୮ (ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ଲମ୍ବସରୀ ପଞ୍ଚାୟତ ଅଧୀନ ବେହେରାପଡ଼ାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ଲକ କଂଗ୍ରେସ ତରଫରୁ ଆଦିବାସୀ ଗୌରବ ପର୍ବ ପାଳନ କରାଯାଇଛି। ବ୍ଲକ କଂଗ୍ରେସ ସଭାପତି ସୁଶାନ୍ତ ମଲିକଙ୍କ ନେତୃତ୍ୱରେ ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ପ୍ରଶାନ୍ତ କୁମାର ସାହୁ, ଗୋପ ରଣା, ନିତ୍ୟାନନ୍ଦ କର୍ମୀ, ବି. ପତି, ଛାତ୍ର କଂଗେସ କଣ୍ଟାମାଳ ବିଧାନସଭା ସଭାପତି ହିତେଶ୍ୱର ଷାଣ୍ଡ, ପବିତ୍ର ମହାନନ୍ଦିଆ ଯୋଗଦେଇ ଆଦିବାସୀଙ୍କ ଶିକ୍ଷା, ସଂସ୍କୃତିର ଉନ୍ନତି ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ କନ୍ଧ ସମାଜର ସଭାପତି ନରୋତ୍ତମ ମଳିକ ସହଯୋଗ କରିଥିଲେ।

# ହାଇଦ୍ରାବାଦରୁ ଅଣାଗଲା ଓଡ଼ିଆ ଛାତ୍ରୀଙ୍କ ମୃତଦେହ

**ଅମରପାଲି,୯।୮ (ପୀତାମ୍ବର ସାହୁ)**

ହାଇଦ୍ରାବାଦ ଆଇଆଇଟିରେ ଏମ୍‌ଟେକ୍ ପଢୁଥିବା ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଡୁଙ୍ଗୁରୀ ଗ୍ରାମର ଛାତ୍ରୀ ମମିତା ନାଏକଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ସୋମବାର ତାଙ୍କ ଝୁଲନ୍ତା ମୃତଦେହ ସେଠାରୁ ଜବତ ହୋଇଥିଲା। ସେଠାକାର ପୋଲିସ ଓ ଆଇଆଇଟି କର୍ତ୍ତୃପକ୍ଷ ସେ ଆତ୍ମହତ୍ୟା କରିଥିବା କହୁଥିବା ବେଳେ ପରିବାର ଲୋକେ ରାଗିଂ କରି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ବୁଧବାର ଅପରାହ୍ନରେ ଛାତ୍ରୀଙ୍କ ମୃତଦେହ ନିଜ ଗ୍ରାମ ଡୁଙ୍ଗୁରୀରେ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। ଗ୍ରାମବାସୀ, ଆତ୍ମୀୟସ୍ୱଜନ, ମୃତକଙ୍କ ସାଙ୍ଗସାଥୀ, ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ବୀରମହାରାଜପୁର ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, ବାଗବରର ପୂର୍ବତନ ସରପଞ୍ଚ ରାଧାକାନ୍ତ ବାଘ, ଦୟାନିଧି ପଧାନ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଅଶୋକ ପୁରୋହିତ ପ୍ରମୁଖ ଶେଷଦର୍ଶନ କରିଥିଲେ। ଶୋକାକୁଳ ପରିବେଶରେ ଗ୍ରାମ ଶ୍ମଶାନରେ ମମିତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ତାଙ୍କ ବାପା ଦୁଃଖୀଶ୍ୟାମ


ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଲୋକଙ୍କ ଭିଡ଼।

### ମୃତଦେହ ଘରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ

ନାଏକ ମୁଖାଗ୍ନି ଦେଇଥିଲେ। ଉଚ୍ଚଶିକ୍ଷା ପାଇଁ ଏକ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନକୁ ଯାଇ ମୃତଦେହ ଗ୍ରାମକୁ ଫେରିବା ଘଟଣାକୁ ସହଜରେ କେହି ଗ୍ରହଣ କରି ପାରୁନାହାନ୍ତି । ସୂଚନାଯୋଗ୍ୟ, ହାଇଦ୍ରାବାଦ ଆଇଆଇଟିରେ ଏମ୍‌ଟେକ୍ ପଢିବା ପାଇଁ ମମିତା ଗତ ୨୬ ତାରିଖରେ ତାଙ୍କ କାକା ପ୍ରସାଦ ନାଏକଙ୍କ ସହିତ ସେଠାକୁ ଯାଇଥିଲେ। ମାତ୍ର ସେଠାରେ ତାଙ୍କ ଝୁଲନ୍ତା ମୃତଦେହ ଜବତ କରାଯିବା ନେଇ ଶିକ୍ଷାନୁଷ୍ଠାନ ତରଫରୁ ଘରକୁ ଖବର ଦିଆଯାଇଥିଲା। ଖବର ପାଇ ମମିତାଙ୍କ କାକା ପ୍ରସାଦ ଓ ଅନ୍ୟ ଜଣେ ସମ୍ପର୍କୀୟ ଦାମୋଦର ହୋତା ମୃତଦେହ ଆଣିବାକୁ ଯାଇଥିଲେ । ମୃତଦେହ ଏୟାର ଲିଫ୍ଟରେ ହାଇଦ୍ରାବାଦରୁ ଭୁବନେଶ୍ୱର ଆଣିବା ପରେ ସେଠାରୁ ଏକ ଆମ୍ବୁଲାନ୍ସ ଯୋଗେ ଘରକୁ ଅଣାଯାଇଥିଲା ।

# ଦିଗଶିରା ଝାଙ୍କରବନ୍ଧ ପୋଲ ଭାଙ୍ଗି ଯାତାୟାତ ବାଧାପ୍ରାପ୍ତ

**ଡୁଙ୍ଗୁରିପାଲି,୯।୮ (ଦୀନବନ୍ଧୁ ସୁନା)**

### ଲଗାଣ ବର୍ଷା ବିଭ୍ରାଟ

ଗତ ଲଗାଣ ବର୍ଷାରେ ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଦିଗଶିରା ବସ୍ତିରୁ ଝାଙ୍କରବନ୍ଧ ହସ୍ପିଟାଲ ଯିବା ରାସ୍ତାରେ ଥିବା ପୋଲ ଭାଙ୍ଗିଯାଇଛି। ଫଳରେ ଯାତାୟତ ବାଧାପ୍ରାପ୍ତ ହେଉଛି । ପ୍ରକାଶ ଯେ, ଦିଗଶିରା ଗ୍ରାମ ପଞ୍ଚାୟତ ପକ୍ଷରୁ ଏହି ପୋଲ ନିର୍ମାଣ କରାଯାଇଥିଲା ।ଏହା ନିର୍ମାଣ ହେବାର ୨୦ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି। ଏହି ପୋଲ ଦିଗଶିରା ଗ୍ରାମର ମୁଖ୍ୟ ରାସ୍ତା ହୋଇଥିବା ବେଳେ ଡୁ ଙ୍ଗୁ ରି ପା ଲି କୁ ସଂଯୋଗ ହୋଇଛି। ପ୍ରତିଦିନ ପୋଲ ଦେଇ ଛାତ୍ରୀଛାତ୍ର ସ୍କୁଲ, କଲେଜକୁ ଯାଉଥିବା ବେଳେ ଲୋକେ ବିଭିନ୍ନ କାମରେ ଯାଇଥାନ୍ତି । ହସ୍ପିଟାଲ ଓ ଶିବମନ୍ଦିରକୁ ମଧ୍ୟ ଯାଇଥାନ୍ତି । ଭାଙ୍ଗି ଯାଇଥିବା ପୋଲ ନିକଟରେ ଝାଙ୍କରବନ୍ଧ ପୋଖରୀ ରହିଛି। ଏହି ପୋଖରୀ ଉପରେ ଗାଁ ଲୋକେ ନିର୍ଭର କରନ୍ତି । କିନ୍ତୁ ପୋଲ ପୁରୁଣା ହେବାରୁ ଲଗାଣ ବର୍ଷାରେ ପିଲର ଭାଙ୍ଗିଯାଇ ଝୁଲା ଅବସ୍ଥାରେ ରହିଛି। ବର୍ତ୍ତମାନ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ଗାଡିମୋଟର ଚଳାଚଳ କରିପାରୁନାହିଁ। ଲୋକେ ଯିବା ଆସିବାରେ ନା ନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର ବିଭାଗ ପକ୍ଷରୁ ପୋଲ ନିର୍ମାଣ କରାଯିବାକ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।


ଲଗାଣ ବର୍ଷାରେ ଭାଙ୍ଗିଯାଇଥିବା ପୋଲ।




ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୦ ଅଗଷ୍ଟ ୨୦୨୩



# ଧୁମ୍‌ଧାମ୍‌ରେ ପାଳିତ ହେଲା ବିଶ୍ୱ ଆଦିବାସୀ ଦିବସ

ସୁନ୍ଦରଗଡ/ ରାଜଗାଙ୍ଗପୁର/ ବଡଗାଁ,୯।୮ (ଜୟ ନାରାୟଣ ମେଣ୍ଡୁଲି/ ଅଶୋକ ପାଣି/ ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡ.ବିନୟ ଟପ୍ପୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଶ୍ୱ ଆଦିବାସୀ ଦିବସ ପାଳନର ମହତ୍ତ୍ୱ ଉପରେ କହିଥିଲେ। ଓଡ଼ିଶାରେ ଆଦିବାସୀଙ୍କ ଏକତା, ଭାଷା, ସଂସ୍କୃତି, ଐତିହ୍ୟ, ପରମ୍ପରା, କ୍ରୀଡା ଓ କଳାର ସୁରକ୍ଷା ଓ ଉନ୍ନତି ଦିଗରେ ରାଜ୍ୟ ସରକାରଙ୍କ ବଳିଷ୍ଠ ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ କୃତଜ୍ଞତା ଜଣାଇଥିଲେ। ସମ୍ମାନିତ ଅତିଥିଭାବେ ପରିଷଦର ଉପାଧ୍ୟକ୍ଷ ସୁଶୀଲା ଟପ୍ପୋ, ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ, ପରିଷଦର ପୂର୍ବତନ ଅଧ୍ୟକ୍ଷ ସନ୍ତୋଷ ଅମାତ, ବାଲିଶଙ୍କରା ବ୍ଲକ ଅଧ୍ୟକ୍ଷ କୁଞ୍ଜଲତା ଭିଟ୍ରିଆ, ରାଜଗାଙ୍ଗ ପୁର ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ବିଶେଷଜ୍ଞ ସଭ୍ୟ ବୈକୁଣ୍ଠ ନାଏକ, ଦେବେନ୍ଦ୍ର ପ୍ରସାଦ ମାଝି, ଜିଲା ପରିଷଦ ସଭ୍ୟ ବୈଷ୍ଣବ ମାଝି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ସେହିପରି ରାଜଗାଙ୍ଗପୁରର ବିଭିନ୍ନ ଅଞ୍ଚଳରେ ବିଶ୍ୱ ଆଦିବାସୀ ଦିବସ ବହୁ ଅନୁଷ୍ଠାନ ପକ୍ଷରୁ ପାଳିତ ହୋଇଯାଇଛି। ପ୍ରଥମେ ପୌରାଞ୍ଚଳ ସ୍ତରରେ ରାଣିବନ୍ଧସ୍ଥିତ ବୀରବିର୍ସାମୁଣ୍ଡା ପ୍ରତିମୂର୍ତ୍ତି ନିକଟରେ ରାଜଗାଙ୍ଗପୁର ଟାଉନ କଂଗ୍ରେସ ସଭାପତି ଦୀପୁ ବିନୋଦଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଏକ ଶୋଭାଯାତ୍ରା ରାଣିବନ୍ଧ ଅଞ୍ଚଳରେ ଅନୁଷ୍ଠିତ ହୋଇ ବୀରବିର୍ସାମୁଣ୍ଡା ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ମାଲ୍ୟାର୍ପଣ କରାଯାଇଥିଲା। ପରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜଗାଙ୍ଗପୁର ବିଧାୟକ ଡା. ସିଏସ୍ ରାଜନ ଏକ୍କା ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପୌରାଧ୍ୟକ୍ଷା ମାଧୁରୀ ଲୁଗୁନ, ସୁନ୍ଦରଗଡ଼ ଜିଲା ଯୁବ କଂଗ୍ରେସ ସଭାପତି ଆଇନଜୀବୀ ଆଲବର୍ଟ କିଣ୍ଡୋ, କାଉନ୍‌ସିଲର ସୁସ୍ମିତା ଟିରୁ ଓ ସୁସ୍ମିତା ବାର୍ଲା ଉପସ୍ଥିତ ଥିଲେ। ସେହିପରି ପଞ୍ଚାୟତ ସ୍ତରରେ କାଂସବାହାଲଠାରେ ସାମାଜିକ କର୍ମୀ ଇରିଲ କୁଜୁରଙ୍କ ନେତୃତ୍ୱରେ ଏହି ଦିବସ ପାଳିତ ହୋଇଥିଲା। କାଂସବାହାଲ ଫାଣ୍ଡି ସହ ଅଧିକାରୀ ବିଜୟ କର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପାନପୋସ ସରପଞ୍ଚ ଆନନ୍ଦିନୀ କୁଜୁର, ଚୁଙ୍ଗିମାଟି ସରପଞ୍ଚ ଜଗଦୀଶ କିଣ୍ଡୋ ପ୍ରମୁଖ ଯୋଗଦେଇଥିଲେ। ସଭାକାର୍ଯ୍ୟରେ ଅସିତ ଖାଖା, ଆଶ୍ରିତା କିଣ୍ଡୋ, ପୁନମ ଲାକ୍ରା ସହଯୋଗ କରିଥିଲେ। ବଡ଼ଗାଁସ୍ଥିତ ପୂର୍ତ୍ତ ବିଭାଗ ଡାକବଙ୍ଗଳାଠାରେ ତଲସରା ଆଦିବାସୀ ସଂଘ ପକ୍ଷରୁ ଏହି ଦିବସ ପାଳିତ ହୋଇଯାଇଛି। ପୂର୍ବତନ ପୋଲିସ ଅଧିକାରୀ ନୃପ ଡନସନା ମୁଖ୍ୟ ଅତିଥି, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ମୁଖ୍ୟ ବକ୍ତା ଓ ଅତିଥିଭାବେ ପୂର୍ବତନ ସରପଞ୍ଚ ବସନ୍ତ ଡନସନା, ବିକ୍ରମ ଟପୋ, ପୂର୍ବତନ କୃଷି ଅଧିକାରୀ ଦୁର୍ଜନ ବାଗ, ନିରଞ୍ଜନ ଡନସନା, ରାଜେନ୍ଦ୍ର ଡନସନା ପ୍ରମୁଖ ଯୋଗଦେଇଥିଲେ। ପୂର୍ବତନ ସମିତି ସଭ୍ୟ ସୂରେନ ବାଗେ ମଞ୍ଚ ପରିଚାଳନା କରିଥିବାବେଳେ ଦୁର୍ଗା ବାଗ ସଙ୍ଗୀତ ପରିବେଷଣ କରିଥିଲେ।



ସୁନ୍ଦରଗଡ଼ରେ ଆଦିବାସୀ ଦିବସ ଅବସରରେ ଉପସ୍ଥିତ ଅତିଥିମାନେ।




ରାଜଗାଙ୍ଗପୁରରେ ଆଦିବାସୀ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥି।

## ସୁନ୍ଦରଗଡ଼ ଜିଲା

# ଭାଜପା ପକ୍ଷରୁ କ୍ରାନ୍ତି ଦିବସ



ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ କର୍ମକର୍ତ୍ତାମାନେ।

ବ୍ରଜରାଜନଗର,୯।୮ (ବିଜୟ ବରାଡ)

ବ୍ରଜରାଜନଗର ଭାଜପା ତରଫରୁ ବୁଧବାର ନେତାଜୀ ଛକରେ ଅଗଷ୍ଟ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ବିଶ୍ୱଜିତ ଷଡଙ୍ଗୀଙ୍କ ସମେତ ନେତୃମଣ୍ଡଳୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଉପସଭାପତି ଷଡ଼ଙ୍ଗୀ ଅଗଷ୍ଟ କ୍ରାନ୍ତି ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ରୁକ୍ମନ ଧୁରୁଆ, ମହେଶ୍ୱର ନାୟକ, କୃଷ୍ଣ ମୁରାରୀ ସିଂ, ସରୋଜ ସାହୁ, ମନୀଷ ପଟେଲ, ରଘୁମଣି ସାହୁ, ରିଙ୍କି ସିଂ, ସଂଯୁକ୍ତା ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ା ଡିଏଭି ସ୍କୁଲରେ ଗଙ୍ଗାଧର ଜୟନ୍ତୀ

ବ୍ରଜରାଜନଗର,୯।୮ (ବିଜୟ ବରାଡ)

ଝରସୁଗୁଡ଼ା ପୌରାଞ୍ଚଳ ଅନ୍ତର୍ଗତ ସରବହାଲ ଡିଏଭି ପବ୍ଲିକ ସ୍କୁଲ ପରିସରରେ ବୁଧବାର ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ୧୬୨ ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଡିଏଭି ପରିବାର ତରଫରୁ କବି ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଗଙ୍ଗାଧରଙ୍କ ଲେଖନୀରୁ ନିସୃତ ଦେଶାତ୍ମବୋଧକ, ପ୍ରକୃତି ଆଧାରିତ ଓ ମାନବଧର୍ମୀ କବିତା ଅନୁଶୀଳନ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ପଲେଇ ଗଙ୍ଗାଧରଙ୍କ ଜୀବନଚରିତ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରୀ ଅନୁଷ୍କା ଓଟ୍ଟା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ପ୍ରୀତି ପ୍ରସନ୍ନ ବିଶ୍ୱାଳ ପ୍ରକୃତି କବି ଗଙ୍ଗାଧରଙ୍କ ବେଶ ଧାରଣ କରି ସମସ୍ତଙ୍କୁ ମାତୃଭୂମି ଓ ମାତୃଭାଷା ପ୍ରତି ହୃଦୟରୁ ମମତା ରଖିବାକୁ ଗୀତ ମାଧ୍ୟମରେ ଆହ୍ୱାନ କରିଥିଲେ। ସଙ୍ଗୀତ ଶିକ୍ଷକ ରାହାସ ବିହାରୀ ଦାଶଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା 'ବିଶ୍ୱଦେଖ ମଧୁମୟରେ ଜୀବନ' ଗୋଷ୍ଠୀସଙ୍ଗୀତ ପରିବେଷଣ କରାଯାଇଥିଲା।

# ଅଣୁଯୋଜନା ପ୍ରସ୍ତୁତି, ମହିଳା କାର୍ଯ୍ୟକାରୀ କମିଟିଙ୍କ ତାଲିମ କାର୍ଯ୍ୟକ୍ରମ

ସୁନ୍ଦରଗଡ଼,୯।୮ (ଜୟନାରାୟଣ ମେଣ୍ଡୁଲି)

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ କାର୍ଯ୍ୟକାରୀ ହେଉଥିବା ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-୨ ମାଧ୍ୟମରେ ଉଜୁଡା ଜଙ୍ଗଲର ପୁନରୁଦ୍ଧାର, ଜଙ୍ଗଲ ସୁରକ୍ଷା ତଥା ଜଙ୍ଗଲ ଉପରେ ନିର୍ଭର କରୁଥିବା ପରିବାରଙ୍କ ଜୀବନଜୀବିକା ମାନରେ ଉନ୍ନତି ଆଣିବା ପାଇଁ ସୁନ୍ଦରଗଡ଼ ବନଖଣ୍ଡର ୧୫୬ ବନ ସୁରକ୍ଷା ସମିତିରେ ବ୍ୟାପକ କାର୍ଯ୍ୟକ୍ରମ ଚାଲୁଛି। ଜଙ୍ଗଲ ଉପରେ ନିର୍ଭରଶୀଳତା କମାଇ ନୂତନ ଜଙ୍ଗଲ ସୃଷ୍ଟି କରିବା ତଥା ଲୋକଙ୍କୁ ବିକଳ୍ପ ରୋଜଗାରର ପନ୍ଥା ଯୋଗାଇବା ନିମନ୍ତେ ଏହି ପ୍ରକଳ୍ପ ମାଧ୍ୟମରେ ପ୍ରତ୍ୟେକ ବନ ସୁରକ୍ଷା ସମିତି ସ୍ତରରେ ୨୦୧୮-୧୯ ଓ ୨୦୧୯-୨୦ରେ ସହଭାଗିତାମୂଳକ ଅଣୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଚଳିତବର୍ଷ ସୁନ୍ଦରଗଡ ବନଖଣ୍ଡର ହେମଗିର ଓ ଲେଫ୍ରିପଡା ବନାଞ୍ଚଳର ୬୦ଟି ବନ ସୁରକ୍ଷା ସମିତିରେ ପ୍ରଥମ ପର୍ଯ୍ୟାୟରେ ସଂଶୋଧିତ ଅଣୁଯୋଜନା ପ୍ରସ୍ତୁତ କରାଯିବ। ଏଥିନିମନ୍ତେ ହେମଗିର ଓ ଲେଫ୍ରିପଡା ବନାଞ୍ଚଳର ୬୦ଟି ବନ ସୁରକ୍ଷା ସମିତିରେ ଅଣୁଯୋଜନା ପ୍ରସ୍ତୁତକାରୀ କମିଟି ଓ ମହିଳା କାର୍ଯ୍ୟକାରୀ କମିଟିର ପୁନର୍ଗଠନ କରାଯାଇଛି। ଏହି କମିଟିର ସଭ୍ୟାସଭ୍ୟଙ୍କୁ ବିଭିନ୍ନ ପର୍ଯ୍ୟାୟରେ ସଂଶୋଧିତ ଅଣୁଯୋଜନା ପ୍ରସ୍ତୁତି ନିମନ୍ତେ ସୁନ୍ଦରଗଡ ବନଖଣ୍ଡ ତରଫରୁ ତାଲିମ ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ହେମଗିର ଓ ଲେଫ୍ରିପଡା ବନାଞ୍ଚଳର ୬୦ଟି ବନ ସୁରକ୍ଷା ସମିତିର ୭୨୦ ଜଣ ଅଣୁଯୋଜନା ପ୍ରସ୍ତୁତକାରୀ କମିଟି ଓ ମହିଳା କାର୍ଯ୍ୟକାରୀ କମିଟିର ସଭ୍ୟାସଭ୍ୟଙ୍କୁ ତାଲିମ ପ୍ରଦାନ କରାଯାଇଛି। ସହକାରୀ ବନ ସଂରକ୍ଷକ, ହେମଗିର ଓ ଲେଫ୍ରିପଡା ବନାଞ୍ଚଳ ଅଧିକାରୀ, ବନପାଳ ତଥା ସଭ୍ୟ ସଚିବଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ତାଲିମ କାର୍ଯ୍ୟକ୍ରମରେ ଖଣ୍ଡୀୟ ପରିଚାଳନା ଏକକର ବିଷୟଗତ ବିଶେଷଜ୍ଞ ଗୋପାଳ ଚନ୍ଦ୍ର ଶୁକ୍ଳା, ସୁକାନ୍ତ କୁମାର ପାଣି, ସହଯୋଗୀ ଅନୁଷ୍ଠାନ ସେବକର କର୍ମକର୍ତ୍ତା ଓ ଏଫଏମ୍‌ୟୁ କୋଅର୍ଡିନେଟର ମୁଖ୍ୟ ପ୍ରଶିକ୍ଷକଭାବେ ଯୋଗଦେଇ ସଂଶୋଧିତ ଅଣୁଯୋଜନା ପ୍ରସ୍ତୁତିର ଉଦ୍ଦେଶ୍ୟ, ଆବଶ୍ୟକତା, ପ୍ରକ୍ରିୟା, ସାମାଜିକ ଓ ଅର୍ଥନୈତିକ ବିବରଣୀ, ଜଙ୍ଗଲ ସମ୍ପଦର ବିବରଣୀ, ଜୈବ ବିବିଧତା ତଥ୍ୟ, ପୂର୍ବ ଅଣୁଯୋଜନାର ପ୍ରଗତିର ଆକଳନ, ଜଙ୍ଗଲ ପରିଚାଳନା ଯୋଜନା, ପାରିବେଶିକ ଏବଂ ସାମାଜିକ ପରିଚାଳନା ସୁରକ୍ଷା କବଚ ଆଧାର, ଅନୁସୂଚିତ ଜନଜାତି, ଜଙ୍ଗଲ ଉପରେ ନିର୍ଭରଶୀଳ ବ୍ୟକ୍ତିଙ୍କ ନିମିତ୍ତ ଉନ୍ନୟନ ଯୋଜନା ଆଧାର, ଜୀବିକା ସମ୍ବନ୍ଧୀୟ ଯୋଜନାର ପ୍ରଗତି ଓ ଯୋଜନା, ଲିଙ୍ଗଗତ ସମତା, ଗୋଷ୍ଠୀଭିତ୍ତିକ ତଦାରଖ, ମୂଲ୍ୟାଙ୍କନ, ବାସ୍ତବିକ ବିକାଶ ଯୋଜନା ତଥା ବାର୍ଷିକ ଯୋଜନା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ପ୍ରକାଶ ଥାଉ କି, ଅଗଷ୍ଟ ୧୫ରୁ ଗାଁ ଗାଁରେ ବନ ସୁରକ୍ଷା ସମିତି ସ୍ତରରେ ସମସ୍ତଙ୍କ ସହଭାଗିତାରେ ଏହି ସଂଶୋଧିତ ଅଣୁଯୋଜନା ପ୍ରସ୍ତୁତ କରାଯାଇ ସାଧାରଣ ପରିଷଦ ବୈଠକ ଓ ପଲ୍ଲିସଭାରେ ପାରିତ କରାଯାଉଛି। ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀରେ ଗ୍ରାମସଭାରେ ଏହାର ଅନୁମୋଦନ କରିବାର ଯୋଜନା ରହିଛି।



# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୦/୨୦୨୩ | Bhubaneswar, Thursday, August 10/2023 | ପୃଷ୍ଠା-୧




ଅନ୍ତର୍ଜାତୀୟ ଦେଶଜ ଅଧିବାସୀ ଦିବସ ଅବସରରେ ବିଜେଡି ପକ୍ଷରୁ ଭୁବନେଶ୍ୱରରେ ଆୟୋଜିତ ଆଦିବାସୀ ନୃତ୍ୟ । (ଫଟୋ-ବିକାଶ ନାୟକ)

# ବାପାଙ୍କୁ ଫାଶୀ, ପୁଅଙ୍କୁ ଆଜୀବନ

## ଲପଡ଼ା ଟ୍ରିପଲ୍ ମର୍ଡର ଘଟଣାରେ ଦଣ୍ଡାଦେଶ

ସମ୍ବଲପୁର/କୁଚିଣ୍ଡା,୯।୮ (ଶୁଭାଶିଷ ପାଢ଼ୀ/ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ମହୁଲପାଲି ଥାନା ଲପଡ଼ା ଟ୍ରିପଲ ମର୍ଡର ଘଟଣାର ରାୟ ବୁଧବାର ପ୍ରକାଶ ପାଇଛି। କୁଚିଣ୍ଡା ଅତିରିକ୍ତ ଜିଲାଜଜ୍ ରାଜ କିଶୋର ଲେଙ୍କା ରାୟ ଶୁଣାଇ ଅଭିଯୁକ୍ତ ବାପା ଓ ପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ବାପା ନବୀନ ଦେହୁରିଙ୍କୁ ମୁଖ୍ୟ ଅଭିଯୁକ୍ତ ଦର୍ଶାଇ ଫାଶୀଦଣ୍ଡ (ମୃତ୍ୟୁଦଣ୍ଡ) ସହ ୧ଲକ୍ଷ ଜରିମାନା ଏବଂ ତାଙ୍କୁ ସହଯୋଗ କରିଥିବା ପୁଅ ହେମାନନ୍ଦ ଦେହୁରିଙ୍କୁ ଆଜୀବନ କାରାଦଣ୍ଡ ସହ ୧ ଲକ୍ଷ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘଟଣାର ୩୪ମାସ ପରେ ରାୟ ପ୍ରକାଶ ପାଇଛି। ତତ୍କାଳୀନ ଏସ୍‌ପି ଡ. ବିଶାଳ କନ୍‌ୱର ସିଂ ଏହି ମାମଲାକୁ ରେଡ୍‌ଫ୍ଲାଗ ଭାବେ ଘୋଷଣା କରିଥିଲେ। ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ରଞ୍ଜନ କୁମାର ଶର୍ମା ଓ ମୃତକ ପରିବାର ପକ୍ଷରୁ ସରକାରୀ ଓକିଲ ରବୀନ୍ଦ୍ର ନାଏକ ମାମଲା ପରିଚାଳନା କରୁଥିଲେ। ପୋଲିସ ସଂଗ୍ରହ କରିଥିବା ସମସ୍ତ ପ୍ରମାଣ ଓ ୨୦ଜଣ ସାକ୍ଷୀଙ୍କ ବୟାନ ଅଭିଯୁକ୍ତଙ୍କ ବିପକ୍ଷରେ ରହିଥିଲା।

ମାମଲାର ବିବରଣୀକୁ ପ୍ରକାଶ ଯେ, ପ୍ରାୟ ୧୦ବର୍ଷ ଆଗରୁ ଜରାବଗା ପଞ୍ଚାୟତ ଲପଡା ଗ୍ରାମର ଅଭିଯୁକ୍ତ ନବୀନ ଓ ପଡୋଶୀ ପୀରବତୀ ବେହେରା (୫୫)ଙ୍କ ପରିବାର ମଧ୍ୟରେ ଜମିବାଡିକୁ ନେଇ ବିବାଦ ଲାଗିରହିଥିଲା। ପୀରବତୀ ଏକୁଟିଆ ରହୁଥିବାରୁ ତାଙ୍କ ସହିତ ଝିଅ ସାବିତ୍ରୀ (୩୦) ଓ ଜ୍ୱାଇଁ ଗିରିଧାରୀ ସାହୁ (୩୮) ରହୁଥିଲେ। କଳେବଳେ ଜମି ହାତେଇବା ପାଇଁ ନବୀନ ଓ ତାଙ୍କ ପୁଅ ହେମାନନ୍ଦ ଯୋଜନା କରିଥିଲେ। ଜମି ବିବାଦ କୋର୍ଟରେ ମଧ୍ୟ ବିଚାରାଧୀନ ରହିଥିଲା। ଏଭଳି ସମୟରେ ନବୀନ ଓ ହେମାନନ୍ଦ ପୀରବତୀଙ୍କ ପରିବାରକୁ ରାସ୍ତାରୁ ହଟାଇଦେବା ପାଇଁ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ଅନୁଯାୟୀ ୨୦୨୦ ଅକ୍ଟୋବର ୨୧ ତାରିଖ ଅପରାହ୍ନରେ ଗିରିଧାରୀ ବିଲରେ ଚାଷ କରୁଥିବା ବେଳେ ନବୀନ ହଠାତ୍ ପହଞ୍ଚି ତାଙ୍କୁ ଟାଙ୍ଗିଆରେ ବାରମ୍ବାର ଚୋଟ ମାରିଥିଲେ। ଅତ୍ୟଧିକ ରକ୍ତସ୍ରାବ ହୋଇ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାର କିଛି ସମୟ ପରେ ପୀରବତୀ ଓ ଝିଅ ସାବିତ୍ରୀ ଗାଁ ନଳକୂପରୁ ପାଣି ନେଇଯାଉଥିବା ବେଳେ ନବୀନ ପ୍ରଥମେ ପୀରବତୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ମା'ଙ୍କୁ ବଞ୍ଚାଇବାକୁ ଯାଇ ସାବିତ୍ରୀ ମଧ୍ୟ ହତ୍ୟାର ଶିକାର ହୋଇଥିଲେ। ଏଥିରେ ନବୀନଙ୍କୁ ପୁଅ ହେମାନନ୍ଦ ସହଯୋଗ କରିଥିଲେ। ଘଟଣା ନେଇ ପୀରବତୀଙ୍କ ଅନ୍ୟଜଣେ ଝିଅ ପ୍ରତ୍ୟକ୍ଷଦର୍ଶୀ ମାଣିକ ପୃଷ୍ଠେଠଙ୍କ ଅଭିଯୋଗ ଆଧାରରେ ☞ପୃଷ୍ଠା-୨

# ମନଇଚ୍ଛା ସମ୍ପତ୍ତି ବିକିପାରିବେ ନାହିଁ ସମବାୟ ସମିତି

ଭୁବନେଶ୍ୱର,୯।୮ (ଅନିଲ ଦାସ)

ସମବାୟ ସମିତିଗୁଡ଼ିକ ପୂର୍ବଭଳି ମନଇଚ୍ଛା ନିଜର ସ୍ଥାବର ସମ୍ପତ୍ତିକୁ ବିକ୍ରି କରିପାରିବେ ନାହିଁ କିମ୍ବା କାହାରିକୁ ଦେଇପାରିବେ ନାହିଁ। ରାଜ୍ୟ ସରକାର ଏହା ଉପରେ କଟକଣା ଲଗାଇବା ସହିତ ସମବାୟ ବିଭାଗ ପକ୍ଷରୁ ଏନେଇ ନିର୍ଦ୍ଦେଶନାମା ଜାରି ହୋଇଛି।

ଆଇନ ୧୯୬୨ ଅନୁଯାୟୀ ପଞ୍ଜୀକୃତ ହୋଇଥିବା ସମିତିଗୁଡ଼ିକ ସମ୍ପତ୍ତି ଅଧିଗ୍ରହଣ ଏବଂ ଏହାକୁ ବିକ୍ରି କରିବାର କ୍ଷମତା ରଖିଛନ୍ତି। ଓଡ଼ିଶା ସମବାୟ ସମିତି ଆଇନ ୧୯୬୨ର ଧାରା ୧୨-କ ଅନୁଯାୟୀ ଉଭୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିଗୁଡ଼ିକୁ ବିକ୍ରି କରିବାର କ୍ଷମତା ପ୍ରଦାନ କରାଯାଇଥିଲା। ଏଥିରେ ଥିବା ବ୍ୟବସ୍ଥା ଅନୁଯାୟୀ ସମିତିର ସଦସ୍ୟ, ଜମାକାରୀ, ଋଣଗ୍ରହୀତା ଏବଂ ଏହାର କର୍ମଚାରୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ପରିଚାଳନା ପରିଷଦରେ ପାରିତ ସଙ୍କଳ୍ପ ଅନୁଯାୟୀ ସ୍ଥାବର ସମ୍ପତ୍ତିଗୁଡ଼ିକୁ ବିକ୍ରି କିମ୍ବା ଲିଜ୍ ଦିଆଯାଇପାରିବ। କିନ୍ତୁ କେତେକ ସମବାୟ ସମିତିର ପରିଚାଳନା ମଣ୍ଡଳୀ ସମିତି ସ୍ୱାର୍ଥକୁ ଅଣଦେଖା କରି ବେଆଇନ ଭାବେ ସମିତିର ସମ୍ପତ୍ତିକୁ ମନଇଚ୍ଛା ବିକ୍ରି ଓ ଲିଜ୍ ଦେବାରେ ଲାଗିଛନ୍ତି। ଏଭଳି କାର୍ଯ୍ୟ ଉପରେ ସମବାୟ ବିଭାଗ ଏବେ ଅଙ୍କୁଶ ଲଗାଇଛି। ☞ପୃଷ୍ଠା-୨

# ଦୋଷ ଅସ୍ୱୀକାର କଲେ ଗୋପାଳ

## ନବ ଦାସ ହତ୍ୟା ଘଟଣା

ସମ୍ବଲପୁର,୯।୮ (ଶୁଭାଶିଷ ପାଢ଼ୀ)

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ହତ୍ୟା ଘଟଣାରେ ଅଭିଯୁକ୍ତ ଗୋପାଳ ଦାସଙ୍କୁ ବୁଧବାର କଡ଼ାସୁରକ୍ଷା ବଳୟ ମଧ୍ୟରେ ଝାରସୁଗୁଡ଼ା ଅତିରିକ୍ତ ଜିଲା ଜଜ୍‌କୋର୍ଟରେ ହାଜର କରାଯାଇଥିଲା। ଅତିରିକ୍ତ ଜିଲାଜଜ୍‌ଙ୍କ ଶୁଣାଣି ସମୟରେ ଗୋପାଳ ଦୋଷ ସ୍ୱୀକାର କରି ନ ଥିଲେ। ଏହାସହ ମାମଲା ପରିଚାଳନା ପାଇଁ ସେ ନିଜେ ଓକିଲ ଦେବାକୁ ଅନୁରୋଧ କରିଥିଲେ। ସରକାରୀ ଓକିଲ ଥିବା ସତ୍ତ୍ୱେ ଦୁଇଜଣ ଓକିଲ ପି.କେ. ସ୍ୱାଇଁ ଓ ମହେଶ ଜେନା ବ୍ରହ୍ମପୁରରୁ ଆସିଛନ୍ତି। ଅନ୍ୟପଟେ ଗୋପାଳଙ୍କ ସରକାରୀ ଓକିଲ ନରେଶ ନାଏକ ଗୋପାଳ ଦୋଷୀ ନୁହନ୍ତି, ମାମଲା ଡିସ୍‌ଚାର୍ଜ କରିବାକୁ ☞ପୃଷ୍ଠା-୨

# ଏଏସ୍‌ଓ ଚୟନ ପ୍ରକ୍ରିୟାରେ ହାଇକୋର୍ଟଙ୍କ ରୋକ

କଟକ,୯।୮ (କାର୍ତ୍ତିକ ସାହୁ)

ଆସିଷ୍ଟାଣ୍ଟ ସେକ୍ସନ ଅଫିସର (ଏଏସ୍‌ଓ) ପଦବୀର ଚୟନ ପ୍ରକ୍ରିୟା ଆଗାମୀ ୬ ସପ୍ତାହ ମଧ୍ୟରେ ଶେଷ କରିବାକୁ ଜଣକିଆ ଖଣ୍ଡପୀଠଙ୍କ ନିର୍ଦ୍ଦେଶ ଉପରେ ରୋକ ଲାଗିଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଶୁଭାଶିଷ ତାଳପତ୍ର ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ବୁଧବାର ମାମଲାର ଶୁଣାଣି କରି ସ୍ଥଗିତାଦେଶ ଜାରି କରିଛନ୍ତି। ଆସନ୍ତା ସେପ୍ଟେମ୍ବର ୨୧ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ବିଚାରପତି ଆଦିତ୍ୟ କୁମାର ମହାପାତ୍ର ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)କୁ ପୂର୍ବ ପ୍ରକାଶିତ ମେଧା ତାଲିକା ରଦ୍ଦ କରି ନୂଆ ମେଧା ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାର ପୁନର୍ବିଚାର ନିମନ୍ତେ କେତେଜଣ ପରୀକ୍ଷାର୍ଥୀ ଡିଭିଜନ ବେଞ୍ଚରେ ଆବେଦନ କରିଛନ୍ତି। ଡିଭିଜନ ବେଞ୍ଚ ଏହାକୁ ଗ୍ରହଣ କରି ପ୍ରାଥମିକ ପର୍ଯ୍ୟାୟରେ ସ୍ଥଗିତାଦେଶ ଜାରି କରିଛନ୍ତି।

ସୂଚନା ଅନୁସାରେ, ୨୦୨୨ ଅଗଷ୍ଟ ୨୭ରେ ୭୯୭ଟି ଏଏସ୍‌ଓ ପଦବୀ ଲାଗି ଓପିଏସ୍‌ସି ପକ୍ଷରୁ ଲିଖିତ ପରୀକ୍ଷା କରାଯାଇଥିଲା। ମୋଟ ୧ ଲକ୍ଷ ୪୮ ହଜାର ୮୮୮ ଜଣ ଆବେଦନକାରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ଭିତରୁ ୧୧୦୪ ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ନେଇ ୨୦୨୨ ନଭେମ୍ବର ୭ରେ ଓପିଏସ୍‌ସି ବିଜ୍ଞପ୍ତି ପ୍ରକାଶ କରିଥିଲା। ଏହି ତାଲିକାରେ ସ୍ଥାନ ପାଇଥିବା ପ୍ରାର୍ଥୀଙ୍କୁ ସାର୍ଟିଫିକେଟ୍ ଯାଞ୍ଚ ଓ କମ୍ପ୍ୟୁଟର (ପ୍ରାକ୍ଟିକାଲ) ସ୍କିଲ୍ ଟେଷ୍ଟ ପାଇଁ ଡକାଯାଇଥିଲା। ☞ପୃଷ୍ଠା-୨

# ଗାଡ଼ି ଧକ୍କାରେ କଲରାପତରିଆ ବାଘର ମୃତ୍ୟୁ



ଭଞ୍ଜନଗର,୯।୮ (ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ଭଞ୍ଜନଗର ନିକଟସ୍ଥ ଜାତୀୟ ରାଜପଥରେ ମଙ୍ଗଳବାର ରାତି ପ୍ରାୟ ୧ଟା ବେଳେ ଏକ ଗାଡ଼ି ଧକ୍କାରେ ଗୋଟିଏ ମାଈ କଲରାପତରିଆ ବାଘର ମୃତ୍ୟୁ ହୋଇଛି। ବାଘଟିର ବୟସ ପ୍ରାୟ ୨ବର୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ବୁଧବାର ଅପରାହ୍ନ ସାଢ଼େ ୪ଟାରେ ବାଘଟିକୁ ବ୍ୟବଚ୍ଛେଦ କରାଯାଇ ଲିଭର, ଫୁସ୍‌ଫୁସ୍, ହୃତ୍‌ପିଣ୍ଡ, ଯକୃତ ଆଦି ଅଧିକ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି। ସ୍ଥାନୀୟ ଲାଲସିଂ ନର୍ସରି ପରିସରରେ ସନ୍ଧ୍ୟାରେ ବାଘଟିକୁ ପୋଡ଼ି ଦିଆଯାଇଛି। ପ୍ରକାଶ ଯେ, ସୋମବାର ରାତି ପ୍ରାୟ ୧ଟା ସମୟରେ ଗୋଟିଏ କଲରାପତରିଆ ☞ପୃଷ୍ଠା-୨

# ଅକ୍ଟୋବର ୧୪ରେ ଭାରତ-ପାକିସ୍ତାନ

## ଆଇସିସି ଦିନିକିଆ ବିଶ୍ୱକପ୍‌ର ୯ ମ୍ୟାଚ ପୁନଃ ନିର୍ଦ୍ଧାରିତ

ନୂଆଦିଲ୍ଲୀ, ୯।୮ (ପି.ଟି.)

ଚଳିତ ବର୍ଷ ଅକ୍ଟୋବର-ନଭେମ୍ବରରେ ହେବାକୁଥିବା ଆଇସିସି ଦିନିକିଆ କ୍ରିକେଟ ବିଶ୍ୱକପ୍‌ର ୯ଟି ମ୍ୟାଚ ପୁନଃ ନିର୍ଦ୍ଧାରିତ ହୋଇଛି। ତଦନୁସାରେ ପୂର୍ବ ଘୋଷିତ କାର୍ଯ୍ୟସୂଚୀର ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଅକ୍ଟୋବର ୧୪ରେ ଭାରତ-ପାକିସ୍ତାନ ମ୍ୟାଚ ଅହମଦାବାଦରେ ଅନୁଷ୍ଠିତ ହେବ। ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ପକ୍ଷରୁ ବୁଧବାର ଏହା ସ୍ପଷ୍ଟ କରାଯାଇଛି। ପାକିସ୍ତାନ ଓ ଇଂଲଣ୍ଡର ୩ଟି ଲେଖାଏ ମ୍ୟାଚ ପୁନଃନିର୍ଦ୍ଧାରିତ (ତାରିଖ କିମ୍ବା ସମୟ) ହୋଇଛି। ଭାରତର ୨ଟି ଗେମ୍ କାର୍ଯ୍ୟସୂଚୀ ପରିବର୍ତ୍ତନ ହୋଇଛି। ଭାରତର ☞ପୃଷ୍ଠା-୨

# ଡିଗ୍ରୀ କଲେଜ ଭିତ୍ତିଭୂମିର ମୂଲ୍ୟାୟନ ହେବ

ଭୁବନେଶ୍ୱର, ୯।୮ (ଅସମାପିକା ସାହୁ)

ରାଜ୍ୟରେ ଥିବା ସରକାରୀ ଡିଗ୍ରୀ ମହାବିଦ୍ୟାଳୟ ଏବଂ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଗୁଡ଼ିକରେ ଉପଲବ୍ଧ ଭିତ୍ତିଭୂମିର ମୂଲ୍ୟାୟନ କରାଯିବ। ଶିକ୍ଷାର ଗୁଣାତ୍ମକ ମାନ ଏବଂ କ୍ୟାମ୍ପସରେ ସୁବିଧା ବଜାୟ ରଖିବା ତଥା ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ ଶିକ୍ଷାନୁଷ୍ଠାନରେ ଉପଲବ୍ଧ ଥିବା ଭିତ୍ତିଭୂମି, ଆବଶ୍ୟକ ଉନ୍ନତୀକରଣ, ସମ୍ଭାବ୍ୟ ଆହ୍ୱାନ ଏବଂ ସୁଯୋଗ ସମ୍ପର୍କରେ ଜାଣିବା ଏହି ମୂଲ୍ୟାୟନର ଉଦ୍ଦେଶ୍ୟ। ☞ପୃଷ୍ଠା-୨

## Government of Odisha
### Higher Education Department

**Revised Timeline for B.Ed., B.H.Ed., M.Ed. e-Admission for the Academic year 2023-24**

**No.N-54:** The revised timeline for e-admission into B.Ed., B.H.Ed., M.Ed courses for the Academic year 2023-24 under 'Student Academic Management System (SAMS)' is given below. Any change in the timeline will be published on the website https://te.samsodisha.gov.in/.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats (for Second Round Selection) | 10.08.2023 (Thursday) (02.00 PM) |
| 2 | Reporting of applicant at allotted institutions for taking admission (for Second Round Selection) | 11.08.2023 (Friday) to 14.08.2023 (Monday) (Except Sunday) |
| 3 | Updation of Slide-Up online by the students taken admission in Second Round of Selection | 11.08.2023 (Friday) to 15.08.2023 (Tuesday) |
| 4 | Data updation of admitted students in the e-space (for Second Round Admission) by the respective Institutions | 11.08.2023 (Friday) to 14.08.2023 (Monday) (Except Sunday) |
| 5 | Publication of Provisional Allotment of Seats (For Third Round Selection) | 20.08.2023 (Sunday) (02.00 PM) |
| 6 | Reporting of the applicant at allotted institutions for taking admission (for Third Round Selection) | 21. 08. 2023 (Monday) to 23.08.2023 (Wednesday) |
| 7 | Updation of Slide-Up Option online by the students taken admission in Third Round of Selection | 21.08.2023 (Monday) to 24.08.2023(Thursday) |
| 8 | Data updation of admitted students in the e-space (for Third Round of Selection) by the respective Institutions | 21.08.2023 (Monday) to 23.08.2023 (Wednesday) |
| 9 | Publication of Provisional Allotment of Seats (for Fourth Round Selection) | 29.08.2023 (Tuesday) (02.00 PM) |
| 10 | Reporting of applicant at allotted institutions for taking admission (for Fourth Round Selection) | 31.08.2023 (Thursday) to 02.09.2023 (Saturday) |
| 11 | Data updation of admitted students in the e-space (for Fourth Round of Selection) by the respective institutions. | 31.08.2023 (Thursday) to 02.09.2023 (Saturday) |
| 12 | Commencement of 1st year classes (For Freshly Admitted Students) | 16.08.2023 (Wednesday) |

**Important Notice**

- 4th Round of Selection will be treated as the last round of selection process for Phase-I admission. No Slide-up option will be provided in the last (4th) round of selection.

Sd./- Joint Secretary to Govt.
PTC Section

OIPR-11001/11/0018/2324




**ଆଜିର ମନ୍ତବ୍ୟ**

ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମହାନ୍। ତାଙ୍କୁ ନିଯୁକ୍ତି ଉପରେ ପ୍ରଶ୍ନ କଲେ ସେ ବେକାରି ହାର କମିଥିବା ଦର୍ଶାଇଥାନ୍ତି।
**-ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚୋର ସୁନ୍ଦର, ବର ସୁନ୍ଦର,**
**ବାଦ୍ୟକୁ ସୁନ୍ଦର ମହୁରୀ;**
**ଦୂର ଦେଶକୁ ପର୍ବତ ସୁନ୍ଦର,**
**ସର୍ବ ସୁନ୍ଦର କଉଡ଼ି।**

ମନଚୋର ଆଖିକୁ ସୁନ୍ଦର ଲାଗିଥାଏ। ନିଜ ବର ନିଜକୁ ସୁନ୍ଦର ଦିଶିଥାଏ। ବାଦ୍ୟ ସହ ମହୁରୀ ବେଶ ସୁନ୍ଦର ମାନିଥାଏ। ପାହାଡ଼ ପର୍ବତ ଦୂରରୁ ଭଲ ଜଣାପଡ଼ିଥାଏ। ସେହିପରି ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସର୍ବୋପରି ସୁନ୍ଦର ଓ ଶ୍ରେଷ୍ଠ ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଚତୁରେଇ !**
**ବିରି ଦେଉଥାଏ ବତୁରେଇ;**
**ଏଣେ ତେଣେ ଚାହିଁ ଗୋଟିଏ ଗୋଟିଏ**
**ଟୋକି ଦଉଥାଏ ସୁତୁରେଇ।**

ସିଆଣିଆ ବ୍ୟକ୍ତିଙ୍କ ଚତୁରାମିକୁ କେହି ସହଜରେ ବୁଝି ବା ଧରି ପାରି ନ ଥାନ୍ତି। ଦୃଷ୍ଟି ଆଢୁଆଳରେ ରହି ଏପରି କୌଶଳରେ ନିଜ ଉଦ୍ଦେଶ୍ୟ ପୂରଣ କରାଇନିଅନ୍ତି, ଯେ ତା'ଟେର୍ କେହି ବି ପାଇ ପାରି ନ ଥାନ୍ତି। ଅନ୍ୟର ଆଢୁଆଳରେ ଗୋଟି ଗୋଟି କରି ଲୁଟି ନେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଆମେରିକାର ରାଷ୍ଟ୍ରଦୂତ ଇରିକ୍ ଗରସେଟ୍ଟି ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ତାଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଭେଟିଛନ୍ତି। ଏହି ଅବସରରେ ସେ ଶିକ୍ଷା, ନବସୃଜନ, ଗବେଷଣା ସମେତ ଆମେରିକା ଓ ଭାରତ ମଧ୍ୟରେ ଦକ୍ଷତା ସହଯୋଗକୁ ସୁଦୃଢ଼ କରିବା ଉପରେ ଆଲୋଚନା କରିଛନ୍ତି। ଧର୍ମେନ୍ଦ୍ର ଏହି ଅବସରରେ ଆମେରିକା ରାଷ୍ଟ୍ରଦୂତଙ୍କୁ ଓଡ଼ିଶାର ପାରମ୍ପରିକ ପଟ୍ଟଚିତ୍ର ପ୍ରଦାନ କରିଛନ୍ତି।




# ବଦଳିବ ପ୍ରାଥମିକ ଶ୍ରେଣୀ ଗୃହ ପରିବେଶ

- **ଦରିରେ ବସିବେ, ରଙ୍ଗିନ ଡେସ୍କରେ ଲେଖିବେ ଛାତ୍ରୀଛାତ୍ର**
- **ପ୍ରଥମ ପର୍ଯ୍ୟାୟରେ ୬ହଜାରରୁ ଊର୍ଦ୍ଧ୍ୱ ବିଦ୍ୟାଳୟ ସାମିଲ**

ଭୁବନେଶ୍ୱର, ୯।୮ (ଅସମାପିକା ସାହୁ)

ରାଜ୍ୟରେ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ଗୃହର ରୂପ ବଦଳିବ। ଛାତ୍ରୀଛାତ୍ରଙ୍କ କୋମଳ ମନରେ ଶିକ୍ଷା ପ୍ରତି ଆଗ୍ରହ, କୌତୁହଳ, ଉତ୍ସାହ ଆଣିବା ଉଦ୍ଦେଶ୍ୟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହି ବ୍ୟବସ୍ଥା କରିଛି। ପ୍ରଥମ ପର୍ଯ୍ୟାୟରେ ୧୬ଟି ଜିଲାର ୬ହଜାରରୁ ଊର୍ଦ୍ଧ୍ୱ ପ୍ରାଥମିକ ସ୍କୁଲର ପରିବେଶ ବଦଳିବ। ଶ୍ରେଣୀଗୃହ ପରିବେଶକୁ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ମୌଳିକ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ଓ ମରାମତି ସୁବିଧା ଯୋଗାଇଦେବାକୁ ବିଭାଗ ଆବଶ୍ୟକ ପାଣ୍ଠି ଯୋଗାଇ ଦେଇଛି। ପ୍ରଥମରୁ ତୃତୀୟ ଶ୍ରେଣୀର ପିଲାମାନେ ପଢ଼ିବା, ଲେଖିବା, ଆବଶ୍ୟକ ଶିକ୍ଷଣ ଦକ୍ଷତା ହାସଲ କରିବା ଲକ୍ଷ୍ୟରେ ଶ୍ରେଣୀଗୃହ ପରିବେଶକୁ ଅନୁକୂଳ କରିବାର ପଦକ୍ଷେପ ନିଆଯାଉଛି। ଶ୍ରେଣୀଗୃହକୁ ଶିଶୁ ସୁଲଭ, ଆକର୍ଷଣୀୟ, ଆନନ୍ଦମୟ କରିବା ପାଇଁ ବିଭିନ୍ନ କାନ୍ଥଚିତ୍ର, ବିଭିନ୍ନ ଆକୃତିର ଡେସ୍କ, ଆଲମାରୀ, ଗ୍ରୀନ୍ ବୋର୍ଡ, ପ୍ରଦର୍ଶନ ବୋର୍ଡ, ଶୈକ୍ଷିକ ଉପକରଣ ଝୁଲାଇବା ପାଇଁ ହୁକ୍, ବସିବା ପାଇଁ ଦରି, ଶ୍ରେଣୀଗୃହ ମରାମତି, ବିଦ୍ୟୁତୀକରଣ ଓ ଆଲୋକୀକରଣ, ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନର ବ୍ୟବସ୍ଥା ଆଦି କରାଯିବ। ଏହା ପ୍ରାଥମିକ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶରେ ଅତ୍ୟନ୍ତ ସହାୟକ ହୋଇପାରିବ। ଶିକ୍ଷାର ମୂଳଦୁଆ ହେଉଛି ପ୍ରାଥମିକ ଶିକ୍ଷା। ଏହି ମୂଳଦୁଆ ଉପରେ ଭବିଷ୍ୟତର ଉଚ୍ଚଶିକ୍ଷା ଗଢ଼ି ଉଠିଥାଏ। ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ କାର୍ଯ୍ୟକ୍ରମ ପ୍ରଚଳନର ଉଦ୍ଦେଶ୍ୟ ହେଉଛି ଏହି ମୂଳଦୁଆକୁ ମଜଭୁତ କରିବା। ପ୍ରତ୍ୟେକ ଛାତ୍ରୀଛାତ୍ର ଯେପରି ଭାଷା ଓ ଗାଣିତିକ ଜ୍ଞାନରେ ପାରଦର୍ଶୀ ହୋଇପାରିବେ ସେଥିପ୍ରତି ଲକ୍ଷ୍ୟ ସ୍ଥିର ହୋଇଛି। ଲକ୍ଷ୍ୟ ହାସଲ ପାଇଁ ସ୍ୱତନ୍ତ୍ର ଢାଞ୍ଚାରେ ପାଠ୍ୟକ୍ରମ ପ୍ରସ୍ତୁତି, ଚିତ୍ତାକର୍ଷକ ଶିକ୍ଷଣ ସାମଗ୍ରୀ (ଉଭୟ ଅନ୍‌ଲାଇନ ଓ ଅଫ୍‌ଲାଇନ), ଶିକ୍ଷକ ଦକ୍ଷତା ବିକାଶ, ମୂଲ୍ୟାଙ୍କନ ଶୈଳୀ ଇତ୍ୟାଦି ପର୍ଯ୍ୟାୟକ୍ରମେ ବିକାଶ କରାଯାଇଛି। ଛାତ୍ରୀଛାତ୍ର ଅନୁକୂଳ ଶ୍ରେଣୀଗୃହ ନିର୍ମାଣ ପୂର୍ବରୁ ପାଇଲଟ୍ ପ୍ରକଳ୍ପ ଭାବେ ରାଜଭବନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଗ୍ରହଣ କରାଯାଇଥିଲା। ଏହି ପ୍ରାଥମିକ ବିଦ୍ୟାଳୟରେ ବିକଶିତ ହୋଇଥିବା ଶ୍ରେଣୀଗୃହକୁ ସମସ୍ତ ବୈଷୟିକ ଶିକ୍ଷକ ଓ ବରିଷ୍ଠ ଶିକ୍ଷକ ପରିଦର୍ଶନ କରି ତାଲିମ ନେଇଛନ୍ତି। ଏହି ବିଦ୍ୟାଳୟରେ ସମସ୍ତ ସୁବିଧା ସୁଯୋଗ କରିବା ପରେ ଛାତ୍ରୀଛାତ୍ରଙ୍କ ଭିତରେ ଆକାଂକ୍ଷିତ ଶୈକ୍ଷିକ ବିକାଶ ହେଉଥିବା ଲକ୍ଷ୍ୟ କରାଯାଇଛି। ପରେ ସମାନ ଢାଞ୍ଚାରେ ଶ୍ରେଣୀଗୃହ ପ୍ରସ୍ତୁତି କରିବା ପାଇଁ ପଦକ୍ଷେପ ନିଆଯାଇଛି।

## ପ୍ରଥମ ପୃଷ୍ଠାରୁ...

### ମଣିପୁରରେ ଭାରତ...

ଭାରତ ମାତାକୁ ହତ୍ୟା କରିବା। ମଣିପୁରବାସୀଙ୍କୁ ହତ୍ୟା କରି ଭାଜପା ଦେଶଭକ୍ତ ପାଲଟିନାହିଁ, ବରଂ ଦେଶଦ୍ରୋହୀ ସାଜିଛି ବୋଲି ରାହୁଲ ସମାଲୋଚନା କରିଛନ୍ତି। ଏହାର ଜବାବରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି, ମୋଦି ସରକାରଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥିବାରୁ ମଣିପୁରରେ ସରକାରଙ୍କ ସଫଳତା ଉପରେ ଫୋକସ୍ କରିବାକୁ ପଡ଼ିବ। ଲୋକଙ୍କୁ ବିଭ୍ରାନ୍ତ କରିବା ପାଇଁ ଏହି ପ୍ରସ୍ତାବ ଆଗତ କରାଯାଇଛି। ୩୦ ବର୍ଷ ଧରି ଦେଶ ବଂଶବାଦ ରାଜନୀତି, ଦୁର୍ନୀତି ଓ ଜାତିବାଦର ଯନ୍ତ୍ରଣାରେ ଜର୍ଜରିତ ଥିବାବେଳେ ପ୍ରଧାନମନ୍ତ୍ରୀ ମୋଦି ଏହାକୁ ଶେଷ କରି ଦେଶକୁ ପ୍ରଦର୍ଶନର ରାଜନୀତି ପାଇଁ ବାଟ ଦେଖାଇଛନ୍ତି।

### ସଂସଦରେ ଫ୍ଲାଇଂ ...

ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟି ଏନେଇ ରାହୁଲଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ରାହୁଲଙ୍କ ଅଙ୍ଗଭଙ୍ଗୀ ସେମାନଙ୍କୁ ଅପମାନିତ କରିଥିବାରୁ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ୨୦ ମହିଳା ଏମ୍‌ପିଙ୍କ ସ୍ୱାକ୍ଷର ସମ୍ବଳିତ ପତ୍ରରେ ଦାବି କରାଯାଇଛି। ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଇରାନୀ ଖବରଦାତାମାନଙ୍କୁ ସମ୍ବୋଧିତ କରି କହିଛନ୍ତି, ପାର୍ଲାମେଣ୍ଟରେ ଜଣେ ପୁରୁଷଙ୍କ ଏପରି ମହିଳା ବିରୋଧୀ ବ୍ୟବହାର କେବେ ଦେଖିବାକୁ ମିଳି ନ ଥିଲା। ଯେଉଁଠି ମହିଳାଙ୍କ ସମ୍ମାନର ସୁରକ୍ଷା ପାଇଁ ଆଇନ ପ୍ରଣୟନ କରାଯାଏ, ସେଠାରେ ଏକ ଅଧିବେଶନ ବେଳେ ମହିଳାଙ୍କୁ ଅପମାନିତ କରାଯାଉଛି। ସେହିପରି ଭାଜପା ଏମ୍‌ପି ପୁନମ୍ ମହାଜନ କହିଥିଲେ, ରାହୁଲ ଗାନ୍ଧୀଙ୍କୁ ଭୁଲ୍ ଢଙ୍ଗରେ ଲାଳନପାଳନ କରାଯାଇଥିବା ତାଙ୍କ ଫ୍ଲାଇଂ କିସ୍‌ରୁ ସ୍ପଷ୍ଟ ହେଉଛି। ତାଙ୍କ ଭାବଭଙ୍ଗୀ ଅତ୍ୟନ୍ତ ଲଜ୍ଜାଜନକ ଥିଲା। ଜଣେ ଏମ୍‌ପି କିଭଳି ଭାଷା ବ୍ୟବହାର କରିବେ, ତାହା ସେ ଜାଣିବା ଉଚିତ ବୋଲି ପୁନମ କହିଥିଲେ। ତେବେ ରାହୁଲଙ୍କ ଏହି ଫ୍ଲାଇଂ କିସ୍ କୌଣସି ନିର୍ଦ୍ଦିଷ୍ଟ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ ନ ଥିଲା ବୋଲି କଂଗ୍ରେସ କହିଛି। ଲୋକ ସଭାରେ କଂଗ୍ରେସ ହ୍ୱିପ୍ ମନିକମ୍ ଟାଗୋର କହିଛନ୍ତି, ରାହୁଲ ମହିଳାମାନଙ୍କୁ ସମ୍ମାନ କରନ୍ତି। କିନ୍ତୁ ଇରାନୀ ରାହୁଲ-ଫୋବିଆରେ ଆକ୍ରାନ୍ତ। ସେ ଏଥିରୁ ମୁକ୍ତ ହେବା ଉଚିତ।

### ଚନ୍ଦ୍ରୟାନ-୩ ଚନ୍ଦ୍ରପୃଷ୍ଠ ...

ଇସ୍ରୋ କ୍ରମାଗତ ଭାବେ ଏହାର ଗତିବିଧି ଉପରେ ନଜର ରଖି ଆସିଛି। ଧୀରେ ଧୀରେ ଏହା ଚନ୍ଦ୍ରପୃଷ୍ଠ ନିକଟତର ହେବାରେ ଲାଗିଛି। ଇସ୍ରୋ ମୁଖ୍ୟ ଏସ୍. ସୋମନାଥ କହିଛନ୍ତି, ଚନ୍ଦ୍ରୟାନ-୩ କଠିନ ସ୍ଥିତି ଦେଇ ଗତି କରୁଛି। କିନ୍ତୁ ଫଳାଫଳ ବର୍ତ୍ତମାନ ସୁଦ୍ଧା ଉତ୍ସାହଜନକ ରହିଛି। ସେ କହିଛନ୍ତି ଚନ୍ଦ୍ରୟାନ-୨ର ଅନୁଭୂତି ଆମକୁ ବହୁତ କିଛି ଶିଖାଇଛି। ଯାହା ଚନ୍ଦ୍ରୟାନ-୩ରେ ଅଧିକ ସୁଦୃଢ଼ କରିବାରେ ସହାୟକ ହୋଇଛି। ବର୍ତ୍ତମାନ ସୁଦ୍ଧା ଏହା ଠିକ ମାର୍ଗରେ ଯାଉଛି। ପୃଷ୍ଠଭାଗରେ ଏହା ଅବତରଣ କରିବା ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଚଳିତଥର ଏହାକୁ ଅଧିକ ବିକଶିତ କରାଯିବା ସହ ଭଲ ଫଳାଫଳ ଯେପରି ଦେବ, ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି।

### ଗାଡ଼ି ଧକ୍କାରେ କଲରାପତରିଆ...

ବାଘ ଭଞ୍ଜନଗର ସହରଠାରୁ ପ୍ରାୟ ୧୦ କିମି ଦୂର ଭଞ୍ଜନଗର-ଫୁଲବାଣୀ ଜାତୀୟ ରାଜପଥର ବୁଦୁଲି ପାଇପ୍ ଫ୍ୟାକ୍ଟ୍ରି ନିକଟରେ ରାସ୍ତା ପାର ହେଉଥିଲା । ଏହି ସମୟରେ କୌଣସି ଗାଡ଼ି ବାଘକୁ ଧକ୍କା ଦେଇ ଚାଲିଯାଇଥିଲା। ବାଘଟି ରାଜପଥ ଉପରେ ପଡ଼ି ଗର୍ଜନ କରିବା ସହ ଛଟପଟ ହେଉଥିଲା । ଉକ୍ତ ରାସ୍ତାରେ ଯାଉଥିବା ଲୋକେ ଦେଖି ଡିଏଫଓ ସୁଦର୍ଶନ ବେହେରାଙ୍କୁ ଖବର ଦେଇଥିଲେ। ଏହାପରେ ଡିଏଫଓ ବେହେରା, ମୁଜାଗଡ଼ ରେଞ୍ଜର ବିମ୍ବାଧର ସାହୁ, କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ବନପାଳ ବଂଶୀଧର ବିଷୋୟୀ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଆହତ ବାଘକୁ ଉଦ୍ଧାର କରି ଚିକିତ୍ସା ପାଇଁ ଭଞ୍ଜନଗର ପ୍ରାଣୀ ଚିକିତ୍ସାଳକୁ ଆଣିଥିଲେ। ବାଘର ଚିକିତ୍ସା ଚାଲିଥିବା ବେଳେ ରାତି ପ୍ରାୟ ସାଢ଼େ ୩ଟାରେ ବାଘଟିର ମୃତ୍ୟୁ ହୋଇଥିଲା। ବୁଧବାର ଅପରାହ୍ନରେ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଭଞ୍ଜନଗର ତହସିଲଦାର ଅଚ୍ୟୁତାନନ୍ଦ ଜାନି, ବ୍ରହ୍ମପୁର ଡିଏଫଓ ଆର.ଆର.ପଟ୍ଟନାୟକ, ଡିଏଫଓ ସୁଦର୍ଶନ ବେହେରା, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ବିନୋଦ ଆଚାର୍ଯ୍ୟ, ଏସିଏଫ୍ ବିକ୍ରମ ଦେବ ପଟ୍ଟନାୟକ, ପ୍ରଭାକର ନାୟକ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୁଳପାଣି ଶତପଥୀ, ଅନୁପମ ବାନାର୍ଜି ପ୍ରମୁଖଙ୍କ ଉପସ୍ଥିତିରେ ବାଘର ବ୍ୟବଚ୍ଛେଦ କରାଯାଇଥିଲା । ଭଞ୍ଜନଗର ପ୍ରାଣୀ ଚିକିତ୍ସାଧିକାରୀ ଡା. ନିଶିକାନ୍ତ ବଳ, ତାରସିଂ ଭିଏସ୍ ଡା.ବିଜୟିନୀ ପଣ୍ଡା, ବେଲଗୁଣ୍ଠା ଭିଏସ୍ ଡା. ରାକେଶ ପତି ପ୍ରମୁଖ ବାଘଟିର ବ୍ୟବଚ୍ଛେଦ କରିଥିଲେ ।

### ବାପାଙ୍କୁ ଫାଶୀ, ପୁଅଙ୍କୁ ...

ଥାନାରେ ୧୭୫/୨୦ ନମ୍ବରରେ ମାମଲା ରୁଜୁ ହୋଇଥିଲା। ଖବର ପାଇ କୁଚିଣ୍ଡା ତତ୍କାଳୀନ ଏସ୍‌ଡିପିଓ ରାଜ କିଶୋର ମିଶ୍ର ଓ ମହୁଲପାଲି ଆଇଆଇସି ଜ୍ୟୋତ୍ସ୍ନାରାଣୀ ବେହେରା ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତ ବାପାପୁଅଙ୍କୁ ଗିରଫ କରିବା ସହ ହତ୍ୟାରେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଥିଲେ। ଫୋରେନସିକ୍ ଟିମ୍ ମଧ୍ୟ ପହଞ୍ଚି ତଦନ୍ତ କରିଥିଲା। ତତ୍କାଳୀନ ଏସ୍‌ପି ସିଂ ଘଟଣାସ୍ଥଳ ପରିଦର୍ଶନ କରି ଅପରାଧର ଗମ୍ଭୀରତାକୁ ଦେଖି ରେଡ୍‌ଫ୍ଲାଗ ବର୍ଗରେ ତାଲିକାଭୁକ୍ତ କରିଥିଲେ। ସୂଚନାଯୋଗ୍ୟ, କୁଚିଣ୍ଡା ଅତିରିକ୍ତ ଜିଲା ଜଜ୍ କୋର୍ଟରେ ଏହା ତୃତୀୟ ଫାଶୀ ଦଣ୍ଡାଦେଶ। ଗୋବିନ୍ଦପୁର ଥାନା ମିଟୁପଡାରେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ କୁଚିଣ୍ଡା କୋର୍ଟରେ ୨୦୦୯ ମସିହାରେ ଫାଶୀ ଦଣ୍ଡାଦେଶ ହୋଇଥିଲା । ତତ୍କାଳୀନ ଅତିରିକ୍ତ ଜିଲାଜଜ୍ ସରୋଜ ପତି ମାମଲାର ଶୁଣାଣି କରି ଅଭିଯୁକ୍ତ ଅର୍ଜୁନ ତେଲିଙ୍କୁ ଫାଶୀଦଣ୍ଡ ଶୁଣାଇଥିଲେ। ପରବର୍ତ୍ତୀ ସମୟରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଆଜୀବନ କାରାଦଣ୍ଡ ଭୋଗୁଛନ୍ତି। ସେହିପରି ଜମନକିରା ଥାନା ଅଞ୍ଚଳରେ ନାବାଳିକା ହତ୍ୟା ମାମଲାରେ ୨୦୧୦ ମସିହାରେ ତତ୍କାଳୀନ ଅତିରିକ୍ତ ଜିଲାଜଜ୍ ସରୋଜ ପତି ରାୟ ଶୁଣାଇ ଅଭିଯୁକ୍ତ ଶ୍ରୀ ହେମ୍ରମଙ୍କୁ ଫାଶୀଦଣ୍ଡ ଦେଇଥିଲେ। ଏ ସମ୍ପର୍କରେ ସରକାରୀ ଓକିଲ ରବୀନ୍ଦ୍ର ନାଏକ କହିଛନ୍ତି, ଅଭିଯୁକ୍ତ ପ୍ରଥମେ ବିଲରେ ଗିରିଧାରୀ ଏବଂ ପରେ ପୀରବତୀ ଓ ସାବିତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଥିଲେ। ସାବିତ୍ରୀଙ୍କ ପୁଅ ସଚିନ ଓ ଝିଅ ଇପ୍‌ସିତାଙ୍କ ଆଖି ଆଗରେ ହତ୍ୟାକାଣ୍ଡ ଘଟିଥିଲା। ଘଟଣାରେ ସାବିତ୍ରୀଙ୍କ ଭଉଣୀ ଓ ଝିଅପୁଅ ସାକ୍ଷୀ ରହିଥିବା ବେଳେ ଗିରିଧାରୀଙ୍କୁ ହତ୍ୟା ବେଳେ ଗ୍ରାମର ଜଣେ ଚାଷୀ ସାକ୍ଷୀ ରହିଥିଲେ। ବ୍ୟବଚ୍ଛେଦ ରିପୋର୍ଟ, ସାଇଣ୍ଟିଫିକ ରିପୋର୍ଟ ଓ ପ୍ରମାଣ ଅଭିଯୁକ୍ତଙ୍କୁ ଦଣ୍ଡ ଦେବା ପାଇଁ ଯଥେଷ୍ଟ ହୋଇଥିଲା।

### ଦୋଷ ଅସ୍ୱୀକାର ...

କୋର୍ଟରେ ଆବେଦନ କରିଥିଲେ। ଏହାର ଶୁଣାଣି ଅଗଷ୍ଟ ୨୧ରେ ହେବ। ଆଇନଜୀବୀ ସ୍ୱାଇଁ କହିଛନ୍ତି, ଅଭିଯୁକ୍ତ ଗୋପାଳଙ୍କ ଉପରେ ଯାହା ଚାର୍ଜଫ୍ରେମ କରାଯାଇଛି ତାହା ହଟାଇବାକୁ ଅନୁରୋଧ କରାଯାଇଛି। ପରବର୍ତ୍ତି ସମୟରେ ହାଇକୋର୍ଟ ଓ ସୁପ୍ରିମକୋର୍ଟ ଯାଇ ଡିସ୍‌ଚାର୍ଜ ଆବେଦନ କରାଯିବ। ସରକାରୀ ଓକିଲ ନାଏକ କହିଛନ୍ତି, ଗୋପଳ ମାନସିକ ରୋଗୀ ହୋଇଥିବାରୁ ପୂର୍ବରୁ ଔଷଧ ଖାଉଥିଲେ। ଏବେ ମଧ୍ୟ ସେ ଜେଲ ଭିତରେ ଔଷଧ ଖାଉଛନ୍ତି ବୋଲି କହିଥିଲେ। ପୂର୍ବରୁ ଗୋପାଳ ଜୁଲାଇ ୧୩ରେ ଜେଏମ୍‌ଏଫ୍‌ସି କୋର୍ଟ ଓ ଜୁଲାଇ ୨୭ରେ ଅତିରିକ୍ତ ଜିଲାଜଜ୍ କୋର୍ଟରେ ହାଜର ହୋଇଥିଲେ। ସୂଚନାଯୋଗ୍ୟ, ଜାନୁୟାରୀ ୨୯ରେ ପୂର୍ବତନ ମନ୍ତ୍ରୀ ନବ ଦାସ ଝାରସୁଗୁଡା ଜିଲା ବ୍ରାଜରାଜନଗର ଗସ୍ତରେ ଯାଇଥିବା ବେଳେ ଗାନ୍ଧୀ ଛକରେ ତତ୍କାଳୀନ ପୋଲିସ ଏଏସ୍‌ଆଇ ଗୋପାଳ ଦାସ ନିଜ ସର୍ଭିସ ବନ୍ଧୁକରୁ ଗୁଳି କରି ହତ୍ୟା କରିଥିଲେ। ଏହାପରେ ପୋଲିସ ତାଙ୍କୁ ଗିରଫ କରିଥିଲା। ରାଜ୍ୟ ସରକାର ଏହାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲ। ହତ୍ୟାକାଣ୍ଡର ୧୧୮ଦିନ ପରେ କ୍ରାଇମବ୍ରାଞ୍ଚ ୫୩୪ ପୃଷ୍ଠାର ଚାର୍ଜଶିଟ ଦାଖଲ କରିଛି। ଏଥିରେ ୮୯ ଜଣଙ୍କ ସାକ୍ଷ ଓ ଜେରା କରାଯାଇଥିବା ରିପୋର୍ଟ ରହିଥିଲା। ବ୍ୟକ୍ତିଗତ ଆକ୍ରୋଶ ରଖି ନବଙ୍କୁ ଗୋପାଳ ହତ୍ୟା କରିଥିବା ମଧ୍ୟ ଚାର୍ଜଶିଟରେ ଉଲ୍ଲେଖ ରହିଥିଲା। ଘଟଣାକୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ କ୍ରାଇମବ୍ରାଞ୍ଚ ହତ୍ୟାର ରହସ୍ୟ ଉନ୍ମୋଚନ କରିପାରି ନାହିଁ।

### ଏଏସ୍‌ଓ ଚୟନ ପ୍ରକ୍ରିୟାରେ ...

ଆରମ୍ଭରୁ ବିବାଦରେ ରହିଥିବା ଏଏସ୍‌ଓ ପରୀକ୍ଷାକୁ ନେଇ କେତେଜଣ ପ୍ରାର୍ଥୀ ଧାରଣା ଦେଇଥିଲେ। ଏନେଇ ହାଇକୋର୍ଟରେ ଏକାଧିକ ମାମଲା ରୁଜୁ ହୋଇଥିଲା। ହାଇକୋର୍ଟ ପୂର୍ବ ମେଧା ତାଲିକା ଖାରଜ କରି ନୂତନ ମେଧା ତାଲିକା ପ୍ରସ୍ତୁତ କରିବାକୁ ଓପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ପୁଣି କେତେଜଣ ପରୀକ୍ଷାର୍ଥୀ ଏକ ରିଟ୍ ପିଟିଶନ୍ ଦାଖଲ କରି ଦର୍ଶାଇଥିଲେ, ଏଏସ୍‌ଓ ପରୀକ୍ଷା ଅନିୟମିତତା ଯୋଗୁ ଆମେ ପ୍ରଭାବିତ ହୋଇଛୁ। ହାଇକୋର୍ଟ ଉକ୍ତ ମାମଲାରେ ଆମ୍ଭମାନଙ୍କ ଆବେଦନର ଶୁଣାଣି ନ କରି ରାୟ ପ୍ରକାଶ କରିଥିବାରୁ ଆମକୁ ଏହି ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ଅନୁମତି ଦିଆଯାଉ ବୋଲି ପ୍ରାର୍ଥନା କରିଥିଲେ। ଦୁଇଟିଯାକ ମାମଲାକୁ ଏକତ୍ର ଶୁଣାଣି ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଗତ ଜୁଲାଇ ୩୧ ତାରିଖରେ ହାଇକୋର୍ଟରେ ଉଭୟ ରିଟ୍ ପିଟିଶନ୍ ଓ ରିଭ୍ୟୁ ପିଟିଶନ୍‌ର ଏକତ୍ର ଶୁଣାଣି କରାଯାଇଥିଲା। ହାଇକୋର୍ଟ ପୂର୍ବ ନିର୍ଦ୍ଦେଶକୁ କାଏମ ରଖିବା ସହ ଦୁଇଟିଯାକ ପିଟିଶନ୍‌କୁ ଖାରଜ କରିଦେଇଥିଲେ। ଏଏସ୍‌ଓ ନିଯୁକ୍ତି ନିମନ୍ତେ ଅନୁଷ୍ଠିତ ପରୀକ୍ଷାଫଳ ପ୍ରକାଶରେ ଅନିୟମିତତା ହୋଇଥିବା ମାମଲାର ଶୁଣାଣି ଗତ ମେ' ୧୯ ତାରିଖରେ ହୋଇଥିଲା। ସେହି ଶୁଣାଣିରେ ହାଇକୋର୍ଟ ଏଏସ୍‌ଓ ନିଯୁକ୍ତି ନେଇ ଓପିଏସ୍‌ସି ଦ୍ୱାରା ପ୍ରକାଶିତ ମେଧା ତାଲିକାକୁ ଖାରଜ କରିଥିଲେ। ଏଥିସହ ଆଗାମୀ ୨ ମାସ ମଧ୍ୟରେ ସାନି ମେଧା ତାଲିକା ପ୍ରକାଶ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଓପିଏସ୍‌ସି ଏହି ନିର୍ଦ୍ଦେଶ କାର୍ଯ୍ୟକାରୀ ନ କରିବାରୁ କେତେଜଣ ପରୀକ୍ଷାର୍ଥୀ ଓପିଏସ୍‌ସି ବିରୋଧରେ ହାଇକୋର୍ଟରେ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

### ଅକ୍ଟୋବର ୧୪ରେ...

ନେଦରଲାଣ୍ଡ ବିପକ୍ଷ ମ୍ୟାଚ ମଧ୍ୟ ପୁନଃନିର୍ଦ୍ଧାରିତ ହୋଇଛି। ଏହା ପ୍ରକୃତରେ ନଭେମ୍ବର ୧୧ରେ ହେବାର ଥିଲା, ମାତ୍ର ବର୍ତ୍ତମାନ ଏହା ୧୨ତାରିଖରେ ବେଙ୍ଗାଲୁରୁରେ ହେବ ବୋଲି ଧାର୍ଯ୍ୟ କରାଯାଇଛି। ପ୍ରକାଶଯୋଗ୍ୟ, ଭାରତ-ପାକିସ୍ତାନ ମ୍ୟାଚ ଅକ୍ଟୋବର ୧୫ରେ ହେବ ବୋଲି ପୂର୍ବରୁ ଧାର୍ଯ୍ୟ କରାଯାଇଥିଲା। ମାତ୍ର ଏହି ଦିନ ହିନ୍ଦୁ ପର୍ବ ନବରାତ୍ରିର ପ୍ରଥମ ଦିବସ ହୋଇଥିବାରୁ ସିକ୍ୟୁରିଟି ଏଜେନ୍ସିଗୁଡ଼ିକ ପର୍ଯ୍ୟାପ୍ତ ନିରାପତ୍ତା ଯୋଗାଇ ଦେବାକୁ ଅସମର୍ଥ ପ୍ରକାଶ କରିଥିଲେ। ଫଳରେ ମ୍ୟାଚ ଗୋଟିଏ ଦିନ ଆଗୁଆ କରିବା ପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ଆଇସିସି ଗ୍ରହଣ କରିଛି। ଫଳସ୍ୱରୂପ ଅକ୍ଟୋବର ୧୪ରେ ନୂଆଦିଲ୍ଲୀରେ ହେବାକୁଥିବା ଇଂଲଣ୍ଡ-ଆଫଗାନିସ୍ତାନ ମ୍ୟାଚ ୨୪ ଘଣ୍ଟା ପରେ ଅର୍ଥାତ୍ ଅକ୍ଟୋବର ୧୫ରେ ଅନୁଷ୍ଠିତ ହେବ। ଭାରତ ବିପକ୍ଷ ମ୍ୟାଚ ପୂର୍ବରୁ ପାକିସ୍ତାନ ଅଧିକ ସମୟ ଆବଶ୍ୟକ କରୁଥିବାରୁ ଏହାର ଶ୍ରୀଲଙ୍କା ବିପକ୍ଷ ମ୍ୟାଚକୁ ମଧ୍ୟ ପୁନଃନିର୍ଦ୍ଧାରିତ କରାଯାଇଛି। ଅର୍ଥାତ୍ ଅକ୍ଟୋବର ୧୧ରେ ହାଇଦ୍ରାବାଦରେ ହେବାକୁଥିବା ଏହି ମ୍ୟାଚ ଅକ୍ଟୋବର ୧୦ରେ ହେବ। ସେହିଦିନ ଇଂଲଣ୍ଡ-ବାଂଲାଦେଶ ମ୍ୟାଚ ଧର୍ମଶାଳାରେ ଦିବାରାତ୍ର ହେବାକୁଥିଲା। ମାତ୍ର ଏହାକୁ ଏବେ ଦିବା ବିଶିଷ୍ଟ କରାଯାଇଛି ଅର୍ଥାତ୍ ଏହା ପୂର୍ବାହ୍ନ ୧୦ଟା ୩୦ରେ ଆରମ୍ଭ ହେବ। ସେହିପରି ଅନ୍ୟତମ ହାଇ ପ୍ରୋଫାଇଲ ଇଂଲଣ୍ଡ-ପାକିସ୍ତାନ ମ୍ୟାଚ ନଭେମ୍ବର ୧୨ ତାରିଖ ପରିବର୍ତ୍ତେ ୧୧ ତାରିଖରେ ଖେଳାଯିବ। ହିନ୍ଦୁଙ୍କର ଅନ୍ୟତମ ବଡ଼ ପର୍ବ କାଳୀପୂଜା ନଭେମ୍ବର ୧୨ରେ ପଡୁଛି। ବେଙ୍ଗଲରେ ଏହାକୁ ଧୁମ୍‌ଧାମରେ ପାଳନ କରାଯାଇଥାଏ। ତେଣୁ ନିରାପତ୍ତା ଦୃଷ୍ଟିରୁ କୋଲକାତା ପୋଲିସ ମ୍ୟାଚ ତାରିଖ ପରିବର୍ତ୍ତନ କରିବାକୁ ଅନୁରୋଧ କରିଥିଲା। ନ୍ୟୁଜିଲାଣ୍ଡ-ବାଂଲାଦେଶ ମ୍ୟାଚ ଅକ୍ଟୋବର ୧୪ରେ ଚେନ୍ନାଇରେ ଦିବା ବିଶିଷ୍ଟ ହେବ ବୋଲି ସ୍ଥିର ହୋଇଥିଲା। ଏବେ ତାକୁ ୧୩ ତାରିଖକୁ ଧାର୍ଯ୍ୟ କରାଯାଇଛି ଏବଂ ଏହା ଦିବାରାତ୍ର ବିଶିଷ୍ଟ ହେବ। ପୂର୍ବ କାର୍ଯ୍ୟସୂଚୀ ତୁଳନାରେ ଅଷ୍ଟ୍ରେଲିଆ ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଅକ୍ଟୋବର ୧୨ରେ ଲକ୍ଷ୍ନୌରେ ଦକ୍ଷିଣ ଆଫ୍ରିକାକୁ ଭେଟିବ। ପରିବର୍ତ୍ତିତ ମ୍ୟାଚଗୁଡ଼ିକର ଭେନ୍ୟୁ କିନ୍ତୁ ଅପରିବର୍ତ୍ତିତ ରହିଛି। ପ୍ରକାଶଯୋଗ୍ୟ, ଭାରତ ଆସି ଦିନିକିଆ ବିଶ୍ୱକପ୍ ଖେଳିବା ପାଇଁ ପାକିସ୍ତାନ କ୍ରିକେଟ ଦଳକୁ ଏହାର ସରକାରଙ୍କ ପକ୍ଷରୁ ଅନୁମତି ମିଳିସାରିଛି।

#### ଟିକେଟ ବିକ୍ରି

ଚଳିତ ମାସ ୨୫ ତାରିଖରୁ ଟିକେଟ ବିକ୍ରି ଆରମ୍ଭ ହେବ। ଭାରତ ସମ୍ପୃକ୍ତଥିବା ମ୍ୟାଚଗୁଡ଼ିକ ପାଇଁ କିନ୍ତୁ ଅଗଷ୍ଟ ୩୦ରୁ ଟିକେଟ ଉପଲବ୍ଧ ହେବ। ସେମିଫାଇନାଲ ଓ ଫାଇନାଲ ପାଇଁ ଟିକେଟ ସେପ୍ଟେମ୍ବର ୧୫ରେ ବିକ୍ରି ହେବ।

### ମନଇଚ୍ଛା ସମ୍ପତ୍ତି ବିକିପାରିବେ...

ସମବାୟ ଆଇନର ଥିବା ଧାରା ୧୨୩-(କ )କୁ ପ୍ରୟୋଗ କରି ସମବାୟ ସମିତିଗୁଡ଼ିକ ଆଉ ପୂର୍ବଭଳି ମନଇଚ୍ଛା ସମିତିର ସ୍ଥାବର ସମ୍ପତ୍ତି ବିକ୍ରି କିମ୍ବା ଲିଜ୍‌ରେ ଦେଇପାରିବେ ନାହିଁ। ଏହା ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏକ କମିଟିଠାରୁ ଅନୁମତି ନେବାକୁ ପଡ଼ିବ। କମିଟି ନିର୍ଦ୍ଦେଶନାମା ଜାରି କରିବା ପରେ ସମିତି ସମ୍ପୃକ୍ତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍‌ରେ ଦେଇପାରିବେ। ତେବେ ଯେଉଁ ସମବାୟ ସମିତିଗୁଡ଼ିକ ନିଜ ଅର୍ଥରେ ସର୍ବସାଧାରଣ ନିଲାମ ଜରିଆରେ ସମ୍ପତ୍ତି ଅଧିଗ୍ରହଣ କରିଥିବେ ଏବଂ ସେଥିରେ ସରକାରଙ୍କ କୌଣସି ଅଂଶଧନ ନ ଥିବ କିମ୍ବା ସେମାନେ ସରକାରଙ୍କଠାରୁ କୌଣସି ପ୍ରକାର ସହାୟତା ଗ୍ରହଣ କରୁ ନ ଥିବେ ସେହିସବୁ ସମିତି ପାଇଁ ଏହି ନୂଆ କଟକଣା ଲାଗୁ ହେବନାହିଁ। ସମବାୟ ବିଭାଗ ପକ୍ଷରୁ ଜାରି ହୋଇଥିବା ଏହି ନୂତନ ଆଇନଗତ କଟକଣା ଫଳରେ ଅନେକ ସମବାୟ ସମିତିର ସମ୍ପତ୍ତିବାଡ଼ି ବିକ୍ରିରୁ ରକ୍ଷା ପାଇଯିବ ବୋଲି ମତପ୍ରକାଶ ପାଇଛି।

### ଡିଗ୍ରୀ କଲେଜ ଭିତ୍ତିଭୂମିର ...

ଏହାଦ୍ୱାରା ଛାତ୍ରୀଛାତ୍ରଙ୍କ ପାଇଁ ସାମଗ୍ରିକ ଶିକ୍ଷଣ ସୁବିଧା ଓ କ୍ୟାମ୍ପସଗୁଡ଼ିକରେ ଶୈକ୍ଷିକ ପରିବେଶ ବୃଦ୍ଧି ପାଇଁ ଯୋଜନା ପ୍ରସ୍ତୁତ ହୋଇପାରିବ। ଏହାକୁ ଦୃଷ୍ଟିରେ ରଖି ଶିକ୍ଷାନୁଷ୍ଠାନର ଗଭର୍ଣ୍ଣିଂ ବଡି ବା ପରିଚାଳନା କମିଟି ସହିତ ଅଧକ୍ଷମାନେ କଲେଜରେ ଉପଲବ୍ଧ ଥିବା ଭିତ୍ତିଭୂମିର ମୂଲ୍ୟାୟନ କରିବେ। ଏଥିସହ କିଛି ମୌଳିକ ଆବଶ୍ୟକତା ଥିଲେ ଗୁଗଲ୍ ସିଟ୍ ଫର୍ମାଟ୍‌ରେ ତାହା ଜଣାଇବେ। ଆସନ୍ତା ୧୪ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ସୂଚନା ଗୁଗଲ୍ ସିଟ୍‌ରେ ଦାଖଲ କରିବାକୁ ବୁଧବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସମସ୍ତ ଡିଗ୍ରୀ କଲେଜ ଏବଂ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ଅଧକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ପ୍ରତ୍ୟେକ କ୍ଷେତ୍ରରେ କିଛି ସମସ୍ୟା ଅବଶ୍ୟ ଲାଗି ରହିବ, କିନ୍ତୁ କିଛି ଅସୁବିଧା ହେବନାହିଁ। ଅଫିସରେ କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ। ଆର୍ଥିକ ସଙ୍କଟ ଥିଲେ ମଧ୍ୟ ନୂତନ ଯୋଜନା ଆରମ୍ଭ କରିବା ସକାଶେ ମନ ବଳାଇବେ। ଆକସ୍ମିକ ସମସ୍ୟା ହେତୁ ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ରହିପାରେ।

**ବୃଷ** ଆଜି ପାରିବାରିକ କ୍ଷେତ୍ରରେ ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବାକୁ ବାଧ ହେବେ। ସାମାଜିକ ସ୍ତରରେ ସମ୍ମାନ ପାଇବେ କିନ୍ତୁ ଅନ୍ୟମାନେ ପରୋକ୍ଷରେ ବିରୁଦ୍ଧାଚରଣ କରିପାରନ୍ତି। ବୁଦ୍ଧି ବଳ ପ୍ରୟୋଗ କରି କର୍ମକ୍ଷେତ୍ରରେ ଶୃଙ୍ଖଳା ରକ୍ଷା କରିବେ। କଳା, ସାହିତ୍ୟରେ ଉନ୍ନତି କରିବେ ଓ ପ୍ରଶଂସିତ ମଧ୍ୟ ହେବେ।

**ମିଥୁନ** ଆଦୌ ଭଲ ସମ୍ପର୍କ ନ ଥିବା କୌଣସି ବ୍ୟକ୍ତି ସମସ୍ୟାକୁ ବଢ଼ାଇ ଦେଇପାରନ୍ତି। ସମସ୍ୟା ଆସିଲେ ମଧ୍ୟ ପୂର୍ବ ଯୋଜନା ଅନୁଯାୟୀ କର୍ମ କରିବାରେ ସମର୍ଥ ହେବେ ଓ କାମ ମଧ୍ୟ ଅଟକିବ ନାହିଁ। ପୁରୁଣା କଥାକୁ ବେଶି ଦୋହରାଇବା ଠିକ୍ ହେବନି, ଯାହା କି କଳହର କାରଣ ହୋଇପାରେ। ପୁରାତନ ରୋଗର ପୀଡ଼ା ସାମୟିକ ମନକୁ ବିଷାଦିତ କରିବ।

**କର୍କଟ** ଆଜି ଯାହା କରନ୍ତୁ ନା କାହିଁକି, ସବୁ କାମ ସହଜ ଓ ସୁବିଧାରେ ସମ୍ପନ୍ନ କରିବେ। ବ୍ୟବସାୟରେ ଲାଭବାନ ହେବେ, ମାତ୍ର ଆଶାନୁରୂପ ନ ହୋଇପାରେ। କର୍ମାରମ୍ଭ ପ୍ରୀତିପ୍ରଦ ହେବ, ମାତ୍ର ଏଥିପାଇଁ ବହୁତ ଶ୍ରମ ଓ ସମୟ ବିନିଯୋଗ କରିବାକୁ ପଡ଼ିବ। ସାମାଜିକ ସ୍ତରରେ ଗଠନ ମୂଳକ ପ୍ରେରଣା ଦେଇ ବନ୍ଧୁମାନଙ୍କ ମଧ୍ୟରେ ପ୍ରଶଂସିତ ହେବେ।

**ସିଂହ** ଗତକାଲିଠାରୁ ଆପଣ ଯାହା ପାଇବାକୁ ଇଚ୍ଛା କରୁଛନ୍ତି ତାହା ନିଶ୍ଚିତ ମିଳିବ। ଆଜି ଇଚ୍ଛା ନ ଥାଇ ମଧ୍ୟ ମାତ୍ରାଧିକ ଭ୍ରମଣ ଯୋଗୁ କ୍ଲାନ୍ତି ଅନୁଭବ କରିବେ। କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ପ୍ରଶାସନିକ ପରିଚାଳନାଗତ ସମସ୍ୟା ବୃଦ୍ଧି ପାଇବ।

**କନ୍ୟା** ବିଳମ୍ବିତ ସମୟରେ କାମ ସମ୍ପନ୍ନ ହେବାରୁ ମନରେ ସରସତା ରହିବ ନାହିଁ। ବିଳାସ ଉପକରଣ କିଣିବା ସକାଶେ ଘରୁ ବରାଦ ପାଇ ପାରନ୍ତି। ବିବାଦୀୟ କଥାରେ ମୁଣ୍ଡ ନ ପୂରାଇଲେ କାରଣ ନ ଥାଇ ଅନ୍ୟମାନେ ଆପଣଙ୍କୁ ଦୋଷ ଦେଇପାରନ୍ତି। ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡ଼ିବ ନାହିଁ।

**ତୁଳା** କର୍ମକ୍ଷେତ୍ରରେ ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ। ଅଭିଳାଷ ପୂରଣ ଦିଗରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ମନ ଭଲ ନ ଥିଲେ ମଧ୍ୟ ଖର୍ଚ୍ଚାନ୍ତ ହୋଇ କାମକୁ ବଢ଼ାଇ ନେବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବ।

**ବିଛା** ବନ୍ଧୁମାନଙ୍କ ସହ ଆଜିର ସକାଳୁଆ ଯାତ୍ରା ମନକୁ ଆହ୍ଲାଦିତ କରିବ। କର୍ମକ୍ଷେତ୍ରରେ ଅନ୍ୟମନସ୍କ କାରଣରୁ କିମ୍ବା ଅସାବଧାନତା ହେତୁ ଟଙ୍କା ପଇସା ହଜି ଯାଇପାରେ। ସାମାଜିକ ସ୍ତରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ। କଳା, ସାହିତ୍ୟ ଓ ସଂଗୀତରେ ସୁନାମ ଅର୍ଜନ କରିବେ।

**ଧନୁ** ପ୍ରତ୍ୟେକ କ୍ଷେତ୍ରରେ ଭଲ ବ୍ୟବହାର ପ୍ରଦର୍ଶନ କରି ସମସ୍ତଙ୍କର ପ୍ରିୟପାତ୍ର ହେବେ। ଆଲୋଚନା ପରିସରରେ ବନ୍ଧୁଙ୍କ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ ହେବେ। ବନ୍ଧୁଙ୍କ ଜରିଆରେ ବକେୟା ଆଦାୟରେ ସକ୍ଷମ ହେବେ, କିନ୍ତୁ ଏଥିପାଇଁ ଟଣା ଓଟରା ଲାଗିବ। ବାରମ୍ବାର ଡାକ୍ତରଙ୍କ ପରାମର୍ଶ ପାଇଁ ଦୌଡ଼ିବାକୁ ପଡ଼ିପାରେ।

**ମକର** ଆଜି ସକାଳୁ ସକାଳୁ କୌଣସି ବନ୍ଧୁ କିମ୍ବା ହିତୈଷୀଙ୍କ ଦର୍ଶନ ପାଇଁ ମନ ଛଟପଟ ହୋଇପାରେ। ସାମାନ୍ୟ ଥଣ୍ଡାଜନିତ କାରଣରୁ ଦେହଟା ଭଲ ଲାଗିବ ନାହିଁ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। କେତେକ କ୍ଷେତ୍ରରେ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**କୁମ୍ଭ** ନିଜର ଅସହାୟତାକୁ ଚିନ୍ତାକରି କେତେକ କ୍ଷେତ୍ରରେ ନିଜକୁ ନ୍ୟୂନ ମନେକରିପାରନ୍ତି। ଶତଭିଷା ନକ୍ଷତ୍ର ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ଅସଂଗତି ଲକ୍ଷ୍ୟକଲେ ମଧ୍ୟ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ। କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି।

**ମୀନ** ହଠାତ୍ ଉପରିସ୍ଥଙ୍କ ଚାପରେ ବାହାରକୁ ଯିବାକୁ ପଡ଼ିପାରେ। ପାରିବାରିକ ସମସ୍ୟା ବିଷୟରେ ଗୁଡ଼ାଏ ଚିନ୍ତା କରି ମନକୁ ଭାରାକ୍ରାନ୍ତ କରନ୍ତୁ ନାହିଁ। ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ। ଅସୁବିଧା ନ ହେଲେ ମଧ୍ୟ କେତେକ କ୍ଷେତ୍ରରେ ବୃଥା ଆଶଙ୍କା କରି ମନ ଅସ୍ଥିର ରହିବ।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ଦଶମୀ ଗୁରୁବାର, ଅଗଷ୍ଟ ୧୦ ତାରିଖ। ରାଶି ନକ୍ଷତ୍ର-ରୋହିଣୀ/ବୃଷ, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୮ମି. ଗତେ ଘ.୦୭.୧୧ମି. ମଧ୍ୟେ, ଘ.୧୦.୩୫ମି. ଗତେ ଘ.୦୧.୦୮ମି. ମଧ୍ୟେ ଶୁଦ୍ଧଶୁଭ ବେଳା। ଦିବା, ଘ.୦୧.୨୭ମି. ଗତେ ଘ.୦୩.୦୩ମି. ମଧ୍ୟେ ରାହୁକାଳ।

# ଅକ୍ଟୋବରରୁ ଅନ୍‌ଲାଇନ ପେନ୍‌ସନ ଆବେଦନ ବାଧ୍ୟତାମୂଳକ

## ବଜେଟ ଅନୁମୋଦିତ ଅର୍ଥରୁ ଅଧିକ ଖର୍ଚ୍ଚ କରିଥିବା ଅଧିକାରୀଙ୍କୁ ପ୍ରଧାନ ମହାଲେଖାକାରଙ୍କ ତାଗିଦ୍

ଭୁବନେଶ୍ୱର,୯।୮(ଅନିଲ ଦାସ)

ଆସନ୍ତା ଅକ୍ଟୋବର ପହିଲାରୁ ପେନ୍‌ସନ ଓ ଭବିଷ୍ୟନିଧି ଆବେଦନ ଅନ୍‌ଲାଇନ ମାଧ୍ୟମରେ ବାଧ୍ୟତାମୂଳକ ହେବ। ଆବେଦନକାରୀମାନେ କେବଳ ଅନ୍‌ଲାଇନ ଜରିଆରେ ଆବେଦନ କରିବେ। ସ୍ଥାନୀୟ ମଧୁସୂଦନ ଦାସ ଆଞ୍ଚଳିକ ବିତ୍ତୀୟ ପରିଚାଳନା ଏକାଡେମୀଠାରେ ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ଏବଂ ଓଡ଼ିଶା ସରକାରଙ୍କ ଅର୍ଥ ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରଧାନ ମହାଲେଖାକାର ଓଡ଼ିଶା ସରକାରଙ୍କ ବିତ୍ତୀୟ ପରାମର୍ଶଦାତା ଓ ଅତିରିକ୍ତ ପରାମର୍ଶଦାତାମାନଙ୍କର ଉଦ୍‌ଯାପନୀ କର୍ମଶାଳାରେ ଯୋଗଦେଇ ଅର୍ଥ ବିଭାଗ ପ୍ରମୁଖ ସଚିବ ଏହା କହିଛନ୍ତି।

ସେପ୍ଟେମ୍ବର ୧୫ ତାରିଖ ସୁଦ୍ଧା କର୍ମଚାରୀମାନଙ୍କର ଇ- ସେବା ପୁସ୍ତିକା ପ୍ରସ୍ତୁତ କରିବାକୁ ବିଭିନ୍ନ ବିଭାଗର ପେନ୍‌ସନ ମଞ୍ଜୁର ଅଧିକାରୀଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ ବିଶାଳ ଦେବ

### ବିଲ୍‌ର ହିସାବ ତୁରନ୍ତ ପୈଠ କର

ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଅଡିଟରମାନେ ଏଣିକି କେବଳ ଅଡିଟ ସମ୍ବନ୍ଧୀୟ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରଧାନ ମହାଲେଖାକାର ଅନନ୍ତ କିଶୋର ବେହେରାଙ୍କ ଅଧ୍ୟକ୍ଷତାରେ ଉଦ୍‌ଘାଟନୀ ସମାରୋହରେ ପ୍ରଧାନ ମହାଲେଖାକାର(ଅଡିଟ) ରାଜକୁମାର ମୁଖ୍ୟ ଅତିଥି, ଅର୍ଥ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ସୁରେଶ ଚନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ଉପମହାଲେଖାକାର ଶ୍ରୀରାଜ ଅଶୋକ ସ୍ୱାଗତ ଭାଷଣ ଦେବା ଅବସରରେ ରାଜ୍ୟ ସରକାରଙ୍କ ବିତ୍ତୀୟ ପରାମର୍ଶଦାତାମାନେ ସମ୍ମୁଖୀନ ହେଉଥିବା ବିତ୍ତୀୟ ସମସ୍ୟାର ସମାଧାନ ଉପରେ ଆଲୋକପାତ କରିଥିଲେ।

ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ବଜେଟରେ ଅନୁମୋଦିତ ଅର୍ଥଠାରୁ ଅଧିକ ଖର୍ଚ୍ଚ କରିଥିବା ବିଲ୍ ସବୁର ହିସାବ ବହୁଦିନ ଧରି ଦେଉନାହାନ୍ତି। ସେମାନେ ତୁରନ୍ତ ଏହାକୁ ଏଜି କାର୍ଯ୍ୟାଳୟରେ ପୈଠ କରିବାକୁ ଅର୍ଥ ବିଭାଗ ପଦକ୍ଷେପ ଗ୍ରହଣ କରିବାକୁ ମୁଖ୍ୟ ଅତିଥି ରାଜକୁମାର କହିଛନ୍ତି। ମହାଲେଖାକାର କାର୍ଯ୍ୟାଳୟକୁ ଆସୁଥିବା ପେନ୍‌ସନ ଓ ଭବିଷ୍ୟନିଧି ଆବେଦନ ଉପରେ ମାସେ ମଧ୍ୟରେ ତୁରନ୍ତ ଫଇସଲା କରାଯାଉଛି। କେତେକ ବିଭାଗର ଅଧିକାରୀ ବକେୟା ପରିଶୋଧ ପ୍ରମାଣପତ୍ର ଠିକ୍ ସମୟରେ ପ୍ରଦାନ କରୁ ନ ଥିବାରୁ ବହୁ ଆବେଦନକାରୀଙ୍କ ଗ୍ରାଚ୍ୟୁଇଟି ଅର୍ଥ ଠିକ୍ ସମୟରେ ପ୍ରଦାନ କରାଯାଇ ପାରୁନାହିଁ। ଏହା ଉପରେ ଦୃଷ୍ଟି ଦେବାକୁ ସେ ବିତ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ବିଭାଗ ନିର୍ଦ୍ଦେଶକ ଶ୍ରୀଧର୍ଥ ଦାସ, ରାଜ୍ୟ ଅର୍ଥ ବିଭାଗର ବଜେଟ ନିର୍ଦ୍ଦେଶକ ଏସ୍. ପି. ରଥ, ଯୁଗ୍ମ ଶାସନ ସଚିବ ନିହାର ରଞ୍ଜନ ପଣ୍ଡା, ବରିଷ୍ଠ ଲେଖା ଅଧିକାରୀ ପ୍ରବୀର କୁମାର ସାମଲ, ଚିତ୍ତରଞ୍ଜନ ପାତ୍ର, କୃଷ୍ଣ ଚନ୍ଦ୍ର ସାହୁ କର୍ମଶାଳାରେ ବଜେଟ, ଅନ୍‌ଲାଇନ ମାଧ୍ୟମରେ ଆକାଉଣ୍ଟସ, ବିଲ୍ ପ୍ରସ୍ତୁତି ଓ ଏଥିରେ ଉପୁଜିଥିବା ସମସ୍ୟାର ସମାଧାନ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନରେ ଭବିଷ୍ୟନିଧି ଓ ପେନ୍‌ସନ ସମ୍ବନ୍ଧୀୟ ବିଷୟ ଉପରେ ବରିଷ୍ଠ ଲେଖା ଅଧିକାରୀ ସରୋଜ କୁମାର ବେହେରା, ନିରଞ୍ଜନ ସେନାପତି, ବୃନ୍ଦାବନ ବେହେରା, ସହକାରୀ ଲେଖା ଅଧିକାରୀ କୈଳାସ ଚନ୍ଦ୍ର ପଣ୍ଡା, ବିମାନ ରଞ୍ଜନ ପଣ୍ଡିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଲେଖା ଅଧିକାରୀ ଅଶୋକ କୁମାର ମିଶ୍ର ସଂଯୋଜନା କରିଥିଲେ। କର୍ମଶାଳାରେ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ୬୬ ଜଣ ବିତ୍ତୀୟ ପରାମର୍ଶଦାତା ଯୋଗ ଦେଇଥିଲେ।

# ବାର୍‌ରେ କାମ କରୁଥିଲେ ଶୁଭଲକ୍ଷ୍ମୀ

### ହୋଟେଲରୁ ମୃତଦେହ ମିଳିବା ଘଟଣା

- ଆସିଲା ସିଡିଆର୍ ରିପୋର୍ଟ
- ଦୁଇଜଣଙ୍କୁ ପ୍ରେମ କରୁଥିଲେ ଶୁଭଲକ୍ଷ୍ମୀ
- ଅଙ୍କଲ୍‌ଙ୍କ ଭୂମିକାକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର,୯।୮(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅନ୍ତର୍ଗତ କଟକ ରୋଡ୍‌ସ୍ଥିତ ଦୀପାଳି ହୋଟେଲ ଆଣ୍ଡ୍ ବାର୍‌ର ରୁମ୍‌ରୁ ଭଦ୍ରକର ଶୁଭଲକ୍ଷ୍ମୀ ସାହୁ (୧୮)ଙ୍କ ମୃତଦେହ ମିଳିବା ଘଟଣାକୁ ବୁଧବାର ୫ଦିନ ବିତିଥିବା ବେଳେ ଏହାକୁ ନେଇ ଚର୍ଚ୍ଚା ଲାଗିରହିଛି। ମୃତା ଶୁଭଲକ୍ଷ୍ମୀ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଥିବା ବେଳେ ସେ ଏଭଳି ଚରମ ନିଷ୍ପତ୍ତି କାହିଁକି ନେଲେ ତାକୁ ନେଇ ରହସ୍ୟ ଉନ୍ମୋଚନ ହୋଇପାରିନାହିଁ। ଏ ସଂକ୍ରାନ୍ତରେ ବିଭିନ୍ନ ଦିଗକୁ ନେଇ ପ୍ରଶ୍ନ ଉଠୁଛି। ଏଭଳି ସ୍ଥିତିରେ ଶୁଭଲକ୍ଷ୍ମୀଙ୍କ ଜଣେ ଦୂର ସମ୍ପର୍କୀୟ ଅଙ୍କଲଙ୍କ ଭୂମିକାକୁ ନେଇ ଚର୍ଚ୍ଚା ହେଉଛି। ଶୁଭଲକ୍ଷ୍ମୀ ଏକ ବାର୍‌ରେ କାମ କରୁଥିଲେ ବୋଲି ସମ୍ପୃକ୍ତ ଅଙ୍କଲ କହିଛନ୍ତି।

ସମ୍ପୃକ୍ତ ଅଙ୍କଲ ଗଣମାଧ୍ୟମକୁ କହିଛନ୍ତି, ଶୁଭଲକ୍ଷ୍ମୀଙ୍କ ମା' ଓ ବାପାଙ୍କ କହିବା ପରେ ସେ ୨୦୨୧ରେ ଶୁଭଲକ୍ଷ୍ମୀଙ୍କୁ ଭୁବନେଶ୍ୱର ଆଣି ତାଙ୍କ ଘରେ ରଖି ପାଠ ପଢାଉଥିଲେ। କିଛିମାସ ପରେ ଶୁଭଲକ୍ଷ୍ମୀ ଜବ୍ (କାମ) କରିବାକୁ କହିଥିଲେ। ସେ ବାର୍‌ରେ କାମ କରୁଥିବାରୁ ତାଙ୍କୁ କିଛିଦିନ ସେଠାରେ ଜବ୍ କରାଇଥିଲେ। ପରେ ବୟସ କମ୍ ହୋଇଥିବାରୁ ଶୁଭଲକ୍ଷ୍ମୀ କାମ କରି ନ ଥିଲେ। ବର୍ଷେ ପରେ ସଞ୍ଜୟଙ୍କ ସହ ଶୁଭଲକ୍ଷ୍ମୀ ପ୍ରେମ ସମ୍ପର୍କରେ ଆସିଥିଲେ। ଏହାପରେ ଆଉ ଜଣେ ପୁଅଙ୍କୁ ମଧ୍ୟ ସେ ପ୍ରେମ କରିଥିଲେ। ଏହାକୁ ନେଇ ଝଗଡ଼ା ହେବା ପରେ ଶୁଭଲକ୍ଷ୍ମୀ ଯୁକ୍ତ୨ ପରୀକ୍ଷା ଦେଇ ନ ଥିଲେ। ଫଳରେ ଶୁଭଲକ୍ଷ୍ମୀଙ୍କୁ ୩ ମାସ ତଳେ ତାଙ୍କ ଗାଁକୁ ପଠାଇ ଦେଇଥିଲେ ବୋଲି ସେ କହିଛନ୍ତି। ସେହିଦିନଠୁ ଶୁଭଲକ୍ଷ୍ମୀଙ୍କ ସହ ତାଙ୍କର ଯୋଗାଯୋଗ ନ ଥିବା ସମ୍ପୃକ୍ତ ଅଙ୍କଲ କହିଛନ୍ତି। ଏପରିକି ବ୍ଲାକମେଲ୍ ଅଭିଯୋଗକୁ ଅଙ୍କଲ ଖଣ୍ଡନ କରିଛନ୍ତି। ସେପଟେ ଶୁଭଲକ୍ଷ୍ମୀ ଅନ୍ୟ ବାର୍‌ରେ କାମ କରୁଥିଲେ ବୋଲି ମଧ୍ୟ କୁହାଯାଉଛି। ଅପରପକ୍ଷରେ ଶୁଭଲକ୍ଷ୍ମୀଙ୍କ ମୋବାଇଲ୍‌ର କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ପୋଲିସକୁ ମିଳିଛି। ଶୁଭଲକ୍ଷ୍ମୀ ମୃତ୍ୟୁ ପୂର୍ବରୁ କେଉଁମାନଙ୍କ ସହ କଥା ହୋଇଥିଲେ ସେନେଇ ପୋଲିସ ଜାଣିବାକୁ ପ୍ରୟାସ ଜାରି ରଖିଛି। ଏହି ରିପୋର୍ଟରୁ ଶୁଭଲକ୍ଷ୍ମୀ କାହିଁକି ଆତ୍ମହତ୍ୟା କଲେ ତାହା ଜଣାପଡ଼ିବ ବୋଲି ପୋଲିସ ଆଶା ରଖିଛି। ସୂଚନାଯୋଗ୍ୟ, ଶୁଭଲକ୍ଷ୍ମୀ ଶୁକ୍ରବାର ଭୋର୍ ୩ଟା ୨୦ରେ ଉକ୍ତ ହୋଟେଲକୁ ଆସି ଦ୍ୱିତୀୟ ମହଲାରେ ଥିବା ୨୦୫ ନମ୍ବର ରୁମ୍‌ରେ ରହିଥିଲେ। କିନ୍ତୁ ଶନିବାର ଉକ୍ତ ରୁମ୍‌ର କବାଟ ଭଙ୍ଗାଯିବା ପରେ ଶୁଭଲକ୍ଷ୍ମୀ ଓଢଣି ଦ୍ୱାରା ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା ବୋଲି ପୋଲିସକୁ କୁହାଯାଇଥିଲା।

# ୪ ଛାତ୍ରୀଙ୍କୁ ପାଇଖାନାରେ ବନ୍ଦ କରି ସ୍କୁଲ ସଭାପତି ଗିରଫ

ବଲାଙ୍ଗୀର/କଣ୍ଟାବାଞ୍ଜି, ୯।୮
(ବୀରେନ୍ଦ୍ର କୁମାର ଝାଙ୍କର/ଗୁରଦୟାଲ ହଂସ)

ହାଇସ୍କୁଲ ପାଇଖାନା ଭିତରେ ଦଶମ ଶ୍ରେଣୀର ୪ ଜଣ ଛାତ୍ରୀଙ୍କୁ ଅଧଘଣ୍ଟା କାଳ ବନ୍ଦ କରିବା ଘଟଣାରେ ଅଭିଯୁକ୍ତ ହାଇସ୍କୁଲ ପରିଚାଳନା କମିଟି ସଭାପତି ଅଶୋକ ଓରଫ ସଦାନନ୍ଦ ବନ୍‌ଛୋର(୩୫)ଙ୍କୁ ପୋଲିସ ଗିରଫ କରିଛି। ବୁଧବାର ତାଙ୍କୁ ବଲାଙ୍ଗୀର ପୋକ୍‌ସୋ କୋର୍ଟକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଥାନା ଅଧୀନ ବୁରୋମାଲ ସରକାରୀ ଉନ୍ନୀତ ହାଇସ୍କୁଲରେ ଦଶମ ଶ୍ରେଣୀର ୪ଜଣ ଛାତ୍ରୀଙ୍କୁ ସେହି ହାଇସ୍କୁଲ ପରିଚାଳନା କମିଟି ସଭାପତି ବନ୍‌ଛୋର ମଙ୍ଗଳବାର ବିନା କାରଣରେ ଗାଳିଗୁଲଜ କରିଥିଲେ। ପରେ ସେମାନଙ୍କୁ ସ୍କୁଲର ଏକ ପାଇଖାନାରେ ବନ୍ଦ କରିଦେଇ ବାହାର ପଟୁ କବାଟ ବନ୍ଦ କରିଦେଇଥିଲେ । ଏହି ଘଟଣାର ପ୍ରାୟ ଅଧଘଣ୍ଟା ପରେ ସ୍କୁଲକୁ ଆସି ପୁଣି ଉକ୍ତ ପାଇଖାନା କବାଟ ଖୋଲିଥିଲେ। ସଭାପତିଙ୍କ ଏଭଳି ଉନ୍ମତ୍ତ କାଣ୍ଡରେ ଭୟଭୀତ ଛାତ୍ରୀମାନେ ସ୍କୁଲରୁ ଘରକୁ ଚାଲିଯାଇଥିଲେ। ଘରେ ପହଞ୍ଚି ଉକ୍ତ ଘଟଣା ସମ୍ପର୍କରେ ନିଜ ପରିବାର ଲୋକଙ୍କୁ ସବୁକଥା ଜଣାଇଥିଲେ। ଏହାପରେ ପୀଡିତା ଛାତ୍ରୀଙ୍କ ଅଭିଭାବକମାନେ କଣ୍ଟାବାଞ୍ଜି ଥାନାକୁ ଆସି ସ୍କୁଲ ପରିଚାଳନା କମିଟି ସଭାପତି ବନ୍‌ଛୋରଙ୍କ ଉନ୍ମତ୍ତ


ଗିରଫ ହାଇସ୍କୁଲ ପରିଚାଳନା କମିଟି ସଭାପତି ସଦାନନ୍ଦ ବନ୍‌ଛୋର।

କାଣ୍ଡ ବିଷୟରେ ଲିଖିତ ଅଭିଯୋଗ କରିଥିଲେ। ପୀଡ଼ିତା ଛାତ୍ରୀଙ୍କୁ ସଭାପତି ବନ୍‌ଛୋର ଗାଳିଗୁଲଜ କରିବା ସହ ହାତ ଧରି ଟଣାଓଟରା କରିବା ଅଭିଯୋଗ କରିଥିଲେ। ଏଭଳିକି ସେମାନେ ପାଇଖାନା ଭିତରେ ଭୟରେ ଚିତ୍କାର ଛାଡିବା ପରେ ପାଇଖାନା କବାଟ ଖୋଲିଦେଇଥିବା କହିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନେ ଶ୍ରେଣୀରେ ପାଠ ପଢ଼ାଉ ଥିବାରୁ ଘଟଣା ସମ୍ପର୍କରେ ଜାଣି ପାରି ନ ଥିବା କୁହାଯାଉଛି। ତେବେ ଅଭିଭାବକଙ୍କଠାରୁ ଅଭିଯୋଗ ପାଇବା ପରେ ପୋଲିସ ଅଧିକାରୀ ପୀଡିତା ୪ ଛାତ୍ରୀଙ୍କୁ ପଚରାଉଚରା କରି ସତ୍ୟାସତ୍ୟ ଯାଞ୍ଚ କରିଥିଲେ। ଏହାପରେ ପୋଲିସ ସମ୍ପୃକ୍ତ ସ୍କୁଲ ସଭାପତି ବନ୍‌ଛୋରଙ୍କୁ ଘରୁ ଆଣି ଅଟକ ରଖିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ଭାରତୀୟ ଦଣ୍ଡବିଧି ଆଇନର ଧାରା ୩୪୧, ୨୯୪, ୪୪୮, ୩୪୨, ୩୫୪ ଏବଂ ଆରଡବ୍ଲ୍ୟୁ ସେକ୍ସନ ୧୨ ପୋସ୍କୋ ଆକ୍ଟରେ ଏକ ମାମଲା (୨୨୩/୨୩) ରୁଜୁ କରିଥିବା କଣ୍ଟାବାଞ୍ଜି ଥାନା ଅଧିକାରୀ ରଶ୍ମିତା ବେହେରା ସୂଚନା ଦେଇଛନ୍ତି। ଘଟଣା ସମ୍ପର୍କରେ ସ୍କୁଲ ପ୍ରଧାନଶିକ୍ଷକ ବିଭୁଦତ୍ତ ସାହୁଙ୍କୁ ପଚାରିବାରୁ ସେ ଛୁଟିରେ ଥିବା କହିଛନ୍ତି। ତେବେ ସେଦିନ ପ୍ରଧାନଶିକ୍ଷକ ଦାୟିତ୍ୱରେ ଥିବା ଶିକ୍ଷକ ଜଣକ ଏଭଳି ଏକ ସମ୍ବେଦନଶୀଳ ଘଟଣା ସମ୍ପର୍କରେ କିଭଳି ଜାଣି ପାରିଲେ ନାହିଁ ବୋଲି ଚର୍ଚ୍ଚାର ବିଷୟ ହୋଇଛି।

# ନବନିର୍ମାଣ ସ୍ୱରାଜ ସରକାର ସଂଘ ପକ୍ଷରୁ ପ୍ରାୟଶ୍ଚିତ ସପ୍ତାହ ଆରମ୍ଭ

ଭୁବନେଶ୍ୱର,୯।୮(ଅଭିଜିତ ଦାସ)

ନବନିର୍ମାଣ ସ୍ୱରାଜ ସରକାର ସଂଘ ପକ୍ଷରୁ ବୁଧବାରଠାରୁ ପ୍ରାୟଶ୍ଚିତ ସପ୍ତାହ ପାଳନ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ସଂଘର କର୍ମକର୍ତ୍ତାମାନେ ୧୫ତାରିଖ ପର୍ଯ୍ୟନ୍ତ ଅନଶନରେ ବସିବେ। ସଂଘର ଆବାହକ ଅକ୍ଷୟ କୁମାର କହିଛନ୍ତି, ରାଜ୍ୟ ସରକାରଙ୍କ ଦୀର୍ଘ ଶାସନ କାଳରେ ଦୁର୍ନୀତି, ଭ୍ରଷ୍ଟାଚାର ଓ କୁଶାସନ ବଢିଚାଲିଛି। ପ୍ରଗତି ବଦଳରେ ଦୁର୍ଗତି ହେଉଛି। ଖଣି, ବକ୍ସାଇଟ୍ ଓ କୋଇଲା ପ୍ରଭୃତିରୁ ଆସୁଥିବା କୋଟି କୋଟି ଟଙ୍କା ସାଧାରଣ ଜନତାଙ୍କ କଲ୍ୟାଣ ବଦଳରେ ଲୁଟ କରାଯାଉଛି। ସେହିପରି ନିଯୁକ୍ତି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ ଆଦି କ୍ଷେତ୍ରରେ ସରକାର ବିଫଳ ହୋଇଛନ୍ତି। ତେଣୁ ସଂଘ ପକ୍ଷରୁ ଏଭଳି ଆନ୍ଦୋଳନ କରାଯାଉଛି। ଅନଶନରେ ସଂଘର ଆବାହକ ଅକ୍ଷୟ କୁମାରଙ୍କ ସମେତ ରାଜ୍ୟ ସହସଂଯୋଜକ ଉମାକାନ୍ତ ଭାରତ, କମିଟିର ସଭ୍ୟ ପ୍ରସନ୍ନ କୁଅଁର, ଡାକ୍ତର କୁଳମଣି, ଆଶ୍ରୟାନନ୍ଦ ସରସ୍ୱତୀ, କୃଷକ ନେତା ଅର୍ଜୁନ ସାମନ୍ତରାୟ ପ୍ରମୁଖ ସାମିଲ ହୋଇଥିଲେ। ଆସନ୍ତା ୧୧ ତାରିଖରେ ବିଭିନ୍ନ ଜିଲାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ କରାଯିବ ବୋଲି କୁହାଯାଇଛି।

# ଶିମିଳିପାଳକୁ ସମ୍ପୂର୍ଣ୍ଣ ସୁରକ୍ଷା ଦିଆଯିବ



ସମୀକ୍ଷା ବୈଠକରେ ଡିଜିପି ସୁନୀଲ କୁମାର ବଂଶଲ ଓ ଅନ୍ୟମାନେ।

- ମୟୂରଭଞ୍ଜ ଗସ୍ତରେ ଆସି ସମୀକ୍ଷା କଲେ
- ଜବତ ୧୬୫ ଦେଶୀ ବନ୍ଧୁକ, ଅସ୍ତ୍ରଶସ୍ତ୍ର ପ୍ରଦର୍ଶିତ

ବାରିପଦା, ୯।୮(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ସୁନୀଲ କୁମାର ବଂଶଲ ବୁଧବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସି କ୍ଲିନ୍ ଶିମିଳିପାଳ ଅପରେଶନ ସମ୍ପର୍କରେ ସମୀକ୍ଷା କରିଛନ୍ତି। ଶିମିଳିପାଳ କେବଳ ମୟୂରଭଞ୍ଜର ନୁହେଁ ,ଏହା ଓଡ଼ିଶାର। ତେଣୁ ବିଶ୍ୱ ଦରବାରରେ ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟକୁ ସମ୍ପୂର୍ଣ୍ଣ ସୁରକ୍ଷା ପ୍ରଦାନ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଡିଜିପି ପ୍ରକାଶ କରିଛନ୍ତି। ସର୍ଚ୍ଚ ଅପରେଶନ ଜାରି ରହିବା ସହ ଶିକାର ରୋକିବାକୁ ଜଏଣ୍ଟ ଟାସ୍କଫୋର୍ସ ମାଧ୍ୟମରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଡିଜିପି କହିଥିଲେ।

ସୂଚନା ଅନୁଯାୟୀ, ଶିମିଳିପାଳ ଅଭୟାରଣ୍ୟରେ କାର୍ଯ୍ୟରତ ୨ ବନ କର୍ମଚାରୀ ଶିକାରୀଙ୍କ ଗୁଳିରେ ନିହତ ହେବା ଘଟଣାକୁ ନେଇ ସାରା ରାଜ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏନେଇ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏ ସମ୍ପର୍କରେ ଏକ ଉଚ୍ଚସ୍ତରୀୟ ବୈଠକ କରାଯାଇ ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ଗଠନ କରାଯାଇ ଚଢ଼ାଉ ଆରମ୍ଭ ହୋଇଥିଲା। ଜୁନ୍ ୧୮ରୁ ପୋଲିସ ଓ ବନ ବିଭାଗ ପକ୍ଷରୁ ମିଳିତ ଭାବେ ଶିମିଳିପାଳକୁ ଶିକାରୀମୁକ୍ତ କରିବା ପାଇଁ ଅଭୟାରଣ୍ୟ ନିକଟବର୍ତ୍ତୀ ୧୪ଟି ଥାନା ଅଧୀନ ଜଙ୍ଗଲ ସଂଲଗ୍ନ ଗ୍ରାମ ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଅସ୍ତ୍ରଶସ୍ତ୍ର ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା। ଏଥିରେ ୩ ପ୍ଲାଟୁନ ପୋଲିସ ଫୋର୍ସ ସହ ଥାନା ଅଧିକାରୀମାନେ ସାମିଲ ହୋଇଥିଲେ। ଜୁଲାଇ ୩୧ ସୁଦ୍ଧା ଦେଶୀ ବନ୍ଧୁକ ଓ ବନ୍ଧୁକ ତିଆରି ସରଞ୍ଜାମ ସମର୍ପଣ କରିବା ସହ ଶିକାର ଛାଡ଼ିବାକୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସମୟରେ ୪୮ଟି ମାମଲା ରୁଜୁ ହୋଇ ୧୬୫ଟି ଦେଶୀ ବନ୍ଧୁକ ଜବତ ହୋଇଥିଲା। ୨୧ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିଲା। ସମସ୍ତ ଜବତ ବନ୍ଧୁକ, ଅସ୍ତ୍ରଶସ୍ତ୍ର ଓ ବନ୍ୟପ୍ରାଣୀ ଜୀବାଂଶ ରିଜର୍ଭ ପୋଲିସ କାର୍ଯ୍ୟାଳୟ ପରିସରରେ ପ୍ରଦର୍ଶିତ ହୋଇଥିଲା। ମୟୂରଭଞ୍ଜ ପୋଲିସର ଏହି ସଫଳତାକୁ ଡିଜିପି ବଂଶଲ ପ୍ରଶଂସା କରିବା ସହ ଆଗାମୀ ଦିନରେ ଶିମିଳିପାଳ ଅଭୟାରଣ୍ୟକୁ କିପରି ସୁରକ୍ଷା ଯୋଗାଇ ଦିଆଯିବ ସେ ସମ୍ପର୍କରେ ଗଠିତ ଜଏଣ୍ଟ ଟାସ୍କଫୋର୍ସ ମାଧ୍ୟମରେ ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ଏକ କମ୍ପାନୀ ଆର୍ମ୍ସ ପୋଲିସ ଫୋର୍ସ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ହେବେ ବୋଲି ଡିଜିପି କହିଛନ୍ତି।

ପ୍ରାରମ୍ଭରେ ଶିମିଳିପାଳର ସୁରକ୍ଷାକୁ ନେଇ ଜିଲା ପୋଲିସ ମୁଖ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଏଡିଜି ସଞ୍ଜୟ କୁମାର, ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ, ଜିଲାପାଳ ବିନୀତ ଭରଦ୍ୱାଜ, ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଭାରପ୍ରାପ୍ତ କ୍ଷେତ୍ର ନିର୍ଦ୍ଦେଶକ ତଥା ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ଆର୍‌ସିସିଏଫ୍) ଡ. ପ୍ରକାଶ ଚାନ୍ଦ ଗୋଗିନେନି, ଏସ୍‌ପି ବି.ଗଙ୍ଗାଧର, ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ଓ ଉତ୍ତର ଡିଭିଜନର ଉପ ନିର୍ଦ୍ଦେଶକ ସାଇ କିରଣ, ବାରିପଦା ବନଖଣ୍ଡ ଅଧିକାରୀ ସନ୍ତୋଷ ଜୋଷୀ, ସମସ୍ତ ବନଖଣ୍ଡ ଅଧିକାରୀ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଉପଖଣ୍ଡ ପୋଲିସ ଅଧିକାରୀ ଓ ଥାନାଧିକାରୀ ପ୍ରମୁଖ ଉପସ୍ଥିତ ରହି ବନ ବିଭାଗ ଓ ପୋଲିସ ସମନ୍ୱୟ ରକ୍ଷାକରି ଶିମିଳିପାଳକୁ ସୁରକ୍ଷା ଦେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନବନିର୍ମିତ ଦୁଇଟି ଡି-ଟାଇପ୍ କ୍ୱାର୍ଟର୍ସର ଉଦ୍‌ଘାଟନ କରାଯାଇଥିଲା। ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଜିପି ବଂଶଲଙ୍କ ସହ ଏହାର ଶୁଭ ଉଦ୍‌ଘାଟନ କରିଥିଲେ। ମଙ୍ଗଳବାର ଅପରାହ୍ନରେ ଡିଜିପି ବାରିପଦାରେ ପହଞ୍ଚିଥିଲେ। ସର୍କିଟ ହାଉସରେ ରହଣି ମଧ୍ୟରେ ଜିଲାର ଆଇନ ଶୃଙ୍ଖଳା ପରିସ୍ଥିତି, ଆନ୍ତଃ ରାଜ୍ୟ ଅପରାଧ ନିୟନ୍ତ୍ରଣ ଓ ଶିମିଳିପାଳ ସୁରକ୍ଷା ଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଏଡିଜି, ଆଇଜି ଓ ଏସ୍‌ପିଙ୍କ ସହ ସେ ଆଲୋଚନା କରିଥିଲେ।






ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ନୈତିକ ବିକାଶର ପ୍ରେରଣା– ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। –ଶ୍ରୀଅରବିନ୍ଦ

# ପ୍ରକୃତି ସଂରକ୍ଷଣର ନୂଆ ରଣନୀତି




ସାଣ୍ଡ୍ରିନ୍ ଡିକ୍ସନ ଡିକ଼୍ଲେଭ
ସହ–ଅଧ୍ୟକ୍ଷ,
ଦି କ୍ଲବ ଅଫ୍ ରୋମ

ସିମନ ଜାଡେକ
ଏକ୍ଜିକ୍ୟୁଟିଭ ଡାଇରେକ୍ଟର,
ନେଚର ଫାଇନାନ୍ସ

ଅତି ନିର୍ଦ୍ଦୟ ଓ ଅସହନୀୟ ଭାବେ ଉତ୍ତୋଳନ କରାଯାଉଥିବା ପ୍ରାକୃତିକ ସମ୍ପଦ ଉପରେ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ନିର୍ଭରଶୀଳ। ତେବେ ପ୍ରକୃତି ଉପରେ ଆମର ସମ୍ପୂର୍ଣ୍ଣ ନିର୍ଭରଶୀଳତା ସତ୍ତ୍ୱେ ଏହାର ଅବଦାନ ସମ୍ପୂର୍ଣ୍ଣ ପରୋକ୍ଷ ଓ ଅଦୃଶ୍ୟ ହୋଇ ରହିଯାଉଛି। ଏଣୁ ଏକ ପ୍ରକୃତି–ସକାରାତ୍ମକ ଭବିଷ୍ୟତ ଗଠନ ପାଇଁ ନୀତିଯୁକ୍ତ ନୂତନ ପିଢ଼ି ଆବଶ୍ୟକ ଏବଂ ପରିସଂସ୍ଥା ସମ୍ପତ୍ତି ଏବଂ ସେବା ପାଇଁ ସୁପରିଚାଳିତ ବଜାର ଦରକାର। ପ୍ରକୃତି ଏବଂ ଜଳବାୟୁ ସ୍ଥିରତା ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଏବଂ ସେମାନଙ୍କ ଭବିଷ୍ୟତ ପରସ୍ପର ସହ ଜଡ଼ିତ। ଏବେ ଅନିୟନ୍ତ୍ରିତ ବିଶ୍ୱ ତାପମାତ୍ରା ପୃଥିବୀର ପ୍ରାକୃତିକ ସମ୍ପଦକୁ ନଷ୍ଟ କରୁଥିବାବେଳେ ଗ୍ରୀନ୍ ହାଉସ୍–ଗ୍ୟାସ୍ (ଜିଏଚ୍‌ଜି)ବା ସବୁଜ ଗୃହ ବାଷ୍ପ ନିର୍ଗମନକୁ ସୀମିତ ରଖିବା ପାଇଁ ଜୈବ ବିବିଧତା ସଂରକ୍ଷଣ ଏବଂ ପୁନରୁଦ୍ଧାର ଏକାନ୍ତ ଆବଶ୍ୟକ। କିନ୍ତୁ ବୈଶ୍ୱିକ ଅର୍ଥ ବ୍ୟବସ୍ଥାରୁ କାର୍ବନକୁ ଅଲଗା କରିବା ପାଇଁ ନିଆଯାଉଥିବା ପଦକ୍ଷେପ ପରିସଂସ୍ଥାର ଅପବ୍ୟବହାରକୁ ରୋକିବା ଲାଗି ଯଥେଷ୍ଟ ନୁହେଁ। ଏଣୁ ଆଜିର ଜଳବାୟୁ ପ୍ଲେବୁକ୍ ବା ରଣନୀତିଭିତ୍ତିକ ପୁସ୍ତିକାରୁ ଶିକ୍ଷା ନେଇ ଲାଭ ଉଠାଯାଇପାରେ, କିନ୍ତୁ ତାହାକୁ ଏଡ଼ାଇଯିବାରେ କିଛି ହେବ ନାହିଁ।

ଜୈବ ବିବିଧତା ଅବକ୍ଷୟ ରୋକିବା ଏବଂ କମାଇବା ପାଇଁ ଏକ ନୂତନ ରଣନୀତି ଆବଶ୍ୟକ ଏବଂ ଏହାକୁ ଲେଖିବା ବା ଗଢ଼ିବାରେ ସାହାଯ୍ୟ କରିବା ପାଇଁ ମାର୍ଚ୍ଚ ୨୦୨୨ରେ ନେଚର ମାର୍କେଟ ବା ପ୍ରକୃତି ବଜାର ଉପରେ ଟାସ୍କଫୋର୍ସ ଗଠନ କରାଯାଇଥିଲା। ବ୍ରାଜିଲର ବେଲେମରେ ଆୟୋଜିତ ଆମାଜନ ରେନ୍ ଫରେଷ୍ଟ ମିଳିତ ମଞ୍ଚରେ ପ୍ରକୃତିର କ୍ଷତି ବଦଳରେ ତାହାର ସଂରକ୍ଷଣ କରିପାରୁଥିବା ନୂତନ ପିଢ଼ିର ଭଲ ବଜାର କିଭଳି ଗଠନ କରିହେବ ତା'ଉପରେ ଟାସ୍କଫୋର୍ସର ନିର୍ଯାସ ଏବଂ ସୁପାରିସଗୁଡ଼ିକ ପ୍ରକାଶ କରାଯିବ। ପ୍ରକୃତିର ଗୁରୁତ୍ୱ ରଖିବା ଦିଗରେ ଏହିପରି ଏକ ଟାସ୍କଫୋର୍ସର ଆବଶ୍ୟକତା ଏକ ଐତିହାସିକ ଆଭିମୁଖ୍ୟ ପ୍ରତିପାଦିତ କରେ। ଅଧିକ କିଛି ହାସଲ କରିବା ପାଇଁ ପ୍ରକୃତି ସମ୍ବନ୍ଧୀୟ ବିପଦକୁ ଠାବକରିବା ଏବଂ ପ୍ରକୃତି ସମ୍ବନ୍ଧୀୟ ତଥ୍ୟ ଓ ସୂଚନା ଲୋକମାନଙ୍କୁ ଜଣାଇବା ଦରକାର। ଏଥିପାଇଁ ବି ଆଗ୍ରହ ବଢୁଛି ଓ ଏହାକୁ ପୁନଃ ଉତ୍ପାଦକ କୃଷି ଅଧିକ ଆକର୍ଷିତ କରୁଛି। ଜେନେଟିକ ଉତ୍ସଗୁଡ଼ିକର ଲାଭ ବାଣ୍ଟିବା ଉପରେ ଜୋର୍‌ଦାର ବିତର୍କ ସୃଷ୍ଟିହେବା ସହ ଜୈବ ବିବିଧତା– କ୍ରେଡିଟ୍ ମାର୍କେଟ ବି ଗଠନ ହେବାକୁ ଲାଗିଲାଣି। ବଜାରଭିତ୍ତିକ ସମାଧାନର ସମର୍ଥକମାନେ ଦାବି କରନ୍ତି ଯେ, ଏହି ବିକାଶଗୁଡ଼ିକ ସହ ସବୁନୀତି ପ୍ରକୃତି ଉପଯୋଗୀ ବୈଶ୍ୱିକ ଅର୍ଥନୀତିର ପରିଣାମକୁ ସମର୍ଥନ କରିବାର ସଙ୍କେତ ଦେଇଛି। ସେମାନେ ଯୁକ୍ତି କରନ୍ତି ଯେ, ପ୍ରକୃତି ସମ୍ବନ୍ଧୀୟ ଆର୍ଥିକ ଉତ୍ପାଦ ଏବଂ ସେବା ତଥା ଜୈବ ବିବିଧତାର ପୁନଃ ସ୍ଥାପନରେ ନିବେଶକୁ ସୁବିଧା ଦେଇପାରୁଥିବା ବ୍ୟବସାୟ ଓ ସରକାରଗୁଡ଼ିକୁ ପ୍ରୋତ୍ସାହିତ କଲେ ପରିସଂସ୍ଥାର ସୁରକ୍ଷା ଓ ସଂରକ୍ଷଣ ହେବ। ତେବେ ଗ୍ଲୋବାଲ ୱାର୍ମିଂ ସହ ଅନ୍ୟସବୁ ପରିଣାମକୁ ହ୍ରାସ କରିବା ନୀତି ନିର୍ମାତା ଏବଂ କର୍ପୋରେଟ ନେତାମାନଙ୍କ ସମାନ ପ୍ରକାର ଦୃଷ୍ଟିକୋଣ ଉପରେ ନିର୍ଭରକରେ। ଦୁଇଟି କାରଣ ପାଇଁ ବଜାରଭିତ୍ତିକ ମଡେଲ ସକାଶେ ଜଳବାୟୁ ପରିବର୍ତ୍ତନ ବି ଅଧିକ ନିୟନ୍ତ୍ରଣ କରାଯାଇପାରିବ। ସେହି ଦୁଇଟି କାରଣ ହେଲା, ଜିଏଚ୍‌ଜି ନିର୍ଗମନ ସହଜରେ ମୂଲ୍ୟାୟନଯୋଗ୍ୟ ଓ ଯାଞ୍ଚଯୋଗ୍ୟ ହେବା ଏବଂ ସବୁଜ ପ୍ରଯୁକ୍ତିବିଦ୍ୟା ବିପୁଳ ପରିମାଣର ପୁଞ୍ଜି ବିନିଯୋଗକୁ ଆକର୍ଷିତ କରିବା। ଅନ୍ୟପକ୍ଷରେ ପ୍ରାକୃତିକ ବିଶ୍ୱକୁ ଜିଏଚ୍‌ଜି ନିର୍ଗମନ ସହ ମୂଲ୍ୟାୟନ କରିବା କଷ୍ଟକର।



ଏହା ବ୍ୟତୀତ ଏକ ନିବେଶଯୋଗ୍ୟ ପ୍ରଯୁକ୍ତିଗତ ସ୍ଥିତି , ଯାହା ପ୍ରକୃତିକୁ ସୁରକ୍ଷା କରିବା ଲାଗି ପରୀକ୍ଷାଗାରରେ ମାଂସ ତିଆରି ଓ ଭର୍ଟିକାଲ ଫାର୍ମିଂ ଭଳି ଟେକ୍‌ନୋଲୋଜିକୁ ସୂଚିତ କରେ ତାହା ପ୍ରାକୃତିକ ପ୍ରକୃତି ସହ ସମାନ ହୋଇପାରିବନାହିଁ।

ପ୍ରକୃତି ସଂରକ୍ଷଣ କରିବାରେ ଆଦିବାସୀ ଓ ସ୍ଥାନୀୟ ସମୁଦାୟଙ୍କ ଭୂମିକାରେ ଥିବା ପ୍ରଭେଦ ଚିନ୍ତାର ବିଷୟ। ବିଶ୍ୱ ଜନସଂଖ୍ୟାର ମାତ୍ର ୫% ଥିବା ଆଦିବାସୀ ପୃଥିବୀର ୮୦% ଜୈବ ବିବିଧତାର ସୁରକ୍ଷା କରୁଛନ୍ତି। ଏପରିକି ମହତ୍ ଉଦ୍ଦେଶ୍ୟ ନିହିତ ବଜାର ଆଧାରିତ ନୀତି ଓ ସାଧନଗୁଡ଼ିକ ପ୍ରକୃତିର ସୁରକ୍ଷାରେ ଆଗୁଆ ଗୋଷ୍ଠୀଙ୍କୁ ଅଣଦେଖା ଏବଂ ସଂରକ୍ଷଣ ଦୂରଦୃଷ୍ଟିକୁ ନିଷ୍ପ୍ରଭ କରିପାରେ। ନିଶ୍ଚିତ କରିବାକୁ ପଡ଼ିବ ଯେ,ବଜାର ପ୍ରକ୍ରିୟା ପ୍ରକୃତିକୁ ସୁରକ୍ଷା କରିବା ଲାଗି ବ୍ୟବହାର କରାଯାଇପାରିବ। ଏହିସବୁ ଭିନ୍ନ ଧରଣର ଆହ୍ୱାନଗୁଡ଼ିକୁ ଦେଖିଲେ ଯଦି ସେମାନଙ୍କର ଶାସକୀୟ ସିଦ୍ଧାନ୍ତ ଓ ସଞ୍ଚାଳନ ପଦ୍ଧତିଗୁଡ଼ିକ ସମାନତା ଓ ନିରନ୍ତର ସମୃଦ୍ଧି ପାଇଁ ତିଆରି କରାଯାଇଥିବ ତେବେ ସେମାନେ ନିଶ୍ଚିତ ସଫଳ ହେବେ। ଟାକ୍ସଫୋର୍ସ ୭ଟି ବ୍ୟବହାରିକ ସୁପାରିସ କରିଛି ଯାହା ବିଶ୍ୱ ଅର୍ଥନୀତିକୁ ଏକ ପ୍ରକୃତି–ସକାରାତ୍ମକ ପଥରେ ଚଲାଇପାରିବ। ସବୁଠୁ ବେଶି ଦରକାର ହେଉଛି ଅର୍ଥମନ୍ତ୍ରୀମାନେ ଏବଂ କେନ୍ଦ୍ରୀୟ ବ୍ୟାଙ୍କରମାନେ ଅର୍ଥନୈତିକ ଏବଂ ବିତ୍ତୀୟ ଆଇନ ସହ ଏକମତ ହେବା ଆବଶ୍ୟକ। ଏହାସହ ଜୈବ ବିବିଧତା ସଂରକ୍ଷଣ ଓ ପ୍ରକୃତିକୁ ସୁରକ୍ଷା କରିବାରେ ଥିବା ଆଗୁଆ ସମୁଦାୟଙ୍କୁ ସହଯୋଗ କରିବା ଲାଗି କାମ କରିବାକୁ ହେବ। ବାଣିଜ୍ୟ ଏବଂ ପୁଞ୍ଜି ବିନିଯୋଗ ଚୁକ୍ତିନାମା, ଅନ୍ତର୍ଜାତୀୟ ସମନ୍ୱୟ ନୀତିକୁ ଜି୨୦ ମାଧ୍ୟମରେ ସଂଶୋଧନ କରାଯାଇଥିବାବେଳେ ଅନ୍ୟାନ୍ୟ ଅନ୍ତର୍ଜାତୀୟ ଭିତ୍ତିଭୂମି ସୁନିଶ୍ଚିତ କରେ ଯେ ସ୍ୱଳ୍ପ ଆୟକାରୀ ଦେଶଗୁଡ଼ିକ ପରିବର୍ତ୍ତନଭିତ୍ତିକ ଖର୍ଚ୍ଚର ଭାର ବହନ କରିବେ ନାହିଁ। ଏହାସହ କେନ୍ଦ୍ରୀୟ ବ୍ୟାଙ୍କ ଏବଂ ନିରୀକ୍ଷକମାନେ ମଧ୍ୟ ସୁନିଶ୍ଚିତ କରନ୍ତି ଯେ, ଆର୍ଥିକ ବଜାର ପ୍ରକୃତି ଏବଂ ଜଳବାୟୁ ପ୍ରତିଶ୍ରୁତିକୁ ସମର୍ଥନ କରିଛି। ଏଣୁ ବିଶ୍ୱର ଆର୍ଥିକ ପରିଚାଳନା କରୁଥିବା ବ୍ୟକ୍ତିମାନେ ଓ ବିତ୍ତୀୟ ସ୍ଥିରତାରେ ଥିବା ମଧ୍ୟବର୍ତ୍ତିକାଳୀନ ଲକ୍ଷ୍ୟଗୁଡ଼ିକୁ ସମାଧାନ କରିବାରେ ଅଧିକ ସକ୍ରିୟ ହେବା ଆବଶ୍ୟକ। ବିଶେଷକରି କୃଷିଜାତ ଉତ୍ପାଦର ମାର୍କେଟଗୁଡ଼ିକର ଜୈବ ବିବିଧତା,ଜଳବାୟୁ ଓ ସମାଜ ଉପରେ ଥିବା ଅତ୍ୟଧିକ ପ୍ରଭାବକୁ ବିଚାରକୁ ନେଇ ଏହାର ପୁନର୍ଗଠନ କରିବା ଆବଶ୍ୟକ । ଏଭଳି ଲକ୍ଷ୍ୟଭିତ୍ତିକ କାର୍ଯ୍ୟସବୁ ସ୍ୱଚ୍ଛତା ବୃଦ୍ଧି ପାଇଁ ପଦକ୍ଷେପଗୁଡ଼ିକୁ ଅନ୍ତର୍ଭୁକ୍ତ କରିବା ଉଚିତ । ଏହାସହ ସାମ୍ପ୍ରତିକ ପ୍ରକୃତିର ନିୟାମକରେ ଥିବା ଅସନ୍ତୋଷ ଦୂର କରାଯିବା ଦରକାର। ବେଆଇନ ଜଙ୍ଗଲ ନଷ୍ଟ , ଖଣି ଖନନ, ମତ୍ସ୍ୟଚାଷ ଏବଂ ବନ୍ୟଜନ୍ତୁ କାରବାର ଭଳି ପରିବେଶଗତ ଅପରାଧ ଉପରେ ଅଧିକ ଧ୍ୟାନଦେବା ଲାଗି ଆଣ୍ଟି ମନି ଲଣ୍ଡରିଂ ରୁଲ୍ସ ଦରକାର। ବିଶେଷକରି ଅତ୍ୟାବଶ୍ୟକ କୃଷିଜାତ ଉତ୍ପାଦନକାରୀଙ୍କ କ୍ଷେତ୍ରରେ ବୈଧ ନିବେଶ ଅଜାଣତରେ ଏହି ଅପରାଧଗୁଡ଼ିକୁ ବଢ଼ାଇପାରେ, ଯାହା ପ୍ରକୃତିକୁ ନଷ୍ଟକରିବା ସହ ହିଂସା ବୃଦ୍ଧି କରିବ।

ଜୈବ ବିବିଧତା କ୍ଷୟକୁ ଅଟକାଇବା ଏବଂ ତାହାକୁ ପୁଣି ଫେରାଇ ଆଣିବାର ଅନନ୍ୟ ଆହ୍ୱାନ ଏବଂ ସମୃଦ୍ଧ ପରିସଂସ୍ଥା ଉପରେ ମାନବଜାତିର ସମ୍ପୂର୍ଣ୍ଣ ନିର୍ଭରଶୀଳତାକୁ ଦୃଷ୍ଟିରେ ରଖି ପ୍ରକୃତିର ସଂରକ୍ଷଣ ପାଇଁ ଆମକୁ ଏକ ନୂତନ ଲିଖିତ ରଣନୀତି ଆବଶ୍ୟକ। ଏହା ବର୍ତ୍ତମାନର ଜଳବାୟୁ ରଣନୀତି ସମ୍ପର୍କରେ ଦର୍ଶାଇବା ସହ ଲକ୍ଷ୍ୟ ହାସଲ ପାଇଁ ଉପଯୁକ୍ତ ତଥା ଅଧିକ ମହତ୍ତ୍ୱାକାଂକ୍ଷୀ ପଦକ୍ଷେପ ସକାଶେ ପ୍ରେରିତ କରିପାରିବ। ମାନବ ଏବଂ ପୃଥିବୀ ପାଇଁ ସମାନ, ପ୍ରକୃତି–ସକାରାତ୍ମକ ପରିଣାମ ପ୍ରଦାନ କରିବାକୁ ପ୍ରକୃତି ବଜାରର ପରିକଳ୍ପନା କରିବାବେଳେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ବିଶ୍ୱ ସମସ୍ୟା



ଅଲେଖ ଚନ୍ଦ୍ର ସାମଲ

ବିଶ୍ୱ ସମସ୍ୟା ବର୍ତ୍ତମାନ ଅଦ୍ଭୁତ ଆକାର ଏବଂ ବିରାଟ ଅବସ୍ଥା ଧାରଣ କରୁଛି। ସେଗୁଡ଼ିକ ଆଉ ବ୍ୟକ୍ତିଗତ ଅଥବା ସ୍ଥାନୀୟ ନୁହେଁ। ସେ ସବୁ ବିଶ୍ୱଜନୀନ ଏବଂ ସମସ୍ତ ମାନବ ଜାତିକୁ ଆକ୍ରାନ୍ତ କରୁଛି। ଗୋଟିଏ ଦିଗରେ ବିଶ୍ୱ ସମୃଦ୍ଧି ସହିତ ବିଜ୍ଞାନ ଓ ଯାନ୍ତ୍ରିକତାର ଅଗ୍ରଗତି ଘଟୁଛି। ପ୍ଲାଷ୍ଟିକ, ଇଲେକ୍ଟ୍ରୋନିକ ଏବଂ କମ୍ପ୍ୟୁଟର ଯାନ୍ତ୍ରିକତା ମାଧ୍ୟମରେ ଏହି ଚମତ୍କାରିତା ଶୀର୍ଷରେ ଉପନୀତ ହୋଇଛି। ଅନ୍ୟ ଦିଗରେ ବାରମ୍ବାର ଘଟୁଥିବା ରାଜନୈତିକ ଓ ଅର୍ଥନୈତିକ ସଙ୍କଟ, ରାଷ୍ଟ୍ରୀୟ, ରାଜ୍ୟସ୍ତରୀୟ, ଧାର୍ମୀୟ, ଜାତିଗତ ଏବଂ ବର୍ଣ୍ଣ ବିଦ୍ୱେଷ, ସଂକୀର୍ଣ୍ଣ ବିଶ୍ୱସ୍ତତା ଏବଂ ଶିକ୍ଷାୟତନରେ ଅଶାନ୍ତିର ବିସ୍ଫୋରଣ ଦ୍ୱାରା ମାନବଜାତି ଉତ୍ପୀଡ଼ିତ। ଏସବୁ ସମଗ୍ର ବିଶ୍ୱରେ ଅଶାନ୍ତି ଏବଂ ଉଚ୍ଛୃଙ୍ଖଳତା ପରିବ୍ୟାପ୍ତ କରିଛି। ଏହା ଏକ ଭାରସାମ୍ୟହୀନ ଏବଂ ପରସ୍ପର ବିରୋଧୀ ଅବସ୍ଥା। ଏହାର ପ୍ରକୃତ କାରଣ କ'ଣ ? ଧର୍ମ ଏବଂ ନୈତିକତାପୁଷ୍ଟ କରିଥିବା ମଣିଷ ମନର ଭୟଙ୍କର ଅଧଃପତନରେ ଏହାର କାରଣ ନିହିତ ଅଛି କି?

ପୂର୍ବ ଅପେକ୍ଷା ମଣିଷ ଅଧିକ ଅନାଚାରୀ ହୋଇଛି। ପୂର୍ବ ଯୁଗମାନଙ୍କ ଅପେକ୍ଷା ନିଷ୍ଠୁର ଆଚରଣରେ ସେ ନିଜର ବୁଦ୍ଧି ଓ ଦକ୍ଷତା ଅଧିକ ପରିମାଣରେ ନିୟୋଗ କରୁଛି। ଅସଂଖ୍ୟ ଯୁଦ୍ଧ ହୋଇଛି । ତେବେ ଏହି ଭୟଙ୍କର ଖେଳ ଯେ ବନ୍ଦ ହେବ ଏଯାଏ କୌଣସି ସଙ୍କେତ ମିଳୁନାହିଁ। ଆସନ୍ନ ପରମାଣୁ ଯୁଦ୍ଧ ସମଗ୍ର ମାନବଜାତିକୁ ଧ୍ୱଂସ କରିବା ପାଇଁ ଭୟ ସଞ୍ଚାର କରୁଛି। ଏହା ସୁସ୍ପଷ୍ଟ ଯେ ମଣିଷ ମଧ୍ୟରେ ପଶୁର ପ୍ରାଧାନ୍ୟ ତଥାପି ରହିଛି। ଏହା ଅଦ୍ୟାବଧି ପରାଭୂତ ହୋଇନାହିଁ। ଯଦି ହୁଏ ତା'ହେଲେ ଆମେ ଶାନ୍ତି ଓ ଆନନ୍ଦ ଲାଭ କରିବା। ଆମର ରାଷ୍ଟ୍ର ଏବଂ ବିଶ୍ୱରେ ମଧ୍ୟ ଶାନ୍ତି ଓ ଆନନ୍ଦ ବିରାଜମାନ କରିବ। ଆଜିର ପୃଥିବୀ ନୂତନ ନିୟମ, ନୂତନ ଶିକ୍ଷା ପଦ୍ଧତି, ନୂତନ ସମାଜ ଅଥବା ନୂତନ ଧର୍ମ ଆବଶ୍ୟକ କରୁନାହିଁ। ମନ ପାଇଁ ଆରୋଗ୍ୟ ଆବଶ୍ୟକ, ହୃଦୟ ପବିତ୍ରତାରେ ପୂର୍ଣ୍ଣ ହେବା ଆବଶ୍ୟକ। ପବିତ୍ରତା ଅଙ୍କୁରିତ ହେବା ଉଚିତ। ଏହି କ୍ଷେତ୍ରରେ କେବଳ ବ୍ରହ୍ମବିଦ୍ୟା ମାଧ୍ୟମରେ ସାର୍ଥକତା ଲାଭ ହୋଇପାରିବ। ମାତ୍ର ଦୁର୍ଭାଗ୍ୟର ବିଷୟ ଯେ ଆଜିର ମଣିଷ କେବଳ ସମ୍ପଦ ସଂଗ୍ରହ ଓ ସଞ୍ଚୟ ସମ୍ପର୍କରେ ଗଭୀର ଆସ୍ଥାବାନ। ସେ ତ୍ୟାଗ କରି ଜାଣେ ନାହିଁ। ସତ୍ୟ ଉପରେ ତା'ର ଆସ୍ଥା ନାହିଁ। ମଣିଷ ସବୁ ବିଷୟ ଜାଣିବା ପାଇଁ ଆଗ୍ରହୀ। ମାତ୍ର ସତ୍ୟ ଉପଲବ୍ଧି ପାଇଁ ତା'ର ଆଗ୍ରହ ନାହିଁ। ସେ ନିଜର ଆଶଙ୍କା ଓ ଅନ୍ଧବିଶ୍ୱାସଗୁଡ଼ିକର ସତ୍ୟତା ପ୍ରତିପାଦିତ କରିଥାଏ। ତେଣୁ ମଣିଷର ପ୍ରଥମ କର୍ତ୍ତବ୍ୟ ହେଉଛି ନିଜର ଦୁର୍ବଳତା ଓ ଅନ୍ୟର ଅନିଷ୍ଟ କରିବା ମନୋବୃତ୍ତିକୁ ପରିହାର କରିବା।

ମଣିଷକୁ ବିଶ୍ୱର ପ୍ରତ୍ୟେକ ପଦାର୍ଥର ମୂଲ୍ୟ ଏବଂ ଉପଯୋଗିତା ଅନୁସନ୍ଧାନ କରିବାକୁ ହେବ। ଦୃଷ୍ଟାନ୍ତ ସ୍ୱରୂପ, ଜନ୍ମ ପୂର୍ବରୁ ଶରୀର ନ ଥିଲା ଏବଂ ମୃତ୍ୟୁ ପରେ ମଧ୍ୟ ଏହା ଏଠାରେ ରହିବ ନାହିଁ। ଯେ କୌଣସି ପଦାର୍ଥ ହେଲେ ବି ବିଶ୍ୱ ବ୍ରହ୍ମାଣ୍ଡର କୌଣସି ବସ୍ତୁ ସମୟ ପ୍ରଭାବରୁ ମୁକ୍ତ ନୁହେଁ, ମୃତ୍ୟୁ ଏବଂ ଧ୍ୱଂସ ଦାଉରୁ ଏହା ରକ୍ଷା ପାଇପାରିବ ନାହିଁ। ବୃକ୍ଷ ଓ ଭୂମି, ସଦନ ଓ ଶରୀର, ସମ୍ରାଟ ଓ ସାମ୍ରାଜ୍ୟ ସମସ୍ତଙ୍କୁ ଏଇ ଶେଷ ପରିଣତି ଭୋଗ କରିବାକୁ ହେବ। ନିଜ ମଧ୍ୟରେ ଥିବା ଅମରତ୍ୱ ସମ୍ପର୍କରେ ସଚେତନ ହେବାର ଉପାୟକୁ ମଣିଷ ଉପେକ୍ଷା କରିଥାଏ। ନୈତିକ ସ୍ତର ସହିତ ସମ୍ପର୍କିତ ଜ୍ଞାନରେ ସେ ମୋହିତ ହୋଇଥାଏ। ଯେଉଁମାନେ ଏହି ସହଜ ଆକର୍ଷଣର ଶିକାର ହୁଅନ୍ତି ସେମାନେ ନନ୍ଦନ ବନ ପରିତ୍ୟାଗ କରି ବିଷାକ୍ତ ଉଦ୍ଭିଦଭରା ଜଙ୍ଗଲରେ ପ୍ରବେଶ କରନ୍ତି। ପ୍ରକୃତି ବା ଆତ୍ମାଠାରୁ ସେମାନେ ଦୂରେଇ ଯାଆନ୍ତି। ପ୍ରତିବିମ୍ବ ଅଥବା ଦୃଶ୍ୟ ଦ୍ୱାରା ସେମାନେ ବିମୋହିତ ହୁଅନ୍ତି। ଏପରି ମନୋବୃତ୍ତି ସେମାନଙ୍କୁ ସତ୍ୟ ସନ୍ଧାନ ବା ସତ୍ୟଜ୍ଞାନ କହି ଅଜ୍ଞ ରୂପେ ପରିଣତ କରେ।

ମଣିଷ ଜାଣିବା ଉଚିତ ଯେ ତ୍ରିଭୁବନ, ତ୍ରିକାଳ (ଅତୀତ, ବର୍ତ୍ତମାନ, ଭବିଷ୍ୟତ) ଏବଂ ଚେତନାର ଅବସ୍ଥାତ୍ରୟରୁ (ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତ) ବିନ୍ଦୁଏ ହେଲେ ନିଚ୍ଛକ ସୁଖ ମିଳିବ ନାହିଁ। ମଣିଷମାନଙ୍କ ମଧ୍ୟରୁ କେବଳ ମୂଢ଼ମାନେ ସାଂସାରିକ କର୍ମ ମାଧ୍ୟମରେ ସୀମିତ ଅସାର ସୁଖ ଲାଭ କରି ସଂତୃପ୍ତ ହେବା ପାଇଁ ଉଦ୍ୟମ କରନ୍ତି। ଜ୍ଞାନୀମାନେ କିନ୍ତୁ ଉତ୍ତମ ରୂପେ ବୁଝିଥାନ୍ତି। ଆକର୍ଷଣୀୟ ମିଠା ଅଙ୍ଗୁର ପେନ୍ଥା ଏଡ଼ାଇ ଦେଲେ ଯେଉଁମାନେ କଣ୍ଟାଆଡ଼କୁ ଦୌଡ଼ନ୍ତି ସେମାନେ ଉଷ୍ଟ୍ର। ସେମାନଙ୍କୁ ଭିନ୍ନ ଶ୍ରେଣୀରେ ଅନ୍ତର୍ଭୁକ୍ତ କରିହେବନାହିଁ।

ପୂର୍ବତନ ଡିଏଫ୍‌ଓ (କେନ୍ଦୁଲିଫ୍)
ଜୟପୁର ଡିଭିଜନ
ମୋ: ୯୪୩୭୨୫୬୭୧୨୩

## ଏଇ ଭାରତରେ

୧୬ ବର୍ଷ ବୟସରେ ପ୍ରଥମେ ଗୋଟିଏ ଗୋଖର ସାପ ଉଦ୍ଧାର କରିଥିଲେ ଚେନ୍ନାଇର ବେଦପ୍ରିୟା ଗଣେଶନ । ସେବେଠାରୁ ସେ ଏହି କାର୍ଯ୍ୟରୁ ପଛଘୁଞ୍ଚା ଦେଇନାହାନ୍ତି, ବରଂ ୯ ବର୍ଷ ମଧ୍ୟରେ ୬୦୦୦ ସାପ ଉଦ୍ଧାର କରିସାରିଛନ୍ତି। ଏହାସହ ସେ ବନ୍ୟ ଜନ୍ତୁଙ୍କ ସଂରକ୍ଷଣ ପାଇଁ ମଧ୍ୟ ସଚେତନ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ପ୍ରଥମରୁ ସେ ବିନା ପ୍ରଶିକ୍ଷଣରେ ସାପ ଧରୁଥିଲେ ଓ ପରେ ତାମିଲନାଡୁ ବନ ବିଭାଗ ଦ୍ୱାରା ଆୟୋଜିତ କର୍ମଶାଳାରୁ ଏହାର କୌଶଳ ଶିକ୍ଷା କରିଥିଲେ। ବେଦପ୍ରିୟା କଲେଜରେ ପଢୁଥିବାବେଳେ ପ୍ରାଣୀ କଲ୍ୟାଣ ସଂଗଠନଗୁଡ଼ିକରେ ସ୍ୱେଚ୍ଛାସେବୀ ଭାବେ କାର୍ଯ୍ୟ କରିବା ସମୟରେ ପ୍ରାଣୀମାନଙ୍କ ପ୍ରତି ଆକର୍ଷିତ ହୋଇଥିଲେ ଓ ସେମାନଙ୍କୁ ଉଦ୍ଧାର କରିବାକୁ ନିଷ୍ପତ୍ତି ନେଇଥିଲେ। କେବଳ ସାପ ନୁହେଁ, ବେଦପ୍ରିୟା ମାଙ୍କଡ଼, ବିଭିନ୍ନ ପକ୍ଷୀ ମଧ୍ୟ ଉଦ୍ଧାର କରୁଛନ୍ତି। ସେ ଏବେ ପଶ୍ଚିମଘାଟ ବନ୍ୟଜନ୍ତୁ ସଂରକ୍ଷଣ ଟ୍ରଷ୍ଟର ଚେନ୍ନାଇ ପାଇଁ ମୁଖ୍ୟ କୋଅର୍ଡିନେଟର ରହିଛନ୍ତି ଓ ତାହାପୁଣି ଅବୈତନିକ ଭାବେ ।

## ୨୫ ବର୍ଷ ତଳର ଧରିତ୍ରୀ

DHARITRI

୧୦ ଅଗଷ୍ଟ ୧୯୯୮

- ଆନ୍ଧ୍ର–ଓଡ଼ିଶା ସୀମାନ୍ତବର୍ତ୍ତୀ ଘଞ୍ଚ ଜଙ୍ଗଲ ଭିତରେ ଘମାଘୋଟ ସଂଘର୍ଷ ଘଟି ୯ ନକ୍ସଲପନ୍ଥୀଙ୍କ ସମେତ ୧୨ ନିହତ।
- ସୋନେଗଡ଼ଠାରୁ ୧୦ କିଲୋମିଟର ଦୂରବର୍ତ୍ତୀ ଭିଗାନ ଗ୍ରାମ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ମାଡ଼ିଯିବା ଫଳରେ ୧୨ ଶ୍ରମିକଙ୍କ ମୃତ୍ୟୁ।
- କେନିଆର ନାଇରୋବି ଏବଂ ତାଞ୍ଜାନିଆର ଦାର–ଏସ୍–ସଲାମଠାରେ ଥିବା ଆମେରିକୀୟ ଦୂତାବାସରେ ବୋମା ବିସ୍ଫୋରଣ ଘଟି ମୃତ୍ୟୁସଂଖ୍ୟା ୨୦୦କୁ ବୃଦ୍ଧି।

## su|do|ku ସୁ–ଡୋ–କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | | | 5 | | 9 | | |
| | 8 | | 7 | | | 2 | | 3 |
| | | | | | | | 1 | 5 |
| | | | | | 7 | 3 | | |
| 6 | 7 | | 5 | | | | 4 | 1 |
| 5 | | 3 | | | | | | |
| | | 8 | | 7 | 2 | 5 | | |
| | | | | 1 | | | 3 | |
| | | 2 | | | 6 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶିତ ହେବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 9 | 1 | 7 | 5 | 8 | 2 | 6 |
| 8 | 6 | 7 | 2 | 3 | 9 | 1 | 5 | 4 |
| 1 | 2 | 5 | 8 | 4 | 6 | 3 | 7 | 9 |
| 9 | 5 | 2 | 6 | 1 | 3 | 4 | 8 | 7 |
| 6 | 7 | 4 | 9 | 8 | 2 | 5 | 1 | 3 |
| 3 | 8 | 1 | 7 | 5 | 4 | 9 | 6 | 2 |
| 7 | 4 | 8 | 3 | 6 | 1 | 2 | 9 | 5 |
| 2 | 1 | 3 | 5 | 9 | 7 | 6 | 4 | 8 |
| 5 | 9 | 6 | 4 | 2 | 8 | 7 | 3 | 1 |

ଗତକାଲିର ଉତ୍ତର

# ମାଗଣା ଚାଉଳ ବିଚାର



ପ୍ରଦ୍ୟୋତ ମହାପାତ୍ର

୧୯୮୧ରେ ପ୍ରଥମେ ପ୍ରକାଶିତ ନିଜ ବହି 'ଦାରିଦ୍ର୍ୟ ଓ ଦୁର୍ଭିକ୍ଷ'ରେ ଅମର୍ତ୍ତ୍ୟ ସେନ ମୁଖବନ୍ଧରେ ସେକ୍ସପିୟରଙ୍କ ସହ ଏକମତ ହୋଇ କହିଛନ୍ତି , ଦେଖିପାରୁ ନ ଥିବା ମଣିଷ ମଧ୍ୟ ଏ ଦୁନିଆ କେମିତି ଚାଲିଛି ଜାଣିପାରୁଥାଏ। ମାତ୍ର ଅତୀତରେ ଅର୍ଥଶାସ୍ତ୍ରୀମାନେ ଏ ମତ ବିରୋଧରେ କହିଛନ୍ତି, ଦେଖିପାରୁ ନ ଥିବା ଜଣେ ଗଣିତଜ୍ଞ ଗଣିତ ଉପରେ ଗୋଟିଏ ଲମ୍ବାଚୌଡ଼ା ବକ୍ତୃତା ଦେଇପାରନ୍ତି। ମାତ୍ର ଯେତେବେଳେ ଗଣିତକୁ ପ୍ରୟୋଗ କରାଯାଏ ବାସ୍ତବ ଦୁନିଆ ଏତେ ପ୍ରକାର ଅସୁବିଧା ସୃଷ୍ଟିକରେ ଯେ, ତଥ୍ୟ ସଂଗ୍ରହ ବିନା କାମ ଆଗକୁ ଯାଏ ନାହିଁ। ୧୯୮୧ରେ ଅମର୍ତ୍ତ୍ୟ ସେନ ଯେଉଁ ପ୍ରସ୍ତାବ ଦେଇଥିଲେ ତାହା ଭାରତରେ କେବେଠୁ ଲାଗୁହେଲାଣି। ଜାତୀୟ ଖାଦ୍ୟ ନିରାପତ୍ତା ଆଇନ ବର୍ତ୍ତମାନ କେବଳ ରାଜସ୍ୱ ବ୍ୟୟ ନୁହେଁ, ଏହା ପଛରେ ଆଇନର ସମର୍ଥନ ରହିଛି।

ଆଗରୁ ଭାରତରେ ଶାଗଖିଆ ଓ ପେଯଖିଆ ଥିଲେ ଓ ଓଡ଼ିଆରେ କୁହାଯାଇଛି 'ଶାଗଖିଆକୁ ପେଯଖିଆ ସହିପାରେନା'। ଏହା ବ୍ୟତୀତ ଗୋଟିଏ ମଧ୍ୟବିତ୍ତ ଶ୍ରେଣୀ ଥିଲେ ଯେଉଁମାନେ ପେଟରୁ କାଟି ପିଲାଙ୍କୁ ମଣିଷ କରିବା ସହ ସାଇକେଲ, ରେଡିଓ ଓ ପରେ ଫ୍ରିଜ୍ କିମ୍ବା ସ୍କୁଟରଟିଏ କରିପାରୁଥିଲେ। ଭାରତର ତୃତୀୟ ଯୋଜନା ଦସ୍ତାବିଜରେ କୁହାଯାଇଛି ଗାଁରେ ବହୁ ସଂଖ୍ୟାରେ ସାଇକେଲ ପହଞ୍ଚିଲେ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ଆସିବ। ୧୯୯୨ ପର୍ଯ୍ୟନ୍ତ ମଧ୍ୟବିତ୍ତ, ପେଯଖିଆ ଓ ଶାଗଖିଆ ସମସ୍ତେ ପଡ଼ିକାର୍ଡ ମାଧ୍ୟମରେ ରିହାତିରେ ଗହମ, ଚିନି ଇତ୍ୟାଦି ପାଉଥିଲେ। ପରେ ଏ ଯୋଜନାରେ ପରିବର୍ତ୍ତନ ଆସିଲା ଓ ସ୍ୱଚ୍ଛଳବର୍ଗଙ୍କୁ ରିହାତିରୁ ବାଦ୍ ଦିଆଗଲା। ସେତେବେଳେ ଭୁବନେଶ୍ୱରର ଆଖପାଖ ଗାଁ ଲୋକଙ୍କ ପାଖରେ ଜମି ଥିଲେ ମଧ୍ୟ ସେମାନେ ଗରିବ ଥିଲେ। ମାତ୍ର ଗାଣିତିକ ଅର୍ଥଶାସ୍ତ୍ରୀ ଅଗଷ୍ଟିନ୍ କୁର୍ନୋ ମେଷପାଳକ ବିଷୟରେ ଯେଉଁ ଉଦାହରଣ ଦେଇଛନ୍ତି ତାହା ବର୍ତ୍ତମାନ ଏଠାରେ ପ୍ରଯୁଜ୍ୟ। ମେଷପାଳକର ବିରାଟ ପଡ଼ିଆଟିଏ ଅଛି, ମାତ୍ର ଭୂମି ଥାଇ ମଧ୍ୟ ସେ ଗରିବ, କାରଣ ଭୂମିର ବିକଳ୍ପ ବ୍ୟବହାର ନାହିଁ। ସେଇ ମେଷପାଳକ ବହୁ ସଂଖ୍ୟାରେ ଗୋମହିଷାଦି ରଖି ନିଜର ପ୍ରତିପତ୍ତି ବଢ଼ାଇପାରନ୍ତି ଓ ଚାକରବାକର ରଖିବା ସହ ନିଜ ସମ୍ପର୍କୀୟମାନଙ୍କୁ ସାହାଯ୍ୟ କରିପାରନ୍ତି। ମାତ୍ର କ୍ଷମତା ପାଇଲେ ମଧ୍ୟ ସେ ଧନୀ ନୁହନ୍ତି, କାରଣ ବର୍ତ୍ତମାନ ସୁଦ୍ଧା ତାଙ୍କ ଅଧୀନରେ ଥିବା ବିରାଟ ପଡ଼ିଆର କିଣାବିକା ପାଇଁ ବାଟ ଫିଟି ନାହିଁ । ଯେତେବେଳେ ସେ ରହୁଥିବା ସମାଜରେ ସମସ୍ତ ଦ୍ରବ୍ୟର କିଣାବିକା ପାଇଁ ବାଟ ଫିଟିଯିବ, ସେତେବେଳେ ପରିସ୍ଥିତି ବଦଳିଯିବ। ଭୁବନେଶ୍ୱର ଶହୀଦନଗର ହାଟରେ ପରିବା ବ୍ୟବସାୟ କରୁଥିବା ଜଣେ ବେପାରୀଙ୍କ ଭାଷାରେ ନଖରାଠାରୁ ଭିତରକୁ ଆଉ ୫/୭ କି.ମି. ଜାଗାରେ ଆଉ ହାତ ମାରି ହେଉ ନାହିଁ। ଜମିର କିଣାବିକା ବଢ଼ିଗଲାଣି। ବର୍ତ୍ତମାନ ସରକାର ମଧ୍ୟ ସରକାରୀ ଓ ବେସରକାରୀ ପ୍ରକଳ୍ପ ପାଇଁ ଭୂମି ଅଧିଗ୍ରହଣ କରୁଛନ୍ତି ଯାହା ବିକ୍ରେତାଙ୍କୁ ମାଲମାଲ କରିଦେଇ ତାଙ୍କ ଭାଗ୍ୟ ବଦଳାଇଦେବ। ଗାଣିତିକ ଅର୍ଥଶାସ୍ତ୍ରୀ କୁର୍ନୋଙ୍କର ଏ ବିଚାର ଆମ ସମାଜ ପାଇଁ କେତେଦୂର ପ୍ରଯୁଜ୍ୟ ? ଜମି ହସ୍ତାନ୍ତର ପ୍ରକ୍ରିୟା ଏତେ ସହଜ ନୁହେଁ ଏବଂ ଅନେକ ଜାଗାରେ ଜମି ମାଲିକମାନେ ଜମି ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି। ରକ୍ତାକ୍ତ ସଂଘର୍ଷ ପର୍ଯ୍ୟନ୍ତ କଥା ଯାଉଛି, ଯାହା ପଶ୍ଚିମବଙ୍ଗ ଓ ଓଡ଼ିଶାରେ ଘଟିଯାଇଛି। ଯଦି ଜମି ମାଲିକମାନେ ଜମି ଛାଡ଼ିବାକୁ ପ୍ରସ୍ତୁତ ନୁହନ୍ତି, ତେବେ ବିକଳ୍ପ କ'ଣ ? ଜମି ବଦଳରେ ପୁଞ୍ଜିର ପରିମାଣ ବଢ଼ାଯାଇପାରିବ। ତା'ହେଲେ ପୁଞ୍ଜି କ'ଣ? ଅର୍ଥଶାସ୍ତ୍ରୀ ବମ୍–ବର୍କଙ୍କ ମତରେ ପୁଞ୍ଜି ହେଲା ସେଇ ଦ୍ରବ୍ୟ ଯାହା ଅତୀତରେ ଉତ୍ପାଦିତ ହୋଇଥାଏ ଓ ସଙ୍ଗେ ସଙ୍ଗେ ଉପଭୋଗରେ ପରିଣତ ନ ହୋଇ ଅନ୍ୟ ଦ୍ରବ୍ୟ ଉତ୍ପାଦନରେ ସାହାଯ୍ୟ କରିଥାଏ। ତେଣୁ ଚାଉଳ ଓ ଜମି ପୁଞ୍ଜି ସଂଜ୍ଞାର ବାହାରେ। ମାତ୍ର ଏହିଠାରେ ବମ୍–ବର୍କ ରାଷ୍ଟ୍ରୀୟ ପୁଞ୍ଜି ଓ ବ୍ୟକ୍ତିଗତ ପୁଞ୍ଜି ମଧ୍ୟରେ ଫରକ କରିଛନ୍ତି। ଯେଉଁ ଦ୍ରବ୍ୟ ଅତୀତରେ ଉତ୍ପାଦିତ ହୋଇ ବର୍ତ୍ତମାନ ଉତ୍ପାଦନରେ ସାହାଯ୍ୟ କରୁଛି ତାହା ହିଁ ରାଷ୍ଟ୍ରୀୟ ପୁଞ୍ଜି। ମାତ୍ର ଅନେକ ଦ୍ରବ୍ୟ ଅଛି ଯାହା ବ୍ୟକ୍ତିକୁ ଉତ୍ପାଦନରେ ସାହାଯ୍ୟ କରିଥାଏ ଓ ଅନେକ ଦ୍ରବ୍ୟ ଅଛି ଯାହା ବ୍ୟକ୍ତି ଉପଭୋଗ କରିଥାଏ। ଉଭୟ ହେଲା ବ୍ୟକ୍ତିଗତ ପୁଞ୍ଜି। ଦୁର୍ଭିକ୍ଷ ସମୟରେ ଯଦି ମୋ ପାଖରେ ୫ ବସ୍ତା ଚାଉଳ ଅଛି, ତେବେ ତା'ଠାରୁ ବଡ଼ ପୁଞ୍ଜି କ'ଣ ? କାରଣ ଦୁର୍ଭିକ୍ଷ ସମୟରେ ବଳକା ଚାଉଳ ବଦଳରେ ଜଣେ ଅନ୍ୟ ଦ୍ରବ୍ୟ ସଂଗ୍ରହ କରିପାରିବ। ଭାରତୀୟ ଖାଦ୍ୟ ନିଗମ କେଉଁ ଚାଉଳ ଓ ଗହମ ସଂଗ୍ରହକରି ରଖୁଛି, ତାହା ରାଷ୍ଟ୍ରୀୟ ପୁଞ୍ଜି ନ ହେଲେ ମଧ୍ୟ ବ୍ୟକ୍ତି ପାଖରେ ଯେତେବେଳେ ଚାଉଳ ଓ ଗହମ ପହଞ୍ଚିଯାଉଛି, ତାହା ବ୍ୟକ୍ତିଗତ ପୁଞ୍ଜି ପାଲଟିଯାଉଛି। ମାନବୀୟ ପୁଞ୍ଜି ସମ୍ଭବ ହେବ ଯେତେବେଳେ ପ୍ରତ୍ୟେକ ଲୋକ ଖାଇବାକୁ ଯଥେଷ୍ଟ ପରିମାଣରେ ପାଇପାରିବେ।



ଏଇଠି ଆମକୁ କେତେକ ଧାରଣା ସ୍ପଷ୍ଟ ଭାବରେ ଚିନ୍ତା କରିବାକୁ ପଡ଼ିବ। ପ୍ରଥମ କଥା ହେଲା ଆମେ ଜାଣିଲେ ସମଷ୍ଟି ଅର୍ଥଶାସ୍ତ୍ରରେ ପୁଞ୍ଜିର ଅର୍ଥ ଯାହା ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ତାହା ସାମାନ୍ୟ ଅଲଗା। ବମ୍–ବର୍କ ପୁଞ୍ଜିର ଯେଉଁ ସଂଜ୍ଞା ଦେଇଛନ୍ତି (ଉତ୍ପାଦନରେ ଲାଗୁଥିବା ଉତ୍ପାଦିତ ଦ୍ରବ୍ୟ), ତାହା ସମଷ୍ଟି ଅର୍ଥଶାସ୍ତ୍ର ପାଇଁ ପ୍ରଯୁଜ୍ୟ। ତେଣୁ ସମଷ୍ଟି ଅର୍ଥଶାସ୍ତ୍ରରେ ଭୂମି ପୁଞ୍ଜି ନୁହେଁ, କାରଣ ଏହା ପ୍ରକୃତିର ଅବଦାନ ଓ ଅର୍ଥ ବ୍ୟବସ୍ଥା ପାଇଁ ଏହାର ପରିମାଣ ସ୍ଥିର। ସମଷ୍ଟି ଅର୍ଥରେ ଜମି ବିକାକିଣା ହେଲେ ବି ମୋଟ ଜମିର ପରିମାଣ ସମାନ ଥାଏ ଓ ଟଙ୍କା କେବଳ କ୍ରେତା ପକେଟରୁ ବିକ୍ରେତା ପକେଟକୁ ଯାଇଥାଏ। ମାତ୍ର ଜମିରେ କିଛି ଉନ୍ନତି ଆଣିଲେ ତାହା ପୁଞ୍ଜି ସଦୃଶ ହୋଇଥାଏ। ଏହା ଜମିର ମୂଲ୍ୟ ବଢ଼ାଇଦେଇଥାଏ। ତେଣୁ ଉଇଲିୟମ୍ ରୋଶର ଜମିରେ ହିଡ଼ ନିର୍ମାଣ, ଜଳ ନିଷ୍କାସନ, ଜଳସେଚନ ବ୍ୟବସ୍ଥା ଇତ୍ୟାଦିକୁ ପୁଞ୍ଜି ଗଠନ କହିଛନ୍ତି । ମାତ୍ର ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ସାଧାରଣ ଅବିକଶିତ ଜମି ବା ପଡ଼ିଆ ତା' ମାଲିକ ପାଇଁ ପୁଞ୍ଜି । କାରଣ ଏହା ଆୟର ଉତ୍ସ ହୋଇପାରେ। ପଡ଼ିଆକୁ ମୁଁ ଯଦି ବାହାଘର ବା ବ୍ରତଘର ପାଇଁ ଦେଲି ତାହା ଆୟ ଆଣିଥାଏ। ତେଣୁ ବ୍ୟଷ୍ଟି ଅର୍ଥଶାସ୍ତ୍ରରେ ଘର ଆସବାବ, ଗାଈ ଇତ୍ୟାଦି ପୁଞ୍ଜି। ଯଦି ମଜୁରି ପୁଞ୍ଜି ହେଲା, ତେବେ ମଜୁରି ଆକାରରେ ମିଳିଥିବା ଧାନ ବା ଚାଉଳ ମଧ୍ୟ ପୁଞ୍ଜିର ହକ୍‌ଦାର।

ମୌଳିକ ଅର୍ଥଶାସ୍ତ୍ରରେ ଚାଉଳକୁ ସାଧାରଣତଃ ଏକ ଖାଉଟି ଦ୍ରବ୍ୟ କୁହାଯାଇଥାଏ। ମାତ୍ର ଆମେ ଦେଖିଲେଣି ପୁଞ୍ଜିର ସଂଜ୍ଞାକୁ ବ୍ୟାପକ କଲେ ଚାଉଳକୁ ଏକ ପୁଞ୍ଜି ହିସାବରେ ମଧ୍ୟ ନିଆଯାଇପାରିବ। ଅମର୍ତ୍ତ୍ୟ ସେନଙ୍କ ଗବେଷଣା ମନୁଷ୍ୟର ଅଭାବ ଉପରେ ଆଧାରିତ। ପଞ୍ଜାବରେ ଧାନଚାଷ ହେଉଛି ଓ ଓଡ଼ିଶାରେ ମଧ୍ୟ। ମାତ୍ର ପଞ୍ଜାବ ଚାଷୀର ଉତ୍ପାଦକତା ଅଧିକ ଏବଂ ଖର୍ଚ୍ଚ କମ୍। ତେଣୁ ଉଭୟ ପଞ୍ଜାବର ଚାଷୀ ଓ ଓଡ଼ିଶାର ଚାଷୀ ସମାନ ଦରରେ ଭାରତୀୟ ଖାଦ୍ୟ ନିଗମକୁ ଧାନ ବିକିଲେ। ପଞ୍ଜାବର ଚାଷୀ ଅଧିଶେଷ ବା ରେଣ୍ଟ ପାଉଛି ଯାହା ବିଷୟରେ ରିକାର୍ଡୋ କହିଥିଲେ। ତେଣୁ ଆଗରୁ ପବନ ପିଇ ବଞ୍ଚୁଥିବା ଲୋକ ଯଦି ମାଗଣାରେ ଚାଉଳ ପାଇଲେ ଭୁଲ୍ ରହିଲା କେଉଁଠି।

ବମିଖାଲ, ଭୁବନେଶ୍ୱର
ମୋ–୯୯୩୮୮୦୦୮୪୬

## ପାଠକ ଶ୍ରେଷ୍ଠ ବିଚାରକ

### ବିଦ୍ୟୁତ୍ ଉପଭୋକ୍ତାଙ୍କୁ ଶୋଷଣ

ମହାଶୟ,

ଓଡ଼ିଶାର ବିଦ୍ୟୁତ୍ ଉପଭୋକ୍ତାମାନେ ଅନ୍ୟ ପଡ଼ୋଶୀ ରାଜ୍ୟଗୁଡ଼ିକ ତୁଳନାରେ ବହୁ ମହଙ୍ଗା ବିଦ୍ୟୁତ୍ ଶୁଳ୍କ ପଇଠ କରି ଆସୁଛନ୍ତି। ନିକଟରେ ପ୍ରକାଶିତ କେନ୍ଦ୍ର ଶକ୍ତି ମନ୍ତ୍ରାଳୟ ଅଧୀନ ପାୱାର ଫାଇନାନ୍ସ କର୍ପୋରେଶନ (ପିଏଫସି) ୨୦୨୧–୨୨ ବର୍ଷ ରିପୋର୍ଟରୁ ଜଣାପଡ଼ିଛି ଅଧିକ ମୂଲ୍ୟ ଦେଇ ନିକୃଷ୍ଟ ଧରଣର ବିଦ୍ୟୁତ ସେବା ପାଉଛନ୍ତି ଓଡ଼ିଶାର ଉପଭୋକ୍ତାମାନେ। ଅର୍ଥାତ୍ ସୁଲଭ ମୂଲ୍ୟରେ ବିଦ୍ୟୁତ୍ ସେବା ପାଇବା ପାଇଁ ୧୯୯୫ରେ ଯେଉଁ ସଂସ୍କାର ଅଣାଯାଇଥିଲା ତାହା ପ୍ରକାରାନ୍ତରେ ଫେଲ୍ ମାରିଛି। ଅଧିକ ମୂଲ୍ୟ ଦେଇ ଓଡ଼ିଶାର ଉପଭୋକ୍ତାମାନେ ସର୍ବଦା କ୍ଷତିରେ ଚାଲୁଛନ୍ତି । ଉପଭୋକ୍ତାମାନଙ୍କୁ ସୁଲଭ ମୂଲ୍ୟରେ ଗୁଣାତ୍ମକ ବିଦ୍ୟୁତ ସେବା ଯୋଗାଇ ଦେବା ଅତ୍ୟନ୍ତ ଆବଶ୍ୟକ।

–ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗା ନଗର, ଭୁବନେଶ୍ୱର

## ଚିରନ୍ତନୀ

ତୁଳିକା ରଞ୍ଜିତ କରି ଧରିବାକୁ ବଢ଼ାଇଲେ କର
ମରୀଚିକା ସମ ସେ ଯେ କ୍ଷଣ ପରେ ହୁଅଇ ଅନ୍ତର
ଛନ୍ଦ ଆଶେ କଷ୍ଟକରି ବସିଲେ ସଜାଇ
ଆସି କ୍ଷଣେ ଯାଏ ସେ ଉଭାଇ।
(ସୃଜନ ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ରିସର୍ଚ୍ଚ ଫାଉଣ୍ଡେଶନ ବିଲ୍‌କୁ ସଂସଦର ମଞ୍ଜୁରୀ

**ନୂଆଦିଲ୍ଲୀ,୯।୮(ପି.ଟି.):** ଦେଶର ସମସ୍ତ ବିଶ୍ୱବିଦ୍ୟାଳୟରେ ଗବେଷଣା ପାଇଁ ପାଣ୍ଠି ଯୋଗାଣ ନିମନ୍ତେ ଉଦ୍ଦିଷ୍ଟ ଅନୁସନ୍ଧାନ ନ୍ୟାଶନାଲ ରିସର୍ଚ୍ଚ ଫାଉଣ୍ଡେଶନ୍ ବିଲ୍, ୨୦୨୩ ବୁଧବାର ରାଜ୍ୟ ସଭାରେ ପାରିତ ହୋଇଛି। ଲୋକ ସଭାରେ ଏହି ବିଧେୟକ ସୋମବାର ଗୃହୀତ ହୋଇଥିଲା। ଉଚ୍ଚ ସଦନରେ ଏହି ବିଲ୍ ଆଗତ କରାଯିବାର ମାତ୍ର ୪୦ ମିନିଟ୍ ମଧ୍ୟରେ ଧ୍ୱନିମତରେ ଏହାକୁ ଗୃହୀତ ରାଯାଇଛି। ବିତର୍କରେ ମାତ୍ର ୬ ସଦସ୍ୟ ଭାଗନେଇଥିଲେ। ଏହା ପୂର୍ବରୁ ବିରୋଧୀ ଦଳଗୁଡ଼ିକ କକ୍ଷତ୍ୟାଗ କରିଥିଲେ। ଏହି ବିଲ୍ ପାରିତ ହେବା ଏକ ଐତିହାସିକ ଘଟଣା ଏବଂ ଆଗାମୀ ଦିନରେ ଏହାର ଦୀର୍ଘମିଆଦୀ ପ୍ରଭାବ ରହିବ ବୋଲି ବିଜ୍ଞାନ ଓ କାରିଗରି ମନ୍ତ୍ରୀ ଜିତେନ୍ଦ୍ର ସିଂ କହିଥିଲେ।

### ରାହୁଲଙ୍କୁ ସଂସଦ ଟିଭିର ଅଣଦେଖା: କଂଗ୍ରେସ

**ନୂଆଦିଲ୍ଲୀ,୯।୮(ପି.ଟି.):** କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅନାସ୍ଥା ପ୍ରସ୍ତାବ ଉପରେ କହୁଥିବାବେଳେ ସଂସଦ ଟିଭି ତାଙ୍କ ଭାଷଣର ୪୦%ରୁ କମ୍ ପ୍ରସାରଣ କରିଥିବା ବିରୋଧୀ ଦଳ ପକ୍ଷରୁ ଅଭିଯୋଗ ଅଣାଯାଇଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି, ରାହୁଲ ଲୋକ ସଭାରେ ୩୭ ମିନିଟ କହିଥିଲେ। କିନ୍ତୁ ସଂସଦ ଟିଭିରେ ଏଥିରୁ ମାତ୍ର ୧୪ ମିନିଟ୍ ୩୭ ସେକେଣ୍ଡ ଦେଖାଯାଇଛି।

### ହୁରିଆତ୍, ପାକିସ୍ତାନ ସହ ଆଲୋଚନା ହେବ ନାହିଁ: ଶାହା

**ନୂଆଦିଲ୍ଲୀ,୯।୮(ପି.ଟି.):** ପାକିସ୍ତାନ ଓ ବିଚ୍ଛିନ୍ନତାବାଦୀ ସଙ୍ଗଠନ ହୁରିଆତ୍ କନ୍‌ଫରେନ୍ସ ସହ ଭାରତର କୌଣସି ପ୍ରକାର ଆଲୋଚନା ହେବ ନାହିଁ। ତେବେ କଶ୍ମୀର ଉପତ୍ୟକାର ଯୁବପିଢ଼ି ସହ ଆଲୋଚନା ହେବ ବୋଲି ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ସ୍ପଷ୍ଟ କରିଛନ୍ତି। ଲୋକ ସଭାରେ ଅନାସ୍ଥା ପ୍ରସ୍ତାବ ଉପରେ ବିତର୍କ ବେଳେ ଶାହା କହିଥିଲେ, ଅନୁଚ୍ଛେଦ ୩୭୦ ହେଉଛି ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁଙ୍କ ଭୁଲ୍ ନୀତିର ଫଳ। କିନ୍ତୁ ୩୭୦ ଉଚ୍ଛେଦ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଐତିହାସିକ ନିଷ୍ପତ୍ତି ଫଳରେ ଜମ୍ମୁ ଓ କଶ୍ମୀରର ସମ୍ପୂର୍ଣ୍ଣ ମିଶ୍ରଣ ହୋଇଛି।

### ଇମ୍ରାନ୍ ସରକାର ମିତ୍ରରାଷ୍ଟ୍ର ସହ ସମ୍ପର୍କ ଖରାପ କରିଛନ୍ତି: ଶେହବାଜ

**ଇସ୍‌ଲାମାବାଦ,୯।୮:** ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ସରିଫ କହିଛନ୍ତି, ତାଙ୍କ ସରକାର ୧୬ ମାସର ଶାସନକାଳ ମଧ୍ୟରେ ପୂର୍ବ ସରକାରଙ୍କ ଦ୍ୱାରା କରାଯାଇଥିବା ଭୁଲ୍ ଲାଗି ଅଧିକ ଅସୁବିଧାର ସମ୍ମୁଖୀନ ହୋଇଛି। ସେହିପରି ଇମ୍ରାନ୍ ସରକାର ପାକିସ୍ତାନର ମିତ୍ର ରାଷ୍ଟ୍ରମାନଙ୍କ ସହ ସମ୍ପର୍କକୁ ଅଧିକ ଖରାପ କରିଛନ୍ତି। ୧୩ଟି ଦଳର ସମର୍ଥନକୁ ନେଇ ଗଠିତ ଏହି ସରକାର ଗତ ୧୬ ମାସ ମଧ୍ୟରେ ଅର୍ଥନୀତି, ବୈଦେଶିକନୀତି ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହୋଇ ଆସଛି। ୩୮ ବର୍ଷର ରାଜନୈତିକ ଜୀବନରେ ଏଭଳି ସ୍ଥିତି କେବେ ଦେଖି ନ ଥିଲି। ଏହି ୧୬ ମାସ ମଧ୍ୟରେ ଦେଶରେ ଖାଦ୍ୟ ସଙ୍କଟ ଠାରୁ ଆରମ୍ଭ କରି ତେଲ ସଙ୍କଟ ଏବଂ ଅନ୍ୟାନ୍ୟ ସଙ୍କଟ ଦେଖାଦେଇଥିଲା। ହେଲେ ସରକାର ଦୃଢ଼ତାର ସହ ସେସବୁର ମୁକାବିଲା କରିଥିଲା ବୋଲି ସରିଫ ତାଙ୍କ ବିଦାୟୀ ଭାଷଣରେ କହିଛନ୍ତି।



ଶନିବାର ଅନ୍ତର୍ଜାତୀୟ ଆଦିବାସୀ ଦିବସରେ ପଶ୍ଚିମବଙ୍ଗର ନଦିଆ ଜିଲାରେ ଆଦିବାସୀମାନେ ସାଂସ୍କୃତିକ ନୃତ୍ୟ ପରିବେଶଣ କରୁଛନ୍ତି।

# ମୃତ୍ୟୁ ପରେ ବି ଚିକିତ୍ସା ଜାରି

## ଆୟୁଷ୍ମାନ ଭାରତର ମୁଖା ଖୋଲିଦେଲେ ସିଏଜି

**ନୂଆଦିଲ୍ଲୀ,୯।୮**

ଦେଶର ଅଭାବୀ ଲୋକଙ୍କ ଚିକିତ୍ସା ପାଇଁ କେନ୍ଦ୍ର ସରକାର ଆରମ୍ଭ କରିଥିବା ଆୟୁଷ୍ମାନ ଭାରତ ଯୋଜନାରେ ବଡ଼ ଧରଣର ଅନିୟମିତତା ହୋଇଥିବା ସାମ୍ନାକୁ ଆସିଛି। 'ମୃତ' ଦର୍ଶାଯାଇଥିବା ରୋଗୀଙ୍କ ଚିକିତ୍ସା ଜାରି ରଖିବା ଏବଂ ଗୋଟିଏ ମୋବାଇଲ ନମ୍ବରରେ ଅନେକ ଲକ୍ଷ ହିତାଧିକାରୀଙ୍କ ନାମ ପଞ୍ଜୀକରଣ କରାଯିବା ଭଳି ଦୁର୍ନୀତି ଉପରୁ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ (ସିଏଜି) ପରଦା ହଟାଇଛନ୍ତି।

ଆୟୁଷ୍ମାନ ଭାରତ ଯୋଜନାକୁ ନେଇ ସିଏଜି ଚାଞ୍ଚଲ୍ୟକର ପ୍ରଘଟ କରିଛନ୍ତି। ପାର୍ଲାମେଣ୍ଟରେ ମଙ୍ଗଳବାର ଉପସ୍ଥାପିତ ସିଏଜି ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ପୂର୍ବରୁ ମୃତ ଦର୍ଶାଯାଇଥିବା ଅନେକ ରୋଗୀଙ୍କୁ ଏହି ଯୋଜନାରେ ଚିକିତ୍ସା କରାଯାଇଛି। ଏଭଳି ଅନିୟମିତତାର ସର୍ବାଧିକ ମାମଲା ଛତିଶଗଡ଼, ହରିୟାଣା,





### ଗୋଟିଏ ମୋବାଇଲରେ ୧୦ ଲକ୍ଷ ଜଣଙ୍କ ପଞ୍ଜୀକରଣ

ଝାଡ଼ଖଣ୍ଡ, କେରଳ ଓ ମଧ୍ୟପ୍ରଦେଶରେ ଦେଖିବାକୁ ମିଳିଛି। ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ୮୮,୭୬୦ ରୋଗୀ ଚିକିତ୍ସାଧୀନ ଅବସ୍ଥାରେ ଆଖି ବୁଜିଦେଇଥିଲେ। କିନ୍ତୁ ୨,୧୪,୯୨୩ ଜଣଙ୍କୁ ଅର୍ଥ ପ୍ରଦାନ କରାଯାଇଥିଲା ବୋଲି ମୃତ୍ୟୁହାର ମାମଲାର ତଥ୍ୟ ବିଶ୍ଲେଷଣରୁ ଜଣାପଡ଼ିଛି। ଅଡିଟ୍‌ରୁ ଆହୁରି ଜଣାପଡ଼ିଛି ଯେ, ୩,୪୪୬ ରୋଗୀଙ୍କ ପାଇଁ ୬.୯୭ କୋଟି ଟଙ୍କା ହସ୍ପିଟାଲଗୁଡ଼ିକୁ ପ୍ରଦାନ କରାଯାଇଛି। ଜଣେ ରୋଗୀ ଏକକାଳୀନ ଅନେକ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଏପରି ଜାଲ୍ ଆଡ୍‌ମିଶନ ରୋକିବା ପାଇଁ କୌଣସି ପ୍ରକାର ବ୍ୟବସ୍ଥା କରାଯାଇ ନାହିଁ। ୨୦୧୮ ସେପ୍ଟେମ୍ବରରୁ ୨୦୨୧ ମାର୍ଚ୍ଚମଧ୍ୟରେ ସିଏଜି ଏହି ଯାଞ୍ଚ କରିଥିଲେ।

### ଏବି-ପିଏମ୍‌ଜେଏୱାଇ କ'ଣ

ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (ଏବି-ପିଏମ୍‌ଜେଏୱାଇ) ହେଉଛି ଭାରତ ସରକାରଙ୍କ ଏକ ସ୍କିମ୍, ଯାହାର ଶୁଭାରମ୍ଭ ୨୦୧୮ ଏପ୍ରିଲ ୧ରେ କରାଯାଇଥିଲା। ଏହି ଯୋଜନା ଅଧୀନରେ ଆର୍ଥିକ ଭାବେ ଦୁର୍ବଳ ନାଗରିକମାନେ ହସ୍ପିଟାଲକୁ ଯାଇ ମାଗଣାରେ ଚିକିତ୍ସିତ ହୋଇଥାନ୍ତି। ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ଖର୍ଚ୍ଚ କେନ୍ଦ୍ର ସରକାର ବହନ କରିଥାନ୍ତି। ୨୦୨୩ ଅଗଷ୍ଟ ୧ ସୁଦ୍ଧା ଏହି ଯୋଜନାରେ ୨୪.୩୩ କୋଟି କାର୍ଡ ପ୍ରସ୍ତୁତ କରାଯାଇଥିବା ବିଷୟ ରାଜ୍ୟ ସଭାରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ଏସ୍.ପି. ବଘେଲ ସୂଚନା ଦେଇଛନ୍ତି।

ଆୟୁଷ୍ମାନ ଭାରତ ଯୋଜନାରେ ଏଭଳି ଅନିୟମିତତା ହେଉଥିବା ବିଷୟ ୨୦୨୦ ଜୁଲାଇରେ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ (ଏନ୍‌ଏଚ୍‌ଏ) ସ୍ୱୀକାର କରିଥିଲେ। ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ଦାୟିତ୍ୱରେ ଥିବା ଏନ୍‌ଏଚ୍‌ଏ ପକ୍ଷରୁ ସିଏଜିଙ୍କୁ କୁହାଯାଇଥିଲା, ବିଭିନ୍ନ ଅପରେଶନାଲ କାରଣରୁ ଜଣେ ପରେ ଜଣେ ରୋଗୀଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। କିନ୍ତୁ ସିଏଜି ଏହାକୁ ଗ୍ରହଣ ନ କରି ଜାତୀୟ ଓ ରାଜ୍ୟ କର୍ତ୍ତୃପକ୍ଷମାନେ ସବୁ ମାମଲାର ପୁଙ୍ଖାନୁପୁଙ୍ଖ ତଦନ୍ତ ସୁନିଶ୍ଚିତ କରିବା ଉଚିତ। ଆଇଟି ସିଷ୍ଟମ୍ (ଟିଏମ୍‌ଏସ୍) ସମାନ ସମୟରେ କୌଣସି ରୋଗୀଙ୍କୁ ଏକାଧିକ ହସ୍ପିଟାଲରେ ଭର୍ତ୍ତି କରିବାକୁ ବାରଣ କରି ନ ଥିଲା।

### କେରଳ କେରଳମ୍ ହେବ



**ଥିରୁଭାନନ୍ତପୁରମ୍, ୯।୮**

କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ବୁଧବାର ରାଜ୍ୟ ବିଧାନସଭାରେ ରାଜ୍ୟର ନାମ ପରିବର୍ତ୍ତନ ନେଇ ଏକ ପ୍ରସ୍ତାବ ଆଗତ କରିଛନ୍ତି। ଏଥିରେ କେରଳର ନୂଆ ନାଁ କେରଳମ୍ ହେବ ବୋଲି କୁହାଯାଇଛି। ଏଥିସହ ରାଜ୍ୟର ଏହି ପ୍ରସ୍ତାବ ଉପରେ କେନ୍ଦ୍ର ସରକାର ତୁରନ୍ତ ବିଚାର କରିବାକୁ ଦାବି କରାଯାଇଛି। ଭାରତ ସମ୍ବିଧାନର ଧାରା ୩ ଅନୁସାରେ ଏହା କରିବାକୁ କୁହାଯାଇଛି। ସମ୍ବିଧାନର ଏହି ଧାରାରେ ନୂଆ ରାଜ୍ୟ ଗଠନ ଏବଂ ରାଜ୍ୟର ନାମ ପରିବର୍ତ୍ତନ ବିଷୟରେ ଉଲ୍ଲେଖ କରାଯାଇଛି। ଏହି ପ୍ରସ୍ତାବ ଆଗତ କରିବା ସହ ମୁଖ୍ୟମନ୍ତ୍ରୀ ବିଜୟନ କହିଛନ୍ତି, ମାଲୟାଲମ ଭାଷାରେ ଆମ ରାଜ୍ୟର ନାଁ କେରଳମ୍ ବୋଲି କୁହାଯାଇଛି। ଏହି ରାଜ୍ୟ ଭାଷା ଆଧାରରେ ନଭେମ୍ବର ୧,୧୯୫୬ରେ ଗଠିତ ହୋଇଥିଲା। ମାଲୟାଲମ ଭାଷାଭାଷୀ ଲୋକଙ୍କୁ ଏକାଠି କରିବାକୁ ଯାଇ କେରଳ ରାଜ୍ୟ ଗଠିତ ହୋଇଥିଲା। ଏହା ସ୍ୱାଧୀନତା ଆନ୍ଦୋଳନ ସମୟରୁ ଚାଲି ଆସିଥିଲା।

## ଏଏସ୍‌ଆଇ ସର୍ଭେକୁ ନେଇ ଗଣମାଧ୍ୟମ ଉପରେ କଟକଣା ଲଗାଯାଉ

**ବାରାଣସୀ, ୯।୮**

ଜ୍ଞାନବାପି ମସ୍‌ଜିଦକୁ ନେଇ ବିବାଦ ଅଧିକ ଜଟିଳ ହେବାରେ ଲାଗିଛି। ପ୍ରତ୍ନତତ୍ତ୍ୱ ବିଭାଗ ଗତ ୬ ଦିନ ହେଲା ଏହାର ଉପରେ ସର୍ଭେ ଜାରି ରଖିଛି। ପ୍ରତିଦିନ ଗଣମାଧ୍ୟମରେ ଏହି ସମ୍ପର୍କିତ ଖବର ପ୍ରସାରଣ ହୋଇ ଆସୁଛି। ଏହାକୁ ଅଧିକ ଜଟିଳ କରୁଛି ବୋଲି ମସ୍‌ଜିଦ ପରିଚାଳନା କମିଟି ଅଭିଯୋଗ କରିଛି। ତେଣୁ ଏହି ସର୍ଭେ ସମ୍ପର୍କିତ ଖବର ପ୍ରସାରଣକୁ ନେଇ ଗଣମାଧ୍ୟମ ଉପରେ ପ୍ରତିବନ୍ଧକ ଲଗାଯାଉ ବୋଲି ପରିଚାଳନା କମିଟି କୋର୍ଟରେ ଆବେଦନ କରିଛି।

ସୂଚନାଯୋଗ୍ୟ, ୧୯ଶହ ଖ୍ରୀଷ୍ଟାବ୍ଦରେ ଏହି ମସ୍‌ଜିଦ ନିର୍ମାଣ କରାଯାଇଥିବା କୁହାଯାଇଥିବାବେଳେ ପୂର୍ବରୁ ଏଠାରେ ଏକ ହିନ୍ଦୁ ମନ୍ଦିର ଥିଲା ବୋଲି କିଛି ହିନ୍ଦୁ

### ଜ୍ଞାନବାପି ମସ୍‌ଜିଦ ପରିଚାଳନା କମିଟିର ଆବେଦନ



ସଂଗଠନ ଦାବି କରିଥିଲେ। ଏହାକୁ ନେଇ ବିବାଦ ଦେଖାଦେଇଥିଲା। ତେଣୁ ଗତମାସରେ ସୁପ୍ରିମକୋର୍ଟ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ(ଏଏସ୍‌ଆଇ)କୁ ବୈଜ୍ଞାନିକ ପ୍ରଣାଳୀରେ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ଆଦେଶ ଆଧାରରେ ଚଳିତ ମାସ ୪ ତାରିଖରୁ ପ୍ରତ୍ନତତ୍ତ୍ୱ ବିଭାଗ ସର୍ଭେ ଆରମ୍ଭ କରିଥିଲା। ଅଞ୍ଜୁମନ ଇଣ୍ଟେଜାମିଆ ମସ୍‌ଜିଦ କମିଟିର ଯୁଗ୍ମ ସମ୍ପାଦକ ସୟିଦ ମହମ୍ମଦ ୟାସିନ କହିଛନ୍ତି, କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତ୍ନତତ୍ତ୍ୱ ବିଭାଗ ବର୍ତ୍ତମାନ ଜ୍ଞାନବାପି ମସ୍‌ଜିଦ ପରିସରରେ ସର୍ଭେ କରୁଛି। ଏନେଇ ଏଏସ୍‌ଆଇ ପକ୍ଷରୁ ବର୍ତ୍ତମାନ ସୁଦ୍ଧା କୌଣସି ମନ୍ତବ୍ୟ ଦିଆଯାଇନାହିଁ। କିନ୍ତୁ ବିଭିନ୍ନ ଗଣମାଧ୍ୟମରେ ଏ ସମ୍ପର୍କିତ ଖବର ବାରମ୍ବାର ପ୍ରସାରିତ ହୋଇଆସୁଛି। ଏହା ଲୋକଙ୍କ ମନରେ ଭ୍ରାନ୍ତ ଧାରଣା ସୃଷ୍ଟି କରୁଛି। ତେଣୁ ଏ ସମ୍ପର୍କିତ ଖବର ପ୍ରସାରଣ ଉପରେ ପ୍ରତିବନ୍ଧକ ଲଗାଇବାକୁ ଆମେ ସ୍ଥାନୀୟ କୋର୍ଟରେ ଆବେଦନ କରିଛୁ।



ସେଲ୍‌ଏକ୍ସ ପକ୍ଷରୁ ଲାବ୍‌ରେ ପ୍ରସ୍ତୁତ ମାଂସକୁ ସାଂଘାଇସ୍ଥିତ କମ୍ପାନୀର ଏକ ଫାସିଲିଟିରେ ଜଣେ ମହିଳା ଖାଉଛନ୍ତି।

## ସଂସଦରେ ଡେଟା ସୁରକ୍ଷା ବିଲ୍ ଗୃହୀତ

**ନୂଆଦିଲ୍ଲୀ,୯।୮**

ଲୋକ ସଭାରେ ସୋମବାର ଗୃହୀତ ହୋଇଥିବା ଡେଟା ପ୍ରୋଟେକ୍ସନ ବିଲ୍, ୨୦୨୩ ବୁଧବାର ରାଜ୍ୟ ସଭାରେ ପାରିତ ହୋଇଛି। ରାଷ୍ଟ୍ରପତିଙ୍କ ମୋହର ବାଜିବା ପରେ ଏହା ଆଇନରେ ପରିଣତ ହେବ। ସୁପ୍ରିମକୋର୍ଟ ପ୍ରିଭେସି ଅଧିକାରକୁ ମୌଳିକ ଅଧିକାର ବୋଲି ସ୍ପଷ୍ଟ କରିବାର ୬ ବର୍ଷ ପରେ କେନ୍ଦ୍ର ସରକାର ଆଣିଥିବା ଉକ୍ତ ବିଲ୍‌ରେ ଅନ୍‌ଲାଇନ୍ ପ୍ଲାଟ୍‌ଫର୍ମଗୁଡ଼ିକରେ ବ୍ୟକ୍ତିମାନଙ୍କ ଡେଟାର ଦୁରୁପଯୋଗ ରୋକିବା ପାଇଁ ବ୍ୟବସ୍ଥା କରାଯାଇଛି। ଆଇଟି ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରସ୍ତାବ କହିଛନ୍ତି, ଏହି ବିଲ୍ ଡିଜିଟାଲ ସର୍ଭିସ ବ୍ୟବହାର କରୁଥିବା ଲୋକଙ୍କୁ ନୂଆ ଅଧିକାର ପ୍ରଦାନ କରିଛି। ନାଗରିକଙ୍କ ଡେଟା ସଂଗ୍ରହ



ଓ ପ୍ରକ୍ରିୟାକରଣ କରୁଥିବା ଘରୋଇ ତଥା ସରକାରୀ ସଂସ୍ଥାଗୁଡ଼ିକୁ ଏଥିରେ ଉତ୍ତରଦାୟୀ କରାଯାଇଛି। ଭାରତୀୟ ନାଗରିକମାନଙ୍କ ପ୍ରିଭେସିକୁ ଏହି ବିଲ୍ ସୁରକ୍ଷା ପ୍ରଦାନ କରିବ। ଏହାକୁ ଉଲ୍ଲଂଘନ କଲେ ସମ୍ପୃକ୍ତ ବ୍ୟକ୍ତି ବା ସଂସ୍ଥାକୁ ୨୫୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଦେବାକୁ ପଡ଼ିବ। ମଣିପୁର ପ୍ରସଙ୍ଗରେ ଗୃହରେ ହଟ୍ଟଗୋଳ ଚାଲିଥିବାବେଳେ ବିରୋଧୀ ଦଳଗୁଡ଼ିକ କକ୍ଷତ୍ୟାଗ କରିଥିଲେ। ତେବେ ଧ୍ୱନିମତରେ ଏହା ଗୃହୀତ ହୋଇଥିଲା।

## ୭୮% ଗ୍ରାମାଞ୍ଚଳ ଭାରତୀୟ ଚାହାନ୍ତି 'ଝିଅ ଗ୍ରାଜୁଏଟ ହେଉ'

**ନୂଆଦିଲ୍ଲୀ,୯।୮**

ଭାରତର ଗ୍ରାମାଞ୍ଚଳରେ ରହୁଥିବା ୭୮ ପ୍ରତିଶତ ଅଭିଭାବକ ଚାହାନ୍ତି ଯେ, ସେମାନଙ୍କ ଝିଅ ଅତିକମରେ ସ୍ନାତକ ପର୍ଯ୍ୟନ୍ତ ପଢ଼ୁ। ଏହା ଏକ ସର୍ଭେରୁ ଜଣାପଡ଼ିଛି। ୨୦ଟି ରାଜ୍ୟର ୬୨୨୯ ଗ୍ରାମୀଣ ପରିବାରକୁ ନେଇ ଏହି ସର୍ଭେ କରାଯାଇଥିଲା। ଏହାର ରିପୋର୍ଟକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଙ୍ଗଳବାର ସନ୍ଧ୍ୟାରେ ପ୍ରକାଶ କରିଛନ୍ତି। ଲିଙ୍ଗଗତ ବ୍ୟବଧାନ କଥା ଯଦି କୁହାଯିବ, ତେବେ ଗ୍ରାମାଞ୍ଚଳ ଅଭିଭାବକ ମାନେ ସେମାନଙ୍କ ପୁଅ ଓ ଝିଅକୁ ଟେକ୍‌ନିକାଲ ଡିଗ୍ରୀ, ସ୍ନାତକ, ସ୍ନାତକୋତ୍ତର ଭଳି ସମାନ ଶିକ୍ଷା ଦେବା ପାଇଁ ଚାହାନ୍ତି। ୮୨ ପ୍ରତିଶତ ପୁଅ ଏବଂ ୭୮ ପ୍ରତିଶତ ଝିଅଙ୍କ ଅଭିଭାବକ





ସେମାନଙ୍କ ପିଲାଙ୍କୁ ସ୍ନାତକ ତଥା ତା' ଠାରୁ ଅଧିକ ପଢ଼ାଇବା ପାଇଁ ଚାହାଁନ୍ତି। ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଆଧାରରେ କରାଯାଇଥିବା ଏହି ସର୍ଭେରେ ଜଣାପଡିଛି ଯେ, ଛାତ୍ରୀ ତୁଳନାରେ ଅଧିକ ସଂଖ୍ୟକ ଛାତ୍ର ପ୍ରାଥମିକ ସ୍ତରରୁ ହିଁ ପାଠପଢ଼ା ଛାଡିଥାନ୍ତି। ଯଦି ଛାତ୍ରୀଙ୍କ କଥା କୁହାଯିବ ତେବେ ୩୫ ପ୍ରତିଶତ ଛାତ୍ରୀ ଏହି ସ୍ତରରୁ ପାଠପଢ଼ା ଛାଡିଥାନ୍ତି। ସେହିପରି ୬୫ ପ୍ରତିଶତ ଝିଅ ଏବଂ ୭୫ ପ୍ରତିଶତ ପୁଅ ପ୍ରାଥମିକ ଶିକ୍ଷା ପରେ ପାଠପଢ଼ା ଛାଡ଼ିଥାନ୍ତି। ନିଜ ଗାଁ ଅଞ୍ଚଳରେ ଉଚ୍ଚ ଶିକ୍ଷା ଲାଭ ପାଇଁ କୌଣସି ଶିକ୍ଷାନୁଷ୍ଠାନ ନଥିବା ଏହାର ଏକ ପ୍ରମୁଖ କାରଣ ବୋଲି ଜଣାପଡିଛି। ଡେଭଲପମେଣ୍ଟ ଇଣ୍ଟେଲିଜେନ୍ସ ୟୁନିଟ୍(ଡିଆଇୟୁ), ଟ୍ରାନ୍ସଫର୍ମ ରୁରାଲ ଇଣ୍ଡିଆ ଫାଉଣ୍ଡେଶନ(ଟିଆରଆଇଏଫ) ଏବଂ ସମ୍ବୋଧିତ ସଂସ୍ଥା ଦ୍ୱାରା ଗ୍ରାମାଞ୍ଚଳର ୬ରୁ ୧୬ ବର୍ଷ ଶିଶୁଙ୍କ ଶିକ୍ଷା ଆଧାରରେ ଏହି ସର୍ଭେ କରାଯାଇଥିଲା। ସର୍ଭେରୁ ଜଣାଯାଇଛି, ୬୫ ପ୍ରତିଶତ ପିଲା ସେମାନଙ୍କ ଅଧ୍ୟୟନବେଳେ ମା'ଙ୍କ ତତ୍ତ୍ୱାବଧାନରେ ରହିଥିବାବେଳେ ୪୯ ପ୍ରତିଶତ ଶିଶୁ ବାପାଙ୍କ ତତ୍ତ୍ୱାବଧାନରେ ରହିଥାନ୍ତି। ଅଧିକାଂଶ ଅଭିଭାବକ ସେମାନଙ୍କ ପିଲାଙ୍କୁ ନିଜେ ଘରେ ପାଠ ପଢ଼ାଇବା ସହ ସେମାନଙ୍କ ଅଧ୍ୟୟନରେ ମୁଖ୍ୟ ଭୂମିକା ଗ୍ରହଣ କରିଥାନ୍ତି। ଅପରପକ୍ଷେ ୩୮ ପ୍ରତିଶତ ଅଭିଭାବକ ସେମାନଙ୍କ ପିଲାଙ୍କ ଉନ୍ନତ ଶିକ୍ଷା ଲାଗି ଘରୋଇ ଟ୍ୟୁସନ ଉପରେ ନିର୍ଭର କରିଥାନ୍ତି। ଗ୍ରାମାଞ୍ଚଳରେ ଏକଥା ମଧ୍ୟ ଦେଖାଯାଇଥାଏ ଯେ, ପିଲାଙ୍କ ବାପାମା' ବ୍ୟତୀତ ପରିବାରର ଅନ୍ୟ ସଦସ୍ୟମାନେ ମଧ୍ୟ ପାଠପଢ଼ାରେ ସହାୟକ ହୋଇଥାନ୍ତି। ୨୫.୬ ପ୍ରତିଶତ ଶିଶୁଙ୍କୁ ସେମାନଙ୍କ ପରିବାର ବୟସ୍କ ବ୍ୟକ୍ତି ପାଠ ପଢ଼ାଉଥିବାବେଳେ ୩.୮ ପ୍ରତିଶତ ପିଲା ଅଙ୍ଗନୱାଡ଼ି ଏବଂ ୭.୬ ପ୍ରତିଶତ ପିଲା ଘରୋଇ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ପଢ଼ିଥାନ୍ତି। ଆଜିକାଲି ପିଲାମାନେ ପାଠପଢ଼ା ଅପେକ୍ଷା ସ୍ମାର୍ଟଫୋନରେ କେତେ ସମୟ ବିନିଯୋଗ କରିଥାନ୍ତି ସେନେଇ ମଧ୍ୟ ଏହି ସର୍ଭେରେ ଦର୍ଶାଯାଇଛି। ଦୈନିକ ୭୩ ପ୍ରତିଶତ ଶିଶୁ ଦୁଇ ଘଣ୍ଟାରୁ କମ ସମୟ ସ୍ମାର୍ଟଫୋନ ଦେଖୁଥିବାବେଳେ ଅଧିକ ବୟସର ପିଲା ଅଧିକ ସମୟ ସ୍ମାର୍ଟଫୋନ ଦେଖିବାରେ ବିତାଇଥାନ୍ତି ବୋଲି ଜଣାପଡିଛି।

## ଝୁଲନ୍ତା ଅବସ୍ଥାରେ ଯୁବକଙ୍କ ମୃତଦେହ ଜବତ

ବାଉଁଶୁଣୀ,(ଦେବାଶିଷ ନେପାକ): ବୌଦ୍ଧ ଜିଲା ବାଉଁଶୁଣୀ ଥାନା ଅନ୍ତର୍ଗତ ବଲାକିରା ନିକଟରେ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି । ମୃତକ ହେଲେ ସୁନୁ ମହାକୁଡ (୨୦) । ମିଳିଥିବା ସୂଚନା ଅନୁଯାୟୀ, ବୁଧବାର ସକାଳେ ମୁଣ୍ଡିପଦର ପଞ୍ଚାୟତ ବଲାକିରା ଗ୍ରାମର ସୁନୁ ବଲାକିରା ନାଳଖଣ୍ଡି ନିକଟରେ ଥିବା ଏକ ଗଛରେ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିବା ତାଙ୍କ ଭାଇ ଦେଖିବାକୁ ପାଇଥିଲେ । ଏନେଇ ସେ ବାଉଁଶୁଣୀ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି ।

# କଳା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଉପରେ ଗୁରୁତ୍ୱ

ସୋନପୁର,୯।୮(ମୃତ୍ୟୁଞ୍ଜୟ ଶତପଥୀ)



ଆଦିବାସୀ ସମାବେଶରେ ମଞ୍ଚାସୀନ ଅତିଥି ବୃନ୍ଦ ।

**ସୁବର୍ଣ୍ଣପୁରରେ ଆଦିବାସୀ କଲ୍ୟାଣ ସଂଘର ସମାବେଶ**

- ପାରମ୍ପରିକ ବେଶରେ ଅସ୍ତ୍ରଶସ୍ତ୍ର ଧରି ସହର ପରିକ୍ରମା କଲେ
- ସୁବର୍ଣ୍ଣପୁର ଜିଲାକୁ ଏସଡିସିରେ ସାମିଲ ଦାବି

ସୁବର୍ଣ୍ଣପୁରରେ ଆଦିବାସୀ କଲ୍ୟାଣ ସଂଘର ସମାବେଶ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଆଦିବାସୀ ଦିବସ ତଥା କ୍ରାନ୍ତି ଦିବସ ଅବସରରେ ସଂଘ ପକ୍ଷରୁ ନୂତନ ଟାଉନ ହଲରେ ଏହି ସମାବେଶ ଆୟୋଜିତ ହୋଇଥିଲା। ଏଥିରେ ଜିଲା ଆଦିବାସୀ କଲ୍ୟାଣ ସଂଘର ସଭାପତି ଯୋଗେନ୍ଦ୍ର ଭୋଇ ଅଧ୍ୟକ୍ଷତା କରିଥିଲେ। ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଦିବାସୀମାନଙ୍କ ସାମ୍ବିଧାନିକ ଅଧିକାର, ସେମାନଙ୍କ ଐତିହ୍ୟ, ସଂସ୍କୃତି, ପ୍ରଥା ଓ ପରମ୍ପରା ଉପରେ ଆଲୋଚନା କରିଥିଲେ। ଜିଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଜଙ୍ଗଲ ଜମି ଅଧିକାର ଆଇନ ମୁତାବକ ଆଦିବାସୀଙ୍କୁ ଗୋଷ୍ଠୀଗତ ଓ ବ୍ୟକ୍ତିଗତ ପଟ୍ଟା ପ୍ରଦାନ ଉପରେ ବକ୍ତବ୍ୟ ରଖିଥିଲେ। ସଂଘର ଜିଲା ସଭାପତି ଭୋଇ ତାଙ୍କ ବକ୍ତବ୍ୟରେ ଆଦିବାସୀଙ୍କ ଦେବା ଦେବୀ ପୀଠ, କଳା, ସଂସ୍କୃତି, ପରମ୍ପରା ଓ ପୂଜା ପଦ୍ଧତିର ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ବିଶ୍ୱ ଆଦିବାସୀ ଦିବସକୁ ସରକାରୀ ଭାବେ ଛୁଟି ଘୋଷଣା କରିବା ଓ ସୁବର୍ଣ୍ଣପୁର ଜିଲାକୁ ଏସଡିସି(ସ୍ୱତନ୍ତ୍ର ଉନ୍ନୟନ ପରିଷଦ)ରେ ସାମିଲ କରିବା ପାଇଁ ଦାବି କରିଥିଲେ। ସଂଘର ଉପସଭାପତି ଗୁପ୍ତେଶ୍ୱର ମଲ୍ଲିକ, ସମ୍ପାଦକ ଲମ୍ବୋଦର ଧରୁଆ, ନରୋତ୍ତମ ଆଡବାଙ୍କ, ରୋହିତ କୁଅଁର, ବଳଭଦ୍ର କୁଅଁର, କପୁର୍ଚ୍ଚନ ଭୋଇ, ବିରଞ୍ଚି କୁଅଁର, ନନ୍ଦନ ବାରିକ, ଶ୍ୟାମ ସୁନ୍ଦର ଭୋଇ, ଶ୍ୟାମ ପଧାନ, ଯୁବରାଜ ସିଂ ବରିହା ଓ ବିରାଜ ଭୁଏ ପ୍ରମୁଖ ସଂଘକୁ ଜିଲାରେ ସୁଦୃଢ଼ କରିବା ସହ ଆଦିବାସୀଙ୍କ ଉପରେ ଅତ୍ୟାଚାର ବନ୍ଦ କରିବା ପାଇଁ ଦାବି କରିଥିଲେ। ପ୍ରାରମ୍ଭରେ ଜିଲାର ସମସ୍ତ ବ୍ଲକରୁ ଆସିଥିବା ଆଦିବାସୀମାନେ ପାରମ୍ପରିକ ଶୋଭାଯାତ୍ରାରେ ସୁରେଶ୍ୱରୀଙ୍କ ପୀଠକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ପୂଜା ପରେ ହଜାର ହଜାର ଆଦିବାସୀ ମହିଳା ଓ ପୁରୁଷ ପାରମ୍ପରିକ ବେଶରେ ଅସ୍ତ୍ରଶସ୍ତ୍ର ଧରି ରାଲିରେ ସହର ପରିକ୍ରମା କରିଥିଲେ। ରାଲି ଟାଉନ ହଲରେ ପହଞ୍ଚିବା ପରେ ଆଦିବାସୀ ସମାବେଶ ଅନୁଷ୍ଠିତ ହୋଇଥିଲା।

## ଶିଶୁ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା


ଛାତ୍ରୀଛାତ୍ରମାନେ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି ।

ଅମରପାଲି,୯।୮(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଜନକରାମ ପଟେଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁମନ୍ଦିରର ସମ୍ପାଦକ ରାଜେନ୍ଦ୍ର ପଧାନ ଓ ଯୁଗ୍ମ ସମ୍ପାଦକ ପ୍ରଫୁଲ୍ଲ ଡାଙ୍ଗ ଯୋଗଦେଇ ଜ୍ଞାନ ବିଜ୍ଞାନମେଳା ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଜ୍ଞାନଭିତ୍ତିକ ପ୍ରାୟ ୬୪ଟି ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ। ଗାୟତ୍ରୀ ଆବସିକ ଶିକ୍ଷା ନିକେତନର ବିଜ୍ଞାନ ଶିକ୍ଷକ ଯୁଧିଷ୍ଠିର ଖମାରୀ,ଏଏମସ ପବ୍ଲିକ ସ୍କୁଲର ବିଜ୍ଞାନ ଶିକ୍ଷୟିତ୍ରୀ ଜୟଶ୍ରୀ ମିଶ୍ର ଓ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଆଚାର୍ଯ୍ୟ ପ୍ରମୋଦ ଠାକୁର ପ୍ରମୁଖ ବିଚାରକ ଭାବେ ଯୋଗଦେଇ ପ୍ରକଳ୍ପଗୁଡ଼ିକ ମୂଲ୍ୟାଙ୍କନ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ବିଜ୍ଞାନ ଆଚାର୍ଯ୍ୟ ଦିଲୀପ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀଛାତ୍ର ଓ ଆଚାର୍ଯ୍ୟା ଆଚାର୍ଯ୍ୟ ଯୋଗ ଦେଇଥିଲେ।

# ୬୦୧ ୟୁନିଟ୍ ରକ୍ତ ସଂଗ୍ରହ

ସୋନପୁର,୯।୮(ମୃତ୍ୟୁଞ୍ଜୟ ଶତପଥୀ)


ସୋନପୁର କଲେଜରେ ଆୟୋଜିତ ଶିବିରରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରୁଛନ୍ତି ।

- କ୍ରାନ୍ତି ଦିବସରେ ରକ୍ତଦାନ ଶିବିର
- ୧୭ ଦମ୍ପତି କଲେ ରକ୍ତଦାନ

କ୍ରାନ୍ତି ଦିବସ ଅବସରରେ ବୁଧବାର ସୋନପୁର କଲେଜ ପରିସରରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁବର୍ଣ୍ଣପୁର ଏସ୍‌ପି ଅମରେଶ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆମ ପୋଲିସ ସମିତି ଓ ମୋ ସରକାର ପକ୍ଷରୁ ଶିବିର ଆୟୋଜିତ ହୋଇଥିଲା। ଜିଲାପାଳ ବିମଳେନ୍ଦୁ ରାୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ଜିଲାପାଳ ରାୟ ଓ ଏସ୍‌ପି ପଣ୍ଡା ସପତ୍ନୀକ ପ୍ରଥମେ ରକ୍ତଦାନ କରି ରକ୍ତ ସଂଗ୍ରହର ଶୁଭାରମ୍ଭ କରିଥିଲେ। ପ୍ରଶାସନିକ ଅଧିକାରୀ, ପୋଲିସ, ଛାତ୍ରୀଛାତ୍ର, ଯୁବତୀଯୁବକ, ମହିଳା ପୁରୁଷ, ସରକାରୀ କର୍ମଚାରୀ ଓ ସ୍ୱେଚ୍ଛାସେବୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସୁବର୍ଣ୍ଣପୁର, ବୁର୍ଲା, ବରଗଡ ଓ ବଲାଙ୍ଗୀର ରକ୍ତଭଣ୍ଡାର ପକ୍ଷରୁ ଟେକ୍‌ନିସିଆନ ଓ ଟିମ୍‌ଙ୍କ ଦ୍ୱାରା ରକ୍ତ ସଂଗ୍ରହ ହୋଇଥିଲା। ଲୋକନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ସହ ଏହି ଶିବିର ସକାଳୁ ଆରମ୍ଭ ହୋଇ ଅପରାହ୍ନ ପର୍ଯ୍ୟନ୍ତ ଚାଲିଥିଲା। ଶିବିରରେ ରେକର୍ଡ ପରିମାଣର ୬୦୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲାର କୌଣସି ଏକ ଶିବିରରେ ଏତେ ପରିମାଣର ରକ୍ତ ସଂଗ୍ରହ ହେବା ପ୍ରଥମ ବୋଲି ଜଣାପଡ଼ିଛି। ଏଥିରେ ୧୭ ଦମ୍ପତି ରକ୍ତଦାନ କରିଥିଲେ। ଏହି ଅବସରରେ ସମ୍ବଲପୁରର ରାମଦାସ ପଣ୍ଡା, ବୌଦ୍ଧ ର ଦେବାଶିଷ ପୁରୋହିତ ଓ ଫୁଲବାଣୀର ବି ରାଜୁଙ୍କୁ ରକ୍ତବନ୍ଧୁ ଭାବେ ପୁରସ୍କୃତ କରା ଯାଇଥିଲା। ସୋନପୁର ପୋଲିସ ଏସ୍‌ଡିପିଓ ରାଜ କିଶୋର ମିଶ୍ର, ସୋନପୁର ଆଇଆଇସି ପଦ୍ମାସିନୀ ମେହେର, ରିଜର୍ଭ ଇନ୍ସପେକ୍ଟର କାହ୍ନୁଚରଣ ମାରାଣ୍ଡି, ସରୋଜ ବେହେରା, ମନୋଜ ପଣ୍ଡା, ଶ୍ରୀବତ୍ସ ମଲ୍ଲିକ, ଆଶିଷ ଅଗ୍ରୱାଲ, ମନୋରଞ୍ଜନ ତ୍ରିପାଠୀ, ଏଏସଆଇ ଚିତ୍ତରଞ୍ଜନ ମହାନନ୍ଦିଆ, ଏକାଦୋଶିଆ ପଧାନ, ଶାଶ୍ୱତ କୁମାର ମିଶ୍ର, ଅମୀୟ ରଞ୍ଜନ ଦାଶ, ଦେବାଶିଷ ପଟ୍ଟନାୟକ ଓ ସ୍ୱଚ୍ଛଭାରତ ସଂଗଠନର କର୍ମକର୍ତ୍ତା ଶିବିର ଆୟୋଜନରେ ସହଯୋଗ କରିଥିଲେ। ସୁବର୍ଣ୍ଣପୁର ଜିଲାରେ ସ୍ୱଳ୍ପ ସଂଖ୍ୟକ ରକ୍ତଦାନ ଶିବିର ଆୟୋଜିତ ହେଉଥିଲା। ସେଥିରେ ପୁଣି କମ୍ ୟୁନିଟ୍ ରକ୍ତ ସଂଗ୍ରହ ହେଉଥିଲା। ରକ୍ତର ଅଭାବ ଲାଗି ରହୁଥିଲା। ଅମରେଶ କୁମାର ପଣ୍ଡା ଜିଲାରେ ଏସ୍‌ପି ଭାବେ ଯୋଗଦାନ କରିବା ପରେ ରକ୍ତଦାନକୁ ଏକ ଆନ୍ଦୋଳନରେ ପରିଣତ କରିଛନ୍ତି। ରକ୍ତର ଅଭାବ ଦୂର କରିବା ପାଇଁ ଅଞ୍ଚଳବାସୀଙ୍କ ସହଯୋଗରେ ପ୍ରତି ଥାନାରେ ରକ୍ତଦାନ ଶିବିର ଆୟୋଜନ କରୁଛନ୍ତି। ସଂଗୃହୀତ ରକ୍ତ ଜିଲା ଓ ଜିଲା ବାହାର ରକ୍ତଭଣ୍ଡାରର ଆବଶ୍ୟକତା ପୂରଣ କରୁଛି। ପୋଲିସ ସମିତିର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଉଛି।

# ବୌଦ୍ଧ ଜିଲା କଂଗ୍ରେସ ପକ୍ଷରୁ ଆଦିବାସୀ ଗୌରବ ପର୍ବ ପାଳିତ

ବୌଦ୍ଧ,୯।୮(ଅଜିତ କୁମାର ବାରିକ)



କଂଗ୍ରେସ ପକ୍ଷରୁ ଆୟୋଜିତ ସଭାରେ ନେତାମାନେ ।

ବିଶ୍ୱ ଜନଜାତି ଦିବସ ଅବସରରେ ବୌଦ୍ଧ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ହରଭଙ୍ଗା ବ୍ଲକର ବାଇସପଡା ଗ୍ରାମରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଆଦିବାସୀ ଗୌରବ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ସଭାରେ ଜିଲା କଂଗ୍ରେସ କମିଟିର ସଭାପତି ନବ କୁମାର ମିଶ୍ର ସଭାପତିତ୍ୱ କରି ଆଦିବାସୀ ସଂପ୍ରଦାୟକୁ ଯେଉଁଭଳି ଭାବେ ଅବହେଳା ପ୍ରଦର୍ଶନ ସହ ଶୋଷଣ କରାଯାଉଛି ସେ ସଂପର୍କରେ ବିଭିନ୍ନ ପ୍ରସଙ୍ଗ ଉପସ୍ଥାପନ କରିଥିଲେ। ସଭାରେ ପର୍ଯ୍ୟବେକ୍ଷକ ଭାବେ ବିଳାସିନୀ ନାୟକ ମଣିପୁର ପ୍ରସଙ୍ଗ ଉପସ୍ଥାପନ କରିବା ସହ ବିଭିନ୍ନ ସମୟରେ ମହିଳାମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ କଟୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପିସିସି ସଭ୍ୟ ଗଣେଶ ଅଗ୍ରୱାଲା, କ୍ଷେତ୍ରବାସୀ ପ୍ରଧାନ, ବଂଶୀଧର ଜାନି, ଚିତ୍ରସେନ ମଲ୍ଲିକ, ନାରାୟଣ ଦେହୁରୀ, ଶାନ୍ତନୁ ମହାପାତ୍ର, ସମରେଶ ମିଶ୍ର ଯୋଗଦେଇ ଦେଶ ସ୍ୱାଧୀନ ହେବା ପରଠାରୁ କଂଗ୍ରେସ ଦଳ ଆଦିବାସୀମାନଙ୍କ ଜମି, ଜଳ, ଜଙ୍ଗଲ ଆଦି ଯେଉଁ ମୌଳିକ ସୁବିଧା ଯୋଗାଇ ଦେଇଥିଲା ତାହା କିପରି ବର୍ତ୍ତମାନ ଛଡାଇ ନିଆଯାଇଛି ସେ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସିଆରପିଏଫ ଜବାନ ପ୍ରଦୀପ ମଲ୍ଲିକ, ପି. କହଁର, ଲମ୍ବୋଦର କହଁର, ନାରାୟଣ ଦେହୁରୀ, ଦୈମତୀ ମାଝି, ଉର୍ମିଳା ପ୍ରଧାନ, ପ୍ରତାପ ଜାନୀ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ପଙ୍କଜ କର୍ଣ୍ଣ, ପଲସ୍ତି ପ୍ରଧାନ, ପ୍ରଦ୍ୟୁମ୍ନ ଦାସ, ଗଣେଶ ଲଉରିଆ, ନିରାକାର ବେହେରା, ଝୁନୁ ବଘାର, ବେଣୁଧର ମେହେର, ଗୋପାଳ ବାଘ ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଜଗନ୍ନାଥ ମନ୍ଦିରଠାରୁ ଏକ ଶୋଭାଯାତ୍ରାରେ ଅତିଥିମାନଙ୍କୁ ସଭାସ୍ଥଳକୁ ଅଣାଯାଇଥିଲା।

# ଶିକାର ଅଭିଯୋଗରେ ବାପ ଝିଅ କୋର୍ଟ ଚାଲାଣ

ବୌଦ୍ଧ,୯।୮(ଅଜିତ କୁମାର ବାରିକ)


ଗିରଫ ଅଭିଯୁକ୍ତ ଓ ବନ କର୍ମଚାରୀ ।

- ଦେଶୀ ବନ୍ଧୁକ ସହ ବ୍ରଜକାପ୍ତା କାତି ଜବତ
- ବନ କର୍ମଚାରୀ ମାଡ଼ ମାରି ମିଥ୍ୟା ମାମଲା କରିଥିବା ନେଇ ଥାନାରେ ଅଭିଯୋଗ

ବୌଦ୍ଧ ଜିଲା କୁଶଙ୍ଗ ବନ୍ୟପ୍ରାଣୀ ରେଞ୍ଜ ପକ୍ଷରୁ ଗତ ମଙ୍ଗଳବାର ଦିନ ହରଭଙ୍ଗା ବ୍ଲକ ପଦ୍ମତୋଳା ଗ୍ରାମର ଉତ୍ତମ ପ୍ରଧାନ ( ୬୦)ଙ୍କ ଘରେ ଚଢାଉ କରାଯାଇଥିଲା। ଚଢାଉ ସମୟରେ ବନ ବିଭାଗ କର୍ମଚାରୀମାନେ ତାଙ୍କ ଘରୁ ଦେଶୀବନ୍ଧୁକ, ଶିକାର ପାଇଁ ବ୍ୟବହୃତ ଟାଙ୍ଗି, ଗନ୍ ପାଉଡର ଓ ବ୍ରଜକାପ୍ତା କାତି ଜବତ କରିଛନ୍ତି। ଶିକାର କରିବା ଅଭିଯୋଗରେ ଉତ୍ତମ ଓ ତାଙ୍କ ବିବାହିତା ଝିଅ ସାବିତ୍ରୀ ମାଝୀଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ପଦ୍ମତୋଳା ଗ୍ରାମ ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ରହିଛି। ଏହି ଗ୍ରାମର ଉତ୍ତମଙ୍କ ପରିବାର ବହୁ ବର୍ଷ ଧରି ସେଠାରେ ବସବାସ କରି ଆସୁଥିବା ବେଳେ ସେମାନଙ୍କ ପରିବାର ନାମରେ ଜମି ପଟ୍ଟା ରେକର୍ଡ ରହିଛି। ପଦ୍ମତୋଳା ଗ୍ରାମ ଅଭୟାରଣ୍ୟର କୋର ଅଞ୍ଚଳରେ ଥିବାରୁ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଉତ୍ତମଙ୍କ ପରିବାର ସେଠାରୁ ଅନ୍ୟତ୍ର ଚାଲି ଯିବାକୁ କୁହାଯାଇଥିଲା। ଏହାକୁ ନେଇ ବନ ବିଭାଗ କର୍ମଚାରୀଙ୍କ ସହ ପୂର୍ବରୁ ପାଟିତୁଣ୍ଡ ହୋଇଥିଲା। ଫଳରେ ତାଙ୍କୁ ହଇରାଣ କରିବାକୁ ଯାଇ ମିଥ୍ୟା ମାମଲାରେ ଛନ୍ଦି ଦିଆଯାଇଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷରେ ଉତ୍ତମଙ୍କ ସ୍ତ୍ରୀ ପାଞ୍ଚ ପ୍ରଧାନ ବନ କର୍ମଚାରୀମାନେ ଜୋର ଜବରଦସ୍ତ ତାଙ୍କ ଘରେ ପଶି ମାଡ଼ ମାରିବା ସହ ତାଙ୍କ ସ୍ୱାମୀ, ପୁଅ , ଝିଅ ଓ ଜ୍ୱାଇଁଙ୍କୁ ମିଥ୍ୟା କେସ୍ କରି ଗିରଫ କରିଛନ୍ତି। ଏନେଇ ସେ ବୁଧବାର ଦିନ ହରଭଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ସମ୍ପର୍କରେ ହରଭଙ୍ଗା ଥାନା ଏସ୍‌ଆଇ ପୂର୍ଣ୍ଣଚନ୍ଦ୍ର କିଷାନଙ୍କୁ ପଚାରିବାରେ ଉତ୍ତମଙ୍କ ସ୍ତ୍ରୀ ଲିଖିତ ଅଭିଯୋଗ କରିବା ପରେ ତଦନ୍ତ ଆରମ୍ଭ ହୋଇଥିବା ପ୍ରକାଶ କରିଛନ୍ତି।


**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR**

No.A-417: 'e' Procurement Notice No. ACECIC-02/2023-24

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | To | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| ACECIC, Bhubaneswar | NID-01/ 2023-24 | Raising & Strengthening of Daluakani Saline Embankment in Astaranga Block of Puri District | 411.35 | 411350/- (Online) | 10000/- (Online) | "A" Class | 10.08.2023 At 10.00 Hours | 24.08.2023 At 17.00 Hours | 25.08.2023 At 11.00 Hours | 12 (Twelve) Calendar Months) |
| | NID-02/ 2023-24 | Cement Concrete Lining of Kakatpur Branch Canal from RD.56.900 Km to 68.000 Km under CLSRP | 422.05 | 422000/- (Online) | 10000/- (Online) | "A" Class | 10.08.2023 At 10.00 Hours | 24.08.2023 At 17.00 Hours | 25.08.2023 At 11.00 Hours | 12 (Twelve) Calendar Months) |
| | NID-03/ 2023-24 | Raising & Strengthening of Tentulia Saline Embankment from RD.00 Km to 2.500 Km in Kakatpur Block of Puri District. | 418.07 | 418000/- (Online) | 10000/- (Online) | "A" Class | 10.08.2023 At 10.00 Hours | 24.08.2023 At 17.00 Hours | 25.08.2023 At 11.00 Hours | 12 (Twelve) Calendar Months) |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
OIPR-32160/11/0002/2324 Sd./- Additional Chief Engineer, Central Irrigation Circle

**The Odisha State Co-operative Milk Producers' Federation Limited**
omfed www.omfed.com
D-2, Sahid Nagar, Bhubaneswar-751007
PH.No.:0674-2546030,2540273, 2540417, 2540974, E-mail ID: omfed@yahoo.com
No.CAD-1603: Date: 09.08.2023
**TENDER FOR DISMANTLING & RENOVATION WORK AT BHAWANIPATNA DAIRY**
OMFED invites sealed techno-commercial tenders from experienced civil contractors for execution of the following works:-
A. Dismantling of existing damaged R.C.C roof at Bhawanipatna Dairy, Dist:- Kalahandi.
B. Renovation of existing hall roof (adjacent to lab room) by meta-sheet roofing at Bhawanipatna Dairy Dist:- Kalahandi.
Interested bidders may download the Tender Document from the OMFED website www.omfed.com. Bid document will be available in the website from 10.00 AM of 09/08/2023 to 24/08/2023 for bidding. Tender cost of Rs.4000/-+18%-GST along with E.M.D. of Rs.5137/- shall be submitted in shape of Demand Drafts in favour of OMFED drawn on any Nationalized Bank payable at Bhubaneswar & should reach at the above office address on or before 02.00 PM of 24/08/2023. The bids shall be received up to 14:00 hours on 24.08.2023. The technical Bid shall be opened at 03.30 PM on 24/08/2023 at the OMFED Corporate Office in the presence of the interested bidders. Bidders are requested to visit OMFED website regularly as any corrigendum / addendum may be published in OMFED website and not in any other media/ newspapers. Management reserves the right to accept or reject any or all the bid documents or part thereof without assigning any reason.
OIPR-06063/11/0027/2324 Sd./- Managing Director

**REGULATED MARKET COMMITTEE, BARGARH**
**Invitation For Bids (IFB)**
**Bid Identification No. 01 of 2023-24**
**TCN No.1156/dated 08.08.2023**
No.H-21:1.The ADM, Bargarh-cum-Chairman,RMC, Bargarh invites percentage rate bid in ONLINE Mode for the Building works as detailed in the Detailed Tender Call Notice ( DTCN ) from the eligible class of contractors.
2. Nos of Work : 04 (four) Nos.
3. Nature of work : Building type
4. Cost of Tender paper : Rs.6,000/-
5. Class of Contractor : "B" Class
6. Date and Time of available in website and receipt of Bids : 11.00 Hrs. of 11.08.2023 to 17.00 Hrs. of 24.08.2023
7. Date of opening of Bid : 25.08.2023 of 11.00 Hrs.
8. The Bidders have to participate in ONLINE bidding only.
Further details can be seen from the State Government portal. Website: https:/tendersodisha.gov.in.
Sd./- ADM, Bargarh-Cum-Chairman, R.M.C., Bargarh
OIPR-07041/11/0001/2324

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୨୦୩ **ବିଜ୍ଞାପନ** ତା:୨୬।୦୭।୨୦୨୩
No. CAD-1612: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ନଂ. ଏ–୧/୪୩ (A-1/43), ବନଜା ଆପାର୍ଟମେଣ୍ଟ, ୟୁନିଟ୍–୬, ଗଙ୍ଗନଗର ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଅଶୋକ କୁମାର ପାଢ଼ୀ, ପିତା: ୰ବିପ୍ରଚରଣ ପାଢ଼ୀ, ସେକେଣ୍ଡ ଲାଇନ, ନିଳାଦ୍ରୀ ବିହାର, ଆସ୍କା ରୋଡ୍, ବ୍ରହ୍ମପୁର, ପୋ.: ଶ୍ରୀରାମ ନଗର, ଥାନା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଅଶୋକ କୁମାର ପାଢ଼ୀ ଉକ୍ତ ଫ୍ଲାଟଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସସ୍ମିତା ପାତ୍ର, ସ୍ୱାମୀ: ଅବନୀ କୁମାର ପାତ୍ର, ଥାର୍ଡ ଲେନ୍, ଗାନ୍ଧୀ ନଗର, ବ୍ରହ୍ମପୁର, ପୋ.: ବ୍ରହ୍ମପୁର, ଥାନା: ଟାଉନଥାନା, ଜିଲ୍ଲା: ଗଞ୍ଜାମଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଫ୍ଲାଟର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ
OIPR-13030/11/0278/2324 ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**NOTIFIED AREA COUNCIL, KESINGA**
**"e" Procurement Notice**
**No.1797/NAC(K) Dt.07.08.2023**
**Tender ID No. 2023_ORULB_91986_1**
No.C-1002:The Notified Area Council, Kesinga invites online bid in double cover system through e-procurement.

| | | |
|---|---|---|
| Total No. of work | : | 01(One) |
| Approx. value of work | : | Rs. 9712640.00 |
| Period of availability of tender for online Bidding | : | From 09.08.2023 to 22.08.2023 up to 05.00P.M. |
| Date & Time of opening | : | 23.08.2023 |
| Class of Contractor | : | Class "B "Class "A" |

Further details can be seen from the website: www.tendersodisha.gov.in.
Sd./- Executive Officer
N.A.C., Kesinga
OIPR-13109/11/0017/2324

**OFFICE OF THE MUNICIPAL COUNCIL, SUNDARGARH**
**No.7790/ Dt.07.08.2023**
**TENDER CALL NOTICE**
No.C-994:Sealed tenders are here by invited from the intending Persons/Agencies for auction of different Sairats under Sundargarh Municipality. The detail tender documents shall be available in the District Website of Sundargarh i.e, www.sundargarh.nic.in from dt.08.08.2023 to dt.21.08.2023. The tender documents must be submitted to the office of the Executive Officer, Sundargarh Municipality, Sundargarh through Regd.Post/Speed Post only. The bidder should subscribe " Tender for Different Sairats of Sundargarh Municipality" on the Top of the envelope.
Last date of receipt of Quotation: 21.08.2023 upto 01.30 P.M.
Date of Opening : 21.08.2023 at 04.00 P.M.
Sd./- Executive Officer
Sundargarh Municipality
OIPR-13130/11/0014/2324

**No.NH-11011/30/2015-LA** No.XXIII-08
**Government of India**
**Ministry of Road Transport & Highways**
**TAHASILDAR-CUM-CALA, KOLABIRA**
Annexure-5(I)
**PUBLIC NOTICE**
**Announcement of Award for Acquisition of Land for Construction of a National Highway For Land Owners/Persons Interested Therein**
Kind Attention of all landowners/Interested person Is Invited to the Notification dated 10.05.2022 Issued under Section 3A of the NH Act, 1956 for acquisition of land for the building/construction of a National Highway and the Notification dated 12.09.2022 & 12.09.2022 Issued under Section 3D of the NH Act, 1956 and published In the following newspaper:

| Sl.No. | Notification | Name of the Newspapers in which published | Date of Newspaper |
|---|---|---|---|
| 1 | Section-3A | The Dharitri | 19.06.2022 |
| 2 | Section-3D | The Dharitri | 12.09.2022 |
| 3 | Section-3D | The Prameya | 12.09.2022 |

It is informed that the undersigned has announced the Award In respect of the said land under Section 3G of the NH Act, 1956 vide order dated 13.12.2022 & 23.12.2022. The land acquiring agency (MoRTH/NHIA/NHIDCL) has placed the requisite amount of compensation at the disposal of the undersigned. Notice have also been Issued to the concerned landowners/ interested person as required under Section 3E of the NH Act,1956.
Accordingly, all the concerned landowners/interested persons are hereby informed/notified through this additional Public Notice that the claimants entitled to received the compensation amount may collect their amount of compensation from the office of the undersigned on any working day between 10.00 AM to 5.30 PM within a period of 60 days and surrender or deliver the possession of the subject land to the undersigned, failing which the possession of subject land will taken with police assistance on expiry of the period of 60 days.
Sd./- Tahasildar-cum-CALA, Kolabira
Competant Authority
for Land Acquisition NH-49
OIPR-24126/14/0001/2324

No. JJ-20
**DIRECTORATE OF PORTS & INLAND WATER TRANSPORT**
Paribahan Bhawan (2nd Floor), A.G. Square
Unit - II, Ashok Nagar, Bhubaneswar - 9
Phone: 0674-2390355, Fax: 2396885, Email: portsniwt.od@nic.in
**"e" PROCUREMENT NOTICE**
**Bid Identification No. DPIWT - 11/2023-24**

| | | | |
|---|---|---|---|
| 1 | Name of Work | : | Development of Ro-Pax Jetty and allied Infrastructure connecting Kaninali in Bhadrak District and Talachua in Kendrapada District, Odisha under Sagarmala |
| 2 | No. of Works | : | 1 (One) No |
| 3 | No. of Covers | : | Double Cover |
| 4 | Value of Works | : | Rs.112.05 Crore |
| 5 | Bid Cost | : | Rs.10,000.00 |
| 6 | Period of Completion | : | 18 (Eighteen) Calendar Months |
| 7 | Date & Time of availability of Bid document in the portal | : | 18.08.2023 to 22.09.2023 upto 17.00 hours |
| 8 | Date & time of Pre-Bid meeting | : | 01.09.2023 at 11.30 A.M. |
| 9 | Last date & time for receipt of bids in the portal | : | 22.09.2023 upto 05.00 P.M. |
| 10 | Date of opening of bid document (Cover - I) | : | 25.09.2023 at 11.30 A.M. |
| 11 | Date of transparent lottery process (If situation arises) | : | Intimation will be given through Online |
| 12 | Class of Contractor | : | "SUPER" Class Contractor |
| 13 | Name and Address of Officer Inviting Tender (OIT) | : | Director, Ports & Inland Water Transport, Paribahan Bhawan (2nd Floor), A.G. Square, Unit - II, Ashok Nagar, Bhubaneswar, Odisha, PIN - 751009, Phone: 0674-2390355, Fax: 2396885, e-Mail: portsnitt.od@nic.in |

Further details can be seen from the e-Procurement market place, https//tendersodisha.gov.in. The Addendum/Corrigendum if any will be hosted in the website only.
Sd./- Director
Ports & IWT, Odisha
OIPR-38035/11/0016/2324

**ଆଦିବାସୀ ଦିବସରେ ବୀର ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି**

ସମ୍ବଲପୁର:(ଶୁଭାଶିଷ ପାଢ଼ୀ) : ସମ୍ବଲପୁରରେ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଅଇଁଠାପାଲି ଛକସ୍ଥିତ ସଂଗ୍ରାମୀ ବୀର ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ବିଜେଡିର ପୂର୍ବତନ ସଭାପତି ପ୍ରମୋଦ ରଥ ଅତିଥି ଭାବରେ ଯୋଗଦେଇଥିଲେ। ପଶ୍ଚିମ ଓଡ଼ିଶା ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ଏହା ଆୟୋଜନ ହୋଇଥିଲା। ମହାସଂଘର ତରଣି ଖଡିଆ, କିଶୋର ମୁଣ୍ଡା, ଲକ୍ଷ୍ମଣ ମୁଣ୍ଡା, ଗିରି ମୁଣ୍ଡା, ଅନିତା ଓରାମ, ରାକ୍ଷୀ ମୁଣ୍ଡା, ହିମାଂଶୁ ମୁଣ୍ଡା ପ୍ରମୁଖ ସାମିଲ ଥିଲେ।

# ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ଧାରଣା

ଦେବଗଡ,୯।୮
(ଶଶାଙ୍କ ଶେଖର ଝାଙ୍କର)

ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା), ଦେବଗଡ ଶାଖା ପକ୍ଷରୁ ବୁଧବାର କ୍ରାନ୍ତି ଦିବସ ପାଳନ କରାଯିବା ସହ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ୧୨ ଦଫା ସମ୍ବଳିତ ଏକ ଦାବିପତ୍ର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ(ଓଷ୍ଟା), ଦେବଗଡ ଶାଖା ସଭାପତି ହେମନ୍ତ କୁମାର ପ୍ରଧାନ, ଉପ ସଭାପତି କନ୍ତାରୁ ପ୍ରଧାନ ଓ ଧରଣୀଧର ପ୍ରଧାନ, ସମ୍ପାଦକ ରଞ୍ଜନ କୁମାର ବ୍ରହ୍ମା, ସହ ସମ୍ପାଦକ ନିରଞ୍ଜନ ଦୀପ ଓ ସରୋଜ କୁମାର ସାହୁ ଓ ଓଷ୍ଟାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀୟ କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟ ଦେବଗଡ ନୂତନ ବସଷ୍ଟାଣ୍ଡରୁ ବିଭିନ୍ନ ସ୍ଲୋଗାନ ସହ ଏକ ଶୋଭାଯାତ୍ରାରେ ଯାଇ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଏହାପରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଉପରୋକ୍ତ ୧୨ ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏହି ୧୨ ଦଫା ଦାବି ଗୁଡିକ ମଧ୍ୟରେ ଯୋଗ୍ୟ ବିବେଚିତ ସମସ୍ତ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀଙ୍କୁ ଚାକିରୀ ସର୍ତ୍ତାବଳୀ ସହ ପେନସନ ପ୍ରଦାନ, ୨୨୬ ଓ ୩୯୯ ବିଦ୍ୟାଳୟ ଗୁଡିକୁ ୭ମ ବେତନ କମିଶନ ପ୍ରଦାନ, ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟକୁ ସରକାରୀକରଣ, ୨୦୦୪ ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିଭିତିକ ଶିକ୍ଷକଙ୍କୁ ନିୟମିତ ଚାକିରିରେ ଯୋଗ କରାଇବା ସହ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ପ୍ରଦାନ, ଅବସର ବୟସ ସୀମା ୬୨ ବର୍ଷକୁ ବୃଦ୍ଧି, ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକରେ ଶିକ୍ଷକ ପଦବୀ ପୂରଣ, ଆର୍‌ଏସିପି ଲାଗୁ କରିବା କ୍ଷେତ୍ରରେ ସର୍ବୋଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ ପାଳନ ଆଦି ରହିଛି। ଯଦି ସରକାର ଅବିଳମ୍ବେ ଦାବିଗୁଡ଼ିକ ପୂରଣ ନ କରନ୍ତି ତେବେ ଆଗାମୀ ଦିନରେ ସଂଘ ପକ୍ଷରୁ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଅଟୋ ଚାଳକଙ୍କ ମହାନତା | ଫେରାଇଲେ ୮୦ ହଜାର

ସମ୍ବଲପୁର,୯।୮(ଶୁଭାଶିଷ ପାଢ଼ୀ)

ସମାଜରେ ଏବେ ମଧ ମାନବିକତା ବଞ୍ଚିରହିଛି। ସମ୍ବଲପୁର ସହରର ଜଣେ ଅଟୋ ଡ୍ରାଇଭରଙ୍କ ସଚ୍ଚୋଟତା ଅନ୍ୟପାଇଁ ଉଦାହରଣ ସୃଷ୍ଟି କରିଛି। ସମ୍ବଲପୁର ମହାନଗର ନିଗମ ଅଧୀନ ମୁଣ୍ଡୋଘାଟ ଗ୍ରାମର ଅଟୋ ଚାଳକ ଚୁଡ଼ାମଣି ଲୁହା। ସମ୍ବଲପୁର ଲକ୍ଷ୍ମୀ ଟକିଜ ଛକରୁ ୪ ଜଣ ଯାତ୍ରୀ ଚୂଡ଼ାମଣୀଙ୍କ ଅଟୋକୁ ଭଡ଼ାରେ ନେଇ ଯୁଯୋମୁରା ବ୍ଲକର ପର୍ଯ୍ୟଟନସ୍ଥଳି ଦେଓଝରଣ ବୁଲିବାକୁ ଯାଇଥିଲେ। ସେମାନେ ବୁଲିସାରିବା ପରେ ଚୂଡାମଣୀ ସେମାନଙ୍କୁ ଆଣି ଲକ୍ଷ୍ମୀ ଟକିଜ ଛକରେ ଛାଡ଼ିଥିଲେ। ଉଭୟ ଯାତ୍ରୀ ଓ ଅଟୋ ଡ୍ରାଇଭର ନିଜ ନିଜ ଘରକୁ ଫେରିଯାଇଥିଲେ। ପରବର୍ତ୍ତୀ ସମୟରେ ଅଟୋରେ ଯାଇଥିବା ଯାତ୍ରୀମାନେ ଜାଣିବାକୁ ପାଇଥିଲେ ଯେ ସେମାନେ ୮୦,୫୦୦ ଟଙ୍କା, ପାନ୍‌କାଡ, ପରିଚୟପତ୍ର, ଏଟିଏମ୍ କାର୍ଡ ଥିବା ଏକ ବ୍ୟାଗ ଅଟୋରେ ଛାଡି ଦେଇଛନ୍ତି। ଏହା ଜାଣିବାପରେ ସେମାନେ ବିଭିନ୍ନ ସ୍ଥାନରେ ପଚାରି ଅଟୋ ଡ୍ରାଇଭରଙ୍କ ଫୋନ ନମ୍ବର ପାଇଥିଲେ। ଯୋଗାଯୋଗ କରିବାରୁ ଚୂଡାମଣୀ କେଉଁଠି ସେମାନଙ୍କୁ ଟଙ୍କା ଓ ସାମଗ୍ରୀ ଫେରାଇବେ ପଚାରିଥିଲେ। ପରେ ଟାଉନ ଥାନାରେ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଅଟୋ ଡ୍ରାଇଭର ପାଖରେ ରଖିଥିବା ଟଙ୍କା ଓ ସାମଗ୍ରୀ ଥିବା ବ୍ୟାଗକୁ ଯାତ୍ରୀଙ୍କୁ ପ୍ରଦାନ କରିଥିଲେ। ଏହି ଘଟଣା ବୁଧବାର ସହରରେ ଚର୍ଚ୍ଚାର ବିଷୟ ହୋଇଛି।


ଅଟୋ ଚାଳକ ଯାତ୍ରୀଙ୍କୁ ଟଙ୍କା ଫେରାଉଛନ୍ତି।

## ସମ୍ବଲପୁରରେ କିଷାନ ଡ୍ରୋନ୍ ସେବା ଖୁବ୍‌ଶୀଘ୍ର

ସମ୍ବଲପୁର,୯।୮(ଶୁଭାଶିଷ ପାଢ଼ୀ)

ସମ୍ବଲପୁର ଜିଲାରେ ଖୁବ୍‌ଶୀଘ୍ର କିଷାନ ଡ୍ରୋନ୍ ସେବା ଆରମ୍ଭ ହେବ। ଜିଲାର ଚାଷୀଙ୍କ ସୁବିଧା ପାଇଁ ଏକ ଡ୍ରୋନ୍ ଉତ୍ପାଦନ ୟୁନିଟ୍ ଆରମ୍ଭ ହେବ ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏଥିରେ କୁହାଯାଇଛି, ଡ୍ରୋନ୍ ଚଳାଇବା ପାଇଁ ଯୁବବର୍ଗଙ୍କୁ ତାଲିମ ପ୍ରଦାନ କରାଯିବ। ଚାଷ କ୍ଷେତରେ ଡ୍ରୋନ୍ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯିବ। ଡ୍ରୋନ୍ ସାହାଯ୍ୟରେ ବିଲରେ କୀଟନାଶକ, ଭିଟାମିନ, ଏପରି କି ସାର ପକାଇବାକୁ ତାଲିମ ଦିଆଯିବ। ଏକର ପିଛା ୫ ଶହରୁ ୮ଶହ ଟଙ୍କା ଖର୍ଚ୍ଚରେ ଚାଷୀମାନଙ୍କୁ ସୁବିଧା ଯୋଗାଇ ଦିଆଯିବ। ଏରୋ ଆଗ୍ରୋ କମ୍ପାନୀ ନାମରେ ଏକ କମ୍ପାନୀ ଖୋଲାଯାଇଛି। କୃଷି ବିଭାଗ ଓ ଜିଲା ପ୍ରଶାସନ ମିଳିତ ଭାବେ କାମ କରିବେ। ଏହାସହ ଭିସୁଟ୍‌ରେ ଅଗଷ୍ଟ ୧୦ରେ ଏକ ସେମିନାର ଅନୁଷ୍ଠିତ ହେବ। ଉକ୍ତ ସେମିନାରରେ ଇସ୍ରୋରୁ ବୈଜ୍ଞାନିକ ଓ ଛାତ୍ରୀଛାତ୍ର ଉପସ୍ଥିତ ରହିବେ। ବିଭିନ୍ନ କମ୍ପାନୀ ଯୋଗଦେବେ। ଏହି ଅବସରରେ ଏହି ଡ୍ରୋନ୍ ସେବାକୁ ଉଦ୍‌ଘାଟନ କରିବାକୁ ଯୋଜନା ରଖାଯାଇଛି ବୋଲି କୁହାଯାଇଥିଲା। ଏହି ଅବସରରେ ଇସ୍ରୋ ସ୍ପେସର ଟ୍ୟୁଟର ଡ.ଏମ୍.ଆର୍. କେ ମେନନ, ମାଷ୍ଟର ଅଭିଜ୍ଞା, ରାଜେଶ ମନେଶ୍ୱର, ଭିସୁଟ ପ୍ରଫେସର ହରିଶ ସାହୁ, ପ୍ରଫେସର ନୂତନ ସାହା ଉପସ୍ଥିତ ଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର ପ୍ରଦାନ

ଦେବଗଡ଼,୯।୮(ଶଶାଙ୍କ ଶେଖର ଝାଙ୍କର)

୬ ବର୍ଷ ଠିକା ଅବଧିକୁ ମୂଳ ଚାକିରିରେ ଗଣନା କରାଯାଇ ୬ଟି ଇନକ୍ରିମେଣ୍ଟ ପ୍ରଦାନ, ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ ଏବଂ ନୂତନ ପେନସନ ପ୍ରଥା ଉଚ୍ଛେଦ କରାଯାଇ ପୁରୁଣା ପେନସନ ଲାଗୁ କରିବା ଆଦି ୩ ଦଫା ଦାବିରେ ତିଳେଇବଣି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ବୁଧବାର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତିଳେଇବଣି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ଓ ସଦସ୍ୟମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମେତ ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ସଂଘ ପକ୍ଷରୁ ଏହି ସ୍ମାରକପତ୍ର ପତ୍ର ପ୍ରଦାନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ସମୟରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ(ଏନ୍ପିଏସ୍)ର ସଭାପତି ତ୍ରିନାଥ ଖଣ୍ଡିଆ, କାର୍ଯ୍ୟକାରୀ ସଭାପତି ମେଘନାଦ ରଣଜିତ, ଉପଦେଷ୍ଟା କମିଟି ସଦସ୍ୟ ଅଶୋକ କୁମାର ସାହୁ, ଅଞ୍ଜନ କୁମାର ପ୍ରଧାନ, ଗୁରୁଚରଣ ନାୟକ, ଜନକ ପ୍ରସାଦ ସାହୁ, ସୁଧିର କୁମାର ଦାସ, ଜୟଶ୍ରୀ ନାୟକ, ତମସା ଦେହୁରୀ, ଜନ ଯୋସେଫ ମିଞ୍ଜ, ଭୀମସେନ ଭଇଁସାଙ୍କ ସମେତ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଏନ୍ପିଏସ୍)ର କୋଷାଧ୍ୟକ୍ଷ ଗୋବର୍ଦ୍ଧନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।


ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଉଛି।

## ଲୁହା କବାଟ ପଡ଼ି ମହିଳାଙ୍କ ମୃତ୍ୟୁ

ସମ୍ବଲପୁର,୯।୮ (ଶୁଭାଶିଷ ପାଢ଼ୀ)

ବୁର୍ଲା ଥାନା ବସନ୍ତପୁର ପଞ୍ଚାୟତ ରୁପାପାଲି ଛକ ନୂଆପଡ଼ାଠାରେ ଥିବା ଏକ ଗ୍ରିଲ ଦୋକାନରେ ବୁଧବାର ଅଭାବନୀୟ ଘଟଣା ଘଟିଛି। ୪ କୁଇଣ୍ଟାଲର ଓଜନର ଏକ ଲୁହା କବାଟ ପଡ଼ିଯିବାରୁ ଦୋକାନ ମାଲିକ ଚିନ୍ତାମଣି ସୁନାଙ୍କ ସ୍ତ୍ରୀ କାମିନି ସୁନା (୩୦)ଙ୍କ ମୃତ୍ୟୁ ଘଟିଛି। ସୂଚନା ମୁତାବକ ଦୋକାନରେ ମିସ୍ତ୍ରୀ ଓ ଦୁଇଜଣ ଲୁହା କବାଟ ଧରି ୱେଲ୍ଡିଙ୍ଗ କରୁଥିଲେ। କାମିନୀ ପାଖରେ ଛିଡା ହୋଇ ଦେଖୁଥିଲେ। ଲୁହା କବାଟ ଓଜନିଆ ହୋଇଥିବାରୁ ମିସ୍ତ୍ରୀମାନେ ସମ୍ଭାଳି ପାରି ନ ଥିଲେ। କବାଟ କାମିନିଙ୍କ ଉପରେ ପଡ଼ିଯିବାରୁ ତାଙ୍କ ମୁଣ୍ଡରେ ଆଘାତ ଲାଗିବା ସହିତ କବାଟ ତଳେ ସେ କିଛିସମୟ ପର୍ଯ୍ୟନ୍ତ ଚାପି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବୁର୍ଲା ମେଡିକାଲ ନିଆଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ବୁର୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ୭୪୫/୨୩) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପୋଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଶୋକାକୁଳ ପରିବେଶରେ ସ୍ଥାନୀୟ ଶ୍ମସାନରେ ଅନ୍ତିମ ସତ୍କାର କରାଯାଇଥିଲା। ଏହି ଅକାଳ ବିୟୋଗରେ ପଡାରେ ଶୋକ ଛାୟା ଖେଳିଯାଇଛି।

## ଗଞ୍ଜେଇ ଜବତ, ଜଣେ ଗିରଫ

ଦେବଗଡ଼,୯।୮
(ଶଶାଙ୍କ ଶେଖର ଝାଙ୍କର)

ଅବକାରୀ ବିଭାଗ ପକ୍ଷରୁ ପ୍ୟାଟ୍ରୋଲିଂ ସମୟରେ ବୁଧବାର ଭୋରୁ ରିଆମାଳ ଥାନା ଅନ୍ତର୍ଗତ ମଳେହିପଡା ଗ୍ରାମରୁ ଜଣେ ବେଆଇନ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯିବାସହ ୨ କିଲୋଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ମଳେହିପଡ଼ା ଗ୍ରାମର ଜନକ ପ୍ରଧାନ (୫୫)। ଅପରାହ୍ଣରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଦେବଗଡ ଅବକାରୀ ଅଧିକ୍ଷିକା ବାସନ୍ତୀ ପ୍ରଭା ନାୟକଙ୍କ ନିର୍ଦ୍ଦେଶ କ୍ରମେ ଅବକାରୀ ସବ୍ ଇନ୍ସପେକ୍ଟର ମଧୁସୂଦନ ସାହୁ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ସହିତ ରିଆମାଳ-ମଳେହିପଡା ରାସ୍ତାରେ ପ୍ୟାଟ୍ରୋଲିଂ କରୁଥିଲେ। ରାସ୍ତାରେ ଏକ ବସ୍ତା ଧରି ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଦେଖି ସନ୍ଦେହ ହେବାରୁ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ସମୟରେ ଉକ୍ତ ବ୍ୟକ୍ତିଙ୍କ ନିକଟରୁ ୨ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିଲା।

## ତମାଖୁ ମୁକ୍ତ ଯୁବ ଅଭିଯାନ ଶୁଭାରମ୍ଭ

ଦେବଗଡ଼,୯।୮
(ଶଶାଙ୍କ ଶେଖର ଝାଙ୍କର)


ମଞ୍ଚାସୀନ ଅତିଥିବୃନ୍ଦ।

ତିଳେଇବଣି ବ୍ଲକ ଲୁହରସ୍ଥିତ ସୁବାସ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ତମାଖୁ ମୁକ୍ତ ଯୁବ ଅଭିଯାନ ଶୁଭାରମ୍ଭ ହୋଇଯାଇଛି। କ୍ରୀଡା ଶିକ୍ଷକ ସଞ୍ଜୀୟ କୁମାର ପଷ୍ଟଭଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ସେଠ, ଜିଲା ମୁଖ୍ୟ ଚିକିତ୍ସାଳୟର ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ( ଡିଜିଜ କଂଟ୍ରୋଲ) ଡା. ବଂଶୀଧର ପାତ୍ର ଓ ଆସିଷ୍ଟାଣ୍ଟ ମ୍ୟାନେଜର (ଅଣ ସଂକ୍ରାମକ ରୋଗ) ଅମୀୟ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ରହି ସୁସ୍ଥ ଜୀବନ ପାଇଁ ତମାଖୁ ଏବଂ ମାଦକ ଦ୍ରବ୍ୟ ସେବନରୁ ଦୂରରେ ରହିବାକୁ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ରାକେଶ ଚନ୍ଦ୍ର ସେଠୀ, ନରେନ୍ଦ୍ର କୁମାର ମହାପାତ୍ର, ନେତ୍ରାନନ୍ଦ ଜୟପୁରିଆ, ହିରଣ୍ମୟ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଆୟୋଜନରେ କର୍ମଚାରୀ ମୋହନ ଲାଲ ବାଘ ଓ ହୃଷିକେଶ ବରିହା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## କଂଗ୍ରେସ ପକ୍ଷରୁ ଆଦିବାସୀ ଗୌରବ ପର୍ବ

ଦେବଗଡ଼,୯।୮(ଶଶାଙ୍କ ଶେଖର ଝାଙ୍କର)

ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ଦେବଗଡ ଜିଲା କଂଗ୍ରେସ ପକ୍ଷରୁ ତିଳେଇବଣି ବ୍ଲକ ଅନ୍ତର୍ଗତ ଚିଁକିଲିଝରଣ ଗ୍ରାମ ଖେଳପଡିଆରେ ବୁଧବାର ଆଦିବାସୀ ଗୌରବ ପର୍ବ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବହୁ ଆଦିବାସୀ ମହିଳା ଓ ପୁରୁଷ ଯୋଗ ଦେଇଥିବାବେଳେ ମୁଖ୍ୟ ଅତିଥିଭାବେ ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦିକା ତଥା କଂଗ୍ରେସ ପର୍ଯ୍ୟବେକ୍ଷିକା ରୂପାଦିପ୍ତା ମହାପାତ୍ର ଯୋଗଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଅନ୍ୟତମ ଅତିଥିଭାବେ ତାଳକୁଣ୍ଡି ପଞ୍ଚାୟତର ଆମାରସାନ୍ ହେମ୍ବ୍ରମ, ଜିଲା ଯୁବ କଂଗ୍ରେସ ସଭାପତି ସୋଲମାନ ହେଣେଜ, ସାଗର ପ୍ରଧାନ, ଷ୍ଟାଲିନ ବେହେରା, ବିନୟ କୁମାର ଦେବତା, ରଜତ କୁମାର ସାହୁ, ସୁଶାନ୍ତ କୁମାର ସ୍ୱାଇଁ, ଲିଜା ଆଚାର୍ଯ୍ୟ, ମଦନ ମୋହନ ସାହୁ ଓ ମିନତୀ ନାୟକ ଯୋଗଦେଇଥିଲେ। ଏହି ଅବସରରେ ଆଦିବାସୀଙ୍କ ପାରମ୍ପରିକ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରାଯାଇଥିଲା।


ଉପସ୍ଥିତ ଅତିଥି ଓ ଅନ୍ୟମାନେ।


**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE ADDITIONAL CHIEF ENGINEER,CENTRAL IRRIGATION CIRCLE,BHUBANESWAR**
No.A-417: 'e' Procurement Notice No. ACECIC-02/2023-24

| Procurement Officer | Bid Identification No. | Name of Work | Cost of Work (Rs. in Lakhs) | Bid Security (Rs.) E.M.D. | Cost of Bid documents (Rs.) | Class of Contractor | Bid documents available online for bidding From | To | Date of opening of Technical Bid | Period of Completion of work |
|---|---|---|---|---|---|---|---|---|---|---|
| ACECIC, Bhubaneswar | NID-01/ 2023-24 | Raising & Strengthening of Daluakani Saline Embankment in Astaranga Block of Puri District | 411.35 | 411350/- (Online) | 10000/- (Online) | "A" Class | 10.08.2023 At 10.00 Hours | 24.08.2023 At 17.00 Hours | 25.08.2023 At 11.00 Hours | 12 (Twelve) Calendar Months) |
| | NID-02/ 2023-24 | Cement Concrete Lining of Kakatpur Branch Canal from RD.56.900 Km to 68.000 Km under CLSRP | 422.05 | 422000/- (Online) | 10000/- (Online) | "A" Class | 10.08.2023 At 10.00 Hours | 24.08.2023 At 17.00 Hours | 25.08.2023 At 11.00 Hours | 12 (Twelve) Calendar Months) |
| | NID-03/ 2023-24 | Raising & Strengthening of Tentulia Saline Embankment from RD.00 Km to 2.500 Km in Kakatpur Block of Puri District. | 418.07 | 418000/- (Online) | 10000/- (Online) | "A" Class | 10.08.2023 At 10.00 Hours | 24.08.2023 At 17.00 Hours | 25.08.2023 At 11.00 Hours | 12 (Twelve) Calendar Months) |

e-mail Id:secic_dowr@yahoo.com.
Further details conditions can be seen from Govt. website www.tenderorissa.gov.in.
OIPR-32160/11/0002/2324 — Sd./- Additional Chief Engineer, Central Irrigation Circle



**omfed — The Odisha State Co-operative Milk Producers' Federation Limited**
D-2, Sahid Nagar, Bhubaneswar-751007
PH.No.:0674-2546030,2540273, 2540417, 2540974, E-mail ID: omfed@yahoo.com
www.omfed.com
No.CAD-1603: Date: 09.08.2023
**TENDER FOR DISMANTLING & RENOVATION WORK AT BHAWANIPATNA DAIRY**
OMFED invites sealed techno-commercial tenders from experienced civil contractors for execution of the following works:-
A. Dismantling of existing damaged R.C.C roof at Bhawanipatna Dairy, Dist:- Kalahandi.
B. Renovation of existing hall roof (adjacent to lab room) by meta-sheet roofing at Bhawanipatna Dairy Dist:- Kalahandi.
Interested bidders may download the Tender Document from the OMFED website www.omfed.com. Bid document will be available in the website from 10.00 AM of 09/08/2023 to 24/08/2023 for bidding. Tender cost of Rs.4000/-+18%-GST along with E.M.D. of Rs.5137/- shall be submitted in shape of Demand Drafts in favour of OMFED drawn on any Nationalized Bank payable at Bhubaneswar & should reach at the above office address on or before 02.00 PM of 24/08/2023. The bids shall be received up to 14:00 hours on 24.08.2023. The technical Bid shall be opened at 03.30 PM on 24/08/2023 at the OMFED Corporate Office in the presence of the interested bidders. Bidders are requested to visit OMFED website regularly as any corrigendum / addendum may be published in OMFED website and not in any other media/ newspapers. Management reserves the right to accept or reject any or all the bid documents or part thereof without assigning any reason.
OIPR-06063/11/0027/2324 — Sd./- Managing Director



**REGULATED MARKET COMMITTEE, BARGARH**
**Invitation For Bids (IFB)**
**Bid Identification No. 01 of 2023-24**
**TCN No.1156/dated 08.08.2023**
No.H-21:1.The ADM, Bargarh-cum-Chairman,RMC, Bargarh invites percentage rate bid in ONLINE Mode for the Building works as detailed in the Detailed Tender Call Notice ( DTCN ) from the eligible class of contractors.
2. Nos of Work : 04 (four) Nos.
3. Nature of work : Building type
4. Cost of Tender paper : Rs.6,000/-
5. Class of Contractor : "B" Class
6. Date and Time of available in website and receipt of Bids : 11.00 Hrs. of 11.08.2023 to 17.00 Hrs. of 24.08.2023
7. Date of opening of Bid : 25.08.2023 of 11.00 Hrs.
8. The Bidders have to participate in ONLINE bidding only.
Further details can be seen from the State Government portal. Website: https:/tendersodisha.gov.in.
Sd./- ADM, Bargarh-Cum-Chairman, R.M.C., Bargarh
OIPR-07041/11/0001/2324



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୭, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୭, ୱେବ୍‌ସାଇଟ୍: www.oshb.org
ପତ୍ର ସଂଖ୍ୟା: ୨୦୩ **ବିଜ୍ଞାପନ** ତା:୨୬।୦୭।୨୦୨୩
No. CAD-1612: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଫ୍ଲାଟ ନଂ. ଏ–୧/୪୩ (A-1/43), ବନଜା ଆପାର୍ଟମେଣ୍ଟ, ୟୁନିଟ୍–୬, ଗଙ୍ଗନଗର ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଅଶୋକ କୁମାର ପାଢ଼ୀ, ପିତା: ୰ବିପ୍ରଚରଣ ପାଢ଼ୀ, ସେକେଣ୍ଡ ଲାଇନ, ନିଳାଦ୍ରୀ ବିହାର, ଆସ୍କା ରୋଡ୍, ବ୍ରହ୍ମପୁର, ପୋ.: ଶ୍ରୀରାମ ନଗର, ଥାନା: ବ୍ରହ୍ମପୁର, ଜିଲ୍ଲା: ଗଞ୍ଜାମଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଅଶୋକ କୁମାର ପାଢ଼ୀ ଉକ୍ତ ଫ୍ଲାଟଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ସସ୍ମିତା ପାତ୍ର, ସ୍ୱାମୀ: ଅବନୀ କୁମାର ପାତ୍ର, ଆର୍ଡ ଲେନ୍, ଗାନ୍ଧୀ ନଗର, ବ୍ରହ୍ମପୁର, ପୋ.: ବ୍ରହ୍ମପୁର, ଥାନା: ଟାଉନଥାନା, ଜିଲ୍ଲା: ଗଞ୍ଜାମଙ୍କ ନାମରେ ମାଲିକାନା ସ୍ୱତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଫ୍ଲାଟର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟଟିର ମାଲିକାନା ସ୍ୱତ୍ୱ ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./– ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0278/2324



**NOTIFIED AREA COUNCIL, KESINGA**
**"e" Procurement Notice**
**No.1797/NAC(K) Dt.07.08.2023**
**Tender ID No. 2023_ORULB_91986_1**
No.C-1002:The Notified Area Council, Kesinga invites online bid in double cover system through e-procurement.

| | | |
|---|---|---|
| Total No. of work | : | 01(One) |
| Approx. value of work | : | Rs. 9712640.00 |
| Period of availability of tender for online Bidding | : | From 09.08.2023 to 22.08.2023 up to 05.00P.M. |
| Date & Time of opening | : | 23.08.2023 |
| Class of Contractor | : | Class "B "Class "A" |

Further details can be seen from the website: www.tendersodisha.gov.in.
Sd./- Executive Officer, N.A.C., Kesinga
OIPR-13109/11/0017/2324



**OFFICE OF THE MUNICIPAL COUNCIL, SUNDARGARH**
No.7790/ Dt.07.08.2023
**TENDER CALL NOTICE**
No.C-994:Sealed tenders are here by invited from the intending Persons/Agencies for auction of different Sairats under Sundargarh Municipality. The detail tender documents shall be available in the District Website of Sundargarh i.e, www.sundargarh.nic.in from dt.08.08.2023 to dt.21.08.2023. The tender documents must be submitted to the office of the Executive Officer, Sundargarh Municipality, Sundargarh through Regd.Post/Speed Post only. The bidder should subscribe " Tender for Different Sairats of Sundargarh Municipality" on the Top of the envelope.
Last date of receipt of Quotation: 21.08.2023 upto 01.30 P.M.
Date of Opening : 21.08.2023 at 04.00 P.M.
Sd./- Executive Officer, Sundargarh Municipality
OIPR-13130/11/0014/2324



No.NH-11011/30/2015-LA No.XXIII-08
**Government of India**
**Ministry of Road Transport & Highways**
**TAHASILDAR-CUM-CALA, KOLABIRA**
Annexure-5(I)
**PUBLIC NOTICE**
**Announcement of Award for Acquisition of Land for Construction of a National Highway For Land Owners/Persons Interested Therein**
Kind Attention of all landowners/Interested person Is Invited to the Notification dated 10.05.2022 Issued under Section 3A of the NH Act, 1956 for acquisition of land for the building/construction of a National Highway and the Notification dated 12.09.2022 & 12.09.2022 Issued under Section 3D of the NH Act, 1956 and published In the following newspaper:

| Sl.No. | Notification | Name of the Newspapers in which published | Date of Newspaper |
|---|---|---|---|
| 1 | Section-3A | The Dharitri | 19.06.2022 |
| 2 | Section-3D | The Dharitri | 12.09.2022 |
| 3 | Section-3D | The Prameya | 12.09.2022 |

It is informed that the undersigned has announced the Award In respect of the said land under Section 3G of the NH Act, 1956 vide order dated 13.12.2022 & 23.12.2022. The land acquiring agency (MoRTH/NHIA/NHIDCL) has placed the requisite amount of compensation at the disposal of the undersigned. Notice have also been Issued to the concerned landowners/ interested person as required under Section 3E of the NH Act,1956.
Accordingly, all the concerned landowners/interested persons are hereby informed/notified through this additional Public Notice that the claimants entitled to received the compensation amount may collect their amount of compensation from the office of the undersigned on any working day between 10.00 AM to 5.30 PM within a period of 60 days and surrender or deliver the possession of the subject land to the undersigned, failing which the possession of subject land will taken with police assistance on expiry of the period of 60 days.
Sd./- Tahasildar-cum-CALA, Kolabira, Competant Authority for Land Acquisition NH-49
OIPR-24126/14/0001/2324



No. JJ-20
**DIRECTORATE OF PORTS & INLAND WATER TRANSPORT**
Paribahan Bhawan (2nd Floor), A.G. Square
Unit - II, Ashok Nagar, Bhubaneswar - 9
Phone: 0674-2390355, Fax: 2396885, Email: portsniwt.od@nic.in
**"e" PROCUREMENT NOTICE**
**Bid Identification No. DPIWT - 11/2023-24**

| | | | |
|---|---|---|---|
| 1 | Name of Work | : | Development of Ro-Pax Jetty and allied Infrastructure connecting Kaninali in Bhadrak District and Talachua in Kendrapada District, Odisha under Sagarmala |
| 2 | No. of Works | : | 1 (One) No |
| 3 | No. of Covers | : | Double Cover |
| 4 | Value of Works | : | Rs.112.05 Crore |
| 5 | Bid Cost | : | Rs.10,000.00 |
| 6 | Period of Completion | : | 18 (Eighteen) Calendar Months |
| 7 | Date & Time of availability of Bid document in the portal | : | 18.08.2023 to 22.09.2023 upto 17.00 hours |
| 8 | Date & time of Pre-Bid meeting | : | 01.09.2023 at 11.30 A.M. |
| 9 | Last date & time for receipt of bids in the portal | : | 22.09.2023 upto 05.00 P.M. |
| 10 | Date of opening of bid document (Cover - I) | : | 25.09.2023 at 11.30 A.M. |
| 11 | Date of transparent lottery process (If situation arises) | : | Intimation will be given through Online |
| 12 | Class of Contractor | : | "SUPER" Class Contractor |
| 13 | Name and Address of Officer Inviting Tender (OIT) | : | Director, Ports & Inland Water Transport, Paribahan Bhawan (2nd Floor), A.G. Square, Unit - II, Ashok Nagar, Bhubaneswar, Odisha, PIN - 751009, Phone: 0674-2390355, Fax: 2396885, e-Mail: portsnitt.od@nic.in |

Further details can be seen from the e-Procurement market place, https//tendersodisha.gov.in. The Addendum/Corrigendum if any will be hosted in the website only.
Sd./- Director, Ports & IWT, Odisha
OIPR-38035/11/0016/2324

**ନଗର ପରିକ୍ରମା କଲେ ଆଦିବାସୀ**

କଣ୍ଟାବାଞ୍ଜି,(ଗୁରୁଦୟାଲ ହଂସ): କଣ୍ଟାବାଞ୍ଜି ଜି.ଆର. ପ୍ୟାଲେସରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ତୁରେକେଲା ବ୍ଲକ ଗଣ୍ଡ ସମାଜ ସଭାପତି ଗିରିରାଜ ସିଂ ମାଝିଙ୍କ ନେତୃତ୍ୱରେ ହୋଇଥିବା ସଭାରେ ମୁଖ୍ୟ ଅତିଥିଭାବେ ସତ୍ୟନାରାୟଣ ଭୋଇ ଯୋଗ ଦେଇ ଆଦିବାସୀମାନଙ୍କ ଉପରେ ହେଉଥିବା ଅନ୍ୟାୟ ଅତ୍ୟାଚାର ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ କହିଥିଲେ। ପୁରୁଷୋତ୍ତମ ଧରୁଆ, ଶରତ ସିଂ ଭୋଇ, ଘନଶ୍ୟାମ ପ୍ରଧାନୀ, ଦୁଃଖୀଶ୍ୟାମ ଭୋଇ, ଶ୍ରୀଧର ମାଝି, ଦୈତାରୀ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସରିଲା ୱାର୍ଡସଭ୍ୟ ଉପନିର୍ବାଚନ

ଲୋଇସିଂହା, ୯।୮(ସୁଶାନ୍ତ ବାରିକ)

ଲୋଇସିଂହା ବ୍ଲକ ବାଦିବାହାଲ ପଞ୍ଚାୟତ ଭାଲୁପାଲି ଗ୍ରାମର ୧୧ ନଂ ୱାର୍ଡସଭ୍ୟ ପଦବୀ ପାଇଁ ଉପନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଅନୁସୂଚିତ ଜାତି(ଏସ୍‌ସି) ବର୍ଗର ଦୁଇଜଣ ମହିଳାଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ୪୩୮ ଜଣ ଭୋଟରଙ୍କ ମଧ୍ୟରୁ ୨୮୫ ଜଣ ମତଦାନ କରିଥିଲେ । ଆସନ୍ତା ୧୧ ତାରିଖ ସକାଳ ୮ଟାରୁ ବ୍ଲକ ସଭାଗୃହରେ ଭୋଟ ଗଣତି ହେବ ବୋଲି ଜିପିଓ କିଶୋର ମାନସିଂ ସୂଚନା ଦେଇଛନ୍ତି। ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମତଦାନ କେନ୍ଦ୍ର ଅନୁଷ୍ଠିତ ହୋଇଥିଲା । ଉର୍ଦ୍ଦିଷ୍ଟ ଆସନରେ ପ୍ରମୋଦିନୀ ସେଠ ଓ ଅଞ୍ଜ ଛତ୍ରିଆ ମୁହାଁମୁହିଁ ହୋଇଛନ୍ତି। ପୁରୁଣା ଭୋଟର ତାଲିକାରେ ନିର୍ବାଚନ ପରିଚାଳନା କରାଯାଇଥିବାରୁ ୱାର୍ଡର ୧୩୫ ଜଣ ଭୋଟର ମତଦାନରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛ। ୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବେଳେ ଉକ୍ତ ୱାର୍ଡରୁ ମଧୁମତୀ ସେଠ ନିର୍ବାଚିତ ହୋଇଥିଲେ। ହେଲେ ସେ ମିଶନ ଶକ୍ତି ସିଆରପିରେ ନିଯୁକ୍ତି ପାଇବା ପରେ ଗତ ମାର୍ଚ୍ଚ ମାସରେ ପଦରୁ ଇସ୍ତଫା ଦେଇଥିଲେ। ଏହାପରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା।

### ସଡ଼କ ଦୁର୍ଘଟଣାରେ ଡାକ୍ତର ସୁଶାନ୍ତ ଚାନ୍ଦଙ୍କ ମୃତ୍ୟୁ

ବଲାଙ୍ଗୀର,୯।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସହରର ଜଣାଶୁଣା ଆୟୁର୍ବେଦିକ ଡାକ୍ତର ସୁଶାନ୍ତ କୁମାର ଚାନ୍ଦ (୫୯)ଙ୍କ ବୁଧବାର ସଡକ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ବଲାଙ୍ଗୀର-ଟିଟିଲାଗଡ ରାସ୍ତାର ବିଜାଖମନ୍ ନିକଟରେ ଏକ ଅଜଣା ଗାଡି ତାଙ୍କ ବାଇକକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ସେଠାରୁ ଉଦ୍ଧାର କରି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଲୋପାଲି ସ୍ଥିତ ଅନାଥା ଆଶ୍ରମରେ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ସେ ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଘରୁ ବାହାରିଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ଡାକ୍ତରଖାନାକୁ ଆସି ଲୋକେ ତାଙ୍କ ଶେଷ ଦର୍ଶନ କରିଥିଲେ। ତାଙ୍କର ଗୋଟିଏ ଝିଅ ଓ ସ୍ତ୍ରୀ ଅଛନ୍ତି। ଗୁରୁବାର ସକାଳେ ତାଙ୍କର ଅନ୍ତିମ ସଂସ୍କାର କରାଯିବ ବୋଲି ଜଣାପଡିଛି।

### ବିଡିଓଙ୍କୁ ଫେରାଦ ହେଲେ ବନ୍ଧପଡ଼ାବାସୀ

ଦେଓଗାଁ,୯।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ବନ୍ଧପଡା ପଞ୍ଚାୟତର ଧବଳେଶ୍ୱର କଟାର ମାଟି ଉନ୍ନତିକରଣ ଓ ବୁଡାବାହାଲରୁ ଟେପ୍ରେନ ରାସ୍ତାର କାମ ସରିଥିବା ବେଳେ ବିଲ ପ୍ରଦାନରେ ଆହେତୁକ ବିଳମ୍ବକୁ ନେଇ ଅଞ୍ଚଳବାସୀ ବିଡିଓଙ୍କ ନିକଟରେ ଫେରାଦ ହୋଇଛନ୍ତି। କିଛିଦିନ ପୂର୍ବରୁ ଉପରୋକ୍ତ କାର୍ଯ୍ୟଦ୍ୱୟ ନିମ୍ନମାନର ଓ ବିନା ଲେଆଉଟରେ ହୋଇଛି ବୋଲି ସମିତି ସଭ୍ୟ କାନ୍ତେଶ୍ୱର ପଧାନ ବିଡିଓଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଫଳରେ ବିଡିଓ ଉକ୍ତ ଦୁଇ କାମର ବିଲ ନ କରିବାପାଇଁ ସଂପୃକ୍ତ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ବନ୍ଧପଡା ଗାଁରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା । ଉକ୍ତ କାମ ଉପରେ ସମିତି ସଭ୍ୟ ମିଥ୍ୟା ଅଭିଯୋଗ ଆଣିଛନ୍ତି ବୋଲି ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ରଙ୍କ ସମେତ ଗ୍ରାମବାସୀ ବିଡିଓଙ୍କୁ ଅଭିଯୋଗ କରିଛନ୍ତି। ୭ଦିନ ଭିତରେ ବିଲ ପୈଠ ନହେଲେ ବ୍ଲକ ଅଫିସ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

### ବିଡିଓଙ୍କୁ ଦାବିପତ୍ର

ଗୁଡ଼ଭେଲା, ୯।୮(ମନୋଜ କୁମାର ଜୈନ)

ଗୁଡଭେଲା ବ୍ଲକ ନୂଆଁପଡା ଗ୍ରାମ ପଞ୍ଚାୟତରେ ବିନା ବିଜ୍ଞାପନରେ ଜଣେ ପିଅନ ନିଯୁକ୍ତି ଦିଆଯାଇଛି। ଏହିଭଳି ଅଭିଯୋଗ କରି ବୁଧବାର ଶିକ୍ଷିତ ବେକାର ଯୁବକ ସଂଘ ପକ୍ଷରୁ ଜିପିଓ ପଞ୍ଚାନନ ସାମଲଙ୍କ ଜରିଆରେ ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ସରପଞ୍ଚ କୁଞ୍ଜବିହାରୀ ସାହୁଙ୍କ ଉପସ୍ଥିତରେ ଦାବିପତ୍ର ପ୍ରଦାନ କରାଯିବ ସହ ଆଲୋଚନା କରାଯାଇଥିଲା। କିନ୍ତୁ କୌଣସି ସମାଧାନ ସୂତ୍ର ବାହାରି ନ ଥିବା ସଂଘର ରାଜେଶ ବଗର୍ତ୍ତୀ, ଓ ଅନ୍ୟମାନେ କହିଛନ୍ତି। ପଞ୍ଚାୟତ ପ୍ରଶାସନ ପକ୍ଷରୁ ନୂତନ ପିଅନ ପଦବୀ ପାଇଁ କୌଣସି ପ୍ରକାରର ବିଜ୍ଞାପନ କିମ୍ବା ସୂଚନା ଦିଆ ନ ଯାଇ ନିଯୁକ୍ତି ଦିଆଯାଇଛି ବୋଲି ଦାବିପତ୍ରରେ ଦର୍ଶାଯାଇଛି।

# ଶିକ୍ଷା ଆଦିବାସୀ ବିକାଶର ଚାବିକାଠି



ବିଶ୍ୱ ଆଦିବାସୀ ଦିବସ ଅବସରରେ ବିଧାୟକ ନରସିଂହ ମିଶ୍ର ଶିବତଲାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି।

**ଶିବତଲାରେ ବିଶ୍ୱ ଆଦିବାସୀ ଦିବସ ପାଳନ ଉତ୍ସବ**

ବଲାଙ୍ଗୀର,୯।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ବ୍ଲକ ଅନ୍ତର୍ଗତ ଶିବତଲା ଗାଁରେ ବୁଧବାର ଶତାଧିକ ଆଦିବାସୀଙ୍କ ଗହଣରେ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ନରସିଂହ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷା ହିଁ ଆଦିବାସୀଙ୍କ ବିକାଶର ଚାବିକାଠି ହୋଇଥିବାରୁ ଆଦିବାସୀ ସମାଜ ଗୁଣାତ୍ମକ ଶିକ୍ଷା ଉପରେ ଜୋର ଦିଅନ୍ତୁ ବୋଲି କହିଥିଲେ। ସେ ଆହୁରି କହିଥିଲେ ଯେ, ଆଦିବାସୀଙ୍କ ପ୍ରତ୍ୟେକଟି ପରମ୍ପରା ହେଉଛି ସେମାନଙ୍କ ନିଜସ୍ୱ ଆଇନ। ଏହାକୁ କେହି ବଦଳାଇ ପାରିବେ ନାହିଁ। ଆଦିବାସୀ ହେଉଛନ୍ତି ଦେଶର ମୂଳ ଅଧିବାସୀ। ଦେଶର ଜଙ୍ଗଲ, ପାଣି, ପବନ ଓ ପ୍ରକୃତି ଉପରେ ତାଙ୍କର ସମ୍ପୂର୍ଣ୍ଣ ଅଧିକାର ଅଛି। ତାଙ୍କୁ କେହି ସେଥିରୁ ବଞ୍ଚିତ କରି ପାରିବେ ନାହିଁ। ବୋଲି କହିଥିଲେ। ସାରା ଦେଶ ଓ ବିଶ୍ୱ ଆଜି ଆଦିବାସୀ ଦିବସ ପାଳନ କରୁଛି। ୧୯୪୪ ମସିହାରେ ଜାତିସଂଘ ସାଧାରଣ ପରିଷଦ ବୈଠକ ଘୋଷଣା ଅନୁଯାୟୀ ପ୍ରତିବର୍ଷ ଅଗଷ୍ଟ ମାସ ୯ ତାରିଖ ବିଶ୍ୱ ଆଦିବାସୀ ଦିବସ ପାଳନ ହେଉଛି। ଆଦିବାସୀଙ୍କ ପରମ୍ପରା ହିଁ ହେଉଛି ଏମାନଙ୍କର ନିୟମ। ତେଣୁ ଏମାନଙ୍କୁ ଭ୍ରମିତ କିମ୍ବା ଏମାନଙ୍କ ଏକତାକୁ ବିଖଣ୍ଡିତ କରି ଆଦିବାସୀଙ୍କୁ ତାଙ୍କ ରାଜନୈତିକ ଅଧିକାରରୁ ବଞ୍ଚିତ କରାଯିବା ପ୍ରୟାସକୁ କେବେ ବି ବରଖାସ୍ତ କରାଯିବ ନାହିଁ ବୋଲି ବିଧାୟକ ମିଶ୍ର କହିଥିଲେ । ରାମଚନ୍ଦ୍ରପୁର ଓ ବୁଡାପାଲି ଠାରେ ଆଦିବାସୀଙ୍କ ଶିକ୍ଷାର ଉନ୍ନତି ପାଇଁ ଶିକ୍ଷାନୁଷ୍ଠାନର ବ୍ୟବସ୍ଥା କରାଯାଇଛି। ସେମାନେ ତାର ଭରପୁର ଲାଭ ଉଠାନ୍ତୁ ବୋଲି ବିଧାୟକ ମିଶ୍ର ଆଦିବାସୀ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ କହିଥିଲେ । ଉଚ୍ଚ ଶିକ୍ଷା ତଥା ବୈଷୟିକ ଶିକ୍ଷା କ୍ଷେତ୍ରରେ ଆଦିବାସୀମାନେ ନିଃଶୁଳ୍କ ଶିକ୍ଷା ଗ୍ରହଣ କରିପାରିବେ ସେ ଦିଗରେ ସେ ଉଦ୍ୟମ କରୁଛନ୍ତି ବୋଲି ସେ କହିଥିଲେ । ଏ ଅବସରରେ ଆଦିବାସୀଙ୍କ ଅନୁରୋଧ କ୍ରମେ ଦୁଇଟି କମ୍ୟୁନିଟି ସେଣ୍ଟର ବ୍ୟବସ୍ଥା କରାଯିବ ବୋଲି ମିଶ୍ର ଘୋଷଣା କରିଥିଲେ। ଆଦିବାସୀ ନେତା ମୟ ପ୍ରଧାନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଂଘ ଉପଦେଷ୍ଟା ସତ୍ୟନାରାୟଣ କୁଅଁର, ଚିନ୍ତାମଣି ଭୋଇ, ପ୍ରଦୀପ ମାଝି, ସାଧୁରାମ ମାଝି, ଅନାବ ମାଝି, ରବିଚନ୍ଦ୍ର ମାଝି, ଦୟାନିଧି କୁଅଁର, ଉମା ପ୍ରଧାନୀ, ତ୍ରିଭୁଜ ଶାନ୍ତ, ବିନୋଦିନୀ ମାଝି ମଞ୍ଚାସୀନ ଥିଲେ। ଶେଷରେ ବ୍ୟାସଦେବ ମାଝି ଧନ୍ୟବାଦ ଅର୍ପଣ କରିଥିଲେ ।

## ଦାବି ହାସଲ ପାଇଁ ସଙ୍ଗଠିତ ହୁଅ




ଆଦିବାସୀ ଦିବସ ପାଳନ ସଭାରେ ଉପସ୍ଥିତ ଆଦିବାସୀ କଲ୍ୟାଣ ସଂଘ ସଦସ୍ୟ।

**ନାନ୍ଦୁପଲାରେ ବିଶ୍ୱ ଆଦିବାସୀ ଦିବସ ପାଳିତ**

ମୁରିବାହାଲ, ୯।୮(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଆଦିବାସୀ ଭବନରେ ବୁଧବାର ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଆଦିବାସୀ କଲ୍ୟାଣ ସଂଘ ତରଫରୁ ଆୟୋଜିତ ଦିବସ ପାଳନ କାର୍ଯ୍ୟକ୍ରମରେ ସଂଘର ବ୍ଲକ ସଭାପତି ରାଜୀବ କୁଅଁର ସଭାପତିତ୍ୱ କରିଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ମିଥିଲା ମାଝି ମୁଖ୍ୟଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଅନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଆଦିବାସୀମାନଙ୍କର ସୁରକ୍ଷା, ପରମ୍ପରା, ସାମାଜିକ ପ୍ରଥାକୁ ବିଶେଷ ଭାବେ ଧ୍ୟାନ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନୀତ ଅତିଥିଭାବେ ମହିଳା ନେତ୍ରୀ ପତରଙ୍ଗି ମାଝି, ପାର୍ଥ ଭୋଇ, ଜୟଲାଲ ସିଂ ମାଝି ଉପସ୍ଥିତ ରହି ଆଦିବାସୀମାନେ ସଙ୍ଗଠିତ ହୋଇ ନ୍ୟାର୍ଯ୍ୟ ଦାବି ହାସଲ କରିବା ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବାରେ ବିଶାମିତ୍ର ଭୋଇ, ଲକ୍ଷ୍ମୀ ମାଝି, ସରସ୍ୱତୀ ଭୋଇ, ସୁମତି କୁଅଁର ମୀରା ଭୋଇ, ପ୍ରବୀର ଯାନୀ, ଅଗସ୍ତି ଶିକା, ତୀର୍ଥ ଧାରୁଆ, ପ୍ରବୀର ଯାନୀ ପ୍ରମୁଖ ସହଯୋଗ କରି ଥିଲେ। ସଂଘ ସାଧାରଣ ସମ୍ପାଦକ ଭୁବନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

## ସଇଁତଳାରେ ରାଲି କଲେ ଆଦିବାସୀ

ସଇଁତଳା, ୯।୮
(ରାଖାଲ ପ୍ରସାଦ ଶତପଥୀ)

ସଇଁତଳା ସଦର ମହକୁମାସ୍ଥିତ ଡ଼ାକବଙ୍ଗଳା ପରିସରସ୍ଥ କଲ୍ୟାଣ ମଣ୍ଡପଠାରେ ବ୍ଲକସ୍ତରୀୟ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ସଭା ପ୍ରାରମ୍ଭରେ ଆଦିବାସୀ ମହିଳା ଓ ପୁରୁଷମାନେ ସ୍ଥାନୀୟ ଚଣ୍ଡୀ ମନ୍ଦିରରୁ ପୂଜାର୍ଚ୍ଚନା ପରେ ଏକ ରାଲିରେ ସହର ପରିକ୍ରମା କରି ସଭାସ୍ଥଳରେ ପହଞ୍ଚିଥିଲେ। ସେଠାରେ ଆଦିବାସୀ ନେତା ପ୍ରେମ ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ ମୁଖ୍ୟ ଅତିଥି, ବେଦବ୍ୟାସ ଭୋଇ ମୁଖ୍ୟବକ୍ତା, ଜିଲା ପରିଷଦ ସଭ୍ୟ ପ୍ରମୋଦ ଭୋଇ, ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝି, କବିରାଜ ସୁରେନ୍ଦ୍ର ଭୋଇ, ଶେଷଦେବ ଜାନୀ, ଭାନୁପ୍ରତାପ ଭୋଇ, ଡ଼ମନ ଭୋଇ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରସନ୍ନ ଭୋଇ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭୋଇ ତାଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାର ଜଙ୍ଗଲ ସୁରକ୍ଷା ଆଇନ ଓ ୟୁସିସି ଆଇନକୁ ବିରୋଧ କରିବା ସହ ଆଦିବାସୀମାନଙ୍କ ସ୍ୱାର୍ଥକୁ କେନ୍ଦ୍ର ସରକାର ଧ୍ୟାନ ଦେଉ ନ ଥିବା କହିଥିଲେ। ସାବିତ୍ରୀ ମାଝି ଧନ୍ୟବାଦ ଜ୍ଞାପନ କରିଥିଲେ।

## ଟିଟିଲାଗଡରେ ବିଶ୍ୱ ଆଦିବାସୀ ଦିବସ ସଙ୍କଳ୍ପ ସଭା, ଶୋଭାଯାତ୍ରା

ଟିଟିଲାଗଡ଼,୯।୮(ଶରତ ମିଶ୍ର)

ବିଶ୍ୱ ଆଦିବାସୀ ଦିବସରେ ବଲାଙ୍ଗୀର ଜିଲା ଆଦିବାସୀ କଲ୍ୟାଣ ସଂଘ ଟିଟିଲାଗଡ ଶାଖା ପକ୍ଷରୁ ସଂକଳ୍ପ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏନେଇ ସ୍ଥାନୀୟ ଆଦିବାସୀ ଭବନ ପରିସରରୁ ବିଭିନ୍ନ ଅଞ୍ଚଳରୁ ସହସ୍ରାଧିକ ସଂଘ କର୍ମକର୍ତ୍ତା ପାରମ୍ପରିକ ବେଶଭୂଷା, ଡାକବାଦ୍ୟ ତଥା ଅସ୍ତ୍ରଶସ୍ତ୍ର ସହ ସହର ପରିକ୍ରମା କରିଥିଲେ। ପରେ ଆଦିବାସୀ ଭବନ ପରିସରରେ ସଂଘର ବ୍ଲକ ସଭାପତି ପଦ୍ମନ ପ୍ରଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ସଂଘ କାର୍ଯ୍ୟକାରୀ ସଭାନେତ୍ରୀ ବନଲତା ମାଝି ମୁଖ୍ୟଅତିଥି,




ବିଶ୍ୱ ଆଦିବାସୀ ଦିବସରେ ସଂଘ କର୍ମକର୍ତ୍ତା ନଗର ପରିକ୍ରମା କରୁଛନ୍ତି।

ଜିଲା ସମ୍ପାଦକ ହେମେନ୍ଦ୍ରନାଥ ହାଂସଦା ମୁଖ୍ୟବକ୍ତା, ବଙ୍ଗୋମୁଣ୍ଡା ବ୍ଲକ ସଭାପତି ମନୋରଞ୍ଜନ ଭୋଇ, ମୁରିବାହାଲ ବ୍ଲକ ସଭାପତି ରାଜୀବ କୁଅଁର, ସମ୍ପାଦକ ସୁନିଲ ମାଝି, ଉପସଭାପତି ଇନ୍ଦ୍ରମଣୀ ମାଝି, ନାରୀନେତ୍ରୀ ରୀନା ମାଝି, ଭୁବନ ମାଝି, ପାର୍ଥ ଭୋଇ, ନଗର ସଭାପତି ନିତ୍ୟାନନ୍ଦ ମାଝି, ଲୁହା ପ୍ରଗଣା ସଭାପତି ଚୈତନ୍ୟ ମାଝି ପ୍ରମୁଖ ସାମିଲ ଥିଲେ। ଆଦିବାସୀଙ୍କ ଶିକ୍ଷା, ଜମି ଜଙ୍ଗଲ ଅଧିକାରୀ, ଜୀବନ ଜୀବିକାର ସୁରକ୍ଷା, ଆଦିବାସୀ ଭାଷା, ସଂସ୍କୃତି, ଧର୍ମ, କଳାଭାସ୍କର୍ଯ୍ୟର ସୁରକ୍ଷା ପାଇଁ କାର୍ଯ୍ୟ କରିବାକୁ ମଞ୍ଚାସୀନ ଆଦିବାସୀ ନେତୃବୃନ୍ଦ ସଂକଳ୍ପ ନେବାକୁ ଉପସ୍ଥିତ କର୍ମକର୍ତ୍ତାଙ୍କୁ ଆହ୍ୱାନ କରିଥିଲେ। ଏହା ସହ ଆଦିବାସୀ ସଂସ୍କୃତିର ରକ୍ଷା ନେଇ ମିଳିତ ଜାତିସଂଘ ବିହିତ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ବିଭିନ୍ନ ଦାବି ନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୪ ଦଫା ସମ୍ବଳିତ ଦାବିପତ୍ର ଉପଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ସମାନ ନାଗରିକ ସଂହିତା ଆଇନକୁ ଲାଗୁ କରା ନ ଯିବା, ମଣିପୁର ଘଟଣାରେ ଦୋଷୀ ବ୍ୟକ୍ତିଙ୍କୁ ତୁରନ୍ତ ଗିରଫ, ନକଲି ଆଦିବାସୀଙ୍କୁ ସରକାରି ଚାକିରିରୁ ବହିଷ୍କାର ଆଦି ଦାବି ହୋଇଛି।

## ବଲାଙ୍ଗୀରରୁ କୋଲକତା ଅଭିମୁଖେ ଓଡିଶା ଦଳ କଲେ ଯାତ୍ରା | ଇଷ୍ଟଜୋନ୍ ଚାମ୍ପିୟନଶିପ୍ ପାଇଁ ଓଡ଼ିଶା ଦଳ ଚୟନ

ବଲାଙ୍ଗୀର,୯।୮(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ପୃଥ୍ୱୀରାଜ ହାଇସ୍କୁଲ ଇନ୍‌ଡୋର ବ୍ୟାଡମିଣ୍ଟନ୍ ଷ୍ଟାଡିୟମଠାରେ ଇଷ୍ଟଜୋନ୍ ଚାମ୍ପିୟନଶିପ୍ ପାଇଁ ଓଡିଶା ଦଳ ଚୟନ ଶିବିର ବୁଧବାର ଉଦ୍‌ଯାପିତ ହୋଇଛି। ଏହି ଶିବିରରେ ୧୯ ବର୍ଷରୁ କମ୍ ବାଳକ ଓ ବାଳିକା ଏବଂ ବରିଷ୍ଠ ପୁରୁଷ ଓ ମହିଳା ବର୍ଗର ସମସ୍ତ ଶୀର୍ଷ ମାନ୍ୟତାପ୍ରାପ୍ତ ଖେଳାଳିଙ୍କ ମଧ୍ୟରେ ଲିଗ୍ ଖେଳ ହୋଇ ଚୂଡାନ୍ତ ଦଳ ଚୟନ କରାଯାଇଥିଲା। ମନୋନୀତ ଦଳ ସଦସ୍ୟ ବୁଧବାର କୋଲକତା ଅଭିମୁଖେ ଯାତ୍ରା କରିଛନ୍ତି। ଓଡିଶା ରାଜ୍ୟ ବ୍ୟାଡମିଣ୍ଟନ ସଂଘ ଚୟନ କମିଟି ଆବାହକ ତଥା ରାଜ୍ୟ ସମ୍ପାଦକ ନିଳିନ କୁମାରଙ୍କ ଆବାହକତ୍ୱରେ ଚୟନ କମିଟି ସଦସ୍ୟ କମଳ ଦାସ, ପ୍ରଦୀପ



ଇଷ୍ଟଜୋନ୍ ଚାମ୍ପିୟନଶିପ୍ ପାଇଁ କୋଲକତା ଗସ୍ତ କରିଥିବା ମନୋନୀତ ଦଳ ସଦସ୍ୟାସଦସ୍ୟ।

ପଟ୍ଟନାୟକ, ବିଜୟ ବାଗ, ସୁରୁଲାଲ ମଟାରୀ ଖେଳାଳି ତାଲିକା ଚୂଡାନ୍ତ କରିଥିଲେ। ପରେ ଜିଲା ସଭାପତି ଗୋପଳ ଚନ୍ଦ୍ର ପଣ୍ଡା, କାର୍ଯ୍ୟକାରୀ ସଭାପତି ପବିତ୍ର ବେହେରା, ପାଟଣାଗଡ ଡେଭେଲପ୍‌ମେଣ୍ଟ କମିଟି ସଭାପତି ସୁଶାନ୍ତ ମହାନ୍ତି, ଉପଦେଷ୍ଟା ବୀରେନ୍ଦ୍ର ମିଶ୍ରଙ୍କ ଉପସ୍ଥିତିରେ ରାଜ୍ୟ ସମ୍ପାଦକ ନିଳିନ କୁମାର ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗର ନାମ ଘୋଷଣା କରିଥିଲେ। କନିଷ୍ଠ ବର୍ଗରେ ତହସିଫ ଖାନ୍, ଅମୟ କୁମାର ନାଏକ, ଭବିଷ୍ୟ କୁମାର ସିଂ, ଅର୍ପିତ ପଣ୍ଡା, କ୍ରିଷ୍ଟା ସାୱାଡିଆ, ଆର୍ଯ୍ୟା ମାଝି, ହର୍ଷିତା ରାଉତ୍, ବିଶାଖା ଟପୋ, ପ୍ରଗତି ପରିଡା, ସୁଇଟିପ୍ରିୟା ପଧାନ, ଅଶ୍ୱିକା ମିଶ୍ର, ଶ୍ରେୟା ବିଶ୍ୱାଳ, ବରିଷ୍ଠ ବର୍ଗରେ ଆୟୁଷ ଦାସ, ପାରସ ମାଥୁର, ଅଭିଜିତ ମହାରଣା, ଅମ୍ଳାନ କେଶରୀ ଗଡନାୟକ, ତନ୍ମୟ ଜେନା, ଅମ୍ରିତ ମହାନ୍ତି, ଅନିର୍ବାନ ମଣ୍ଡଳ, ସୁମନ୍ତ ମହନ୍ତ, ହର୍ଷିତା ରାଉତ, ଶ୍ରୁତି ସ୍ୱାଇଁ, ବିଶାଖା ଟପୋ, ପ୍ରଗତି ପରିଡା, ପୂର୍ବାପ୍ରତ୍ୟାଶା ପଣ୍ଡା, ଶ୍ରେୟା ବିଶ୍ୱାଳ ଚୂଡାନ୍ତ ଦଳରେ ସ୍ଥାନ ପାଇଛନ୍ତି। ଦଳରେ ମୁଖ୍ୟ କୋଚ୍ ଭାବେ କମଳ ଦାସ, ଅଜିତ ମହାନ୍ତି, ପ୍ରବନ୍ଧକ ଭାବେ ପ୍ରଦୀପ ପଟ୍ଟନାୟକ, ସହପ୍ରବନ୍ଧକ ଦୀପକ ରଞ୍ଜନ ମହାନ୍ତି ଦଳ ସହ ଯାତ୍ରା କରିଛନ୍ତି। ବଲାଙ୍ଗୀର ରେଳଷ୍ଟେଶନ୍‌ଠାରେ ଜିଲା ବ୍ୟାଡମିଣ୍ଟନ ସଂଘ ସଭାପତି ପଣ୍ଡା, ଘନଶ୍ୟାମ ମିଶ୍ର, ଅନନ୍ତ ବେହେରା, ମାନସ ମହାନ୍ତି, ସୁରେନ୍ଦ୍ର ନେପାଳ ପ୍ରମୁଖ ଦଳକୁ ଶୁଭେଚ୍ଛା ଜଣାଇବା ସହ ଉତ୍ସାହିତ କରିଥିଲେ।

## ଜାଲ୍ ସାର୍ଟିଫିକେଟ ଅଭିଯୋଗ ପରେ ହିନ୍ଦୀ ଶିକ୍ଷୟିତ୍ରୀ ଅଟକ

ବଲାଙ୍ଗୀର, ୯।୮
(ବୀରେନ୍ଦ୍ର କୁମାର ଝାଙ୍କର)

ଜାଲ ସାର୍ଟିଫିକେଟ ଦେଇ ଚାକିରି କରିବା ହିନ୍ଦୀ ଶିକ୍ଷୟିତ୍ରୀଙ୍କୁ ମହଙ୍ଗା ପଡିଛି। ବୁଧବାର ବଲାଙ୍ଗୀର ଟାଉନ୍ ଥାନା ପୋଲିସ ରଣ୍ଡା ସ୍ଥିତ ହାଇସ୍କୁଲର ହିନ୍ଦୀ ଶିକ୍ଷୟିତ୍ରୀ ମିନ୍‌ମୟୀ ପଣ୍ଡାଙ୍କୁ ସ୍କୁଲରୁ ଥାନାକୁ ଡାକି ନେଇ ଅଟକ ରଖିବା ସହ ପଚରାଉଚରା କରିଛି। ମିଳିଥିବା ସୂଚନା ମୁତାବକ ଗତ ମାର୍ଚ୍ଚ ଶେଷ ସପ୍ତାହରେ ବଲାଙ୍ଗୀରରେ ଜାଲ ସାର୍ଟିଫିକେଟ ରାକେଟ୍‌ର ପର୍ଦ୍ଦାଫାଶ ହୋଇଥିଲା। ପୋଲିସ ଏବଂ କ୍ରାଇମ୍‌ବ୍ରାଞ୍ଚ ଟିମ୍ ଏହି ଘଟଣାର ତଦନ୍ତ କରିଥିଲେ। ଏହି ତଦନ୍ତ ବେଳେ ରଣ୍ଡା ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପୋଲିସ ପକ୍ଷରୁ ଏକ ଚିଠି କରାଯାଇ ଉକ୍ତ ହାଇସ୍କୁଲର ହିନ୍ଦୀ ଶିକ୍ଷୟିତ୍ରୀ ପଣ୍ଡାଙ୍କ ସମସ୍ତ ସାର୍ଟିଫିକେଟ ଧରି ଟାଉନ୍ ଥାନାକୁ ଆସିବାକୁ କୁହାଯାଇଥିଲା। ପୋଲିସ ସେ ସମୟରେ ତାଙ୍କର ସମସ୍ତ ସାର୍ଟିଫିକେଟ ଜବତ କରିବା ସହ ଯାଞ୍ଚ ପାଇଁ ପଠାଇଥିଲେ। ଆଜି ଟାଉନ୍ ଥାନାର ଏକ ଟିମ୍ ରଣ୍ଡା ହାଇସ୍କୁଲକୁ ଯାଇ ସମ୍ପୃକ୍ତ ହିନ୍ଦୀ ଶିକ୍ଷୟିତ୍ରୀ ପଣ୍ଡାଙ୍କୁ ଟାଉନ୍ ଥାନାକୁ ଯିବାକୁ କହି ତାଙ୍କୁ ସେଠାରୁ ନେଇଯାଇଥିଲେ। ମିଳିଥିବା ସୂଚନା ମୁତାବକ ତାଙ୍କ ସାର୍ଟିଫିକେଟ ଯାଞ୍ଚ ବେଳେ ଜାଲ ବୋଲି ଜଣାପଡିଥିବା କୁହାଯାଉଛି। ତାଙ୍କୁ ଟାଉନ୍ ଥାନାରେ ଅଟକ ରଖାଯାଇ ବିଭିନ୍ନ ବିଷୟରେ ପୋଲିସ ପଚରାଉଚରା କରୁଛି। ଟାଉନ୍ ଥାନାର ଜଣେ ପୋଲିସ ଅଧିକାରୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଜାଲ ସାର୍ଟିଫିକେଟ ମାମଲାରେ ଶିକ୍ଷୟିତ୍ରୀ ଜଣକ ଗିରଫ ହୋଇପାରନ୍ତି ବୋଲି ସେ କହିଛନ୍ତି।

## ସ୍ୱାଗତ ସମାରୋହ, କ୍ରାନ୍ତି ଦିବସ ପାଳିତ

ଦେଓଗାଁ,୯।୮(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ଦେଓଗାଁ ବ୍ଲକ ଜରାସିଂହା ଯୁକ୍ତ ୨ କଲେଜରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ତଥା କ୍ରାନ୍ତୀ ଦିବସ ପାଳିତ ହୋଇଯାଇଛି।ଅଧକ୍ଷ ବସନ୍ତ ମନହୀରାଙ୍କ ପରିଚାଳନାରେ ଅନୁଷ୍ଠିତ ସମାରୋହରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର ମୁଖ୍ୟ ଅତିଥିଭାବେ ଯୋଗଦେଇ ସମାଜରେ ଭଲମଣିଷଟିଏ ହୋଇ ଶିକ୍ଷା ମାଧ୍ୟମରେ ନିଜକୁ ଗଢ଼ିତୋଳିବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ପ୍ରାଧ୍ୟାପକ ଗୋବିନ୍ଦ ମେହେର ମୁଖ୍ୟବକ୍ତାଭାବେ ଯୋଗଦେଇ ଛାତ୍ରୀଛାତ୍ରୀଙ୍କ କର୍ତ୍ତବ୍ୟ ବିଷୟରେ ଆଲୋକପାତ କରିଥିଲେ । ପ୍ରାଧ୍ୟାପକ ରଞ୍ଜନ କୁମାର ପାଣିଗ୍ରାହୀ ସଭା ସଂଯୋଜନା ଏବଂ ଅଧ୍ୟାପକ ମୁକେଶ କୁମାର ପଟ୍ଟନାୟକ, ଶୁଭଶ୍ରୀ ସାହୁ ବକ୍ତବ୍ୟ ରଖିଥିଲେ । ପ୍ରାଧ୍ୟାପକ ଧୋବାଇ ଚରଣ ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ । ଏ ଅବସରରେ କଲେଜରେ କ୍ରାନ୍ତୀ ଦିବସ ପାଳିତ ହୋଇଥିଲା। ଗାନ୍ଧିଜୀଙ୍କ ଭାରତଛାଡ ଆନ୍ଦୋଳନରେ କର ବା ମର ଉକ୍ତିର ତାତ୍ପର୍ଯ୍ୟ ଉପରେ ଅତିଥିଗଣ ଆଲୋକପାତ କରିଥିଲେ। ସେହିପରି କୁତୁର୍ଲାରେ ସଞ୍ଜୀବ ପଧାନଙ୍କ ନେତୃତ୍ୱରେ କ୍ରାନ୍ତୀ ଦିବସ ଉପଲକ୍ଷେ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ମେହେର, ରିଙ୍କୁ ପୁରୋହିତ, ଗଣେଷ ବୁଢ଼ିଆ, ମନୋଜ ଚନ୍ଦନ, ଦୟାନିଧି ନାୟକ, ପ୍ରମୁଖ ଉପସ୍ଥିତ ଥିଲେ।




ଜରାସିଂହା କଲେଜରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## କିଷାନ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ୧୨ ଦଫା ଦାବିପତ୍ର

ବଲାଙ୍ଗୀର,୯।୮
(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର କିଷାନ କଂଗ୍ରେସ ପକ୍ଷରୁ ୧୨ ଦଫା ଦାବିପତ୍ରକୁ ମଙ୍ଗଳବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସଦର ବିଧାୟକ ନରସିଂହ ମିଶ୍ରଙ୍କ ନିର୍ଦ୍ଦେଶ ଓ ରାଜ୍ୟ କିଶାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକଙ୍କ ଆହ୍ୱାନକ୍ରମେ ବଲାଙ୍ଗୀର ଜିଲା କିଷାନ କଂଗ୍ରେସ ଅଧ୍ୟକ୍ଷ ସାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ କୃଷି ଓ କୃଷକଙ୍କ ବିଭିନ୍ନ ସମସ୍ୟା ନେଇ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ବଲାଙ୍ଗୀର ଜିଲାରେ ଲଗୁଚାପଜନିତ ପ୍ରବଳ ବର୍ଷାରେ କ୍ଷୟକ୍ଷତି ହୋଇଥିବା ଚାଷୀମାନଙ୍କୁ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉ ବୋଲି ଦାବି କରିଥିଲେ। ଚାଷୀଙ୍କୁ ଆବଶ୍ୟକ ଥିବା ବିଭିନ୍ନ ସାର ବିନା ଟେଗ୍‌ରେ ଠିକଣା ସମୟରେ ନିର୍ଦ୍ଧାରିତ ମୂଲ୍ୟରେ ଯୋଗାଇ ଦିଆଯିବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଅବଧି ଚଳିତ ମାସ ୫ ତାରିଖ ପରିବର୍ତ୍ତେ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି, ଚଳିତ ଖରିଫ ଧାନ ସଂଗ୍ରହ ପାଇଁ ଚାଷୀ ନାମ ପଞ୍ଜୀକରଣ ସମୟ ସୀମା ଚଳିତ ଅଗଷ୍ଟ ୧୫ ତାରିଖ ପରିବର୍ତ୍ତେ ୩୧ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ଦାବି କରାଯାଇଛି। ପ୍ରତି ଗ୍ରାମ ପଞ୍ଚାୟତ ପରିବର୍ତ୍ତେ ପ୍ରତି ରାଜସ୍ୱ ଗ୍ରାମକୁ ଏକକ ଫସଲବୀମା ୟୁନିଟ ଭାବେ ଗ୍ରହଣ ଓ ପ୍ରଚଳିତ ରିଲିଫ କୋର୍ଡର ସଂଶୋଧନ, ଚାଷ କାର୍ଯ୍ୟ ପାଇଁ ଚାଷୀଙ୍କୁ ମାଗଣା ବିଜୁଳି ଯୋଗାଇ ଦିଆଯିବା, ଉଠା ଜଳସେଚନ ପଏଣ୍ଟକୁ ତୁରନ୍ତ କାର୍ଯ୍ୟକ୍ଷମ କରାଯିବା, ଜିଲାର କୃଷି ସମ୍ବଳ ଓ କଞ୍ଚାମାଲକୁ ପାଥେୟ କରି କୃଷିଭିତ୍ତିକ ଶିଳ୍ପ ଯଥା ସୂତାକଳ ଏବଂ ଦେଓଗାଁ ଚିନିକଳକୁ ପୁନଃ କାର୍ଯ୍ୟକ୍ଷମ କରାଯିବା ଦାବି କରିଥିଲେ। ଭାଗଚାଷୀଙ୍କୁ ଠିକ ଭାବରେ ଚିହ୍ନଟ କରାଯାଇ ସେମାନଙ୍କୁ ବିଭିନ୍ନ ରିହାତି ସହାୟତା ପ୍ରଦାନ କରାଯିବା, ପ୍ରତି ବ୍ଲକରେ ପନିପରିବା ଓ ଫଳଫୁଲ ସଂରକ୍ଷଣ ପାଇଁ ଶୀତଳ ଭଣ୍ଡାର ଓ ପ୍ରତି ପଞ୍ଚାୟତରେ ଗୋଦାମ ଘର ନିର୍ମାଣ କରାଯିବାକୁ ଦାବି କରାଯାଇଥିଲା। ଜିଲାର ସମସ୍ତ ଚାଷୀଙ୍କୁ କାଳିଆ ଓ ପିଏମ୍ କିଶାନ ଓ ନିଧି ସମ୍ମାନ ଯୋଜନାରେ ଅର୍ନ୍ତଭୁକ୍ତ କରାଯିବା, ଚାଷିର ଉତ୍ପାଦିତ ଧାନ, ଅଣଧାନ, ପନିପରିବା ସଂଗ୍ରହ, ସୁବିପଣନ ଓ ଉଚିତ ମୂଲ୍ୟ ପ୍ରଦାନ କରାଯିବା ପାଇଁ ସୁବ୍ୟବସ୍ଥା କରାଯିବାକୁ ଦାବି କରିଥିଲେ। ପ୍ରତି ସପ୍ତାହରେ ପ୍ରତି ଗ୍ରାମ ପଞ୍ଚାୟତ ସ୍ତରରେ କୃଷି ଓ କୃଷକଙ୍କ ସମସ୍ୟା ଓ ଏହାର ଆଶୁ ସମାଧାନ ପାଇଁ କୃଷି ଓ ତତ୍‌ସଂଲଗ୍ନ କୃଷି କର୍ମଚାରୀଙ୍କୁ ନେଇ ସମୀକ୍ଷା ବୈଠକ ସହ ଚାଷୀ ଅଭିଯୋଗ ଶୁଣାଣି କରାଯାଉ ନଚେତ ଆଗାମୀ ଦିନରେ ଜିଲା କିଶାନ କଂଗ୍ରେସ ପକ୍ଷରୁ ତୀବ୍ରତର ଆନ୍ଦୋଳନ କରାଯିବ ବୋଲି ଅଧ୍ୟକ୍ଷ ମିଶ୍ର ଚେତାବନୀ ଦେଇଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ଜିଲା କଂଗ୍ରେସ ଉପସଭାପତି ମନୀଷ ମିଶ୍ର, ରାଜ୍ୟ କିଷାନ କଂଗ୍ରେସ ସମ୍ପାଦକ ସରୋଜ ରଥ, ବିଶ୍ୱଜିତ ନାଥ, ବରିଷ୍ଠ କଂଗ୍ରେସ ନେତା ସଞ୍ଜୟ ମିଶ୍ର, ପଞ୍ଚାୟତିରାଜ ସଙ୍ଗଠନ ସଭାପତି ଅଜୟ ବାଲି, ଜୁଲୁ ପଟ୍ଟନାୟକ, ବ୍ରଜ କିଶୋର ସେଠୀ, ସୌମ୍ୟଦୀପ ସରାଫ, ଜିଲା ଯୁବ କଂଗ୍ରେସ ଉପସଭାପତି ଅଙ୍କିତ ସାହୁ, ବ୍ରଜ କିଶୋର ସାହୁ, ନାରୀ ନେତ୍ରୀ ବବିତା ସାହୁ, ସାଇନା ବେଗମ, ଜୟନାରାୟଣ ବହିଦାର, ଘୁଣ୍ଟୁ ଦାଶ, ଦୈତାରି ବାଗ, ଦୁଦୁ ସାହୁ ସାମିଲ ଥିଲେ ।



ଜିଲା କିଷାନ୍ କଂଗ୍ରେସ ପ୍ରତିନିଧି ମଣ୍ଡଳୀ ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଯାଉଛନ୍ତି।

## ସଂକ୍ଷେପରେ

### ଭୋଟର ସଚେତନତା କାର୍ଯ୍ୟକ୍ରମ

ପାଇକମାଲ, ୯।୮ (ବଡ ଶତପଥୀ)

ବରଗଡ ଜିଲା ବିନ୍ଧ୍ୟାବାସିନୀ ଡିଗ୍ରୀ ମହାବିଦ୍ୟାଳୟରେ ଇଏଲସି କ୍ଲବ ଆନୁକୂଲ୍ୟରେ ଅଧକ୍ଷ ଲୋହିତ କୁମାର ବାରିକଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଅଧକ୍ଷ ବାରିକ ବିଶେଷଜ୍ଞ ଭାବେ ଗଣତାନ୍ତ୍ରିକ ରାଷ୍ଟ୍ରରେ ଭୋଟରର ମହତ୍ତ୍ୱ ବିଷୟରେ ସଚେତନ କରିଥିଲେ। ଇଂଲିଶ ବିଭାଗ ମୁଖ୍ୟ ପ୍ରଦୀପ୍ତ କୁମାର ସାହୁ ନୂଆ ଭୋଟର କିପରି ପଞ୍ଜୀକୃତ ହେବେ ତାହା ସ୍ମାର୍ଟ ବୋର୍ଡ ମାଧମରେ ତାଲିମ ଦେଇଥିଲେ। ଅଧ୍ୟାପକ ରୋସନ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ପୁଷ୍ପମଞ୍ଜରୀ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସଭାକୁ ସଫଳ କରିବା ପାଇଁ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ ସହଯୋଗ କରିଥିଲେ।

### ଚିତ୍ରାଙ୍କନରେ ପରିବେଶ ସଚେତନତା



ବରଗଡ଼, ୯।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବନଖଣ୍ଡ ବିଭାଗ ଆନକୂଲ୍ୟରେ ପରିବେଶ ସଚେତନତା ଆଧାରିତ ଚିତ୍ରାଙ୍କନ ପ୍ରତିଯୋଗିତା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାଣାପ୍ରତାପ ସ୍କୁଲରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବରଗଡ଼ ବନପାଳ ସୁଦୀପ୍ତ ରଥ ଯୋଗଦାନ କରିଥିଲେ। କନିଷ୍ଠ ବିଭାଗରେ ବନାଗ୍ନି ଓ ବନ୍ୟପ୍ରାଣୀ ଏବଂ ବରିଷ୍ଠ ବିଭାଗରେ ଆମ ସଂସ୍କୃତିରେ ବନ୍ୟପ୍ରାଣୀ ପ୍ରତିଯୋଗିତାର ଶୀର୍ଷକ ରହିଥିଲା। ବନ ବିଭାଗର ଶୁଭମ ମହାନ୍ତି, ଯଶୋବନ୍ତ ସାହୁ, ଡୋଲାମଣି ଭୋଇ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତା ପରିଚାଳନା କରିଥିଲେ । ସେହିପରି ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମଧ୍ୟରେ ସୁନୀତା ମିଶ୍ର, ବବିତା ନାଏକ, ନିଲୀମା ପ୍ରଧାନ ପ୍ରମୁଖ ନିରୀକ୍ଷକ ଦାୟିତ୍ୱ ତୁଲାଇଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଦୀପ୍ତ କୁମାର ରଥ ଧନ୍ୟବାଦ ଅର୍ପଣ କରିଥିଲେ।

### ଜଳାଶୟ ହିଡ଼ରେ ଚାରାରୋପଣ

ବରଗଡ଼, ୯।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ସହରରେ ରହିଥିବା ଖଜୁରକଣ୍ଟା ଜଳାଶୟ ହିଡ଼ରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଖଜୁରଟିକ୍ରା ନେତାଜୀ ଯୁବକ ସଂଘ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପୌରାଧ୍ୟକ୍ଷା କଳ୍ପନା ମାଝି, ଟାଉନ ବିଜେଡ଼ି ସଭାପତି କିଶୋର ମିଶ୍ର, କାଉନସିଲର ରୀନା ମହାପାତ୍ର, ଶିକ୍ଷାବିତ୍ ନବୀନ ପାତ୍ର, ଆଡ଼ଭୋକେଟ୍ ଅନୁପ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ ।

# କୃଷିକ୍ଷେତ୍ରରେ କମ୍ପାନୀକରଣକୁ ଚାଷୀଙ୍କ ବିରୋଧ

ବରଗଡ଼, ୯।୮ (ପ୍ରେମାନନ୍ଦ ଖମାରୀ)



ଜିଲାପାଳ ସ୍ମାରକପତ୍ର ଗ୍ରହଣ କରୁଛନ୍ତି ।

- ଜିଲାପାଳ ଅଫିସରେ ପ୍ରତୀକ ପ୍ରତିବାଦ
- ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

ଦେଶରେ ବହୁରାଷ୍ଟ୍ରୀୟ କମ୍ପାନୀ ରାଜୁତି କରୁଛି। ଉଭୟ କେନ୍ଦ୍ର, ରାଜ୍ୟ ସରକାର ଜନମତକୁ ହତାଦର କରି ଅସଲରେ କର୍ପୋରେଟର ସ୍ୱାର୍ଥରେ କାମ କରୁଛନ୍ତି। ଅନ୍ୟପଟେ କମ୍ପାନୀଗୁଡ଼ିକର ରାଜତ୍ୱ ଯୋଗୁ ଚାଷୀ, ଶ୍ରମିକ ଘୋର ବିପଦରେ ଅଛନ୍ତି। ଗଣତନ୍ତ୍ର ବଦଳରେ କର୍ପୋରେଟତନ୍ତ୍ର ଚାଲିଛି। ଖଣି ଖାଦାନ, ଶିଳ୍ପ, ରେଲୱେ, ବିମାନ ସେବା, ଏଲଆଇସି, ଷ୍ଟାଡ଼ିୟମ ସବୁକୁ ଘରୋଇ କମ୍ପାନୀ ହାତରେ ଟେକି ଦିଆଯାଉଛି। ଫଳରେ ଚାଷୀ, ଆଦିବାସୀ ତଥା ଜନସାଧାରଣଙ୍କ ଉପରେ କମ୍ପାନୀ ଗୁଡ଼ିକର ଶୋଷଣ ବଢ଼ି ଚାଲିଛି। ଏଭଳି ଅଭିଯୋଗ କରି ବୁଧବାର ଜୟ କିଷାନ ଆନ୍ଦୋଳନ ବରଗଡ଼ ଜିଲା ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ମୋନିଷା ବାନାର୍ଜୀଙ୍କୁ ୧୪ଦଫା ସମ୍ମିଳିତ ଦାବିପତ୍ର ପ୍ରଦାନ କରାଯାଇଛି।

ଦାବିପତ୍ରରେ ଉଲ୍ଲେଖ ରହିଛି, ଚାଷୀମାନେ ଏପର୍ଯ୍ୟନ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ବଞ୍ଚିତ ଅଛନ୍ତି। କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା କରାଯିବା ସହିତ ସର୍ବନିମ୍ନ ସହାୟକ ମୂଲ୍ୟକୁ ଆଇନଗତ ମାନ୍ୟତା ଦେବା ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର ପାଇଁ ନିର୍ମିତ କମିଟିରେ ପରିବର୍ତ୍ତନ କରି ଏଥିରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ପ୍ରତିନିଧିଙ୍କୁ ସାମିଲ କରିବାକୁ ଦାବି ହୋଇଛି। ସେହିପରି କୃଷି ପରିବାର ନେଇଥିବା ଋଣ ଛାଡ଼, ବିଦ୍ୟୁତ ସଂଶୋଧନ ବିଧେୟକ ୨୦୨୨କୁ ଫେରସ୍ତ କରି ନିଆଯିବା, ପ୍ରତି ଗ୍ରାମୀଣ ପରିବାରକୁ ୩୦୦ ୟୁନିଟ୍ ବିଜୁଳି ମାଗଣା, ଜଳସେଚନ ପାଇଁ ଚାଷୀ ବ୍ୟବହାର କରୁଥିବା ବିଜୁଳି ଦେୟ ଅସୁଲି ବନ୍ଦ, ପ୍ରିପେଡ୍ ମିଟର ଲଗା ନ ଯିବା ତଥା ଟାଟା ପାୱାରର ଶୋଷଣକୁ ବନ୍ଦ କରିବା ପାଇଁ ଜୟ କିଷାନ ଆନ୍ଦୋଳନ ଦାବି କରିଛି। ଜମି ମାଲିକାନାକୁ ଅକ୍ଷୁର୍ଣ୍ଣ ରଖି ଭାଗଚାଷୀଙ୍କୁ କୃଷିଋଣ ପ୍ରଦାନ, ମଣ୍ଡିରେ ଶସ୍ୟ ବିକ୍ରି, ଫସଲବୀମା, ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷତିପୂରଣ ପ୍ରଦାନ ପାଇଁ ଆଇନଗତ ବ୍ୟବସ୍ଥା, କର୍ପୋରେଟ୍ ସ୍ୱାର୍ଥ ପାଇଁ ଶ୍ରମ ଆଇନକୁ ପରିବର୍ତ୍ତନ କରିବାରୁ ସରକାର ବିରତ ରହିବା, ବ୍ୟାଙ୍କ, ଜୀବନବୀମା ଭଳି ସଂସ୍ଥାଗୁଡ଼ିକୁ ଘରୋଇକରଣ ବନ୍ଦ କରିବାକୁ ମଧ୍ୟ ଦାବି ହୋଇଛି। ବର୍ଷକୁ ଅନ୍ତତଃ ଗୋଟିଏ ଫସଲ ପାଇଁ ଜଳସେଚନର ବ୍ୟବସ୍ଥାକୁ ଅଗ୍ରାଧିକାର ଦେଇ କୃଷିକ୍ଷେତ୍ରରେ ଜଳସେଚନ ଲାଗି ଅଧିକ ପୁଞ୍ଜିନିବେଶ କରାଯିବା, ସମସ୍ତ କୃଷି ଶ୍ରମିକ, ଛୋଟ, ନାମମାତ୍ର ଚାଷୀ, ଭାଗଚାଷୀ, ନିମ୍ନ, ମଧ୍ୟମ ବର୍ଗର ଚାଷୀଙ୍କ ପାଇଁ ୧୦ହଜାର ଟଙ୍କାର ପେନସନ, ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ବନ୍ଦ କରି ନୂଆ ଫସଲବୀମା ଲାଗୁ ସହିତ ଚାଷୀଙ୍କୁ ତୁରନ୍ତ ବୀମା କ୍ଷତିପୂରଣ ପ୍ରଦାନ ବ୍ୟବସ୍ଥା କରିବା କରିବାକୁ ସ୍ମାରକପତ୍ରରେ ଦାବି ହୋଇଛି । ଏହି ଦାବି ନେଇ ଜୟ କିଷାନ ଆନ୍ଦୋଳନର ପ୍ରତିନିଧିମାନେ ଜିଲାପାଳ ଅଫିସରେ ପ୍ରତିବାଦ ସଭା ମଧ୍ୟ କରିଥିଲେ। ସେଠାରେ ଜୟ କିଷାନ ଆନ୍ଦୋଳନର ଜିଲା ସଭାପତି ସୁଶିଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବରିଆଁ, ଭେଡ଼େନ ବ୍ଲକ ସଭାପତି ମହେଶ୍ୱର ପ୍ରଧାନ, ସୁରେନ୍ଦ୍ର ମେହେର, ବିରଞ୍ଚି ମହାକୁର, କିଶୋର ସାହୁ, ଅରୁଣ ସାହୁ, ସରୋଜ ପ୍ରଧାନ, ଭଞ୍ଜନ ବାରିକ, ସୁରସେନ ବାରିକ, ଲଳିତ ପ୍ରଧାନ ପ୍ରମୁଖ ଉଦବୋଧନ ଦେଇଥିଲେ।

## ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର

ଭେଡ଼େନ, ୯।୮ (ସୁଦନ ମହାକୁର)

ବଲାଙ୍ଗିର ଜିଲା ପାଟଣାଗଡ଼ ସହରର ପର୍ଶୁରାମ ଛକରେ ପର୍ଶୁରାମଙ୍କ ପ୍ରତିମୂର୍ତ୍ତି ହଟାଇ ସେଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଘଟଣାକୁ ବରଗଡ଼ ଜିଲା ଭେଡ଼େନ ବ୍ଲକ ବ୍ରାହ୍ମଣ ସମାଜ ସଙ୍ଗଠନ ତୀବ୍ର ନିନ୍ଦା କରିଛି। ଏହାର ପ୍ରତିବାଦରେ ସଙ୍ଗଠନର ସଭାପତି ପ୍ରିୟବ୍ରତ କରଙ୍କ ନେତୃତ୍ୱରେ ସଙ୍ଗଠନ ଶତାଧିକ ସଦସ୍ୟ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବୁଧବାର ଭେଡ଼େନ ବିଡ଼ିଓ ରଘୁନାଥ ପାଣିଗ୍ରାହୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପାଟଣାଗଡ଼ରେ ଘଟିଯାଇଥିବା ଭଗବାନ ପର୍ଶୁରାମଙ୍କ ପ୍ରତିମୂର୍ତ୍ତିକୁ ଭଙ୍ଗାରୁଜା ଓଡ଼ିଶାର ସନାତନୀ ବ୍ରାହ୍ମଣ ସମାଜ ପାଇଁ ଶକ୍ତ କୁଠାରଘାତ। ଏହା ସମଗ୍ର ଭାରତ ବର୍ଷର ସନାତନୀ ଧର୍ମୀଙ୍କ ପାଇଁ ଲଜ୍ଜାଜନକ। ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ଲୋକଙ୍କ ମନରେ ଥିବା ଅଶାନ୍ତିକୁ ଦୂର କରିବା ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରିଛନ୍ତି।

# ଛାତ୍ରୀଛାତ୍ରମାନେ ପରିବେଶ ସୁରକ୍ଷାର କବଚ ହୁଅନ୍ତୁ




ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ବରପାଲି, ୯।୮ (ଚିତ୍ତରଞ୍ଜନ ସାହୁ)

**ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ପ୍ରତିଷ୍ଠା ଦିବସ**

ବରଗଡ ଜିଲା ବରପାଲି ଲିଟିଲ ଏଞ୍ଜେଲସ ପବ୍ଲିକ ସ୍କୁଲର ୨୩ତମ ପ୍ରତିଷ୍ଠା ଦିବସ ବୁଧବାର ସ୍କୁଲ ପରିସରରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥିଭାବେ ତରାକନା ଅପଗ୍ରେଡେଡ଼ ହାଇସ୍କୁଲର ପ୍ରଧାନଶିକ୍ଷକ ଡ. ମନୋଜ କୁମାର ସାହୁ, ମୁଖ୍ୟ ବକ୍ତାଭାବେ ଏସଆରଭିଏମ ରାୟଗଡ଼ର ଅଧକ୍ଷ ଟୁନା ବିଶାଳ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ବିଦ୍ୟାଳୟ ପ୍ରିଫେକ୍ଟ ଆଶିଷ ମଟାରୀ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ, ଅଧକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧକ୍ଷ ସୁଶିଲ କୁମାର ରଥ ମଞ୍ଚାସୀନ ଥିଲେ। ପରିଚାଳନା ନିର୍ଦ୍ଦେଶିକାଙ୍କ ଅଭିଭାଷଣ ପରେ ମୁଖ୍ୟ ଅତିଥି ଡ. ସାହୁ ପିଲାମାନଙ୍କୁ ପରିବେଶ ସୁରକ୍ଷା କବଚ ହେବାକୁ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ବିଶାଳ ଶିକ୍ଷା ଓ ଶିକ୍ଷାୟତନ ସମ୍ବନ୍ଧରେ ଆଲୋଚନା କରିଥିଲେ । ଅଭିନନ୍ଦନ ଉତ୍ସବରେ ଗତବର୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ର ତଥା ନିଟ, ଜେଇଇ, ଆଇଜାର, ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ର ଅଙ୍କିତା ପ୍ରିୟଦର୍ଶିନୀ ପ୍ରଧାନ, ଏମ.ସାଇକ୍ରିଷ୍ଣା, ଲୁମ୍ବିନା ମେହେର, ବୀର ବିବେକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶିକା ଅତିଥିଗଣଙ୍କୁ ସ୍ମାରକ ଉପହାର ପ୍ରଦାନ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ କ୍ଲବଗୁଡିକୁ ନେଇ ଏକ ଜ୍ଞାନଭିତ୍ତିକ ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା।

## ବିଶ୍ୱ ଆଦିବାସୀ ଦିବସ ପାଳିତ

ବରଗଡ଼, ୯।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ବୁଧବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଛି। ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦାନ କରିଥିଲେ। ଆଦିବାସୀଙ୍କ ବିକାଶ ପାଇଁ ରାଜ୍ୟ ସରକାର ନେଇଥିବା ବିଭିନ୍ନ ଯୋଜନା ଉପରେ ସେ ଆଲୋକପାତ କରିଥିଲେ। ସେହିପରି ବରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ସୁଶିଳା ଭୋଇ ସମ୍ମାନିତ ଅତିଥିଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ଯୋଜନାଗୁଡ଼ିକ କିଭଳି ଆଦିବାସୀଙ୍କ ପାଖକୁ ପହଞ୍ଚି ପାରିବ, ସେ ନେଇ ସୂଚନା ପ୍ରଦାନ କରିଥିଲେ । ଆଗାମୀ ଦିନରେ ଆଦିବାସୀ ସମାଜର ଆହୁରି ବିକାଶ ସାଧିତ ହେବ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଓରମାସ୍‌ର ଉପମୁଖ୍ୟ କାର୍ଯ୍ୟନିର୍ବାହୀ ରାଜଗୋପାଳ ଦାଶ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ଅଞ୍ଚଳର ବହୁ ଆଦିବାସୀ ବର୍ଗର ମହିଳା, ପୁରୁଷ ସାମିଲ ଥିଲେ।

## କ୍ରାନ୍ତି ଦିବସରେ ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି



ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

ସୋହେଲା, ୯।୮ (ଅଶ୍ୱିନୀ ପାତ୍ର)

ବରଗଡ ଜିଲା ସୋହେଲା ମୁଖ୍ୟ ଛକରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳରେ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାମାଜସେବୀ ଡାକ୍ତର ଶିଶିର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ମହାତ୍ମା ଗାନ୍ଧୀ ଏବଂ ଅନ୍ୟ ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ନଥୁରାମ ଅଗ୍ରୱାଲ, ନରେନ୍ଦ୍ର ଠାକୁର, ଟଙ୍କଧର ଝାଙ୍କର, ପ୍ରମୋଦ ଦେବତା, ଲଳିତ ଅଗ୍ରୱାଲ, ତୁଷାରକାନ୍ତ ସାହୁ, ରାଜେଶ କାରିଆ, କିଶୋର ଗଡତିଆ, ଗୋପାଳ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

## ଶିକ୍ଷା, ସ୍ୱାସ୍ଥ୍ୟ ଓ ଖଣି ଦୁର୍ନୀତି ବିରୋଧରେ ସତ୍ୟାଗ୍ରହ




ତହସିଲ ଅଫିସ ସମ୍ମୁଖରେ ଧାରଣାରତ ଚାଷୀ।

ବରପାଲି, ୯।୮ (ଚିତ୍ତରଞ୍ଜନ ସାହୁ)

ଦେଶରେ ଶିକ୍ଷା, ସ୍ୱାସ୍ଥ୍ୟ, ଖଣି ଖାଦାନ ଦୁର୍ନୀତି ତଥା ଚାଉଳ କିଣାରେ ହେରଫେର ବିରୋଧରେ କୃଷକ ସଂଗଠନ ପକ୍ଷରୁ ପ୍ରାୟଶ୍ଚିତ ସତ୍ୟାଗ୍ରହ କରାଯାଇଛି। ଦେଶରେ ସବୁ କ୍ଷେତ୍ରରେ ଚାଲିଥିବା ଦୁର୍ନୀତି, ଚାଷୀଙ୍କ ପେନସନ ଯୋଜନା, ପେଟ୍ରୋଲ, ଡିଜେଲ ଗ୍ୟାସର ମୂଲ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ଉପରେ ଲଗାମ, ଗ୍ରାମୀଣ ପରିବାରକୁ ମାସିକ ତିନିଶହ ୟୁନିଟ ମାଗଣା ବିଜୁଳି, ବୀମା ଯୋଜନାରେ ଘରୋଇ କମ୍ପାନୀକୁ ହଟାଇବା, ମୁଢ଼ି, କେନ୍ଦୁପତ୍ର, କୃଷି ଯନ୍ତ୍ରପାତି ଉପରୁ ଜିଏସଟି ହଟାଇବା, ଆନ୍ଦୋଳନକାରୀ ଚାଷୀଙ୍କ ନାମରେ ଥିବା ମିଥ୍ୟା ମକଦ୍ଦମା ପ୍ରତ୍ୟାହାର ଆଦି ଦାବି ନେଇ କୃଷକ ସଂଗଠନ ପକ୍ଷରୁ ଧନପତି ପ୍ରଧାନଙ୍କ ନେତୃତ୍ୱରେ ବରପାଲି ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ବୁଧବାର କ୍ରାନ୍ତି ଦିବସ ପାଳନ ଅବସରରେ ସାରା ଭାରତର କୃଷକ ସଂଗଠନ ପକ୍ଷରୁ ଏହି ସପ୍ତାହ ବ୍ୟାପୀ ପ୍ରାୟଶ୍ଚିତ ସତ୍ୟାଗ୍ରହ କରାଯାଉଛି । ଏନେଇ ଦେଶର ବରପାଲି ତହସିଲଦାରଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ।

# 'ପଦ୍ମପୁର ନିର୍ବାଚନ ମଣ୍ଡଳୀକୁ ଆଦିବାସୀଙ୍କ ପାଇଁ ସଂରକ୍ଷିତ କର'

ପଦ୍ମପୁର ୯।୮ (ପ୍ରଦୀପ୍ତ ଦାଶ)



ପଦ୍ମପୁରରେ ଆଦିବାସୀ ଦିବସ ପାଳନ ସଭାରେ ମଞ୍ଚାସୀନ ଅତିଥି।

ପଦ୍ମପୁର ଉପଖଣ୍ଡ ଆଦିବାସୀ କଲ୍ୟାଣ ସଂଘ ତରଫରୁ ବିଶ୍ୱ ଆଦିବାସୀ ଦିବସ ପାଳନ କରାଯାଇଛି। ବିଞ୍ଝାଲ, ଗୋଁଣ୍ଡ, ସହଁରା, କନ୍ଧ, ବଞ୍ଜାରା, ମିର୍ଦ୍ଧା ଆଦି ଆଦିବାସୀ ସମ୍ପ୍ରଦାୟର ହଜାର ସଂଖ୍ୟାରେ ଜନସାଧାରଣ ଏହି ଅବସରରେ ଯୋଗଦାନ କରିଥିଲେ। ପ୍ରଥମେ ପାରମ୍ପରିକ ଅସ୍ତ୍ର, ବାଦ୍ୟ ସହ ଆଦିବାସୀମାନେ ସହର ପରିକ୍ରମା କରିଥିଲେ। ଭାରତର ରାଷ୍ଟ୍ରପତି ଭାବେ ଜଣେ ଆଦିବାସୀ ମହିଳାଙ୍କୁ ଅଭିଷିକ୍ତ କରିଥିବାରୁ ସଂଘ ସ୍ୱାଗତ କରିଥିଲା।ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ସଂସଦରେ ଜନଜାତି ସଂରକ୍ଷଣ ବିଲ୍ ଫେରାଇ ନେବା, ଆଦିବାସୀ ଦଖଲ କରୁଥିବା ଜଙ୍ଗଲ ଜମିକୁ ପଟ୍ଟା କରିବା, ୟୁସିସି ଆଦିବାସୀ ବିରୋଧି ଆଇନ ରଦ୍ଦ କରିବା, ଆଦିବାସୀ ଜମିକୁ କବଜା କରି ବେଆଇନ କ୍ରୟ ବିକ୍ରୟ ବନ୍ଦ କରିବା, ପଦ୍ମପୁର ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ଅଧିକ ସଂଖ୍ୟାରେ ଆଦିବାସୀ ଭୋଟର ଥିବାରୁ ଉକ୍ତ ଉକ୍ତ ଆସନକୁ ଆଦିବାସୀଙ୍କ ପାଇଁ ସଂରକ୍ଷଣ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି, ବିଧାୟିକା ବର୍ଷା ସିଂ ବରିହା, ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ଉପଖଣ୍ଡ ଆଦିବାସୀ ସଂଘ ସଭାପତି ରାଜେନ୍ଦ୍ର ରାଉତ, ଉପସଭାପତି ହୃଷୀକେଶ ବରିହା, ରାଜବୋଡାସମ୍ବର ବ୍ଲକ ଅଧକ୍ଷ ରଣଜିତ ସିଂ ବରିହା, ଆଶାରାମ ବରିହା, ଯୁଗଳ କିଶୋର ଭୋଇ, କେଦାର ସିଂ ବରିହା, ନିମ ଗହୀର ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ରହି ଆଦିବାସୀ ଦିବସ ସମ୍ପର୍କରେ ଆଲୋକପାତ କରିଥିଲେ।

## ନୂତନ ହିତାଧିକାରୀଙ୍କୁ ମିଳିଲା ଭତ୍ତା

ବରଗଡ଼, ୯।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ସୋମବାର ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ନଳିନୀ ପାଣ୍ଡେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥିଭାବେ ଯୋଗଦାନ କରିଥିଲେ। ମୁଖ୍ୟ ଅତିଥି ଆଚାର୍ଯ୍ୟ ଧାଙ୍ଗେର, ବରଗାଁ, ଜମୁର୍ଡ଼ା ପଞ୍ଚାୟତର ୧୨୫ରୁ ଉର୍ଦ୍ଧ୍ୱ ନୂତନ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ଭତ୍ତା ପ୍ରଦାନ କରିଥିଲେ। ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିବାବେଳେ ଉପରୋକ୍ତ ପଞ୍ଚାୟତର ସରପଞ୍ଚମାନେ ଉପସ୍ଥିତ ଥିଲେ।

# ବ୍ୟାଙ୍କଋଣର ଠିକ୍ ବିନିଯୋଗ ଆହ୍ୱାନ

ବରଗଡ଼, ୯।୮ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ବ୍ଲକ ପରିସରରେ ସୋମବାର ଉକ୍ତ ବ୍ଲକ ଅନ୍ତର୍ଗତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍ଏଚ୍‌ଜି)ର ସଦସ୍ୟମାନଙ୍କୁ ବ୍ୟାଙ୍କଋଣ ଏବଂ ସୁଧ ଫେରସ୍ତ ସମ୍ପର୍କୀତ ସଚେତନତା କାର୍ଯ୍ୟକ୍ରମ ଉଦଘାଟିତ ହୋଇଛି। ମିଶନ ଶକ୍ତି ଆନୁକୂଲ୍ୟରେ ଚାଲିଥିବା ଏହି ୪ଦିନିଆ କାର୍ଯ୍ୟକ୍ରମକୁ ମୁଖ୍ୟ ଅତିଥି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ନଳିନୀ ପାଣ୍ଡେ ଅଧ୍ୟକ୍ଷତା କରିଥିଲେ। ବ୍ୟାଙ୍କଋଣ ନେଇ ତାର ଠିକ୍ ବିନିଯୋଗ କରି ପାରିଲେ ମହିଳାମାନେ ଆର୍ଥିକ ସ୍ୱାବଲମ୍ବୀ ହେବା ସହିତ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ବୋଲି ମୁଖ୍ୟ ଅତିଥି ଆଚାର୍ଯ୍ୟ କହିଥିଲେ। ମିଶନ ଶକ୍ତି ଓଡ଼ିଶାରେ ଆନ୍ଦୋଳନରେ ପରିଣତ ହୋଇ ସାରିଛି ବୋଲି ସେ ଉଲ୍ଲେଖ କରିଥିଲେ। ବ୍ଲକ ଉପାଧ୍ୟକ୍ଷା ଉମେଶ ପଣ୍ଡା, ସିଡ଼ିପିଓ ପାର୍ବତୀ ସାହୁ, ବ୍ଲକ କାର୍ଯ୍ୟକ୍ରମ ସଂଯୋଜିକା ଶର୍ମିଷ୍ଠା ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ। ବ୍ୟାଙ୍କଋଣ ନେଇ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ କିଭଳି ଲାଭବାନ ହୋଇ ପାରିବେ, ସେ ଉପରେ ସମ୍ମାନିତ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ଆସନ୍ତା ୧୦ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟକ୍ରମ ଚାଲିବ ଏବଂ କାର୍ଯ୍ୟକ୍ରମରେ ବରଗଡ଼ ବ୍ଲକର ବିଭିନ୍ନ ପଞ୍ଚାୟତର ସଦସ୍ୟାମାନେ ସାମିଲ ହେବେ ବୋଲି ସୂଚନା ଦିଆଯାଇଛି।



କାର୍ଯ୍ୟକ୍ରମରେ ସାମିଲ ଥିବା ଏସ୍ଏଚ୍‌ଜି ମହିଳାବୃନ୍ଦ ।

# ବିଭିନ୍ନ ଦାବିରେ ଓଷ୍ଟାର ବିକ୍ଷୋଭ ଶୋଭାଯାତ୍ରା

ବରଗଡ଼, ୯।୮ (ପ୍ରେମାନନ୍ଦ ଖମାରୀ)




ଶିକ୍ଷକମାନେ ବିକ୍ଷୋଭ ଶୋଭାଯାତ୍ରାରେ ଡିଇଓ ଅଫିସକୁ ଯାଉଛନ୍ତି ।

ଓଡ଼ିଶା ମାଧ୍ୟମିକ ଶିକ୍ଷକ ସଙ୍ଗଠନ (ଓଷ୍ଟା)ର ଆହ୍ୱାନକ୍ରମେ ବିଭିନ୍ନ ଦାବି ନେଇ ବୁଧବାର ବରଗଡ଼ ଜିଲା ଶାଖା ପକ୍ଷରୁ ବିକ୍ଷୋଭ ଶୋଭାଯାତ୍ରା ଏବଂ ପ୍ରତିବାଦ ସଭା ହୋଇଥିଲା। ଏହି କ୍ରମରେ ଶତାଧିକ ଶିକ୍ଷୟିତ୍ରୀ, ଶିକ୍ଷକ ସ୍ଥାନୀୟ ଜର୍ଜ ହାଇସ୍କୁଲରୁ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଜିଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ କାର୍ଯ୍ୟାଳୟକୁ ଯାଇଥିଲେ। ଡିଇଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଗଠନର ବରଗଡ଼ ସଭାପତି ନନ୍ଦଲାଲ ନାଏକଙ୍କ ସଭାପତିତ୍ୱରେ ପ୍ରତିବାଦ ସଭା ହୋଇଥିଲା। ଉକ୍ତ ପ୍ରତିବାଦ ସଭାରେ ସଙ୍ଗଠନର ସହିଦ ଦେବତା, ସରୋଜ କୁମାର ସାହୁ, ସୁବାସ ଚୌହାନ, ପ୍ରୀତିରଞ୍ଜନ ପ୍ରଧାନ, ସତ୍ୟନାରାୟଣ ତ୍ରିପାଠୀ, ନବୀନ ବରିହା ପ୍ରମୁଖ ଉଦବୋଧନ ଦେଇ ସରକାରଙ୍କ ଶିକ୍ଷକମାରଣ ନୀତିକୁ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଓଷ୍ଟାର ରାଜ୍ୟ କାର୍ଯ୍ୟକାରୀ ସଭାପତି ନିଳମଣି ପୁରୋହିତ, ରାଜ୍ୟ ସହସମ୍ପାଦକ ଆଶୁତୋଷ ପ୍ରସାଦ ରଥ ପ୍ରମୁଖ ନିଜ ମତ ରଖିଥିଲେ । ଜିଲା ସମ୍ପାଦକ ସଞ୍ଜୟ କୁମାର ସିଂ ସଭା ସଂଯୋଜନା କରିଥିଲେ।

ପ୍ରତିବାଦ ସଭା ପରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅର୍ଥମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଯୋଗ୍ୟ ବିବେଚିତ ହାଇସ୍କୁଲକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ କର୍ମଚାରୀଙ୍କୁ ପୁରୁଣା ପେନସନ, ଚାକିରି ସର୍ତ୍ତାବଳୀ, ୨୨୬ ଓ ୩୯୯ ବର୍ଗ ବିଦ୍ୟାଳୟକୁ ସପ୍ତମ ବେତନ ପ୍ରଦାନ, ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଖାଲି ପଡ଼ିଥିବା ଶିକ୍ଷକ, କର୍ମଚାରୀଙ୍କ ପଦବୀ ପୂରଣ, ୨୮୦୦/୨୨୦୦/୧୯୦୦ ଗ୍ରେଡ୍ ପେରେ ଅସଙ୍ଗତି ଦୂର କରିବା, ୪୮ବର୍ଷରେ ପଦାର୍ପଣ କରିଥିବା ହିନ୍ଦୀ, ସଂସ୍କୃତ ଶିକ୍ଷକମାନଙ୍କର ଟି.ଜି ସ୍କେଲ ପ୍ରଦାନ, ତାଲିମପ୍ରାପ୍ତ ପିଇଟିମାନଙ୍କୁ ଟି.ଜି ସ୍କେଲ ପ୍ରଦାନ, ୧୧୦ ବାଳିକା ବିଦ୍ୟାଳୟକୁ ପୂର୍ଣ୍ଣ ଅନୁଦାନ ପ୍ରଦାନ ଆଦି ଦାବି କରାଯାଇଛି।




## ସଂକ୍ଷେପରେ

### ମାଗଣା ଚକ୍ଷୁ ପରୀକ୍ଷା ଶିବିର

ରାଉରକେଲା, ୯।୮ (ସଙ୍ଗୀତା ଜେନା)

ସେକ୍ଟର-୧୩ ସ୍ଥିତ କମ୍ୟୁନିଟି ସେଣ୍ଟରଠାରେ ମଙ୍ଗଳବାର ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମା' ତାରିଣୀ କ୍ରିକେଟ୍ କ୍ଲବ୍ ପକ୍ଷରୁ ଏହି ଶିବିରର ଆୟୋଜନ କରାଯାଇଥିଲା । ଏହି କ୍ଲବ୍ କ୍ରୀଡା କ୍ଷେତ୍ରରେ ସୀମିତ ନ ରହି ସମାଜସେବା ପ୍ରତି ନିଜର ଅଙ୍ଗୀକାରବଦ୍ଧତାକୁ ପ୍ରତିପାଦିତ କରିଛି। ବିଭୁ ରଞ୍ଜନ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ବିଏମ୍ଏସ୍ ସଭାପତି ହିମାଂଶୁ ବଳ ଯୋଗଦାନ କରି ଶିବିରର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ ପାଖାପାଖି ୨୫୦ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇ ମାଗଣାରେ ଚଷମା ବଣ୍ଟନ କରାଯାଇଥିଲା। ସମ୍ମାନିତ ଅତିଥି ଭାବେ ମାନସ ରଞ୍ଜନ ବାରିକ, ସମାଜସେବୀ ମହେନ୍ଦ୍ର ମହାନ୍ତି, ଶିଶିର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ମାଗଣା ଚକ୍ଷୁ ଶିବିରରେ ଜେପି ହସ୍‌ପିଟାଲର ସନ୍ତୋଷ ଲୋହାର, ସୁନୀତା ସାହୁ, ମହମ୍ମଦ ସମୀର, ସୁନୀଲ ଦାସ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। ନୀଳକଣ୍ଠ ଦାସ ଶିବିରର ପରିଚାଳନା କରିଥିବାବେଳେ କେନ୍ଦ୍ରୀୟ ପୂଜା କମିଟିର ଯୁଗ୍ମ ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ଦାସଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଜଗଦା, କୋଏଲନଗର, ଝିରପାଣି ଅଞ୍ଚଳରେ ଖାଦ୍ୟ ବିଭାଗ ପକ୍ଷରୁ ଚଢ଼ାଉ

ରାଉରକେଲା, ୯।୮ (ସଙ୍ଗୀତା ଜେନା)

ଆର୍‌ଏମ୍‌ସି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ଝିରପାଣି ପୋଲିସ ସହଯୋଗରେ ବୁଧବାର ସକାଳେ ଜଗଦା, କୋଏଲନଗର, ଝିରପାଣି ଆଦି ଅଞ୍ଚଳରେ ଥିବା ହୋଟେଲ, ଢ଼ାବା, ମୀନାବଜାର ଆଦିରେ ଚଢ଼ାଉ କରାଯାଇଛି। ଏଥିରେ ପ୍ରାୟ ୨୫ କେଜି ନିମ୍ନମାନର ଖାଦ୍ୟ ନଷ୍ଟ କରାଯିବା ସହ ୩୧ଟି ଦୋକାନରୁ ପ୍ରାୟ ୩ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଝିରପାଣି ପୋଲିସ ଏସ୍‌ଆଇ ମନୋହର ପ୍ରଧାନ ଓ ଟିମ୍ ସହ ଖାଦ୍ୟ ସୁରକ୍ଷା ଅଧିକାରୀ ସ୍ୱାଗତିକା ବେହେରା, ମୋନାଲିସା ଟପ୍ପୋ ଏହି ଚଢ଼ାଉ କରିଥିଲେ। ସୂଚନାଯୋଗ୍ୟ, ଝିରପାଣିର ମୀନାବଜାର, କୃପା ରେଷ୍ଟୁରାଣ୍ଟ ସମେତ ଅନ୍ୟ ଦୋକାନରେ ଖାଦ୍ୟ ପଦାର୍ଥ ନଷ୍ଟ କରାଯାଇଥିଲା।

### ଟ୍ରେନ୍‌ରୁ ଉଦ୍ଧାର ଅସୁସ୍ଥ ଯୁବକଙ୍କ ମୃତ୍ୟୁ

ରାଉରକେଲା, ୯।୮ (ସଙ୍ଗୀତା ଜେନା)

ବୁଧବାର ସକାଳେ ରାଉରକେଲା ଷ୍ଟେସନରେ ହାଟିଆ ଏକ୍ସପ୍ରେସରୁ ଜଣେ ଅପରିଚିତ ଅସୁସ୍ଥ ଯୁବକଙ୍କୁ ଉଦ୍ଧାର କରାଯାଇଥିଲା। ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କର ମୃତ୍ୟୁ ହୋଇଥିଲା। ଯୁବକ ଜଣଙ୍କ ବୟସ ପ୍ରାୟ ୨୨ ବର୍ଷ। ତାଙ୍କର ପରିଚୟ ମିଳିପାରିନାହିଁ। ଏ ନେଇ ଜିଆରପି ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫୫/୨୩) ରୁଜୁ କରିଛି। ମୃତଦେହ ମର୍ଗ ହାଉସରେ ରଖାଯାଇଛି।




ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନ ପକ୍ଷରୁ ଶୋଭାଯାତ୍ରା।

# ଅଖିଳ ଭାରତୀୟ ଟ୍ରେଡ୍ ୟୁନିୟନର ପ୍ରତିବାଦ, ବିକ୍ଷୋଭ

ରାଉରକେଲା, ୯।୮ (ବିପ୍ଳବ ରଞ୍ଜନ ଦାଶ)

**ସରକାରଙ୍କ ଜନବିରୋଧି ନୀତିକୁ ବିରୋଧ**

କେନ୍ଦ୍ର ସରକାରଙ୍କ ଜନବିରୋଧି ନୀତି, ଆକାଶଛୁଆଁ ଦରଦାମ, ରାଷ୍ଟ୍ରାୟତ ଶିଳ୍ପର ଘରୋଇକରଣ ଓ ୪ଟି ଶ୍ରମକୋଡ ବିରୋଧରେ ରାଉରକେଲା ଅଖିଳ ଭାରତୀୟ ଟ୍ରେନ ୟୁନିୟନ ପକ୍ଷରୁ କ୍ରାନ୍ତି ଦିବସରେ ପ୍ରତିବାଦ ସହିତ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହିତ ଅଙ୍ଗନୱାଡି କର୍ମୀ, ଆଶା, ପାଚିକା, ସିଆରପି ସମେତ ଅନ୍ୟାନ୍ୟ ସ୍କିଲ ଶ୍ରମିକମାନଙ୍କୁ ଶ୍ରମିକ ମାନ୍ୟତା ସହିତ ସର୍ବନିମ୍ନ ମଜୁରି ପ୍ରଦାନ କରିବା, ଶ୍ରମିକମାନଙ୍କୁ ୨୬ହଜାର ଟଙ୍କା ମାସିକ ବେତନ ଏବଂ ସାମ୍ପ୍ରଦାୟିକ ସଦ୍‌ଭାବ ବଜାୟ ରଖିବା ସହିତ ସଂଖ୍ୟାଲଘୁ, ଦଳିତ ଓ ଆଦିବାସୀମାନଙ୍କ ଉପରେ ଆକ୍ରମଣ ବନ୍ଦ କରିବା ଅଖିଳ ଭାରତୀୟ ଟ୍ରେଡ ୟୁନିୟନ କଂଗ୍ରେସ ତରଫରୁ ଦାବି ହୋଇଥିଲା। ପରେ ଅଖିଳ ଭାରତୀୟ ଟ୍ରେଡ ୟୁନିୟନ ପକ୍ଷରୁ ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦାବି ପୂରଣ ନେଇ ନାରା ଦେଇଥିଲେ। ବିକ୍ଷୋଭ ପୂର୍ବରୁ ଆର୍‌ଏମ୍‌ସି ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଅଖିଳ ଭାରତୀୟ ଟ୍ରେଡ ୟୁନିୟନ ସହିତ ସହବନ୍ଧିତ ଥିବା ବିଭିନ୍ନ ଶ୍ରମିକ ସଙ୍ଗଠନର ଶତାଧିକ ମହିଳା/ପୁରୁଷ ସମ୍ମିଳିତ ହୋଇ ସରକାରଙ୍କ ବିରୋଧରେ ନାରା ଲଗାଇଥିଲେ। ଏହି ପ୍ରତିବାଦ ସଭାରେ ଜିଲା ସମ୍ପାଦକ ସଦାନନ୍ଦ ସାହୁ କେନ୍ଦ୍ରର ମୋଦି ସରକାରଙ୍କର ଜନବିରୋଧି ଓ ଶ୍ରମିକ ବିରୋଧି ନୀତି ବିରୋଧରେ ଦେଶବାସୀ ଏକ ହେବାକୁ ଆହ୍ୱାନ ଦେଇଥିଲେ। ପ୍ରତିବାଦ ସଭାରେ ଅନ୍ୟମାନଙ୍କ ମଧ୍ୟରେ ଶ୍ରମିକ ନେତା ଅନୁପମ ଦତ୍ତ, ନୀଳମାଧବ ସାହୁ, ଦସରୁ କିଷାନ, କମଳା ମୁର୍ମୁ, କିଶୋରୀ ଏବଂ ସୁଶମା ମହାକୁର ପ୍ରମୁଖ ବକ୍ତବ୍ୟରେ ସରକାରଙ୍କ ଶ୍ରମିକ ବିରୋଧି ନୀତି ପ୍ରତ୍ୟାହାର କରିବା ଦାବି କରିଥିଲେ। ପରେ ପାନପୋଷ ଉପଜିଲାପାଳଙ୍କ ଜରିଆରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବି ପୂରଣ ନ ହେଲେ ଆଗାମୀ ସମୟରେ ଏ ନେଇ ବ୍ୟାପକ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଥିଲା। ଏ ଅବସରରେ ଜୁର୍ଲି ମୁର୍ମୁ, ରୁଷିଆ ବାର୍ଲା, ପଦ୍ମିନୀ ମହାନ୍ତି, ରୀନା ନାୟକ, ପଞ୍ଚାନନ ସୁନା, କୃତୀବାସ ନାୟକ, ମହେଶ୍ୱର ଦୀ.ବାଳମତୀ ମୁଣ୍ଡା, ବାସନ୍ତୀ ଗୁରୁ, ଚିନ୍ମୟୀ ପଣ୍ଡା, ବାସନ୍ତୀ ବାରିକ, ରୀନା ଗୋପ, ଛଳିନା ନଗରା ଓ ଗାୟତ୍ରୀ ପଣ୍ଡା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଆଦିବାସୀ ଦିବସ ପାଳିତ

ରାଉରକେଲା, ୯।୮ (ବିପ୍ଳବରଞ୍ଜନ ଦାଶ)



ଆଦିବାସୀ ଦିବସ ପାଳନ ସମାରୋହରେ ମଞ୍ଚାସୀନ ଅତିଥି।

**ସମାରୋହରେ ସାମିଲ ହେଲେ ବିଭିନ୍ନ ଅଞ୍ଚଳର ଆଦିବାସୀ**

ରାଉରକେଲା ଉଦିତ ନଗର ପରେଡ଼ ପଡ଼ିଆରେ ବୁଧବାର ୨୯ତମ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ସମାରୋହ ସୁନ୍ଦରଗଡ଼ ଜିଲା ଆଦିବାସୀ ମୂଳବାସୀ ବଞ୍ଚାଅ ମଞ୍ଚ ଏବଂ ଜିଲାର ବିଭିନ୍ନ ଆଦିବାସୀ ସଙ୍ଗଠନ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା। ପ୍ରଥମେ ସକାଳ ୯ଟା ୩୦ରେ ବିର୍ସା ମୁଣ୍ଡା ଛକଠାରେ ସମସ୍ତ ଆଦିବାସୀ ପାରମ୍ପରିକ ବେଶଭୂଷା, ବାଦ୍ୟଯନ୍ତ୍ର ଧରି ସମ୍ମିଳିତ ହୋଇଥିଲେ। ସକାଳ ୧୦ଟାରେ ଆଦିବାସୀଙ୍କ ଏକ ବିଶାଳ ଶୋଭାଯାତ୍ରା ବିର୍ସା ମୁଣ୍ଡା ଛକରୁ ବାହାରି ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଜଳ,ଜଙ୍ଗଲ ଏବଂ ଜମି ସୁରକ୍ଷା, ଆଦିବାସୀଙ୍କ ଅଧିକାର ସୁରକ୍ଷା ଆଦି ୧୧ଦଫା ସମ୍ବଳିତ ଏକ ଦାବିପତ୍ର ରାଉରକେଲା ଅତିରିକ୍ତ ଜିଲାପାଳଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଏହା ପରେ ଉଦିତ ନଗର ପରେଡ଼ ପଡ଼ିଆରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାକାର୍ଯ୍ୟରେ ଗୁଜୁରାଟ ୱାହାରୁ ସନୱାନେ, ମହାରାଷ୍ଟ୍ରରୁ ଲାଲସୁ ନଗୋଟି, ଝାଡ଼ଖଣ୍ଡରୁ ଏତୁଆ ମୁଣ୍ଡା ଓ ଆସାମରୁ ପ୍ରଣବ ଡୋଲେ ପ୍ରମୁଖ ଆଦିବାସୀ ମୁଖ୍ୟ ଯୋଗଦେଇ ଆଦିବାସୀ ସମ୍ପ୍ରଦାୟର ସ୍ୱାଧୀନତା ସଂଗ୍ରାମୀ ତଥା ବୀର ଶହୀଦ ବିର୍ସା ମୁଣ୍ଡାଙ୍କ ସମେତ ଆଦିବାସୀ ସମ୍ପ୍ରଦାୟର ପୁରୋଧାମାନଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସମାରୋହ ସଭାରେ ଅତିଥିମାନେ ଆଦିବାସୀ ସମ୍ପ୍ରଦାୟଙ୍କୁ ବର୍ତ୍ତମାନ ଭଳି ସ୍ଥିତିରେ ଏକଜୁଟ ହେବା ନିମନ୍ତେ ପରାମର୍ଶ ଦେଇଥିଲେ। ପରେ ଆଦିବାସୀ ସମ୍ପ୍ରଦାୟର ବିଭିନ୍ନ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ସମାରୋହ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାର ବିଶ୍ୱ ଆଦିବାସୀ ଦିବସ ପାଳନ କମିଟିର ମଙ୍ଗଳ ଓରାମ, ଗଜନ ତିର୍କୀ, ସୋନୁ ବଡେକ, ଲେଥା ତିର୍କୀ, ଡେମେ ଓରାମ, ପୁଷ୍ପା ବୁଡ, ଜଶିନ୍ତା ଲାକ୍ରା, ଲଳିତା ଲାକ୍ରା ଏବଂ ଦେବ କେରକେଟା ପ୍ରମୁଖ ସହଯୋଗ କରିଥିଲେ।

### ଭାଜପା ରାଜ୍ୟ ସାଧାରଣ ସମ୍ପାଦିକଙ୍କୁ ସମ୍ବର୍ଦ୍ଧନା

ରାଉରକେଲା, ୯।୮ (ସଙ୍ଗୀତା ଜେନା)

ଭାରତୀୟ ଜନତା ପାର୍ଟି ସେକ୍ଟର-୩ ରାଉରକେଲା ଜିଲା କାର୍ଯ୍ୟାଳୟରେ ବୁଧବାର ନୂତନ ପଦବୀ ପାଇଥିବା ରାଜ୍ୟ ସାଧାରଣ ସମ୍ପାଦିକା ପୂର୍ଣ୍ଣିମା କେର୍କେଟାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏ ନେଇ ଆୟୋଜିତ ସମ୍ବର୍ଦ୍ଧନା ସଭା ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ସଭାପତି ମନମୋହନ ସାମଲ ଘୋଷଣା କରିଥିବା ରାଜ୍ୟ କାର୍ଯ୍ୟକର୍ତ୍ତାଙ୍କ ତାଲିକାରେ ପୂର୍ଣ୍ଣିମା ସ୍ଥାନ ପାଇଥିବାରୁ ତାଙ୍କୁ ମୋର୍ଚ୍ଚା, ଜିଲା କମିଟି ଓ ମଣ୍ଡଳ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିହାର ରାୟ, ଜଗବନ୍ଧୁ ବେହେରା, ଜିଲା ମୁଖପାତ୍ର ଗଙ୍ଗାଧର ଦାଶ, ଜିଲା ସାଧାରଣ ସମ୍ପାଦକ ମଳୟ ମହାପାତ୍ର, ଶଶାଙ୍କ ଶେଖର ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଜିଲା ସମ୍ପାଦକ ପରେଶ ମିଶ୍ର ଆଶା ନାଇଡୁ, ଭ୍ରମର ବର ବେହେରା, ସୁଶୀଲ ସେଠୀ ରୋହିତ ତନ୍ତୀ, ବିଭୁ ମହାପାତ୍ର ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ସିଭିକ୍ ସେଣ୍ଟରରେ ଅମୃତ ଯୁବା କଳୋତ୍ସବ ଉଦ୍‌ଯାପିତ

ରାଉରକେଲା, ୯।୮ (ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ କେନ୍ଦ୍ର ସଙ୍ଗୀତ ନାଟକ ଏକାଡେମୀ ନୂଆଦିଲ୍ଲୀ ଦ୍ୱାରା ଆୟୋଜିତ ଅମୃତ ଯୁବ କଳୋତ୍ସବ ବୁଧବାର ସନ୍ଧ୍ୟାରେ ସିଭିକ ସେଣ୍ଟରରେ ଉଦ୍‌ଯାପିତ ହୋଇଛି। ଏହି ମହୋତ୍ସବରେ ସାନ୍ଧ୍ୟ ଅଧିବେଶନରେ ଆରଏସପି ଇଡ଼ି(କାର୍ମିକ) ଏସ୍.ଆର. ସୂର୍ଯ୍ୟବଂଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏକାଡ଼େମୀର ସାଧାରଣ ପରିଷଦ ସଭ୍ୟ ଡ. ସଞ୍ଜୟ ଚୌଧୁରୀ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। କୈଳାସ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ପରେ ହରିଆ ନାରାୟଣ ଏଣ୍ଡ ଗ୍ରୁପ ଚେନ୍ନାଇ (ତାମିଲନାଡୁ)ର କଳାକାର କର୍ଣ୍ଣାଟକୀ ଶୈଳୀରେ ବେହେଲା ବାଦନ କରିଥିଲେ। ଅଭୟସ କଥକ ଗ୍ରୁପ(ନୂଆଦିଲ୍ଲୀ) କଳାକାରମାନେ କଥକ ନୃତ୍ୟ, ପଶ୍ଚିମବଙ୍ଗ ନାଲକୁପି ହାଁସଦା ଛଉ ନୃତ୍ୟ ପ୍ରଦର୍ଶନ କରିଥିଲେ। ଅନିରୁଦ୍ଧ ଶ୍ରୀନିବାସନ(ହାଇଦ୍ରାବାଦ)ର କଳାକାରମାନେ କଣ୍ଢେଇ ନାଚ ପରିବେଷଣ କରିଥିଲେ। ଗୁଜୁରାଟ ଅହମ୍ମଦାବାଦର ଅର୍ପିତା ଧାପତ୍ ଓ କଳାକାରମାନେ ନାଟକ 'ଚଉସର' ପ୍ରଦର୍ଶନ କରିଥିଲେ। ଶେଷ ଦିବସର ନାଟ୍ୟ କର୍ମଶାଳା ମଧ୍ୟାହ୍ନ ୪ଟାରେ ସମାପନ ହୋଇଥିଲା। ଏଥିରେ ରାଉରକେଲାର ୨୫ ଜଣ ଯୁବ କଳାକାର ଯୋଗଦାନ କରିଥିଲେ। ସେହିପରି ଅନ୍ୟତମ କଳା ଧରୋବର ମଧ୍ୟ ବୁଧବାର ମଧ୍ୟାହ୍ନରେ ସମାପନ ହୋଇଥିଲା। ଇସ୍ପାତ ଇଂରାଜୀ ସ୍କୁଲର ଶତାଧିକ ଛାତ୍ରୀଛାତ୍ର ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ପ୍ରସ୍ତୁତ କରିଥିଲେ।

# ଆର୍‌ଜିଏଚ୍‌ରେ ରୋଗୀ ପ୍ରତୀକ୍ଷାଳୟ ଉଦ୍‌ଘାଟିତ




ରୋଗୀ ପ୍ରତୀକ୍ଷାଳୟ ଉଦ୍‌ଘାଟନୀ ଅବସରରେ ଶ୍ରମମନ୍ତ୍ରୀ ଓ ଅନ୍ୟମାନେ।

ରାଉରକେଲା, ୯।୮ (ବିପ୍ଳବରଞ୍ଜନ ଦାଶ)

ରାଉରକେଲା ସରକାରୀ ଚିକିତ୍ସାଳୟ (ଆର୍‌ଜିଏଚ୍)ରେ ନବନିର୍ମିତ ରୋଗୀ ପ୍ରତୀକ୍ଷାଳୟ ବୁଧବାର ପୂର୍ବାହ୍ନରେ ଉଦ୍‌ଘାଟିତ ହୋଇଯାଇଛି। ଶ୍ରମମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶ୍ରମମନ୍ତ୍ରୀ କହିଥିଲେ ଯେ, ଏହି ରୋଗୀ ପ୍ରତୀକ୍ଷାଳୟ ସ୍ଥାନୀୟ ଅଞ୍ଚଳର ରୋଗୀ ଓ ସେମାନଙ୍କ ସହ ଆସୁଥିବା ସମ୍ପର୍କୀୟମାନଙ୍କୁ ଖରା, ବର୍ଷା ଓ ଶୀତରେ ମୁଣ୍ଡ ଗୁଞ୍ଜିବାରେ ସହାୟକ ହେବ। ଏହି ଅବସରରେ ମନ୍ତ୍ରୀ ରୋଗୀ ପ୍ରତୀକ୍ଷାଳୟ ବୁଲି ଦେଖିଥିଲେ। ଆର୍‌ଜିଏଚ୍ ନିର୍ଦ୍ଦେଶକ ସନ୍ତୋଷ କୁମାର ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ସମ୍ମାନିତ ଅତିଥି ଭାବରେ ରାଉରକେଲା ସଡକ ଏବଂ ଗୃହ ନିର୍ମାଣ ବିଭାଗର ଅଧ୍ୟକ୍ଷ ମନୋଜ ମହାନନ୍ଦିଆ ଓ ଏନ୍‌ଏସ୍‌ପିସିଏଲ୍ ଜିଏମ୍ କୌଶଳ କିଶୋର ଯୋଗଦାନ କରିଥିଲେ। ଉଦ୍‌ଘାଟିତ ହୋଇଥିବା ଏହି ରୋଗୀ ପ୍ରତୀକ୍ଷାଳୟ ଏନ୍‌ଏସ୍‌ପିସିଏଲ୍ ତରଫରୁ ୫୫ଲକ୍ଷ ୨୫ହଜାର ଟଙ୍କା ବ୍ୟୟବରାଦରେ ନିର୍ମିତ ହୋଇଛି। ଉଦ୍‌ଘାଟନୀ ସମାରୋହରେ ଆର୍‌ଜିଏଚ୍‌ର ପରିଚାଳକ ମୋହିତ ଶ୍ରୀବାସ୍ତବ, ଡ. ପୂଜା ପତି, ଚିକିତ୍ସାଳୟର କର୍ମଚାରୀ, ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଡକାୟତି ଯୋଜନା ପଣ୍ଡ, ଧରାପଡ଼ିଲେ ୫ ଯୁବକ



ରାଉରକେଲା, ୯।୮ (ସଙ୍ଗୀତା ଜେନା)

ସେକ୍ଟର-୧ କମ୍ୟୁନିଟି ସେଣ୍ଟର ସମ୍ମୁଖରେ ଥିବା ପଡ଼ିଆରେ ମଙ୍ଗଳବାର ବିଳମ୍ବିତ ରାତିରେ ୫ ଜଣ ଯୁବକ ଡକାୟତି ଯୋଜନା କରୁଥିବା ବେଳେ ସେକ୍ଟର-୩ ଥାନା ପୋଲିସ ହାତରେ ଧରାପଡ଼ି ବୁଧବାର କୋର୍ଟ ଚାଲାଣ ହୋଇଥିବା ସୂଚନା ମିଳିଛି। ଏ ନେଇ ସମ୍ପୃକ୍ତ ଥାନାରେ ମାମଲା(ନଂ.୯୧/୨୩) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସେକ୍ଟର-୨ର ବର୍ଣ୍ଣି ମହାନ୍ତି, ସେକ୍ଟର-୧ର ଅନୀଲ ବେହେରା, ସେକ୍ଟର-୨ ଖରିଆବାହାଲର ରାହୁଲ ନାୟକ, ସଚିନ ଖାଲଖୋ ଓ ସେକ୍ଟର-୩ ବଲାଙ୍ଗୀର ବସ୍ତିର ମୁକେଶ ସୁନା। ସେମାନଙ୍କ ଠାରୁ ଖଣ୍ଡା, ଭୁଜାଲି, ଲୁହା ଛଡ, ଶାବଳ ଓ ଅନ୍ୟାନ୍ୟ ମାରଣାସ୍ତ୍ର ଜବତ ହୋଇଛି। ଉକ୍ତ ପଡ଼ିଆରେ ଏକତ୍ରିତ ହୋଇ ଡକାୟତି ଯୋଜନା କରୁଥିଲେ। ସେହି ସମୟରେ ସେକ୍ଟର-୩ ଥାନାର ଏସଆଇ ଦୁର୍ଯ୍ୟୋଧନ ପ୍ରଧାନ, ଗୀତା ବାରିକ ପ୍ରମୁଖ ପାଟ୍ରୋଲିଂ କରୁଥିବା ବେଳେ ଧରାପଡ଼ିଥିଲେ। ସୂଚନାଯୋଗ୍ୟ, ଅଭିଯୁକ୍ତମାନଙ୍କ ନାମରେ ବିଭିନ୍ନ ଥାନାରେ ୧୦ ରୁ ଊର୍ଦ୍ଧ୍ୱ ଅପରାଧିକ ମାମଲା ରହିଛି।

# ମଣିପୁରରେ ରାଷ୍ଟ୍ରପତି ଶାସନ ଦାବିନେଇ ସ୍ମାରକପତ୍ର

ରାଉରକେଲା, ୯।୮ (ବିପ୍ଳବ ରଞ୍ଜନ ଦାଶ)

**ଜିଲା ପେସା ଗ୍ରାମସଭା ସହ-ସଂଯୋଜକ କମିଟିର ଦାବି**

ମଣିପୁରରେ ଆଜକୁ ତିନିମାସ ହେଲା ଆଦିବାସୀ ମହିଳାଙ୍କ ଉପରେ ହେଉଛି ଅମାନୁଷିକ ଶାରୀରିକ ଓ ମାନସିକ ନିର୍ଯାତନା। ମଣିପୁର ବର୍ବରକାଣ୍ଡ ସାରାଦେଶକୁ ସ୍ତବ୍ଧ କରିଦେଇଛି। ମଣିପୁର ୩ମାସ ହେଲା ଜଳୁଥିବାବେଳେ ଆଦିବାସୀ ମହିଳାଙ୍କ ଉପରେ ହେଉଥିବା ନିର୍ଯାତନାକୁ ରୋକିବାରେ ଡବଲ ଇଞ୍ଜିନ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଯାଇଥିବା ଦର୍ଶାଇ ବୁଧବାର ସୁନ୍ଦରଗଡ଼ ଜିଲା ପେସା ଗ୍ରାମସଭା ସହସଂଯୋଜକ କମିଟି ନେତୃମଣ୍ଡଳୀ ତରଫରୁ ମଣିପୁରରେ ରାଷ୍ଟ୍ରପତି ଶାସନଜାରି କରିବାକୁ ଦାବି କରାଯାଇଛି। ଏଥିସହିତ ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ମଣିପୁର ସରକାର ବିରୋଧରେ ପ୍ରବଳ ନାରା ଦିଆଯାଇଛି। ରାଉରକେଲା ଅତିରିକ୍ତ ଜିଲାପାଳଙ୍କ ଜରିଆରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ତେବେ ଏହି ସ୍ମାରକପତ୍ର ପ୍ରଦାନରେ କମିଟିର ସଭାପତି ବୁଧୁଆ ଜୋଜୋଙ୍କ ସହିତରେ ପିଟର ଟପ୍ପୋ, ସନ୍ତୋଷ ଓରାମଙ୍କ ସମେତ ଶତାଧିକ ଆଦିବାସୀ ସମ୍ପ୍ରଦାୟର ମହିଳା ଓ ପୁରୁଷ ସମ୍ମିଳିତ ରହିଥିଲେ।




ରାଉରକେଲା ଅତିରିକ୍ତ ଜିଲାପାଳ କାର୍ଯ୍ୟାଳୟ ଆଗରେ ନାରାବାଜି କରାଯାଇଛି।

# କୋଚିଂ ସେଣ୍ଟର ଉପରେ ଜିଏସ୍‌ଟି ଚଢ଼ାଉ

ରାଉରକେଲା, ୯।୮ (ସଙ୍ଗୀତା ଜେନା)



ଇସ୍ପାତ ସହରରେ ଏକ କର୍ପୋରେଟ କୋଚିଂ ସେଣ୍ଟର।

**■ କୋଟି କୋଟି ଟଙ୍କାର ଜିଏସ୍‌ଟି ଫାଙ୍କୁଛନ୍ତି କୋଚିଂ ସେଣ୍ଟର**

ଇସ୍ପାତ ସହର କେବଳ ଶିଳ୍ପ ପାଇଁ ପ୍ରସିଦ୍ଧି ଲାଭ କରିନାହିଁ। ବରଂ ଶିକ୍ଷା କ୍ଷେତ୍ରରେ ମଧ୍ୟ ସୁନାମ ରଖିଛି। ଏଠାରେ ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ(ଏନ୍‌ଆଇଟି) ଭଳି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନ ରହିଛି। ଇସ୍ପାତ ସହର ସମେତ ଝାଡ଼ଖଣ୍ଡ, ଛତିଶଗଡ଼ ଓ ଦୂରଦୂରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର ରାଉରକେଲାରେ କୋଚିଂ ନେବା ପାଇଁ ନିର୍ଭର କରିଥାନ୍ତି। କୋଏଲନଗରରେ ସର୍ବାଧିକ କୋଚିଂ ସେଣ୍ଟର ଥିବାବେଳେ ବାସନ୍ତୀକଲୋନୀ, ସିଭିଲ ଟାଉନସିପ, ଶକ୍ତିନଗରରେ ମାଳମାଳ କୋଚିଂ ସେଣ୍ଟର ଗଢ଼ି ଉଠୁଛି। ବିଶେଷତଃ କୋଏଲନଗର ବିଦ୍ୟାନଗରୀ ଭାବେ ପ୍ରସିଦ୍ଧି ଲାଭ କରିଛି। ମେଡିକାଲ, ଇଞ୍ଜିନିୟରିଂ, ବ୍ୟାଙ୍କିଂ, ଅନ୍ୟାନ୍ୟ ପ୍ରତିଯୋଗିତାମୂଳକ ପରୀକ୍ଷା ସମେତ ପ୍ରଶାସନିକ ପରୀକ୍ଷା କୋଚିଂ ପ୍ରଦାନ କରାଯାଉଛି। ଶିକ୍ଷାକୁ ଏକ ପ୍ରକାର ବ୍ୟବସାୟିକ ସଂସ୍ଥାରେ ପରିଣତ କରାଯାଇଥିବା ଦେଖାଯାଇଛି। କୋଟା, ଦିଲ୍ଲୀ ଓ ବିଭିନ୍ନ ମହାନଗରରେ କର୍ପୋରେଟ କୋଚିଂର ସେଣ୍ଟର ଏଠାରେ ଖୋଲାଯାଇ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏଥିପାଇଁ ସେମାନଙ୍କ ଅଭିଭାବକମାନଙ୍କ ଠାରୁ ବାର୍ଷିକ ଲକ୍ଷାଧିକ ଟଙ୍କା ସଂଗ୍ରହ କରାଯାଉଛି। ହେଲେ ଏହିପରି କୋଚିଂ ସେଣ୍ଟରଗୁଡ଼ିକ ବିପୁଳ ପରିମାଣରେ ଜିଏସଟି ଫାଙ୍କୁ ଥିବା ଅଭିଯୋଗ ହୋଇଛି। କୋଚିଂ ସେଣ୍ଟର ପିଛା ସାଢ଼େ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠପଢ଼ୁଛନ୍ତି। ସରକାରୀସ୍ତରରେ ୧୮ ପ୍ରତିଶତ ଜିଏସଟି ଜମା କରିବା ନିୟମ ରହିଛି। ଠିକ ପରିମାଣରେ ଜିଏସଟି ଜମା ହେଉ ନ ଥିବା ଜଣାପଡ଼ିଛି। ଶକ୍ତିନଗରରେ ମଙ୍ଗଳବାର ଏକ କର୍ପୋରେଟ କୋଚିଂ ସେଣ୍ଟରରେ ଜିଏସ୍‌ଟି ଚଢ଼ାଉ କରାଯାଇଛି। କୋଚିଂ ସେଣ୍ଟର ପରିଚାଳକ ଏ ନେଇ ସୂଚନା ଦେଇଛନ୍ତି ଯେ, ଜିଏସଟି ଟିମ ପଚାରାଉଚୁରା କରିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ବୋଲି ସେ କହିଥିଲେ। ଏହିପରି ଅନେକ କୋଚିଂରେ ଜିଏସଟି ଟିକସ ଫାଙ୍କୁ ଥିବା ବେଳେ ବିଭାଗ ପକ୍ଷରୁ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା କୁହାଯାଇଛି। ଜନୈକ ଟ୍ୟାକ୍ସ ବିଶେଷଜ୍ଞଙ୍କ ଅନୁଯାୟୀ, ବିଶ୍ୱବିଦ୍ୟାଳୟରୁ ଅନୁମୋଦନ ଆଣି କେନ୍ଦ୍ର ଖୋଲିଲେ ସେଥିରେ ଜିଏସ୍‌ଟି ରିହାତି ଅଛି। ହେଲେ କୌଣସି ସହବନ୍ଧିତା ନ ଆଣି ଏହିପରି କେନ୍ଦ୍ର ପରିଚାଳନା କଲେ ଜିଏସଟି ସ୍ଲାବରେ ଅନ୍ତର୍ଭୁକ୍ତ ହେବାକୁ ପଡ଼ିଥାଏ। ସେହିପରି କର୍ପୋରେଟ ବ୍ୟତୀତ ଘରୋଇ କୋଚିଂ ସେଣ୍ଟର ଗୁଡ଼ିକ ମାତ୍ରାଧିକ ମୁନାଫା କମାଉଛନ୍ତି। ଏମାନଙ୍କ ଉପରେ ବିଭାଗର ନିୟନ୍ତ୍ରଣ ରହିବା ଆବଶ୍ୟକ ରହିଛି। ଏ ସମ୍ପର୍କରେ ସେକ୍ଟର-୨୧ ଜିଏସଟି ଡେପୁଟି କମିଶନର ହର୍ଷ ରାଜ କହିଛନ୍ତି, ଏହିପରି ଅଭିଯୋଗ ଆସିଲେ ଏକ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଟିମ ଏହାର ଯାଞ୍ଚ କରିବ। ଅନେକ କର୍ପୋରେଟ କୋଚିଂ ଗୁଡ଼ିକ ଜିଏସଟି ଟିକସ ପ୍ରଦାନ କରୁଛନ୍ତି। ହେଲେ ନିର୍ଦ୍ଦିଷ୍ଟ କୌଣସି ସେଣ୍ଟର ଉପରେ ଅଭିଯୋଗ ଆସିଲେ ଏହାକୁ ଏନଫୋର୍ସମେଣ୍ଟ ଦାୟିତ୍ୱ ପରିସରଭୁକ୍ତ କରାଯିବ ବୋଲି ହର୍ଷରାଜ କହିଥିଲେ।

## ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ସାମଗ୍ରୀ ବଣ୍ଟନ

ସମ୍ବଲପୁର,(ବି.ଶଙ୍କର): ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ସିଏସ୍‌ଆର୍ ବିଭାଗ ପକ୍ଷରୁ ସମ୍ବଲପୁର ଓ ଝାରସୁଗୁଡା ଜିଲାର ବିଭିନ୍ନ ଅନାଥାଶ୍ରମ ଓ ବୃଦ୍ଧାଶ୍ରମରେ ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିକ୍ରମରେ ବେହେରାମାଲର ସ୍ୱାଭିମାନ ହୋମ, ବ୍ରଜରାଜନଗରର ଦୟା ମେମୋରିଆଲ ଶିଶୁ ଘର ଓ ପୌଷ୍ୟ କେନ୍ଦ୍ର, ଫୁଲଝରନସ୍ଥିତ ଡାକ୍ତର ଆଇଜାକ ସାନ୍ତ୍ରା ବାଲନିକେତନ, ହୀରାକୁଦ କଳ୍ପତରୁ ଅନାଥାଶ୍ରମ, ଗୋବିନ୍ଦପୁର ଭରସା କେନ୍ଦ୍ର, ରେଙ୍ଗାଲିର ସହାୟତା ଆଶ୍ରମ ସମେତ ସମ୍ବଲପୁର ଓ ଝରାସୁଗୁଡା ଜିଲାର ବିଭିନ୍ନ ଆଶ୍ରମ ଅନ୍ତେବାସୀଙ୍କୁ ବସ୍ତ୍ର, ବଣ୍ଟନ କରାଯାଇଛି।

## ସଂକ୍ଷେପରେ

### ସରସ୍ୱତୀବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ଜମନକିରା,୯।୮ (ରବୀନ୍ଦ୍ର ପ୍ରସାଦ ଦାନି)

ବାମରା ବ୍ଲକ ଶୋଲବଗା ସରସ୍ୱତୀ ବିଦ୍ୟାମନ୍ଦିରରେ ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଅନିଲ ନାୟକଙ୍କ ସଂଯୋଜନାରେ ଆୟୋଜିତ ସଭାରେ ବିଶେଷ ଅତିଥି ଭାବରେ ଓପିଏସ୍‌ସିରେ କୃତିତ୍ୱ ହାସଲ କରିଥିବା ଲିପ୍‌ସା ପଟେଲ ଯୋଗ ଦେଇଥିଲେ। ବରେଣ୍ୟ ଅତିଥି ଭାବରେ ଅବସରପ୍ରାପ୍ତ ଅଧକ୍ଷ ସୁବାସ ଚନ୍ଦ୍ର ନାୟକ ଯୋଗଦେଇଥିଲେ। ଅତିଥିମାନେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରିବା ସହ ଲିପ୍‌ସାଙ୍କୁ ମାନପତ୍ର ଓ ଅଙ୍ଗବସ୍ତ୍ର ଦେଇ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟୁତ ପରିଷଦ ସଭାପତି ତୁଳସୀ ମଞ୍ଜରୀ ବହିଦାର, ପଣ୍ଡିତ ଅଲେଖ କୁମାର ପତି, ରବିନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସକ୍ଷମ ଆପର ଶୁଭାରମ୍ଭ

ସମ୍ବଲପୁର,୯।୮ (ବି.ଶଙ୍କର)

ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ସକ୍ଷମ ମୋବାଇଲ ଆପ ବୁର୍ଲାସ୍ଥିତ ମୁଖ୍ୟ କାର୍ଯ୍ୟାଳୟଠାରେ ଶୁଭାରମ୍ଭ ହୋଇଛି। କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଇଂ. ଗଜାନନ କାଲେ ଏହାକୁ ଉନ୍ମୋଚନ କରିଥିଲେ। ଏହି ପ୍ରଯୁକ୍ତିବିଦ୍ୟା ଦ୍ୱାରା ଭୌଗୋଳିକ ସୂଚନା ପ୍ରଣାଳୀର (ଜିଆଇଏସ୍) ସହଯୋଗରେ ମୋବାଇଲ ଆପ ମାଧ୍ୟମରେ ଗ୍ରାହକମାନେ ବିଭିନ୍ନ ବିଷୟ ଜାଣିପାରିବେ। ଏହା ବିଦ୍ୟୁତ୍ ବଣ୍ଟନ ଉପଯୋଗିତା ପାଇଁ ମଧ୍ୟ ପ୍ରଭାବଶୀଳ ହେବ। ଆଭ୍ୟନ୍ତରୀଣ ବ୍ୟବହାର ଓ ତଥ୍ୟର ସବିଶେଷ ତଥ୍ୟ ଅପ୍‌ଡେଟ କରିବା ପାଇଁ କମ୍ପାନୀର ସମସ୍ତ ଅପରେଶନ ଷ୍ଟାଫ୍‌ଙ୍କ ପାଇଁ ଏହା ଏକ ସହଜ ଉପକରଣ ହେବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚିତ କରିଛନ୍ତି।

### କୁଚିଣ୍ଡା କଲେଜରେ କ୍ରାନ୍ତି ଦିବସ

କୁଚିଣ୍ଡା,୯।୮ (ବିରଞ୍ଚି ଦର୍ଶା)

କୁଚିଣ୍ଡା କଲେଜରେ ସ୍ୱାଧୀନତାର ଅମୃତ ମହୋତ୍ସବ ଉପଲକ୍ଷେ ଜାତୀୟ ସେବା ଯୋଜନା ପକ୍ଷରୁ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ବେଲମତୀ କୁମୁରାଙ୍କ ସଂଯୋଜନାରେ ହୋଇଥିବା କାର୍ଯ୍ୟକ୍ରମରେ ଇଂରାଜୀ ବିଭାଗ ମୁଖ୍ୟ ଡ଼. ଅମିୟ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ମୁକ୍ତି ସଂଗ୍ରାମର ବୀରଙ୍କ ଗାଥା ସାଙ୍ଗକୁ କୁଚିଣ୍ଡା ଉପଖଣ୍ଡର ସଂଗ୍ରାମୀମାନଙ୍କ ବଳିଦାନ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଶୁଭଶ୍ରୀ ଶତପଥୀ ସମସ୍ତ ଛାତ୍ରଛାତ୍ରୀଙ୍କୁ ଶପଥ କରାଇଥିଲେ। ଶେଷରେ ଯୁକ୍ତଦୁଇ ବିଭାଗ ପ୍ରୋଗ୍ରାମ ଅଫିସର ଖୁର୍ସିଦ ହାରା ବେଗମ ଧନ୍ୟବାଦ ଅର୍ପଣ କରିଥିଲେ।

### ମିଟର ରିଡର ହତ୍ୟା ଘଟଣାକୁ ନିନ୍ଦା

ସମ୍ବଲପୁର,୯।୮ (ଶୁଭାଶିଷ ପାଢ଼ୀ)

ବାଲେଶ୍ୱର ଜିଲାର ମିଟର ରିଡର ଲକ୍ଷ୍ମୀନାରାୟଣ ତ୍ରିପାଠୀଙ୍କ ହତ୍ୟା ଘଟଣାକୁ ସମ୍ବଲପୁର ମିଟର ରିଡର ସଂଘ ନିନ୍ଦା କରିଛି। ସଂଘ ସଦସ୍ୟମାନେ ଅଇଁଠାପାଲି ଛକରୁ ଶୋଭାଯାତ୍ରାରେ ବାହାରି ଡିଭିଜନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ସଂଘ ସମ୍ପାଦକ ଗଣେଶ ବାଗଙ୍କ ନେତୃତ୍ୱରେ ଶୋକସଭା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା। ସୁରେନ କୁସୁମ, ସୁଶାନ୍ତ ପଣ୍ଡା, ଅଶ୍ୱିନୀ ରାଉତ, ସୁରେଶ ଆଚାରି, ମନୋଜ ମିର୍ଦ୍ଧା, ଶେଷଦେବ ତ୍ରିପାଠୀ ଉପସ୍ଥିତ ଥିଲେ।

## ଚାଷୀ ସମାବେଶ: ଶିଳ୍ପପତିଙ୍କୁ ଚାଷୀଙ୍କ ଜମିଦେବାକୁ ଷଡ଼ଯନ୍ତ୍ର



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଚାଷୀ ସଂଗଠନ କର୍ମକର୍ତ୍ତା।

ସମ୍ବଲପୁର,୯।୮ (ଶୁଭାଶିଷ ପାଢ଼ୀ)

ସରକାର ଚାଷୀଙ୍କ ଜମିକୁ ଶିଳ୍ପପତିଙ୍କ ହାତରେ ଟେକିଦେବାକୁ ଷଡଯନ୍ତ୍ର କରୁଛନ୍ତି। ଇରେଂଜମାନଙ୍କୁ ଭାରତ ଛାଡିବାକୁ ୧୯୪୨ ମସିହା ଆଜି ଦିନରେ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଏବେ ଶିଳ୍ପପତିଙ୍କୁ ଦେଶରୁ ତଡିପାର କରି ଚାଷ ଜମି ବଞ୍ଚାଇବାକୁ ଚାଷୀମାନେ ଆଗେଇଆସିଛନ୍ତି। କେନ୍ଦ୍ର ସରକାର ତାଙ୍କ ନିଷ୍ପତ୍ତି ନ ବଦଳାଇଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଜିଲାପାଳଙ୍କ ଅଫିସ ସମ୍ମୁଖରେ ବୁଧବାର ଜିଲା କୃଷକ ସଂଗଠନ ପକ୍ଷରୁ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ କର୍ମକର୍ତ୍ତା ଚେତାବନୀ ଦେଇଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନ କ୍ରମେ ଜିଲା ସଂଗଠନର ଶତାଧିକ ଚାଷୀ ସମାବେଶରେ ଯୋଗ ଦେଇଥଲେ।

କର୍ମକର୍ତ୍ତା ଅଭିଯୋଗ କରିଥିଲେ, ଦେଶରେ ବହୁରାଷ୍ଟ୍ରୀୟ କମ୍ପାନୀର ରାଜୁତି ଚାଲିଛି। କେନ୍ଦ୍ରରେ ସଂଖ୍ୟାଗରିଷ୍ଠତା କାରଣରୁ ଅନେକ ବିଲ୍ ପାସ୍ ହୋଇଯାଉଛି। କର୍ପୋରେଟ୍‌ରଙ୍କ ସ୍ୱାର୍ଥରେ ଏହା ହେଉଥିବାବେଳେ ଦେଶର ଚାଷୀ, ଶ୍ରମିକ, ଆଦିବାସୀ ବର୍ଗ ବିପଦରେ ପଡିଛନ୍ତି। ଗଣତନ୍ତ୍ର ବଦଳରେ ଏଠି କର୍ପୋରେଟ ତନ୍ତ୍ର ଚାଲିଛି। ଖଣିଖାଦାନ, ଶିଳ୍ପ, ରେଲୱେ, ବିମାନ ସେବା ଆଦି ଘରୋଇକରଣ ହୋଇଛି। ପେଟ୍ରୋଲ, ଡ଼ିଜେଲ, ଗ୍ୟାସ୍ ଭଳି ଅତ୍ୟାବଶକ ସାମଗ୍ରୀର ଦରବୃଦ୍ଧି ହୋଇଛି। ସଂଯୁକ୍ତ କିଷାନ ମୋର୍ଚ୍ଚା ସହ ସରକାରଙ୍କ ବୁଝାମଣା ସତ୍ତ୍ୱେ କୃଷିଜାତ ଦ୍ରବ୍ୟକୁ ଉପଯୁକ୍ତ ଦର ଦେବା ଲାଗି ସ୍ୱାମୀନାଥନ କମିଶନକୁ କାର୍ଯ୍ୟକାରୀ କରାଯାଉ ନାହିଁ। ଜଙ୍ଗଲ ଆଇନରେ ପରିବର୍ତ୍ତନ ଆଣି ଆଦିବାସୀ ଓ ସାଧରଣ ଲୋକଙ୍କ ହାତରୁ ଜଙ୍ଗଲ ଜମି ଓ ଜଙ୍ଗଲ ଅଧିକାର ଛଡ଼େଇ ନେବାର ପ୍ରସ୍ତୁତି ଚାଲିଛି ବୋଲି ଦର୍ଶାଇଥିଲେ। ସଂଯୁକ୍ତ କିଷାନ ମୋର୍ଚ୍ଚା ସଦସ୍ୟ ଅଶୋକ ପ୍ରଧାନ, ଜିଲା କୃଷକ ସଂଗଠନ ସଭାପତି ଉମେଶ ମିଶ୍ର, ସାଧରଣ ସମ୍ପାଦକ ଦେବେନ୍ଦ୍ର ପ୍ରଧାନ, ବ୍ୟୋମକେଶ ଠାକୁର, ସରୋଜ ମହାନ୍ତି, ନାଟୁ ବିଶ୍ୱାଳ, ଏମ୍ ଗୋବିନ୍ଦୁ, ଯୋଗଶେ ଭୋଇ, ବିଭୁ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଅନନ୍ୟା ଦାସଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ବିଶ୍ୱ ଆଦିବାସୀ ଦିବସ ପାଳିତ



ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ସ୍ମାରକପତ୍ର

କୁଚିଣ୍ଡା,୯।୮ (ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା ଆଦିବାସୀ କଲ୍ୟାଣ ସଂଘ କୁଚିଣ୍ଡା ୟୁନିଟ ତରଫରୁ ବୁଧବାର ଆଇଟିଡିଏ ତାଲିମ କେନ୍ଦ୍ରଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଜିଲା ଉପସଭାପତି କରୁଣାକର କିଷାନଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ରାଜ୍ୟ ଆଦିବାସୀ ମହାସଂଘର କାର୍ଯ୍ୟକାରୀ ସଭାପତି ଭଦ୍ରଚରଣ କିଷାନ, କୁଚିଣ୍ଡା ଏନ୍‌ଏସି ସଭାପତି ଚୈତନ୍ୟ କାଉ, ସମ୍ପାଦକ ଜନ କାମିଲ ଲାକଡା, ଅନିମା ସୋରେଙ୍ଗ, ଫାଦର ଅନିଲ ଖାଲକୋ, ଅନମୋଲ ବାଗେ, ମାୟାଧର କାଲୋ ପ୍ରମୁଖ ଯୋଗଦେଇ ଆଦିବାସୀ ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମଣିପୁରରେ ହୋଇଥିବା ହିଂସାକାଣ୍ଡ, ଗୃହଦାହ ଏବଂ ଆଦିବାସୀଙ୍କ ଉପରେ ଅତ୍ୟାଚାର ପ୍ରତିବାଦରେ ଲମ୍ବୋଦର କୁମୁରାଙ୍କ ନେତୃତ୍ୱର ଶୋଭାଯାତ୍ରା କରାଯାଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିପରି କୁଚିଣ୍ଡା ଆଦିବାସୀ ଭବନରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଆଦିବାସୀ ସାମାଜିକ ଓ ସାଂସ୍କୃତିକ ପରିଷଦ ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ସଭାପତିତ୍ୱ କରି ଆଦିବାସୀଙ୍କ କିପରି ଶିକ୍ଷା, ସଂସ୍କୃତି, ସମାଜିକ ଓ ଅର୍ଥନୈତିକ ବିକାଶ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ଏଥିରେ ଉପସଭାପତି ରମେଶ ଚନ୍ଦ୍ର ପଧାନ, ଭକ୍ତ ଚରଣ କିଷାନ, ରୁଦ୍ର ପ୍ରତାପ ବାଘ ପ୍ରମୁଖ ଯୋଗଦେଇଥିଲେ।

## ପାଉଁଶ ପରିବହନ ବନ୍ଦ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ


ଜିଲାପାଳଙ୍କ ସହ ଗ୍ରାମବାସୀ ଆଲୋଚନା କରୁଛନ୍ତି।

ରେଙ୍ଗାଲି,୯।୮ (ଦେବବ୍ରତ ପଣ୍ଡା)

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ କତରବଗା ପଞ୍ଚାୟତ ଅନ୍ତର୍ଗତ କଦଳିପିଠା, ଝରଣପାଲି, ତିଲିଙ୍ଗାକେମ୍ପ, ପିତାପାଲି ଗାଁ ଦେଇ ଯାଇଥିବା ରାସ୍ତାରେ ଭାରିଯାନରେ ପାଉଁଶ ପରିବହନ ଯୋଗୁ ରାସ୍ତା ଶୋଚନୀୟ ହୋଇପଡ଼ିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ବୁଧବାର ଉପରୋକ୍ତ ଗ୍ରାମବାସୀ ରେଙ୍ଗାଲି ଜୋନ-୨ ଜିଲାପରିଷଦ ଦେନାରାୟଣ ତିୱାରୀଙ୍କ ନେତୃତ୍ୱରେ ଜିଲାପାଳ ଅନନ୍ୟା ଦାସଙ୍କୁ ଭେଟି ଏହି ରାସ୍ତାରେ ଭାରିଯାନ ଦ୍ୱାରା ପାଉଁଶ ପରିବହନ ବନ୍ଦ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ୮ଦିନ ମଧ୍ୟରେ ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ଝାରସୁଗୁଡା-ସମ୍ବଲପୁର ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।

## ବିଦ୍ୟୁତ୍ ମଜଦୁର ମହାସଂଘର ଦାବିପତ୍ର

ସମ୍ବଲପୁର,୯।୮ (ବି.ଶଙ୍କର)

ବିଭିନ୍ନ ସମସସ୍ୟାର ସମାଧାନ ଦାବିରେ ନିଖିଳ ଓଡିଶା ବିଦ୍ୟୁତ ମଜଦୁର ମହାସଂଘ ପକ୍ଷରୁ ବୁର୍ଲାସ୍ଥିତ ୱେଷ୍ଟ ଜୋନ ଓପିଟିସିଏଲ୍ ଏକଜିକ୍ୟୁଟିଭ ଡାଇରେକ୍ଟର ସୁକାନ୍ତ ପଣ୍ଡାଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହାସହ ମହାସଂଘ କର୍ମକର୍ତ୍ତା କର୍ମଚାରୀଙ୍କ ବିଭିନ୍ନ ସମସ୍ୟା, ସବଡିଭିଜନରେ ଥିବା ସମସ୍ୟା ସମ୍ପର୍କରେ ଜଣାଇଥିଲେ। ମହାସଂଘ ସଦସ୍ୟମାନେ ବିଦ୍ୟୁତ କ୍ଷେତ୍ରରେ ସୁରକ୍ଷା ବ୍ୟବସ୍ଥା ଓ ସୁରକ୍ଷା ବ୍ୟବସ୍ଥା ପାଇଁ ସବଡିଭିଜନ ସ୍ତରରେ ଲୋକଙ୍କୁ ସଚେତନ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବା ପାଇଁ ଆଲୋଚନା କରିଥିଲେ। ମହାସଂଘର ପଶ୍ଚିମ ଜୋନ ସମ୍ପାଦକ ନିର୍ମଳ ଭୋଇ, ଦେବାଶିଷ ସାହୁ, ସୁରେନ୍ଦ୍ର ପଧାନ, ଶଶିକାନ୍ତ ବେହେରା ଓ ମହାସଂଘର ସଂଗଠନ ସମ୍ପାଦକ ବିସ୍ମୟ ହୋତା ଉପସ୍ଥିତ ଥିଲେ।

## ଜଣେ ଶିକ୍ଷକରେ ଚାଲିଛି ଉଚ୍ଚବିଦ୍ୟାଳୟ

### ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ

ନାକଟିଦେଉଳ,୯।୮ (ବୈକୁଣ୍ଠ ନାଥ ସାହୁ)

ଜଣେମାତ୍ର ଶିକ୍ଷକରେ ଚାଲିଛି ନାକଟିଦେଉଳ ବ୍ଲକ ଶିମିଳିପାଳ ପଞ୍ଚାୟତ କାଦୋବାହାଲ ପଞ୍ଚଖଣ୍ଡା ଉଚ୍ଚ ବିଦ୍ୟାଳୟ। ଏହି ବିଦ୍ୟାଳୟରେ ୯ମ ଓ ୧୦ମ ଶ୍ରେଣୀରେ ମୋଟ ୬୧ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦୀର୍ଘ ୭ବର୍ଷ ହେଲା ପ୍ରଧାନ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଚଳିତବର୍ଷ ୨ଜଣ ଶିକ୍ଷକ ଅବସର ଗ୍ରହଣ କରିବା ପରେ ବର୍ତ୍ତମାନ ଜଣେ ମାତ୍ର ଶିକ୍ଷକ (ହିନ୍ଦୀ ବିଷୟ) ଅଛନ୍ତି। ଏହାସହିତ ଜଣେ ଖେଳ ଶିକ୍ଷକ ଓ ଜଣେ କିରାଣି ଅଛନ୍ତି। ୩ଜଣ ପିଅନ ପଦବୀ ଥିଲେ ମଧ୍ୟ ଜଣେ ହେଲେ ନାହାନ୍ତି। ଏଠାରେ ୫ଜଣ ଟିଜିଟି ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ଗୋଟିଏ ହେଲେ ପଦବୀ ପୂରଣ ହୋଇପାରି ନାହିଁ। ଫଳରେ ପାଠପଢା କ୍ଷେତ୍ରରେ ଘୋର ବ୍ୟାଘାତ ସୃଷ୍ଟି ହୋଇଛି।

ସମ୍ପ୍ରତି ଉଚ୍ଚବିଦ୍ୟାଳୟର ଭିତ୍ତିଭୂମିର ବିକାଶ କରି ଏକ ଅତ୍ୟାଧୁନିକ ପରିବେଶ ମଧ୍ୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ ଦେବାର ଲକ୍ଷ୍ୟରଖି ରାଜ୍ୟ ସରକାର ୫-ଟି ଯୋଜନାରେ ସ୍କୁଲ ରୂପାନ୍ତରଣ କରୁଛନ୍ତି। ଏ କ୍ଷେତ୍ରରେ ସରକାର ବହୁ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ଏଠାରେ ଶିକ୍ଷକ ସମସ୍ୟା ନେଇ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ଦେଖାଦେଇଛି। ଆଉ କିଛିମାସ ପରେ ମାଟ୍ରିକ ପରୀକ୍ଷା ହେବାକୁ ରହିଥିବାବେଳେ କିଭଳି ପାଠପଢି ପ୍ରସ୍ତୁତ କରିବେ ସେ ନେଇ ଛାତ୍ରୀଛାତ୍ର ଦ୍ୱନ୍ଦ୍ୱରେ ଅଛନ୍ତି। ଏହି ସମସ୍ୟା ନେଇ ବିଦ୍ୟାଳୟ ପରିଚାଳନା କମିଟି, ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଅଭିଭାବକ ସମ୍ବଲପୁର ଜିଲାପାଳ, ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତାକାରେ ଜଣାଇଥିଲେ ସୁଦ୍ଧା ସୁଫଳ ମିଳି ନ ଥିବା ଅଭିଭାବକମାନେ ପ୍ରକାଶ କରିଛନ୍ତି। ତୁରନ୍ତ ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଅଭିଭାବକ ତଥା ଗ୍ରାମବାସୀ ବିଦ୍ୟାଳୟ ଫାଟକରେ ତାଲା ପକାଇ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ପରିଚାଳନା କମିଟି ସଭାପତି ଜିତେନ୍ଦ୍ରିୟ ପ୍ରଧାନ ଚେତାବନୀ ଦେଇଛନ୍ତି।



କାଦୋବାହାଲ ପଞ୍ଚଖଣ୍ଡା ଉଚ୍ଚ ବିଦ୍ୟାଳୟ।

## ମାତୃ ସମୃଦ୍ଧି ଯୋଜନାର ଶୁଭାରମ୍ଭ

### ଗର୍ଭବତୀଙ୍କୁ ପୁଷ୍ଟିକର ଖାଦ୍ୟ, ସଚେତନ କିଟ୍ ପ୍ରଦାନ

ସମ୍ବଲପୁର,୯।୮ (ଶୁଭାଶିଷ ପାଢ଼ୀ)

ଜିଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ମହାନଗର ନିଗମ ଅଞ୍ଚଳ ପାଇଁ ପ୍ରଥମ କରି ମାତୃ ସମୃଦ୍ଧି ଯୋଜନାର ଆରମ୍ଭ ହୋଇଛି। ଜିଲାପାଳ ଅନନ୍ୟା ଦାସ ଉପସ୍ଥିତ ରହି ଏହି ଯୋଜନାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଅଇଁଠାପାଲିଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦ ଭୂଷଣ, ଆଇଏଏସ୍ ପ୍ରୋବେସନାରୀ ସ୍ନେହା ଅରୁଗୁଲ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା. ପୂର୍ଣ୍ଣ ଚନ୍ଦ୍ର ସାହୁ, ଡା. ଅଶୋକ ଦାସ, ଡିପିଏମ୍ ଡ଼. ମୌସୁମୀ ମିଶ୍ର, ଜିଲା ସାମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା ଦ୍ୱାରା ଗର୍ଭବତୀଙ୍କ ମୃତ୍ୟୁ, ଶିଶୁ ମୃତ୍ୟୁ ଓ କମ ଓଜନ ଶିଶୁ ଜନ୍ମ ରୋକାଯାଇ ପାରିବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିମାସ ୯ ତାରିଖରେ ଗର୍ଭବତୀ ମହିଳାଙ୍କୁ ପରୀକ୍ଷା କଲାପରେ ସଂକଟାପନ୍ନ ମହିଳାଙ୍କ ସ୍ଥିତି ଅନୁଧାନ କରି ଚିକିତ୍ସା ସୁବିଧା ଯୋଗାଇଦେବା ସହିତ ଖାଦ୍ୟପେୟ ପ୍ରସ୍ତୁତି ଓ ଅନ୍ୟାନ୍ୟ ବିଷୟ ପ୍ରତି ସଚେତନ କରାଯିବ। କାର୍ଯ୍ୟକ୍ରମରେ ଗର୍ଭବତୀ ମହିଳାଙ୍କୁ କିଟ୍ ପ୍ରଦାନ କରଯାଇଥିଲା। ଏଥିରେ ପୁଷ୍ଟିକର ଖାଦ୍ୟ, ଆବଶ୍ୟକ ସାମଗ୍ରୀ ସହ ସମସ୍ତ ସୂଚନା ରହିଛି।


ମାତୃ ସମୃଦ୍ଧି ଯୋଜନାର ଶୁଭାରମ୍ଭ କରାଯାଉଛି।

## ଦଳିତ ସେନା ପକ୍ଷରୁ ଆଦିବାସୀ ଦିବସ

ସମ୍ବଲପୁର,୯।୮ (ବି.ଶଙ୍କର)

ସମ୍ବଲପୁର ଜିଲା ଆଦିବାସୀ ଦଳିତ ସେନା ପକ୍ଷରୁ ବୁଧବାର ସାମ୍ବାଦିକ ଭବନଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଜିଲା ଆଦିବାସୀ ଦଳିତ ସେନାର ସଭାପତି ସୁବେଶ ମୁଣ୍ଡାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା । ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ମୁଖ୍ୟ ଅତିଥ, ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ଅଧକ୍ଷ ନିହାଲ ସିଂ, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମୁରଲିଧର ନାଏକ, ଗୀତିକାର ଶିବଶଙ୍କର ପଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବରେ ଏମ୍‌ଆର୍ ପ୍ରଶାନ୍ତ ଯୋଗଦେଇ ବିଶ୍ୱ ଆଦିବାସୀ ଦିବସର ମହତ୍ୱ ଉପରେ ଆଲୋଚନା କରିଥିଲେ। ବର୍ତ୍ତମାନ ମଣିପୁରରେ ନାରୀଙ୍କୁ ଅସମ୍ମାନ କରିବା ଘଟଣାକୁ ଅତିଥିମାନେ ନିନ୍ଦା କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିମାନେ।

## ରେଳ ମଣ୍ଡଳରେ ଆନ୍ତଃ ବିଭାଗୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ

ସମ୍ବଲପୁର,୯।୮ (ବି.ଶଙ୍କର)

ପୂର୍ବତଟ ରେଳ ସ୍ପୋର୍ଟ୍ସ ଆସୋସିଏଶନ ସମ୍ବଲପୁର ମଣ୍ଡଳ ପକ୍ଷରୁ ଆନ୍ତଃ ବିଭାଗୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ମଙ୍ଗଳବାର ରାତ୍ରିରେ ଉଦ୍‌ଘାଟିତ ହୋଇଛି। ରେଳବାଇ ଷ୍ଟାଡିୟମଠାରେ ଟୁର୍ନାମେଣ୍ଟ ଚଳିତ ମାସ ୧୬ ତାରିଖ ପର୍ଯ୍ୟନ୍ତ ହେବ। ଏଥିରେ ମୋଟ ୮ଟି ଦଳ ଭାଗ ନେଇଛନ୍ତି। ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ବିନିତ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟର ଶୁଭାରମ୍ଭ କରିଥିଲେ। ଇଷ୍ଟକୋଷ୍ଟ ରେଳବାଇ ମହିଳା କଲ୍ୟାଣ ଅଧକ୍ଷା ଅଞ୍ଜାନୀ ସିଂ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଆନନ୍ଦ ସିଂ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଇଞ୍ଜିନିୟରିଂ ଦଳ ବନାମ ଇଲେକ୍ଟ୍ରିକାଲ(ଓପି) ଦଳ ମଧ୍ୟରେ ହୋଇଥିଲା। ଉଭୟ ଦଳର ୨-୨ ଗୋଲ ସ୍କୋର କରିବାରୁ ମ୍ୟାଚ ଡ୍ର ହୋଇଥିଲା। ଦ୍ୱିତୀୟ ମ୍ୟାଚ ଆର୍‌ପିଏଫ୍ ବନାମ ବାଣିଜ୍ୟ ସିଗ୍‌ନାଲ ଆଣ୍ଡ ଟେଲିକମ ଏବଂ ଇଲେକ୍ଟ୍ରିକାଲ(ଟିଆରଡି) ଦଳ ମଧ୍ୟରେ ଖେଳାଯାଇଥିଲା। ଆର୍‌ପିଏଫ୍ ଦଳ ୩-୧ ଗୋଲରେ ବିଜୟୀ ହୋଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି । କ୍ରୀଡା ଅଧିକାରୀ ଡା. ମନୋଜ କୁମାର ବେହେରା, ସହକାରୀ କ୍ରୀଡ଼ା ଅଧିକାରୀ ଅନୁପ ଗୋରିଙ୍ଗା, କ୍ରୀଡ଼ା ସଚିବ ଆଲୋକ ରଞ୍ଜନ ପଣ୍ଡା ମ୍ୟାଚ ପରିଚାଳନା କରିଥିଲେ।


ଫୁଟବଲ ଟୁର୍ନାମେଣ୍ଟରେ ଅତିଥିମାନେ।

## ଡିଇଓଙ୍କ ଅଫିସ ଆଗରେ ଓଷ୍ଟାର ବିକ୍ଷୋଭ

### ୨୧ଦଫା ଦାବିପତ୍ର ପ୍ରଦାନ

ସମ୍ବଲପୁର,୯।୮ (ବି.ଶଙ୍କର)

ରାଜ୍ୟ ସଂଗଠନ ଆହ୍ୱାନକ୍ରମେ ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ଅଗଷ୍ଟ କ୍ରାନ୍ତି ଦିବସରେ ବିକ୍ଷୋଭ ପ୍ରଦର୍ଶନ କରିଛି। ଏହିକ୍ରମରେ ବୁଧବାର ସମ୍ବଲପୁର ଜିଲା ଓଷ୍ଟା ଶାଖାର ଶିକ୍ଷୟିତ୍ରୀଶିକ୍ଷକ ନେଲସନ ମଣ୍ଡେଲା ଛକରୁ ରାଲିରେ ବାହାରି ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ଶିକ୍ଷା ଅଧିକାରୀ ମୀନାରାଣୀ ମଣ୍ଡଳଙ୍କ ମାଧ୍ୟମରେ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ଅର୍ଥମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଉଦ୍ଦେଶ୍ୟରେ ୨୧ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଅନୁଦାନ ଯୋଗ୍ୟ ୧୯୪ ଉଚ୍ଚ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଶିକ୍ଷକଙ୍କ ଚାକିରୀ ସର୍ତ୍ତାବଳୀ ସହ ପେନ୍‌ସନ୍ ପ୍ରଦାନ, ୨୨୬ ଓ ୩୯୯ ବର୍ଗର ବିଦ୍ୟାଳୟଗୁଡ଼ିକୁ ସପ୍ତମ ବେତନ ପରିସରଭୁକ୍ତ କରିବା, ପୂର୍ଣ୍ଣ ଅନୁଦାନପ୍ରାପ୍ତ ୬୦୮ ବିଦ୍ୟାଳୟର ସରକାରୀକରଣ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ୨୮୦୦ ଗ୍ରେଡ ପେ ପାଉଥିବା ହିନ୍ଦୀ, ସଂସ୍କୃତ ଓ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ ଦରମାଗତ ଅସଂଗତି ଦୂର କରିବା, ଚାକିରି ବୟସ ସୀମା ୬୨ ବର୍ଷକୁ ବୃଦ୍ଧି ପ୍ରଭୃତି ଦାବି ନେଇ ଆନ୍ଦୋଳନକାରୀ ସ୍ଲୋଗାନ ଦେଇଥିଲେ। ଜିଲା ଓଷ୍ଟାର ସଭାପତି କୁଳଧର ପ୍ରଧାନ, ସମ୍ପାଦକ ହରି ନାରାୟଣ ପଣ୍ଡା, ଉପସଭାପତି ପ୍ରେମାନନ୍ଦ ଖମାରୀ, ସାଗରିକା ହୋତା, ଯୁଗ୍ମ ସମ୍ପାଦକ ବିଭୂତି ଭୂଷଣ ଚାନ୍ଦ, ବିଶ୍ୱାମିତ୍ର ଦୀପ, ସସ୍ମିତା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ରାଲିରେ ସମସ୍ତ ବ୍ଲକ ସମ୍ପାଦକ ଓ ନେତୃବୃନ୍ଦ ସାମିଲ ଥିଲେ।


ଡିଇଓ ଅଫିସ ସମ୍ମୁଖରେ ବିକ୍ଷୋଭ କରୁଛନ୍ତି ଶିକ୍ଷୟିତ୍ରୀଶିକ୍ଷକ।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
ବେଗୁନିଆ ମହାବିଦ୍ୟାଳୟ, ବେଗୁନିଆ

# 'ସଶକ୍ତ ଓଡ଼ିଶା ପାଇଁ ଯୁବପିଢ଼ି ପ୍ରସ୍ତୁତ ହୁଅନ୍ତୁ'



ବେଗୁନିଆ ମହାବିଦ୍ୟାଳୟରେ ବୁଧବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର ମୁଖ୍ୟ ଅତିଥି ତଥା ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ଉଦ୍‌ବୋଧନ ଦେଉଛନ୍ତି(ବାମ)। ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

**ଖୋର୍ଦ୍ଧା/ବୋଲଗଡ଼/ବେଗୁନିଆ/ବାଘମାରୀ (ପ୍ରଭାତ ପାଣିଗ୍ରାହୀ/ଦେବବ୍ରତ ହୋତା/ହରପ୍ରସନ୍ନ ପଣ୍ଡା/ଶୁଭକାନ୍ତ ମହାପାତ୍ର),୯।୮**

ଗଣମାଧ୍ୟମ ହେଉଛି ଲୋକଙ୍କ ସ୍ୱର। ଗଣମାଧ୍ୟମ ବିନା ଗଣତନ୍ତ୍ର ଚକବିହୀନ ଯାନ ସଦୃଶ। ଏକ ସୁସ୍ଥ, ସମୃଦ୍ଧ ସମାଜ ଗଠନରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ତେବେ ଗଣମାଧ୍ୟମ ନିର୍ଭୀକ, ନିରପେକ୍ଷ ସମ୍ବାଦ ପରିବେଷଣ କରିବା ଉଚିତ୍। ଗଣତନ୍ତ୍ରକୁ ସୁଦୃଢ଼ ଦିଗରେ ଯୁବପିଢ଼ିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଯୁବପିଢ଼ି ସଶକ୍ତ ଓଡ଼ିଶା ଗଠନ ପାଇଁ ପ୍ରସ୍ତୁତ ହୁଅନ୍ତୁ ବୋଲି ଧରିତ୍ରୀର ୫୦ବର୍ଷ ପାଳନ ଅବସରରେ ବେଗୁନିଆ ମହାବିଦ୍ୟାଳୟରେ ବୁଧବାର ଅନୁଷ୍ଠିତ "ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି" ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି ପ୍ରତିଯୋଗିତାକୁ ମୁଖ୍ୟଅତିଥି ଭାବେ ବେଗୁନିଆ ବିଡିଓ ଲକ୍ଷ୍ମୀଧର ସାହୁ ଉଦ୍‌ଘାଟନ କରି କହିଥିଲେ, ଧରିତ୍ରୀ ପକ୍ଷରୁ ଆୟୋଜିତ ଏଭଳି ପ୍ରତିଯୋଗିତା ସ୍ୱାଗତଯୋଗ୍ୟ। ଏହା ଯୁବପିଢ଼ିଙ୍କୁ ନିଜ ଦାୟିତ୍ୱ ପ୍ରତି ସଚେତନ କରିବ। ଲକ୍ଷ୍ୟ ସ୍ଥିର କର, କୌଣସି କାର୍ଯ୍ୟରେ ବିଫଳ ହେଲେ ଅଧୈର୍ଯ୍ୟ ହୁଅ ନାହିଁ। ସଫଳ ନ ହେବା ପର୍ଯ୍ୟନ୍ତ ନିରନ୍ତର ପ୍ରୟାସ କର। ଗଣତନ୍ତ୍ର ଅନ୍ୟ ୩ ସ୍ତମ୍ଭ ସହ ସମନ୍ୱୟ ରଖେ। ଗଣମତ ହେଉଛି ଗଣତନ୍ତ୍ରର ଆଧାର। ଗଣତନ୍ତ୍ରରେ ଭୋଟଦାନ ଏକ ସାମ୍ବିଧାନିକ ଅଧିକାର। ୧୮ବର୍ଷରୁ ଉର୍ଦ୍ଧ୍ୱ ପିଲାମାନେ ପଞ୍ଜୀକରଣ କରି ଗଣତନ୍ତ୍ରର ଏକ ଅଂଶ ଭାବେ ସାମିଲ ହୋଇ ସମୃଦ୍ଧ ଗଣତନ୍ତ୍ରରେ ସହାୟକ ହେବାକୁ ପରାମର୍ଶ ଦେଇଥିଲେ ବୋଲି କହିଥିଲେ। କଲେଜ ଅଧ୍ୟକ୍ଷା ଡ. ସବିତାଞ୍ଜଳି ସେନାପତି କହିଥିଲେ ଯେ, ଖବରକାଗଜରେ ବହୁ ଉପାଦେୟତା ରହିଛି। ଲୋକଙ୍କ କଥା ଓ ବ୍ୟଥା, ସାମ୍ପ୍ରତିକ ଘଟଣାବଳୀକୁ ନେଇ ସାମ୍ପ୍ରଦାୟିକ ପାଠକଙ୍କୁ ସଚେତନ କରିଥାଏ। ଭାଷା, ସାହିତ୍ୟ, ସଂସ୍କୃତିର ଉତ୍‌ଥାନ ଦିଗରେ ଏକ ପ୍ରମୁଖ ମାଧ୍ୟମ ସାଜିଥାଏ। ଖବରକାଗଜ ଦେଶର ପ୍ରଗତି, ସଫଳତା ପଛରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଏହି ମହାବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ଡ. ମନମୋହନ ମିଶ୍ର ଯୋଗଦେଇ କହିଥିଲେ, ଏଭଳି ପ୍ରତିଯୋଗିତା ଯୁବପିଢ଼ିଙ୍କୁ ସେମାନଙ୍କ କର୍ତ୍ତବ୍ୟ ପଥରେ ଆଗେଇନେବ। ଯୁବପିଢ଼ି ଉତ୍ସର୍ଗୀକୃତଭାବେ ସମାଜ, ରାଷ୍ଟ୍ରର କଲ୍ୟାଣ ପାଇଁ ଅଗ୍ରସର ହେଲେ ଗଣତନ୍ତ୍ର ତାହାର ସ୍ୱତନ୍ତ୍ରତା ବଜାୟ ରଖିବ ବୋଲି କହିଥିଲେ। ଏହି ପ୍ରତିଯୋଗିତାରେ ବେଗୁନିଆ କଲେଜ ବ୍ୟତୀତ ବୋଲଗଡ଼ର ପରମାନନ୍ଦ ମହାବିଦ୍ୟାଳୟ, ବାଙ୍କୋଇର କାଳୀଚରଣ ପାଞ୍ଚଗଡ଼ ଅନଙ୍ଗ ନରେନ୍ଦ୍ର ମହାବିଦ୍ୟାଳୟ, ଦେଉଳିର ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କଣ୍ଟାବାଡ଼ର ରମାମଣି କଲେଜର ଛାତ୍ରୀଛାତ୍ର ଭାଗନେଇଥିଲେ। ମୋଟ୍ ୧୧ଜଣ ଛାତ୍ରୀଛାତ୍ର ଭାଗ ନେଇ ସେମାନଙ୍କ ଓଜସ୍ୱିନୀ ଭାଷଣ ମାଧ୍ୟମରେ ବିଷୟବସ୍ତୁ ଉପରେ ମତବ୍ୟକ୍ତ କରିଥିଲେ। ଗଣତନ୍ତ୍ରର କାର୍ଯ୍ୟ ନ୍ୟାୟପାଳିକା ଓ ବ୍ୟବସ୍ଥାପିକା ମଧ୍ୟରେ ଅନ୍ୟତମ ୪ର୍ଥ ସ୍ତମ୍ଭ ଗଣମାଧ୍ୟମ। ତେବେ ଗଣମାଧ୍ୟମ ସତ୍ୟ ଆଧାରିତ ଖବର ପରିବର୍ତ୍ତେ ଅନେକ ସମୟରେ ବିଭ୍ରାନ୍ତିକର ଖବର ଦେଇଥାଏ। ଖବର ସମାଜର ହିତସାଧନ ଏବଂ ସତ୍ୟ ଆଧାରିତ ହେଲେ ଜନାଦୃତ ହୋଇପାରିବ। ଗଣତନ୍ତ୍ରରେ ଜନମତକୁ ସାବ୍ୟସ୍ତ କରିବା ଦିଗରେ ଯୁବ ସମାଜର ଭୂମିକା ରହିଛି। ଯୁବ ଭୋଟର ପ୍ରଲୋଭିତ ନ ହୋଇ ଉପଯୁକ୍ତ ପ୍ରାର୍ଥୀଙ୍କୁ ବାଛନ୍ତୁ। ଏହି ପ୍ରତିଯୋଗିତାରେ ସୀମା ବେହେରା ପ୍ରଥମ, ଭାରତୀ ସାହୁ ଓ ସୁଶ୍ରୀ ସୋନମ୍ ମହାନ୍ତି ଯୁଗ୍ମ ୨ୟ ଏବଂ ଶ୍ୱେତାଲିନା ପ୍ରିୟଦର୍ଶିନୀ ସାହୁ ୩ୟ ସ୍ଥାନ ଅଧିକାର କରିଛନ୍ତି। ବିଚାରକଭାବେ ମହାବିଦ୍ୟାଳୟର ଅଧ୍ୟାପିକା ସ୍ମିତାମୟୀ ବସନ୍ତିଆ ଯୋଗଦେଇ କହିଥିଲେ, ଯୁବସମାଜ କ'ଣ କରିବେ ନ କରିବେ ପ୍ରଥମେ ବିଚାର କରନ୍ତୁ। ସତ୍ୟନିଷ୍ଠ ହୁଅନ୍ତୁ। ଦେଶର ଭବିଷ୍ୟତ ଯୁବପିଢ଼ି ଶୃଙ୍ଖଳିତ ଦାୟିତ୍ୱ ସମ୍ପନ୍ନ ହୁଅନ୍ତୁ। ଗଣମାଧ୍ୟମ ମଧ୍ୟ ସତ୍ୟତା ବଜାୟ ରଖନ୍ତୁ। ଗଣମାଧ୍ୟମ ସମାଜର ଦର୍ପଣ ସଦୃଶ। ପିଲାମାନେ ଖବରକାଗଜ ପଢ଼ିଲେ ଜ୍ଞାନ ବିକଶିତ ହେବ। ଅନ୍ୟତମ ବିଚାରକ ଅଧ୍ୟାପକ ବିଧୁଭୂଷଣ ରାଉତ କହିଥିଲେ, ଧରିତ୍ରୀ ୫୦ବର୍ଷରେ ପୂର୍ଣ୍ଣତା ପ୍ରାପ୍ତି କରିଛି। ଯଶସ୍ୱୀ ସାଧିକା, ପ୍ରଥମ ମହିଳା ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀଙ୍କ ପ୍ରେରଣା, ମାର୍ଗଦର୍ଶନକୁ ପାଥେୟ କରି ସମ୍ପାଦକ ତଥାଗତ ସତପଥୀ ବଳିଷ୍ଠ ସାମ୍ପ୍ରଦାୟିକତା ମାଧ୍ୟମରେ ଏହାର ସ୍ୱତନ୍ତ୍ରତା ବଜାୟ ରଖିଛନ୍ତି। ପିଲାମାନେ ନିତ୍ୟ ଖବରକାଗଜ ପଢ଼ିବାକୁ ପରାମର୍ଶ ଦେଇଥିଲେ। ରାଜନୀତି ବିଜ୍ଞାନ ବରିଷ୍ଠ ଅଧ୍ୟାପକ ଜୟକୃଷ୍ଣ ପାଣିଗ୍ରାହୀ କହିଥିଲେ, ଗଣମାଧ୍ୟମ ଜନତାଙ୍କ ସ୍ୱର। ଶାଣିତ, ଗାଳ୍ପିକ ଖବର ଦ୍ୱାରା ଭ୍ରଷ୍ଟାଚାର, ଦୁର୍ନୀତି ମୂଳୋତ୍ପାଟନ କରିଥାଏ। ଯୁବପିଢ଼ି ସମାଜର କଲ୍ୟାଣ ଦିଗରେ କାର୍ଯ୍ୟ କରନ୍ତୁ। କଠିନ ପରିଶ୍ରମ, ଏକାଗ୍ରତା ସଫଳତା ଆଣିଦେବ। ଧରିତ୍ରୀ ଉପବାର୍ତ୍ତା ସମ୍ପାଦକ ଲାଲା ସୁନୀଲ କୁମାର ରଥ ପ୍ରତିଯୋଗିତାର ଆଭିମୁଖ୍ୟ ତଥା ଧରିତ୍ରୀ ୫୦ବର୍ଷର ଯାତ୍ରା, ଯୁବପିଢ଼ିଙ୍କ ଦାୟିତ୍ୱବୋଧ ଉପରେ କହିଥିଲେ। ଖୋର୍ଦ୍ଧା ଜିଲା ପ୍ରତିନିଧି ପ୍ରଭାତ ପାଣିଗ୍ରାହୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ବାଘମାରୀ ପ୍ରତିନିଧି ଶୁଭକାନ୍ତ ମହାପାତ୍ର ଧନ୍ୟବାଦ ଦେଇଥିଲେ। ବେଗୁନିଆ ପ୍ରତିନିଧି ହରପ୍ରସନ୍ନ ପଣ୍ଡା, ବୋଲଗଡ଼ ପ୍ରତିନିଧି ଦେବବ୍ରତ ହୋତା, ନିରାକାରପୁର ପ୍ରତିନିଧି ମାନସ ଚନ୍ଦ୍ର ପଟ୍ଟନାୟକ, ସହ ସମ୍ପାଦକ ସୁଶାନ୍ତ ସାହୁ, ପ୍ରସାରଣ ବିଭାଗର ଅରବିନ୍ଦ ପାଢୀ ପ୍ରମୁଖ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜ ଅଧ୍ୟାପିକା ଅଧ୍ୟାପକ ଉପସ୍ଥିତ ଥିଲେ।

## ବିଜୟୀ ଛାତ୍ରୀଛାତ୍ରଙ୍କ ମୁହଁରୁ...


ଯୁବ ସମାଜ ପାଇଁ ଏହା ପ୍ରେରଣାଦାୟୀ କାର୍ଯ୍ୟକ୍ରମ। ଗଣତାନ୍ତ୍ରିକ ରାଷ୍ଟ୍ରରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଗଣମାଧ୍ୟମ, ଗଣ ଜାଗରଣ, ଗଣ ଚେତନାର ଏକ ମାଧ୍ୟମ। ଯୁବପିଢ଼ି ଗଣତନ୍ତ୍ରର ମେରୁଦଣ୍ଡ। ତେଣୁ ଯୁବବର୍ଗ ନିଜ ଦାୟିତ୍ୱ ପ୍ରତି ସଚେତନ ହୁଅନ୍ତୁ।

**- ସୀମା ବେହେରା, ପ୍ରଥମ**


ଏଭଳି କାର୍ଯ୍ୟକ୍ରମ ଯୁବପିଢ଼ିଙ୍କୁ ସଚେତନ କରିବ। ଯୁବବର୍ଗ ସଚେତନ ହେଲେ ଗଣତନ୍ତ୍ରର ସ୍ୱତନ୍ତ୍ରତା ବଜାୟ ରହିବ। ଗଣମାଧ୍ୟମ ଓ ଯୁବପିଢ଼ି ଗଣତନ୍ତ୍ରର ପ୍ରମୁଖ ଆଧାର। ଉଭୟ ପରିପୂରକ। ଉଭୟ ଜାଗ୍ରତ ହେଲେ ସମାଜ ଜାଗ୍ରତ ହେବ।

**- ଭାରତୀ ସାହୁ, ଯୁଗ୍ମ ଦ୍ୱିତୀୟ**


ଧରିତ୍ରୀ ପକ୍ଷରୁ ଆୟୋଜିତ ଏଭଳି ପ୍ରତିଯୋଗିତା ଯୁବପିଢ଼ିଙ୍କୁ ନିଜ ଦାୟିତ୍ୱ ପ୍ରତି ସଚେତନ କରିବାର ଏକ ମାଧ୍ୟମ। ଯୁବପିଢ଼ି ଚାହିଁଲେ ଦେଶକୁ ପ୍ରଗତି ପଥରେ ଆଗକୁ ନେଇପାରିବେ। ଗଣମାଧ୍ୟମ ଭଳି ଯୁବବର୍ଗ ମଧ୍ୟ ନିର୍ଭୀକ, ସାହସୀ, ଗଣତନ୍ତ୍ରର ଏକ ଅଂଶଭାବେ ସୂଚାରୁଭାବେ ଦାୟିତ୍ୱ ନିର୍ବାହ କରିବା ଆବଶ୍ୟକ।

**- ସୁଶ୍ରୀ ସୋନମ୍ ମହାନ୍ତି, ଯୁଗ୍ମ ଦ୍ୱିତୀୟ**


ମୁଁ ଏହି କାର୍ଯ୍ୟକ୍ରମରେ ଭାଗନେଇଥିବାରୁ ବହୁତ ଖୁସି। ଧରିତ୍ରୀର ୫୦ ବର୍ଷ ପାଳନ ଅବସରରେ ଶୁଭେଚ୍ଛା ଜଣାଉଛି। ବଳିଷ୍ଠ ସମ୍ପାଦକୀୟ, ସାମ୍ପ୍ରତିକ ଘଟଣାବଳୀ ତଥା ଖବର ପରିବେଷଣ ଦିଗରେ ଧରିତ୍ରୀ ସ୍ୱତନ୍ତ୍ରତା ବଜାୟ ରଖିଛି।

**- ଶ୍ୱେତାଲିନା ପ୍ରିୟଦର୍ଶିନୀ ସାହୁ, ତୃତୀୟ**

ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ଚିନ୍ମୟୀ ପଣ୍ଡା


ଦେବଦତ୍ତ ସାହାଣୀ


ଜଗନ୍ନାଥ ମହାପାତ୍ର


କିଶୋର କୁମାର ସ୍ୱାଇଁ


କୃଷ୍ଣଚନ୍ଦ୍ର ପ୍ରଧାନ


ମୋନାଲିସା ସୁବୁଦ୍ଧି


ରୋଜାଲିନ ରଥ

ଆଜି ବିଶ୍ୱ ସିଂହ ଦିବସ

# ପରିବେଶ ସନ୍ତୁଳନ ବଜାୟ ରଖେ ସିଂହ



ସିଂହମାନେ ପରିବେଶ ପ୍ରଣାଳୀରେ ଏକ ସନ୍ତୁଳନ ରଖିଥାନ୍ତି। ସେମାନଙ୍କର ସଂରକ୍ଷଣ ଜୈବ ବିବିଧତା ଏବଂ ପ୍ରାକୃତିକ ଜଙ୍ଗଲର ସୁରକ୍ଷା ଲାଗି ଅପରିହାର୍ଯ୍ୟ। ଅପରପକ୍ଷେ ଦ୍ରୁତ ଜଙ୍ଗଲ କ୍ଷୟ ଏବଂ ବେଆଇନ ଶିକାର ଯୋଗୁ ସିଂହଙ୍କ ସଂଖ୍ୟା କମିବାରେ ଲାଗିଛି। ସିଂହଙ୍କ ସୁରକ୍ଷା ଏବଂ ସଂରକ୍ଷଣ ଲାଗି ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୦ରେ ବିଶ୍ୱ ସିଂହ ଦିବସ ପାଳନ କରାଯାଇଥାଏ। ୨୦୧୩ରେ ବିଗ୍ କ୍ୟାଟ୍ ରେସକ୍ୟୁ ପଦକ୍ଷେପର ସହ-ପ୍ରତିଷ୍ଠାତା ଡେରେକ ଏବଂ ବେଭେରୀ ଜୋବର୍ଟଙ୍କ ଦ୍ୱାରା ଏହି ଦିବସ ପାଳନ ଆରମ୍ଭ ହୋଇଥିଲା।

୧୦୦ ବର୍ଷ ତଳେ ସିଂହଙ୍କ ସଂଖ୍ୟା ୨ ଲକ୍ଷରୁ ଅଧିକ ଥିବାବେଳେ ଏବେ ଏଥିରେ ପ୍ରାୟ ୮୦ ପ୍ରତିଶତ ହ୍ରାସ ଘଟିଛି। ତେବେ ଗତ ଦୁଇ ଦଶନ୍ଧି ମଧ୍ୟରେ ସିଂହଙ୍କ ସଂଖ୍ୟା କମି ପୃଥିବୀରେ ୩୦ ହଜାରରୁ ୨୦ ହଜାର ମଧ୍ୟରେ ରହିଛି। ଆଫ୍ରିକାର ୨୭ଟି ଦେଶ ଏବଂ ଏସିଆର ଭାରତରେ ସିଂହ ଦେଖାଯାଆନ୍ତି। ସେଥିମଧ୍ୟରୁ ୭ଟି ଦେଶରେ ହଜାରରୁ ଅଧିକ ସିଂହ ରହିଛନ୍ତି। ୨୦୨୦ ରିପୋର୍ଟ ଅନୁସାରେ ତାଞ୍ଜାନିଆରେ ୧୫ ହଜାର, ଦକ୍ଷିଣ ଆଫ୍ରିକାରେ ସିଂହଙ୍କ ସଂଖ୍ୟା ୩,୫୦୦ ଥିଲା। ଭାରତରେ ସେହି ସମୟରେ ସିଂହଙ୍କ ସଂଖ୍ୟା ଥିଲା ୬୭୪। ଅବଶ୍ୟ ୨୦୧୫ରେ ଏଠାରେ ୫୨୩ ସିଂହ ଥିଲେ। ତେବେ ଆମ ଦେଶରେ ଦେଖାଯାଉଥିବା ଏସିଆଟିକ୍ ସିଂହକୁ ଅନ୍ତର୍ଜାତୀୟ ୟୁନିଅନ ଫର କନ୍‌ଜରଭେଶନ ଅଫ ନେଚର, ରେଡ ତାଲିକାଭୁକ୍ତ କରିଛି। ଆମ ଦେଶରେ କେବଳ ଗୁଜରାଟର ଗିର୍ ଜଙ୍ଗଲ ଓ ଏହାର ଆଖପାଖ ଅଞ୍ଚଳରେ ସିଂହ ଦେଖିବାକୁ ମିଳିଥାନ୍ତି। ତେବେ ମଧ୍ୟପ୍ରଦେଶର କୁନୋ ଜାତୀୟ ଉଦ୍ୟାନରେ ଆଫ୍ରିକୀୟ ସିଂହଙ୍କୁ ରଖିବା ପାଇଁ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ସେଠାରେ ଏବେ ଚିତା ବାଘକୁ ଆଣି ରଖାଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ଗୋଟିଏ ସ୍ଥାନରେ ସିଂହ ରହିଥିବାରୁ ଅନ୍ୟ କେଉଁଠି ରଖିବା ପାଇଁ ବନ୍ୟପ୍ରାଣୀ ବିଶେଷଜ୍ଞମାନେ ଦାବୀ କରୁଛନ୍ତି। ବିଶେଷଜ୍ଞଙ୍କ କହିବାନୁସାରେ, ଯଦି ଗିର୍ ଜଙ୍ଗଲରେ କୌଣସି କାରଣବଶତଃ ମହାମାରୀ ହୋଇଯାଏ ଏବଂ ସିଂହଙ୍କ ମୃତ୍ୟୁ ଘଟେ ତେବେ ଭାରତରେ ସିଂହଙ୍କ ବଂଶ ଲୋପ ପାଇଯିବାର ଆଶଙ୍କା ରହିଛି।

### ବିଲୁପ୍ତ ବାରବାରୀ ସିଂହ

ବାରବାରୀ ସିଂହ ଏବେ ବିଲୁପ୍ତ। ଏହାକୁ ଉତ୍ତର ଆଫ୍ରିକୀୟ ସିଂହ ବା ଆଟଲାସ୍ ସିଂହ କିମ୍ବା ଇଜିପ୍ଟର ସିଂହ ବୋଲି କୁହାଯାଏ। ଏମାନେ ମର୍‌କୋଠାରୁ ଇଜିପ୍ଟ ପର୍ଯ୍ୟନ୍ତ ଉତ୍ତର ଆଫ୍ରିକାର ମାଘ୍ରେବ ପର୍ବତ ଏବଂ ମରୁଭୂମିରେ ବାସ କରୁଥିଲେ। ଏହି ପ୍ରଜାତି ସିଂହର ବିଲୋପର କାରଣ ଅତ୍ୟଧିକ ଶିକାର। ଏହି ସମୀକ୍ଷାରୁ ଜଣାପଡ଼ିଛି ୧୯୬୦ ପର୍ଯ୍ୟନ୍ତ ଆଲଜେରିଆରେ ଏବଂ ୧୯୬୦ ମଧ୍ୟଭାଗ ପର୍ଯ୍ୟନ୍ତ ମର୍‌କୋରେ ଏହି ପ୍ରଜାତି ସିଂହର ଏକ ଛୋଟ ଗୋଷ୍ଠୀ ବଞ୍ଚିଥିଲେ। କିନ୍ତୁ ଏବେ ସେହି ଅଞ୍ଚଳରେ ବିଲୁପ୍ତ । ୧ଲକ୍ଷ ବର୍ଷ ମଧ୍ୟରେ ବାରବାରୀ ସିଂହର ଜୀବାଶ୍ମ ଇସୋରିଆର ବିଜମୋନ ଗୁମ୍ଫାରେ ମିଳିଥିଲା। ତେବେ ୨୦୧୭ ପର୍ଯ୍ୟନ୍ତ ବାରବାରୀ ସିଂହକୁ ଏକ ଭିନ୍ନ ସିଂହ ପ୍ରଜାତି ଭାବରେ ବିବେଚନା କରାଯାଉଥିଲା। ଉତ୍ତର ଆଫ୍ରିକାର ସିଂହ ନମୁନାଗୁଡ଼ିକର ମର୍ଫୋଲୋଜିକାଲ ଏବଂ ଜେନେଟିକ୍ ବିଶ୍ଳେଷଣରୁ ଜଣାପଡ଼ିଥିଲା ଯେ ବାରବାରୀ ସିଂହ ଏସିଆଟିକ୍ ସିଂହଠାରୁ ବିଶେଷ ଭିନ୍ନ ନୁହନ୍ତି।

# ଜୈବ ଇନ୍ଧନ ଏକ ନୂଆ ବିକଳ୍ପ

ବିଶ୍ୱ ଜୈବ ଇନ୍ଧନ ଦିବସ



ଅଶୋଧିତ ତୈଳ ଉପରୁ ନିର୍ଭରଶୀଳତା ହ୍ରାସ କରିବାରେ ଜୈବ ଇନ୍ଧନ ବିଶେଷ ଭାବେ ସହାୟକ ହେବାରେ ଲାଗିଛି। ଏହା ସ୍ୱଚ୍ଛ ପରିବେଶ ସୃଷ୍ଟି କରିବା ସହିତ କୃଷକଙ୍କ ଆୟ, ଗ୍ରାମାଞ୍ଚଳରେ ରୋଜଗାର ବୃଦ୍ଧି ଆଦି କ୍ଷେତ୍ରରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ କରିଥାଏ। ଏଥିପାଇଁ ବିଭିନ୍ନ ଦେଶରେ ସରକାରୀ ସ୍ତରରେ ପଦକ୍ଷେପମାନ ଗ୍ରହଣ କରାଯାଉଛି।

ସୁସ୍ଥ ପରିବେଶ ପାଇଁ ଜୈବ ଇନ୍ଧନ ଅପରିହାର୍ଯ୍ୟ। ଜୀବାଶ୍ମ ଇନ୍ଧନ ଯଥା ପେଟ୍ରୋଲ, ଡିଜେଲ ବା କୋଇଲା ଆଧାରିତ ବିଜୁଳି ପରିବେଶକୁ ଦୂଷିତ କରୁଛି। ଏହାର ବିକଳ୍ପ ଭାବେ ଜୈବ ଇନ୍ଧନ ଉପରେ ଗୁରୁତ୍ୱାରୋପ କରାଯାଉଛି। ଏହା ନୂଆ ଇନ୍ଧନର ଉତ୍ସକୁ ପ୍ରୋତ୍ସାହିତ କରିବ। ଅଥବା ଜୀବାଶ୍ମ ଇନ୍ଧନରେ ଇଥାନଲର ମିଶ୍ରଣ ହେବ; ଯାହା କି ପରିବେଶକୁ ସୁରକ୍ଷା ଦେବାରେ ସହାୟକ ହେବ। ଜୈବ ଇନ୍ଧନ ମୁଖ୍ୟତଃ ଗଛଲତା ଏବଂ ପ୍ରାଣୀଙ୍କ ବର୍ଜ୍ୟରୁ ପ୍ରସ୍ତୁତ ହୁଏ, ଯାହା କି ପ୍ରକୃତି ଉପରେ କୁପ୍ରଭାବ ପକାଏ ନାହିଁ।

ପାରମ୍ପରିକ ଜୀବାଶ୍ମ ଇନ୍ଧନର ବିକଳ୍ପ ଭାବରେ ଅଣ-ଜୀବାଶ୍ମ ଇନ୍ଧନର ବ୍ୟବହାର ବିଷୟରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ୧୦ ଅଗଷ୍ଟରେ ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରାଯାଇଥାଏ। ଏହି ଦିନ, ସରକାରୀ ଏବଂ ବେସରକାରୀ ସଂଗଠନ ଏକତ୍ରିତ ହୋଇ ଏକ ଭିନ୍ନ ଶକ୍ତି ଉତ୍ସ ଭାବରେ ଅଣ-ଜୀବାଶ୍ମ ଇନ୍ଧନର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିଥାନ୍ତି। ଅଗଷ୍ଟ ୧୦କୁ ବିଶ୍ୱ ଜୈବ ଇନ୍ଧନ ଦିବସ ଭାବରେ ମନୋନୀତ କରାଯିବାର କାରଣ ୧୮୯୩ରେ ଏହି ଦିନରେ ଜର୍ମାନ ଉଦ୍ଭାବକ ସାର୍ ରୁଡଲ୍ଫ ଡିଜେଲ ବାଦାମ ତେଲରେ ଡିଜେଲ ଇଞ୍ଜିନକୁ ସଫଳତାର ସହ ଚଳାଇଥିଲେ। ଏହା ଜୀବାଶ୍ମ ଇନ୍ଧନ ପାଇଁ ଏକ ନିରାପଦ, ନବୀକରଣଯୋଗ୍ୟ ଏବଂ ସ୍ଥାୟୀ ବିକଳ୍ପ ସୃଷ୍ଟି କରିବାର ଆଶା ସୃଷ୍ଟି କରିଥିଲା। ଭାରତରେ ପେଟ୍ରୋଲିୟମ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଏବଂ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ୨୦୧୫ଠାରୁ ବିଶ୍ୱ ଜୈବ ଇନ୍ଧନ ଦିବସ ପାଳନ କରିବା ଆରମ୍ଭ କରିଛି। ଅଶୋଧିତ ତୈଳ ଉପରେ ନିର୍ଭରଶୀଳତା ହ୍ରାସ ପାଇଁ ଜୈବ ଇନ୍ଧନ ହେଉଛି ଏକ ଚାବି କାଠି ଏବଂ ଏହା ଏକ ପରିଛନ୍ନ ପରିବେଶ ସୁନିଶ୍ଚିତ କରିଥାଏ। ଅପରପକ୍ଷେ ଏହା ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଅଙ୍ଗାରକାମ୍ଳ ନିର୍ଗମନ ହ୍ରାସରେ ମଧ୍ୟ ସାହାଯ୍ୟ କରିଥାଏ। ଜୀବାଶ୍ମ ଇନ୍ଧନ ଜାଳିବା ଦ୍ୱାରା ଅଙ୍ଗାରକାମ୍ଳ ନିର୍ଗତ ହୋଇଥାଏ; ଯାହା ବାୟୁ ଏବଂ ପରିବେଶ ପାଇଁ ଅତ୍ୟନ୍ତ କ୍ଷତିକାରକ।

# ମୋ ଜଙ୍ଗଲ ଜମି ଯୋଜନାର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୮(ଅନିଲ ଦାସ)**

- ଜଙ୍ଗଲ ଜମି ଉପରେ ସମସ୍ତ ଯୋଗ୍ୟ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାର ସୁନିଶ୍ଚିତ ହେବ
- ଜନଜାତିମାନଙ୍କ ଜୀବିକାରେ ଆସିବ ସ୍ଥାୟିତ୍ୱ
- ଜନଜାତିଙ୍କ ବିକାଶରେ ନୂଆ ମାଇଲଖୁଣ୍ଟ ସୃଷ୍ଟି ହେବ: ମୁଖ୍ୟମନ୍ତ୍ରୀ
- ୪ ଲକ୍ଷ ୫୦ ହଜାର ଜନଜାତି ପରିବାରକୁ ମିଳିଛି ଜଙ୍ଗଲ ଜମି ଅଧିକାର

ବିଶ୍ୱ ଦେଶଜ ଅଧିବାସୀ ଦିବସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ମୋ ଜଙ୍ଗଲ ଜମି ଯୋଜନାର ଶୁଭାରମ୍ଭ କରିଛନ୍ତି। ସମସ୍ତଙ୍କ ସହଯୋଗରେ ଜନଜାତିମାନଙ୍କ ବିକାଶ କ୍ଷେତ୍ରରେ ଏହି ଯୋଜନା ଦ୍ୱାରା ଏକ ମାଇଲଖୁଣ୍ଟ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଛନ୍ତି।

ଜଙ୍ଗଲ ଜମି ଉପରେ ସମସ୍ତ ଯୋଗ୍ୟ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଅଧିକାରକୁ ସୁନିଶ୍ଚିତ କରିବା ଏହି ଯୋଜନାର ଲକ୍ଷ୍ୟ। ଏଥିସହିତ ସମସ୍ତ ଉନ୍ନୟନମୂଳକ କାର୍ଯ୍ୟକ୍ରମଗୁଡ଼ିକୁ ଏହି ଯୋଜନା ସହିତ ଯୋଡ଼ି ଜନଜାତିମାନଙ୍କ ଜୀବିକାରେ ସ୍ଥାୟିତ୍ୱ ସୃଷ୍ଟି କରିବା ପାଇଁ ପଦକ୍ଷେପ ଗ୍ରହଣ କରାଯିବ। ସର୍ଭେ ହୋଇ ନ ଥିବା ଜଙ୍ଗଲ ଗାଁଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଏହି ଯୋଜନାରେ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ଆମର ଲକ୍ଷ୍ୟ। କେହି ଜଣେ ବି ଯୋଗ୍ୟ ବ୍ୟକ୍ତି ଯେପରି ବଞ୍ଚିତ ନ ହେବେ, ତାକୁ ସୁନିଶ୍ଚିତ କରିବା ପାଇଁ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି। ଜଙ୍ଗଲ ସମ୍ପଦର ନିରନ୍ତର ବିକାଶ ଦିଗରେ ଜନଜାତିମାନଙ୍କର ଅବଦାନକୁ ସ୍ୱୀକୃତି ପ୍ରଦାନ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ। ଜଳବାୟୁ ପରିବର୍ତ୍ତନ ଓ ଜନଜାତିମାନଙ୍କ ଅର୍ଥନୀତି ଓ ଜୀବିକାରେ ସ୍ଥାୟିତ୍ୱ ଆଣିବାରେ ମଧ୍ୟ ଏହା ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଜଙ୍ଗଲ ଜମି ଅଧିକାର ପ୍ରଦାନରେ ଓଡ଼ିଶା ଏକ ଆଗୁଆ ରାଜ୍ୟ। ଏ ପର୍ଯ୍ୟନ୍ତ ୪ ଲକ୍ଷ ୫୦ ହଜାର ଜନଜାତି ଓ ବନବାସୀ ପରିବାରକୁ ଜଙ୍ଗଲ ଜମି ଉପରେ ସ୍ୱତ୍ୱ ପ୍ରଦାନ କରାଯାଇଛି। ସେହିପରି ୪ ହଜାରରୁ ଅଧିକ ଗ୍ରାମସଭାକୁ ଗୋଷ୍ଠୀ ଅଧିକାର ଦିଆଯାଇଛି। ସର୍ଭେ ହୋଇ ନ ଥିବା ଜଙ୍ଗଲ ଗାଁଗୁଡ଼ିକୁ ମଧ୍ୟ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ପ୍ରଥମରୁ ଜନଜାତିମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ପ୍ରତିବଦ୍ଧ। ୨୦୦୦ ମସିହାରେ ତାଙ୍କ ସରକାର ଯେତେବେଳେ ପ୍ରଥମେ ଓଡ଼ିଶାରେ ସେବାର ଦାୟିତ୍ୱ ଗ୍ରହଣ କଲା, ସେତେବେଳେ ପ୍ରଥମ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଥିଲା ପଞ୍ଚାୟତମାନଙ୍କୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ ଅଧିକାର ପ୍ରଦାନ କରିବା। ଆଜି ଏ ଦିଗରେ ଅନେକ କାମ ହୋଇଛି। ଜନଜାତିମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବିଭିନ୍ନ କ୍ଷେତ୍ରରେ ଉନ୍ନତି ହେବା ସହିତ ସେମାନେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ମଧ୍ୟ ଅର୍ଜନ କରିପାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଅନୁସୂଚିତ ଜାତି, ଜନଜାତି ଉନ୍ନୟନ ବିଭାଗ ମନ୍ତ୍ରୀ ଜଗନ୍ନାଥ ସାରକା କହିଛନ୍ତି, ଜଙ୍ଗଲ ଜମିର ପରିଚାଳକ ଭାବରେ ଜନଜାତିମାନଙ୍କ ଅଧିକାରକୁ ସ୍ୱୀକୃତି ଦେବା ଏହି ଯୋଜନାର ଲକ୍ଷ୍ୟ।

ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି, ଜଙ୍ଗଲ ଜମି ଉପରେ ଅଧିକାର ପ୍ରଦାନ ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ ସଫଳତା। ଏହି ନୂଆ ଯୋଜନା ଦ୍ୱାରା ସେମାନଙ୍କ ସାଂସ୍କୃତିକ ବିବିଧତାର ସୁରକ୍ଷା ସହିତ ସବୁ ବିକାଶମୂଳକ ଯୋଜନାରେ ଜନଜାତିମାନଙ୍କୁ ସାମିଲ କରିବା ପାଇଁ ଏହି ଯୋଜନାରେ ବ୍ୟବସ୍ଥା କରାଯାଇଛି।

ଏହି କାର୍ଯ୍ୟକ୍ରମରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ୟୁଏନ୍‌ଡିପି, ବେସରକାରୀ ଅନୁଷ୍ଠାନ ବସୁନ୍ଧରା, ପ୍ରଦାନ ଆଦି ସଂସ୍ଥାର ପ୍ରତିନିଧି ଏବଂ ବିଭିନ୍ନ ଜିଲାର ଜନଜାତି ହିତାଧିକାରୀମାନେ ଉପସ୍ଥିତ ଥିଲେ।

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର-ତଥା-ଶାସନ ସଚିବ ରୂପାରୋଶନ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅନୁସୂଚିତ ଜନଜାତି ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭିଡିଓ କନ୍‌ଫରେନ୍ସରେ ମୋ ଜଙ୍ଗଲ ଜମି ଯୋଜନାର ଶୁଭାରମ୍ଭ କରୁଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ


ମୁବସର୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# କୋଇଲା ଉତ୍ପାଦନରେ ଓସିପିଏଲ୍‌ର ସଫଳତା

**ଭୁବନେଶ୍ୱର,୯।୮ (ଅଭୟ ଦାଶ)**

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଓଡ଼ିଶା କୋଲ୍ ଆଣ୍ଡ୍ ପାୱାର ଲିମିଟେଡ୍ (ଓସିପିଏଲ୍) ରେକର୍ଡ ପରିମାଣର କୋଇଲା ଉତ୍ପାଦନକରି ଏକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଉଲ୍ଲେଖଯୋଗ୍ୟ, ଓଡ଼ିଶା ସରକାର ଏବଂ ଓପିଜିସି ଦ୍ୱାରା ପରିଚାଳିତ ଓସିପିଏଲ୍ ରାଜ୍ୟର ପ୍ରମୁଖ କୋଇଲା ଖନନ ସଂସ୍ଥା ଭାବେ ବେଶ୍ ପରିଚିତ। ଏପରିକି ଦେଶର ଘୋର କୋଇଲା ସଙ୍କଟ ସମୟରେ ଓସିପିଏଲ୍ ତା'ର ଶେଷ ବ୍ୟବହୃତ ପ୍ଲାଣ୍ଟ ଓପିଜିସି (ୟୁନିଟ୍ ୩ ଏବଂ ୪ ) ଏବଂ ଅନ୍ୟାନ୍ୟ ଥର୍ମା ପାୱାର ପ୍ଲାଣ୍ଟକୁ ଉତ୍ତମ ମାନର କୋଇଲା ଯୋଗାଇଛି। ଗତ୨ବର୍ଷ ମଧ୍ୟରେ ଓସିପିଏଲ୍‌ର ବୈଷୟିକ ଜ୍ଞାନକୌଶଳ ଯୋଗୁ ଓପିଜିସିକୁ ହାରାହାରି ୨୦% ନିମ୍ନ ଦରରେ ଜିସିଭି ବେସ୍‌ଡ ଲାଣ୍ଡେଡ କୋଲ୍ କୋଷ୍ଟରେ କୋଇଲା ଯୋଗାଉଛି। ଓସିପିଏଲ୍ ସ୍ୱ ଅର୍ଜିତ ଲାଭାଂଶରୁ ପ୍ରାୟ ୫୦%ଋଣ ପରିଶୋଧ କରିବାରେ ସକ୍ଷମ ହୋଇପାରିଛି। ଏଥିଯୋଗୁ ଓପିଜିସି ପାଇଁ ଆକଳନ କରାଯାଉଥିବା ଇନ୍‌ପୁଟ ପ୍ରାଇସର ଫାଇନାନ୍ସ କମ୍ପୋନେଟ ପ୍ରାୟ ୫୭% କମିଯିବ ବୋଲି ଆକଳନ କରାଯାଉଛି। ସେହିଭଳି ଓସିପିଏଲ୍‌ର ପିକ୍ ରେଟେଡ୍ କାପାସିଟି ୨୦୨୫-୨୬ ଆର୍ଥକ ବର୍ଷରେ ୧୬ ମିଲିଅନ୍ ଟନ୍ ହେବା ଯଥେଷ୍ଟ ସମ୍ଭାବନା ରହିଛି। ଏପରିକି ପୂର୍ଣ୍ଣ କ୍ଷମତାସମ୍ପନ୍ନ ହେବା ପରେ ଓପିଜିସିର ଇନ୍‌ପୁଟ କୋଲ କୋଷ୍ଟ ଆଶାତୀତ ଭାବେ ହ୍ରାସ କରିବା ସମ୍ଭାବନା ରହିଛି। ବିଶେଷକରି ଓସିପିଏଲ୍ ଉତ୍ତମ ମାନର ଏବଂ ପର୍ଯ୍ୟାପ୍ତ ମାତ୍ରାରେ କୋଇଲା ଯୋଗାଣ କରୁଛି। ଓସିପିଏଲ୍ ଯୋଗୁ ଓପିଜିସି ରାଜ୍ୟର ୩୦% ପାୱାର ରିକ୍ୱାରମେଣ୍ଟକୁ ପୂରଣ କରିପାରୁଛି। କୋଇଲାସ୍ତର ମଧ୍ୟରେ ଉପଲବ୍ଧ ଅନ୍ ଗ୍ରେଡେଡ୍ କାର୍ବନିୟସ ସେଲ୍‌କୁ ଓଭରବର୍ଡନ ଡମ୍ପରେ ଫିଙ୍ଗି ନ ଦିଆଯାଇ କିଛି ମାତ୍ରାରେ ଜି-୧୪ କୋଇଲର ମିଶ୍ରଣକରି ଏହାର ମାନକୁ ଜି-୧୭ରେ ପରିଣତ କରିବାରେ ଓସିପିଏଲ୍ ସକ୍ଷମ ହୋଇପାରିଛି, ଯାହାର ଲାବରେଟୋରି ବିଶ୍ଳେଷଣ ତଥା ପ୍ରମାଣପତ୍ର ରାଜ୍ୟ ସରକାରଙ୍କ ଇସ୍ପାତ ଏବଂ ଖଣି ବିଭାଗ ଦ୍ୱାରା ଘୋଷଣା କରାଯାଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

**ଭୁବନେଶ୍ୱର,୯।୮:** ଦିନକ ପରେ ପୁଣି ଥରେ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ୩ୟ କାର୍ଯ୍ୟ ଦିବସ (ଷ୍ଟକ୍‌ବଜାର)ର ଫଳାଫଳ ଅନୁଯାୟୀ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୪୯ (୧୪୯.୩୧) ପଏଣ୍ଟ ବଢ଼ି ୬୫,୯୯୬ (୬୫,୯୯୫.୮୧) ଅଙ୍କରେ ପହଞ୍ଚିଥିବା ବେଳେ ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୬୨ (୬୧.୭୦) ପଏଣ୍ଟ ବୃଦ୍ଧି ଘଟି ୧୯,୬୩୩ (୧୯,୬୩୨.୫୫) ଅଙ୍କରେ କାରବାର ବନ୍ଦ ହୋଇଥିଲା।


# Classified Everyday
0674-2580101, 2549949



REAL ESTATE

SALE

**Residential cum commercial plot 6KM. from Phulnakhara, from Bhubaneswar 11KM. 3500sqft. 7809525452.** D-75022

BDA Approved 3BHK Duplex/ Villa At Patia-Raghunathpur, Land Area-1172 Sft.Built-up 1700 Sft @99 lakhs. Contact Direct Owner -9438419823, 9337086655. D-73395

ଗୃହୋପଯୋଗୀ ସ୍ଥିତିବାନ ପ୍ଲଟ୍ 30" ରୋଡ୍, ଇଲେକ୍ଟ୍ରି ସହ ପିତାପଲ୍ଲିରେ ମିଳୁଛି- 7787017414. D-74888

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି-**8249976746.** D-74897

ତୁରନ୍ତ ଘର କରିବା ନିମନ୍ତେ ପୁରୀ ମାଳତୀପାଟପୁର, ଭୁବନେଶ୍ୱର ବାଲିଅନ୍ତା, କଟକ ୪୨ ମୌଜାରେ ପ୍ଲଟ୍ ମିଳୁଅଛି। ବିଦ୍ୟୁତ୍ ସହିତ ପଥର ପାଚେରି, ଷ୍ଟ୍ରିଟ୍ ଲାଇଟ୍, କଂକ୍ରିଟ୍ ରାସ୍ତାର ସୁବିଧା ଅଛି। **7326085483.** D-1010

New cancer hospital ନାଇଜର, ଜଟଣୀରେ ବର୍ଗଫୁଟ ୩୫୦/- ଜାଗା ବିକ୍ରି ହେଉଛି। 9938086025. D-75142

**Flat for sale 3BHK Deluxe with parking, price 1.5 cr, Near Kalinga Hospital, Bhubaneswar, New Jivan Bima Nagar. Contact: 9337469627, 6371761144.** D-74560

**3 BHK ready to move flat sale at KIIT Square, Patia, Bhubaneswar (SBA- 1800 sqft.), Price-90 Lakhs. 7978701424.** D-75203

3900sqft. plot for sale near Retang Road Square, close to CV Raman Engineering Colleges. 8010470254. D-1021




Spa Kerala body massage only best Therapist @699/- Bhubaneswar. 9337672475. D-0965

Newly opened (One8 Spa) / (Salon Service) with expert therapist, 9938843929. D-75137

**Relax, Refresh your body, mind at Saikrupa Spa with best therapies. 8984068077.** D-0921

Newly open SPA positively health benefits with expert therapist. 7849011931. D-75141

Newly healthcare benefited Spa Experience therapist in Bhubaneswar. Please visit this spa. 7846814019. D-75135

All types of professional body massage by professional therapy, contact 7077933109/ 9556924059/ 8658803018. D-1000


## AFFIDAVIT

By virtue of an affidavit sworn before the Executive Magistrate, Danagadi, Jajpur-road, Jajpur, I, Yoshabanta Kumar Mohanta at present residing at Sarangapur, P.O.-Khurunti, Jajpur-road, Jajpur declare that my record name is Yoshabanta Kumar Mohanta. Wrongly my name is written as Yasabanta Mohanta in my daughter's birth certificate. That both the names belongs to one and same person. Yoshabanta Kumar Mohanta, Dt.09.08.2023.

D-1017


**ପାଠକଙ୍କ ପାଇଁ ସୂଚନା**- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


## LEGAL NOTICE

**ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଅଦାଲତ କ୍ରମିକ ନଂ.-୩, ମାନ୍ୟବର ରାଜସ୍ୱ ପର୍ଷଦଙ୍କ ଅଧୀନେ ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ୪ର୍ଥ ମହଲା, ଭୁବନେଶ୍ୱର, ସଚିବାଳୟ ମାର୍ଗ, ୟୁନିଟ୍-୫, ଭୁବନେଶ୍ୱର ଓ.ଏସ୍.ଏସ୍. ମକଦ୍ଦମା ନମ୍ବର- ୧୬୪୦/୨୦୧୯**

ଡଃ. ଦିପ୍ତିମୟୀ ଜେନା ... ... ... ବାଦିନୀ

ବନାମ

ପ୍ରମିଳା ଦେଇ ଏବଂ ଅନ୍ୟମାନେ ... ... ... ପ୍ରତିବାଦୀମାନେ ।

ଇସ୍ତାହାର ମାଧ୍ୟମରେ ସୂଚନା ଆଦେଶ-୫ ଏବଂ ନିୟମ -୨୦ ଅଧିନିୟମ ୧-(କ) ଆଦେଶ ନଂ.-୨୨, ନିୟମ- ୪ (କ) ଏବଂ ଅଧିନିୟମ -୨ (କ) ଦେୱାନୀ କାର୍ଯ୍ୟବିଧି ସଂହିତା ମୁତାବକ ଉପର ଲିଖିତ ରିଭିଜନ ମକଦ୍ଦମାର ପ୍ରତିବାଦୀ ନମ୍ବର ୧, ୩ ଓ ୪ ଙ୍କର ମୃତ୍ୟୁ ହୋଇଥିବାରୁ ସେମାନଙ୍କର ଉତ୍ତରାଧିକାରୀ ତଥା ତାଙ୍କର ମନୋନୀତ ପ୍ରାର୍ଥୀ କିମ୍ବା ଆଇନ ମତେ ତାଙ୍କ ତରଫରୁ ଉପସ୍ଥିତ ବ୍ୟକ୍ତିବିଶେଷମାନଙ୍କୁ ଦୈନିକ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ସୂଚନା ପ୍ରଦାନ କରାଯାଉଅଛି କି ଉପରଲିଖିତ ମାନ୍ୟବର ଅଦାଲତରେ ଆସନ୍ତା ତା୧୬।୦୯।୨୦୨୩ରିଖ ଦିବା ଘ.୦୨.୩୦ମି.ରେ ଉପସ୍ଥିତ ହୋଇ ସେମାନଙ୍କ ତରଫରୁ ଉକ୍ତ ମାମଲାକୁ ପରିଚାଳନା କରିବା ପାଇଁ ବିହିତ ଆଦେଶ ଅଟେ ଏବଂ ପ୍ରତିବାଦୀ ନମ୍ବର ୫, ୬, ୯, ୧୦, ୧୧ ଓ ୧୨ଙ୍କର ବାସସ୍ଥାନ ଠିକଣା ସଠିକ ନ ଥିବା ହେତୁ ମାନ୍ୟବର କୋର୍ଟଙ୍କ ନୋଟିସ ଫେରସ୍ତ ଆସିଥିଲା । ଏଣୁ ସେମାନଙ୍କୁ ଏହି ସୂଚନା ମାଧ୍ୟମରେ ଜଣାଇ ଦିଆଯାଉଛି ଯେ ଉକ୍ତ ଧାର୍ଯ୍ୟ ତାରିଖ ଓ ସମୟ ମୁତାବକ ଉପସ୍ଥିତ ରହି ନିଜ ମତ ଏବଂ ସେମାନଙ୍କର ପକ୍ଷ ଉପସ୍ଥାପନ କରନ୍ତୁ।

**ପ୍ରତିବାଦୀମାନଙ୍କର ନାମ ଓ ଧାମ-**

ପ୍ରତିବାଦୀ ନମ୍ବର-୧- ପ୍ରମିଳା ଦେଇ, ସ୍ୱାମୀ- ପ୍ରଭାକର ମହାରଣା, ବାସସ୍ଥାନ- ସିରିପୁର (ନୂଆସାହି), ଭୁବନେଶ୍ୱର-୩, ପୋଷ୍ଟ- ବରମୁଣ୍ଡା, ଥାନା- ଖଣ୍ଡଗିରି, ହାଲ ଥାନା- ଭରତପୁର, ଜିଲ୍ଲା-ଖୋର୍ଦ୍ଧା ।

ପ୍ରତିବାଦୀ ନମ୍ବର-୩- ଜେମା ବେୱା, ସ୍ୱାମୀ- ସ୍ୱର୍ଗତ ବାନାମ୍ବର ଓଝା

ପ୍ରତିବାଦୀ ନମ୍ବର- ୪- ଶ୍ରୀ ମୀନକେତନ ଓଝା, ପିତା-୰ବାନାମ୍ବର ଓଝା

ପ୍ରତିବାଦୀ ନମ୍ବର-୫ - ଶ୍ରୀ ସନ୍ତୋଷ ଓଝା, ପିତା- ୰ଘନଶ୍ୟାମ ଓଝା

ପ୍ରତିବାଦୀ ନମ୍ବର- ୬- ଶ୍ରୀମତୀ ସ୍ୱର୍ଣ୍ଣରେଖା ଓଝା, ସ୍ୱାମୀ- ୰ଘନଶ୍ୟାମ ଓଝା

ପ୍ରତିବାଦୀ ନମ୍ବର ୩, ୪, ୫, ୬ମାନଙ୍କର ଗ୍ରାମ/ପୋଷ୍ଟ- ଘାଟିକିଆ, ଥାନା- ଖଣ୍ଡଗିରି, ହାଲ ଥାନା- ଭରତପୁର, ଭୁବନେଶ୍ୱର-୨୯, ଜିଲ୍ଲା- ଖୋର୍ଦ୍ଧା

ପ୍ରତିବାଦୀ ନମ୍ବର-୯- ଶ୍ରୀ ସୂର୍ଯ୍ୟନାରାୟଣ ଦାସ, ଆନୁମାନିକ ବୟସ ୪୮ବର୍ଷ, ପିତା- ଶ୍ରୀ ଗୌରୀଶଙ୍କର ଦାସ, ବାସସ୍ଥାନ- କ୍ୱାର୍ଟର ନମ୍ବର- ଏ-୪/୫, ଓ.ଡବ୍ଲ୍ୟୁ.ପି.ଓ. କଲୋନୀ, ଡେଲ୍‌ଟା ଛକ, ୟୁନିଟ୍-୮, ଭୁବନେଶ୍ୱର, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା।

ପ୍ରତିବାଦୀ ନମ୍ବର-୧୦- ଦୀପକ ଖାନ୍ନା, ପିତା- ଅମରନାଥ ଖାନ୍ନା, ଗ୍ରାମ/ପୋଷ୍ଟ- ଲକ୍ଷ୍ମୀସାଗର, ଭୁବନେଶ୍ୱର, ଥାନା- ଖଣ୍ଡଗିରି, ଜିଲ୍ଲା- ଖୋର୍ଦ୍ଧା ।

ପ୍ରତିବାଦୀ ନମ୍ବର- ୧୧- ସବିତା ସାହୁ, ସ୍ୱାମୀ- ଓମପ୍ରକାଶ ସାହୁ, ଗ୍ରାମ- ବନ୍ଧମୁଣ୍ଡା, ଥାନା- ରାଉରକେଲା, ଜିଲ୍ଲା- ସୁନ୍ଦରଗଡ଼।

ପ୍ରତିବାଦୀ ନମ୍ବର- ୧୨- ବିଶ୍ୱଜିତ ବିଶ୍ୱାଳ, ପିତା- ତରେଶ୍ୱର ବିଶ୍ୱାଳ, ଠିକଣା ଗ୍ରାମ- ବାଲାମା, ଜିଲ୍ଲା- ଢେଙ୍କାନାଳ, ଓଡ଼ିଶା।

ଉପର ଲିଖିତ ପ୍ରତିବାଦୀ କ୍ରମିକ ନମ୍ବର ୧, ୩, ୪, ୫, ୬, ୯, ୧୦, ୧୧ ଓ ୧୨ମାନଙ୍କ ବିରୁଦ୍ଧରେ ଉପରଲିଖିତ ବାଦିନୀ ମାନ୍ୟବର ଅଦାଲତ ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ୧୯୫୮ ମୁତାବକ ଧାରା ୧୫(ଖ)ରେ ଏକ ରିଭିଜନ ମକଦ୍ଦମା କରିଅଛନ୍ତି। ଉକ୍ତ ରିଭିଜନ ମକଦ୍ଦମାରେ ବାଦିନୀ କ୍ରୟ କରିଥିବା ଜମିର ସାବକ ଖାତା ନମ୍ବର-୧୦ ଏବଂ ସେହି ଖାତାରେ ଥିବା ୯ଟି ପ୍ଲଟ୍ ମଧ୍ୟରୁ ବାଦିନୀଙ୍କର ପ୍ଲଟ୍ ନମ୍ବର -୫୪୭କୁ ସମ୍ବନ୍ଧରୁ କ୍ରୟ କରିଥିବା ରକବା ଏ.୦.୭୨ ଡିସିମିଲ ଉପରେ ବାଦିନୀଙ୍କ କ୍ରୟ ଦାବି ରହିଛି। ରକବା ଏ.୪.୮୫୫ ଡିସିମିଲରୁ ବାଦିନୀଙ୍କ କ୍ରୟ କରିଥିବା ରକବା ଏ.୦.୦୭୨ ଡିସିମିଲ ତା୨୯।୦୬।୨୦୦୯ରିଖରେ ଖରିଦ ହୋଇଥିବା ଜମିର ରେଜିଷ୍ଟ୍ରି ଦଲିଲ ନମ୍ବର ୫୩୨୪ ଓ କ୍ରମିକ ନମ୍ବର ୫୪୫୦ ତା୨୯।୦୬।୨୦୦୯ରିଖରେ ଖରିଦ ହୋଇଥିବା ତଫସିଲ ବର୍ଣ୍ଣିତ ସମ୍ପତ୍ତି ଚଳିତ ହାଲ ବନ୍ଦୋବସ୍ତରେ ଅନ୍ତିମ ପ୍ରକାଶନ ୨୦୧୩-୧୪ରେ ବାଦିନୀଙ୍କ ନାମରେ ରେକର୍ଡ ହୋଇ ନ ପାରିଥିବାରୁ ଅଦ୍ୟ ରିଭିଜନ ମକଦ୍ଦମା ମାନ୍ୟବର ଅତିରିକ୍ତ କମିଶନରଙ୍କ ଅଦାଲତରେ ମାମଲା ଦାୟର ହୋଇଛି।

**ତଫସିଲ ବର୍ଣ୍ଣିତ ସମ୍ପତ୍ତି ନିମ୍ନରେ ଦିଆଗଲା-**

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ମୌଜା- ଶଙ୍କରପୁର, ହାଲ ଖାତା ନ୩୧ମ୍ବର, ହାଲ ପ୍ଲଟ୍ ନମ୍ବର - ୯୬୮, ରକବା- ଏ.୦.୦୭୨ ଡିସିମିଲ, କିସମ- ଶାରଦ ଅଣଜଳସେଚିତ- ୩, ସମ୍ପୂର୍ଣ୍ଣ ରକବା ଏ.୧.୨୬୨ ଡିସିମିଲ ଏବଂ ସାବକ ଖାତା ନମ୍ବର ୧୦, ସାବକ ପ୍ଲଟ୍ ନମ୍ବର ୫୪୭ ଏବଂ ରକବା ଏ.୪.୮୫୫ ଡିସିମିଲରୁ ରକବା ଏ.୦.୦୭୨ ଡିସିମିଲ ବାଦିନୀଙ୍କ କ୍ରୟ । ଏଣୁ ଅଦ୍ୟ ରକବା ଏ.୪.୮୫୫ ଡିସିମିଲକୁ ତାଙ୍କ ନାମରେ ରେକର୍ଡ ଦରଜ କରିବା ପାଇଁ ଉପର ଲିଖିତ ରିଭିଜନ ମକଦ୍ଦମା ନମ୍ବର ଓ.ଏସ୍.ଏସ୍. ନଂ. ୧୬୪୦/୨୦୧୯ ମାନ୍ୟବର କୋର୍ଟଙ୍କ ଅଦାଲତରେ ଉପର ଲିଖିତ ପ୍ରତିବାଦୀ ନଂ. ୧, ୩, ୪, ୫, ୬, ୯, ୧୦, ୧୧ ଓ ୧୨ଙ୍କ ବିରୁଦ୍ଧରେ ମାମଲା ଦାୟର କରିଥିଲେ କିନ୍ତୁ ଉପର ଲିଖିତ ଦିଆଯାଇଥିବା ଠିକଣା ମତେ ମାନ୍ୟବର ଅଦାଲତଙ୍କ ନୋଟିସ ପ୍ରେରଣ ହୋଇଥିଲା । କିନ୍ତୁ ପ୍ରତିବାଦୀ ନମ୍ବର ୧, ୩ ଓ ୪ଙ୍କ ଦେହାନ୍ତ ହୋଇଯାଇଥିବାରୁ ତାଙ୍କର ଉତ୍ତରାଧିକାରୀ କିମ୍ବା ତାଙ୍କର ମନୋନୀତ ପ୍ରାର୍ଥୀ କିମ୍ବା ଆଇନ ମତେ ଉକ୍ତ ମକଦ୍ଦମାକୁ ସେମାନଙ୍କ ତରଫରୁ ପରିଚାଳନା କରିବେ। ଉପର ଲିଖିତ ପ୍ରତିବାଦୀ ନମ୍ବର ୫, ୬, ୯, ୧୦, ୧୧ ଓ ୧୨ ମାନଙ୍କୁ ମଧ୍ୟ ମାନ୍ୟବର ଅଦାଲତଙ୍କ ନୋଟିସ ଯାଇଥିଲେ ମଧ୍ୟ ସଠିକ ଠିକଣା ଅଭାବରୁ ତାହା ପ୍ରେରଣ ନ ହୋଇ ଫେରସ୍ତ ଆସିଥିଲା । ଏଣୁ ଅଦ୍ୟ ବିଜ୍ଞାପନ ମାଧ୍ୟମରେ ଉପର ଲିଖିତ ପ୍ରତିବାଦୀମାନଙ୍କୁ ଜଣାଇ ଦିଆଯାଉଛି କି, ଉପରଲିଖିତ ମକଦ୍ଦମାଟି ଆସନ୍ତା ତା୧୬।୯।୨୦୨୩ରିଖ ଦିବା ଘ.୦୨.୩୦ମି.ରେ ମାନ୍ୟବର ଅଦାଲତଙ୍କ ଆଦେଶକ୍ରମେ ଉପରଲିଖିତ ପ୍ରତିବାଦୀଙ୍କ ତରଫରୁ ସେମାନଙ୍କର ଉତ୍ତରାଧିକାରୀ କିମ୍ବା ମନୋନୀତ ପ୍ରାର୍ଥୀ କିମ୍ବା ଆଇନମତେ ପରିଚାଳନା କରୁଥିବାରୁ ବ୍ୟକ୍ତିବିଶେଷମାନେ ମାନ୍ୟବର ଅଦାଲତରେ ଧାର୍ଯ୍ୟ ତାରିଖ ଦିନ ଉକ୍ତ ମାମଲାକୁ ତାଙ୍କ ତରଫରୁ ପରିଚାଳନା କରିବେ। ଯଦି ଉକ୍ତ ଧାର୍ଯ୍ୟ ତାରିଖ ଦିନ ଉକ୍ତ ପ୍ରତିବାଦୀଙ୍କ ତରଫରୁ କୌଣସି କିମ୍ବା କେହି ବ୍ୟକ୍ତି ଅନୁପସ୍ଥିତ ରୁହନ୍ତି ତେବେ ଉକ୍ତ ମାମଲାକୁ ଆଇନ ମତେ ବିଚାର କରାଯିବ। ଏଣୁ ଦୈନିକ ଖବରକାଗଜ ଦ୍ୱାରା ବିଜ୍ଞାପନ ମାଧ୍ୟମରେ ସେମାନଙ୍କୁ ସୂଚନା/ନୋଟିସ ପ୍ରଦାନ କରାଗଲା।

ସ୍ଥାନ- ଭୁବନେଶ୍ୱର
ତାରିଖ- ୦୫।୦୮।୨୦୨୩

**ସ୍ୱା./- ମାନ୍ୟବର ଅତିରିକ୍ତ ଆୟୁକ୍ତ ଅଦାଲତ ନମ୍ବର-୩ଙ୍କ ଆଦେଶକ୍ରମେ**

D-1014

## LEGAL NOTICE

**IN THE COURT OF THE CIVIL JUDGE (S.D.), DHENKANAL**

**Intest Case No.1/2023**

Jogeswar Roul ... Petitioner

Versus

Bisika Roul, aged 40 years, W/o Jogeswar Roul, Village - Siaria, P.S.-Sadar, Dist.- Dhenkanal ... O. Ps.

**NOTICE UNDER ORDER-5 RULE-20 C.P.C.**

Take notice that the Petitioner has filed the above noted petition U/S 372 of I.S. Act for succession certificate in favour of Jogeswar Roul, aged 52 years, S/o late Sankar Roul, Village-Siaria, P.O.- Talabarkote, P.S.- Sadar, Dist.- Dhenkanal for getting the benefit of his deceased son namely Deepak Kumar Roul from the Alembic Pharmaceuticals Ltd. cash of near about Rs.30,00,000/-.

It is hereby directed that any person interested to appear as a party and to contest the petition on 2.9.2023 at 10.30 O'Clock so appear and contest the suit either as Petitioner or O.P. before the undersigned Court positively, failing which the Petition shall proceed as per law in your absence.

**Sd./- Smt. S. Satpathy**
**Civil Judge (S.D.), Dhenkanal**

D-74088


Your classified advertisement published in Dharitri will be listed free in Dharitri online edition: **dharitriepaper.in**


# ଇକୋ ସିଷ୍ଟମ ବିକଶିତକୁ ଗୁରୁତ୍ୱ




## ଦିନିକିଆ ଖାଦ୍ୟ ଓ ଆଗ୍ରୋ ସମ୍ମିଳନୀ

**ଭୁବନେଶ୍ୱର,୯।୮**

ଇଣ୍ଡିଆନଚାମ୍ବରଅଫ୍‌କମର୍ସ(ଆଇସିସି), ଷ୍ଟାର୍ଟଅପ୍ ଓଡ଼ିଶା, ଏମ୍‌ଏସ୍‌ଏମ୍‌ଇର ମିଳିତ ସହଯୋଗରେ ଖାଦ୍ୟ ଓ ଆଗ୍ରୋ ସମ୍ମିଳନୀ ବୁଧବାର ଏକ ୫ତାରକା ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସମ୍ମାନିତ ଅତିଥି ଭାବେ ଓୟୁଏଟିର କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ, ନାବାର୍ଡର ଚିଫ୍ ଜେନେରାଲ ମ୍ୟାନେଜର ଡ. ସୁଧାଂଶୁ କେ.କେ. ମିଶ୍ର ଏବଂ ଆଇସିସିର ଚିଫ୍ ମେଣ୍ଟର ଡ. ପ୍ରଦୀପ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଆଇସିସି ଓଡ଼ିଶା ପରିଷଦର ଚେୟାରମ୍ୟାନ ଜେ.ବି.ପାଣିଙ୍କ ଅଧ୍ୟକ୍ଷତାରେ ଉକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଆଇସିସି ଓଡ଼ିଶା ପରିଷଦ ଆଗ୍ରୋ ଓ ଖାଦ୍ୟ ପ୍ରକ୍ରିୟାକରଣ କମିଟିର ଆବାହକ ଶ୍ରୀରାମ ପଣ୍ଡା କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିଲେ । ବିଶେଷକରି ଓଡ଼ିଶାରେ ଷ୍ଟାର୍ଟଅପ୍‌ମାନଙ୍କୁ ସହଯୋଗ କରିବା ସହ ଖାଦ୍ୟ ଓ କୃଷି କ୍ଷେତ୍ର ପାଇଁ ଏକ ଇକୋ ସିଷ୍ଟମ ବିକଶିତ କରିବା ନିମନ୍ତେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏ ନେଇ ମଧ୍ୟ ଆଇସିସି ଓ ଓୟୁଏଟି ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା ଯାହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା କିପରି ଓୟୁଏଟି ନିଜର ଏକାଡେମିକ୍ ଓ ବୈଷୟିକ କ୍ଷେତ୍ରରେ ଉନ୍ନତି ଆଣିପାରିବା ସହ ଛାତ୍ରୀଛାତ୍ର,ଷ୍ଟାର୍ଟଅପ୍‌ମାନଙ୍କୁ ଅଧିକରୁ ଅଧିକ ପ୍ରୋତ୍ସାହିତ କରାଯାଇପାରିବ ସେ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ସେହିଭଳି ଷ୍ଟାର୍ଟଅପ୍‌ରେ ଆର୍ଥିକ, ବେପାର ବଣିଜ ଓ ମାନବ ସମ୍ବଳ କିପରି ସୁଦୃଢ଼ କରାଯାଇପାରିବ ସେ ନେଇ ମଧ୍ୟ ଅତିଥିମାନେ ବିଭିନ୍ନ ମତ ରଖିଥିଲେ। ପରିଶେଷରେ ଆଇସିସି ଓଡ଼ିଶା ପରିଷଦ ଆଗ୍ରୋ ଓ ଖାଦ୍ୟ ପ୍ରକ୍ରିୟାକରଣ କମିଟିର ସହ ଆବାହକ ସୁଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରିଲାଏନ୍ସ ଜୁଏଲ୍ସର ଆନିଭର୍ସାରି କଲେକ୍ସନ

**ଭୁବନେଶ୍ୱର,୯।୮**



ଦେଶର ପ୍ରମୁଖ ଅଳଙ୍କାର ପ୍ରତିଷ୍ଠାନ ରିଲାଏନ୍ସ ଜୁଏଲ୍ସର ଆନିଭର୍ସାରି କଲେକ୍ସନ 'ଆଭାର'ର ଉନ୍ମୋଚନ ସହ ପ୍ରତିଷ୍ଠାନର ୧୬ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହିପରିପ୍ରେକ୍ଷୀରେ ଆଭାର କଲେକ୍ସନ-୨୦୨୩ର ବଜାର ପ୍ରବେଶ ସମ୍ପର୍କରେ ଘୋଷଣା ମଧ୍ୟ କରାଯାଇଛି। ବିଶେଷକରି ଆଭାର କଲେକ୍ସନରେ ଅନେକ ଆକର୍ଷଣୀୟ ଡିଜାଇନ ଓ ଅତୁଳନୀୟ କାରିଗରିର ବ୍ୟାପକ ସମ୍ଭାର ଗ୍ରାହକଙ୍କ ପାଇଁ ଉପଲବ୍ଧ। ଏ ସମ୍ପର୍କରେ ରିଲାଏନ୍ସ ଜୁଏଲ୍ସର ସିଇଓ ସୁନୀଲ ନାୟକ କହିଛନ୍ତି, ପ୍ରତିଷ୍ଠାନର ୧୬ତମ ବାର୍ଷିକୋତ୍ସବ ପାଳନ ସହ ଆନିଭର୍ସାରି କଲେକ୍ସନ 'ଆଭାର'ର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ। ଏପରିକି ଆମେ ଏହି ଉଦ୍ୟୋଗରେ ସଫଳତାର ୧୬ବର୍ଷ ସମାପ୍ତ କରିଥିବାରୁ ଅତ୍ୟନ୍ତ ଆନନ୍ଦିତ। ଆମେ ଏହି ସଫଳତା ଆମର ମୂଲ୍ୟବାନ୍ ପୃଷ୍ଠପୋଷକ ଓ ଗ୍ରାହକଙ୍କ କାରଣରୁ ପାଇପାରିଛୁ। ଏହି ଆକର୍ଷଣୀୟ ଆଭାର କଲେକ୍ସନରେ ରହିଛି, ଉତ୍କୃଷ୍ଟ କାରିଗରି ଓ ଏହା ଆମର ଗ୍ରାହକଙ୍କ ସମ୍ପର୍କ ଓ ନିବିଡ଼ତାକୁ ପରିପ୍ରକାଶ କରିଥାଏ। ଅପରପକ୍ଷରେ ଏହି 'ଆଭାର କଲେକ୍ସନ-୨୦୨୩' ଅଭିଯାନ ୨୦୨୩ ଅଗଷ୍ଟ ୩୧ପର୍ଯ୍ୟନ୍ତ ଜାରି ରହିବ। ଉକ୍ତ ଆନିଭର୍ସାରି ଉତ୍ସବକୁ ଆହୁରି ସ୍ୱତନ୍ତ୍ର କରିବା ପାଇଁ ଆମେ ଆକର୍ଷଣୀୟ ଅଫର ଓ ରିହାତି ଗ୍ରାହକଙ୍କୁ ଯୋଗାଇ ଦେଉଛୁ। ଏହି ଅବଧି ମଧ୍ୟରେ ରିଲାଏନ୍ସ ଜୁଏଲ୍ସର ସୁନା୍‌ଗହଣାର ଗଢ଼ା ମଜୁରି ଉପରେ ଏବଂ ହୀରା ଗହଣାର ମୂଲ୍ୟ ଉପରେ ୨୫% ରିହାତ ପ୍ରଦାନ କରାଯାଉଛି। ଏହି କଲେକ୍ସନ ରିଲାଏନ୍ସର ସମସ୍ତ ଶୋ'ରୁମ୍ ଓ ଶପ୍-ଇନ୍-ଶପ୍‌ରେ ଉପଲବ୍ଧ।

# ଏପିଏସ୍‌ଇଜେଡ୍‌ର ପ୍ରଥମ ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୯।୮**

ଆଦାନୀ ପୋର୍ଟସ ଆଣ୍ଡ ସ୍ପେଶିଆଲ ଇକୋନୋମିକ୍ ଜୋନ୍ (ଏପିଏସ୍‌ଇଜେଡ୍) ଲିମିଟେଡ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଏପିଏସ୍‌ଇଜେଡ୍ ୨୦୨୩-୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ ସମ୍ପର୍କରେ ବିସ୍ତୃତ ଘୋଷଣା କରାଯାଇଛି। ବିଶେଷକରି ଉଚ୍ଚ ଆୟ ଯୋଗୁ ଚଳତି ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ (ଏପ୍ରିଲରୁ ଜୁନ୍)ରେ କମ୍ପାନୀର ସାମଗ୍ରିକ ଲାଭରେ ନେଟ୍ ୮୦%ରୁ ଅଧିକ ଅଭିବୃଦ୍ଧି ଘଟିଛି। ଫଳରେ କମ୍ପାନୀର ଲାଭ ପରବର୍ତ୍ତୀ ଟିକସ (ପିଏଟି)ର ପରିମାଣ ୨,୧୧୯ କୋଟି ଟଙ୍କାରେ ପହଞ୍ଚିଛି। ଏପରିକି ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀର ନେଟ୍ ଲାଭ ୧,୧୭୭ କୋଟି ଟଙ୍କା ଥିଲା। ଏ ସମ୍ପର୍କରେ ଏପିଏସ୍‌ଇଜେଡ୍‌ର ସିଇଓ ତଥା ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ କରନ ଆଦାନୀ କହିଛନ୍ତି, ଚଳତି ଆର୍ଥକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀ ଏଯାବତ ମଜଭୁତ କାର୍ଗୋ ପରିଚାଳନାଗତ ପ୍ରଦର୍ଶନ ସହ ସର୍ବାଧିକ ତ୍ରୈମାସିକ କାର୍ଗୋ ପରିଚାଳନା କରିଛି।


# ମନେ ପଡ଼ନ୍ତି

## ଦ୍ୱାଦଶାହ ଉପଲକ୍ଷେ




ପଧାନପାଲି, ଲୋଇସିଂହା
ଆବିର୍ଭାବ: ୦୧।୦୧।୧୯୫୬
ତିରୋଧାନ: ୩୦।୦୭।୨୦୨୩
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣାରବିନ୍ଦରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ ପଧାନ ପରିବାରବର୍ଗ ଓ ବନ୍ଧୁଜନ

ଧ-୧୦୨୦

## ଏକାଦଶାହ ଉପଲକ୍ଷେ



୰ନନ୍ଦ କିଶୋର ସାହୁ
ଆବିର୍ଭାବ: ୧୦।୦୮।୧୯୩୪
ତିରୋଧାନ: ୩୧।୭।୨୦୨୩
ବାପା, ତୁମେ ଆମମାନଙ୍କୁ ଛାଡି ଚାଲିଗଲ। ଆପଣଙ୍କ ଆଦର୍ଶକୁ ପାଥେୟ କରି ଭବିଷ୍ୟତରେ ବାଟ ଚାଲିବାକୁ ଧୈର୍ଯ୍ୟ, ସାହସ ଓ ଶକ୍ତି ଦିଅନ୍ତୁ । ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ।
ଆପଣଙ୍କର ଜ୍ୟେଷ୍ଠା କନ୍ୟା ମମତା, କନିଷ୍ଠା କନ୍ୟା ନମିତା ଓ ବୋହୂ, ନାତିନାତୁଣୀ ।

ଧ-୧୦୨୨

# ଦିନିକିଆ ବିଶ୍ୱକପ୍ ପରିବର୍ତ୍ତିତ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୫ ଅକ୍ଟୋବର | ଇଂଲଣ୍ଡ ବନାମ ନ୍ୟୁଜିଲାଣ୍ଡ | ଅହମଦାବାଦ |
| ୬ ଅକ୍ଟୋବର | ପାକିସ୍ତାନ ବନାମ ନେଦରଲାଣ୍ଡ୍ସ | ହାଇଦ୍ରାବାଦ |
| ୭ ଅକ୍ଟୋବର | ବାଂଲାଦେଶ ବନାମ ଆଫଗାନିସ୍ତାନ | ଧର୍ମଶାଳା |
| ୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ଶ୍ରୀଲଙ୍କା | ଦିଲ୍ଲୀ |
| **୮ ଅକ୍ଟୋବର** | **ଭାରତ ବନାମ ଅଷ୍ଟ୍ରେଲିଆ** | **ଚେନ୍ନାଇ** |
| ୯ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ନେଦରଲାଣ୍ଡ୍ସ | ହାଇଦ୍ରାବାଦ |
| ୧୦ ଅକ୍ଟୋବର | ଇଂଲଣ୍ଡ ବନାମ ବାଂଲାଦେଶ | ଧର୍ମଶାଳା |
| ୧୦ ଅକ୍ଟୋବର | ପାକିସ୍ତାନ ବନାମ ଶ୍ରୀଲଙ୍କା | ହାଇଦ୍ରାବାଦ |
| **୧୧ ଅକ୍ଟୋବର** | **ଭାରତ ବନାମ ଆଫଗାନିସ୍ତାନ** | **ଦିଲ୍ଲୀ** |
| ୧୨ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଦକ୍ଷିଣ ଆଫ୍ରିକା | ଲକ୍ଷ୍ନୌ |
| ୧୩ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ବାଂଲାଦେଶ | ଚେନ୍ନାଇ |
| **୧୪ ଅକ୍ଟୋବର** | **ଭାରତ ବନାମ ପାକିସ୍ତାନ** | **ଅହମଦାବାଦ** |
| ୧୫ ଅକ୍ଟୋବର | ଇଂଲଣ୍ଡ ବନାମ ଆଫଗାନିସ୍ତାନ | ଦିଲ୍ଲୀ |
| ୧୬ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| ୧୭ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ନେଦରଲାଣ୍ଡ୍ସ | ଧର୍ମଶାଳା |
| ୧୮ ଅକ୍ଟୋବର | ନ୍ୟୁଜିଲାଣ୍ଡ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| **୧୯ ଅକ୍ଟୋବର** | **ଭାରତ ବନାମ ବାଂଲାଦେଶ** | **ପୁଣେ** |
| ୨୦ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| ୨୧ ଅକ୍ଟୋବର | ଇଂଲଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ମୁମ୍ବାଇ |
| ୨୧ ଅକ୍ଟୋବର | ନେଦରଲାଣ୍ଡ୍ସ ବନାମ ଶ୍ରୀଲଙ୍କା | ଲକ୍ଷ୍ନୌ |
| **୨୨ ଅକ୍ଟୋବର** | **ଭାରତ ବନାମ ନ୍ୟୁଜିଲାଣ୍ଡ** | **ଧର୍ମଶାଳା** |
| ୨୩ ଅକ୍ଟୋବର | ପାକିସ୍ତାନ ବନାମ ଆଫଗାନିସ୍ତାନ | ଚେନ୍ନାଇ |
| ୨୪ ଅକ୍ଟୋବର | ଦକ୍ଷିଣ ଆଫ୍ରିକା ବନାମ ବାଂଲାଦେଶ | ମୁମ୍ବାଇ |
| ୨୫ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନେଦରଲାଣ୍ଡ୍ସ | ଦିଲ୍ଲୀ |
| ୨୬ ଅକ୍ଟୋବର | ଇଂଲଣ୍ଡ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୨୭ ଅକ୍ଟୋବର | ପାକିସ୍ତାନ ବନାମ ଦକ୍ଷିଣ ଆଫ୍ରିକା | ଚେନ୍ନାଇ |
| ୨୮ ଅକ୍ଟୋବର | ନେଦରଲାଣ୍ଡ୍ସ ବନାମ ବାଂଲାଦେଶ | କୋଲକାତା |
| ୨୮ ଅକ୍ଟୋବର | ଅଷ୍ଟ୍ରେଲିଆ ବନାମ ନ୍ୟୁଜିଲାଣ୍ଡ | ଧର୍ମଶାଳା |
| **୨୯ ଅକ୍ଟୋବର** | **ଭାରତ ବନାମ ଇଂଲଣ୍ଡ** | **ଲକ୍ଷ୍ନୌ** |
| ୩୦ ଅକ୍ଟୋବର | ଆଫଗାନିସ୍ତାନ ବନାମ ଶ୍ରୀଲଙ୍କା | ପୁଣେ |
| ୩୧ ଅକ୍ଟୋବର | ପାକିସ୍ତାନ ବନାମ ବାଂଲାଦେଶ | କୋଲକାତା |
| ୧ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଦକ୍ଷିଣ ଆଫ୍ରିକା | ପୁଣେ |
| **୨ ନଭେମ୍ବର** | **ଭାରତ ବନାମ ଶ୍ରୀଲଙ୍କା** | **ମୁମ୍ବାଇ** |
| ୩ ନଭେମ୍ବର | ନେଦରଲାଣ୍ଡ୍ସ ବନାମ ଆଫଗାନିସ୍ତାନ | ଲକ୍ଷ୍ନୌ |
| ୪ ନଭେମ୍ବର | ଇଂଲଣ୍ଡ ବନାମ ଅଷ୍ଟ୍ରେଲିଆ | ଅହମଦାବାଦ |
| ୪ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ପାକିସ୍ତାନ | ବେଙ୍ଗାଲୁରୁ |
| **୫ ନଭେମ୍ବର** | **ଭାରତ ବନାମ ଦକ୍ଷିଣ ଆଫ୍ରିକା** | **କୋଲକାତା** |
| ୬ ନଭେମ୍ବର | ବାଂଲାଦେଶ ବନାମ ଶ୍ରୀଲଙ୍କା | ଦିଲ୍ଲୀ |
| ୭ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ଆଫଗାନିସ୍ତାନ | ମୁମ୍ବାଇ |
| ୮ ନଭେମ୍ବର | ଇଂଲଣ୍ଡ ବନାମ ନେଦରଲାଣ୍ଡ୍ସ | ପୁଣେ |
| ୯ ନଭେମ୍ବର | ନ୍ୟୁଜିଲାଣ୍ଡ ବନାମ ଶ୍ରୀଲଙ୍କା | ବେଙ୍ଗାଲୁରୁ |
| ୧୦ ନଭେମ୍ବର | ଦକ୍ଷିଣ ଆଫ୍ରିକା ବନାମ ଆଫଗାନିସ୍ତାନ | ଅହମଦାବାଦ |
| ୧୧ ନଭେମ୍ବର | ଇଂଲଣ୍ଡ ବନାମ ପାକିସ୍ତାନ | କୋଲକାତା |
| ୧୧ ନଭେମ୍ବର | ଅଷ୍ଟ୍ରେଲିଆ ବନାମ ବାଂଲାଦେଶ | ପୁଣେ |
| **୧୨ ନଭେମ୍ବର** | **ଭାରତ ବନାମ ନେଦରଲାଣ୍ଡ୍ସ** | **ବେଙ୍ଗାଲୁରୁ** |
| ୧୫ ନଭେମ୍ବର | ସେମି ଫାଇନାଲ-୧ | ମୁମ୍ବାଇ |
| ୧୬ ନଭେମ୍ବର | ସେମି ଫାଇନାଲ-୨ | କୋଲକାତା |
| ୧୯ ନଭେମ୍ବର | ଫାଇନାଲ | ଅହମଦାବାଦ |

# ଭାରତଠାରୁ ହାରି ପାକିସ୍ତାନ ବିଦା

ଚେନ୍ନାଇ, ୯।୮

ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିର ଲିଗ୍ ପର୍ଯ୍ୟାୟ ବୁଧବାର ଶେଷ ହୋଇଛି। ଅନ୍ତିମ ଲିଗ୍ ମ୍ୟାଚରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ୪-୦ ଗୋଲରେ ଭାରତ ପରାସ୍ତ କରିଛି। ମ୍ୟାଚରେ ଭାରତ ସମ୍ପୂର୍ଣ୍ଣ ଅଧିପତ୍ୟ ବିସ୍ତାର କରି ଖେଳିଥିଲା। ଅଧିନାୟକ ହରମନପ୍ରୀତ ସିଂ ୧୫ ଓ ୨୩ ମିନିଟରେ ୨ଟି ଏବଂ ଯୁଗରାଜ ସିଂ ୩୬ ଓ ଆକାଶଦୀପ ସିଂ ୫୫ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ପରାଜୟ ଫଳରେ ୩ ଥର ଚାମ୍ପିୟନ ପାକିସ୍ତାନ ଏଥର ଲିଗ୍ ପର୍ଯ୍ୟାୟରୁ ବିଦା ହୋଇଛି।

## ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

ଭାରତ ସମେତ ମାଲେସିଆ, ଦକ୍ଷିଣ କୋରିଆ ଓ ଜାପାନ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଚାଇନାର ଅଭିଯାନ ମଧ୍ୟ ଲିଗ୍ ପର୍ଯ୍ୟାୟରୁ ଶେଷ ହୋଇଛି। ୫ ମ୍ୟାଚରୁ ଭାରତ ୪ ବିଜୟ ଓ ୧ ଡ୍ର ସହ ୧୩ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ମାଲେସିଆ ୫ ମ୍ୟାଚରୁ ୧୨ ଏବଂ ଦକ୍ଷିଣ କୋରିଆ ଓ ଜାପାନ ସମାନ ସଂଖ୍ୟକ ମ୍ୟାଚ ଖେଳି ୫ ପଏଣ୍ଟ ଲେଖାଏ ପାଇଛନ୍ତି। ଫଳରେ ମାଲେସିଆ ଦ୍ୱିତୀୟ, କୋରିଆ ତୃତୀୟ ଓ ଜାପାନ ୪ର୍ଥ ସ୍ଥାନ ଅଧିକାର କରିଛି। ପାକିସ୍ତାନ ୫ ମ୍ୟାଚରୁ ୧ ବିଜୟ, ୨ ପରାଜୟ ଓ ୨ ଡ୍ର ସହ ୫ ପଏଣ୍ଟ ପାଇଥିଲେ ମଧ୍ୟ ଗୋଲ ବ୍ୟବଧାନରେ ପଛରେ ପଡ଼ି ଯାଇଛି। ଟୁର୍ନାମେଣ୍ଟ କାର୍ଯ୍ୟସୂଚୀ ଅନୁସାରେ ୧୧ ତାରିଖରେ ହେବାକୁଥିବା ସେମିଫାଇନାଲରେ ଭାରତର ପ୍ରତିଦ୍ୱନ୍ଦ୍ୱୀ ହେଉଛି ଜାପାନ। ସେହିଦିନ ମାଲେସିଆ ଓ କୋରିଆ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

## ମାଲେସିଆ ବିଜୟୀ

ଅନ୍ୟ ଏକ ସଂଘର୍ଷପୂର୍ଣ୍ଣ ଲିଗ୍ ମ୍ୟାଚରେ ମାଲେସିଆ ୧-୦ ଗୋଲରେ ଦକ୍ଷିଣ କୋରିଆକୁ ପରାସ୍ତ କରିଥିଲା। ମାଲେସିଆର ଅଜରାଇ ଅବୁକମଲ ୨୨ତମ ମିନିଟରେ ଦେଇଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ପ୍ରଥମ କ୍ୱାର୍ଟରରେ ଉଭୟ ଦଳ ସ୍ଲୋ ଖେଳିଥିଲେ। ଫଳରେ ଗୋଲ ହୋଇ ନ ଥିଲା। ଦ୍ୱିତୀୟ କ୍ୱାର୍ଟରରେ ଅଜରାଇ ଫିଲ୍ଡ ଗୋଲ ଦେଇଥିବାବେଳେ ପରବର୍ତ୍ତୀ ୨ କ୍ୱାର୍ଟର ମଧ୍ୟ ଗୋଲଶୂନ୍ୟ ରହିଥିଲା।

ଅନ୍ୟଏକ ମ୍ୟାଚରେ ଜାପାନ ୨-୧ ଗୋଲରେ ଚାଇନାକୁ ପରାସ୍ତ କରିଛି। ୫ ମ୍ୟାଚରୁ ଏହି ଦଳ ୧ ବିଜୟ ଓ ୨ ଡ୍ର ସହ ୫ ପଏଣ୍ଟ ପାଇଛି। ତୀବ୍ର ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚର ପ୍ରଥମ କ୍ୱାର୍ଟରରେ ଅର୍ଥାତ୍ ୮ମ ମିନିଟରେ ପେନାଲ୍ଟି କର୍ନରରୁ ପ୍ରଥମ ଗୋଲଟି ଦେଇଥିଲେ ଜାପାନର ୟାମାଦା ଶୋଟା। ଦ୍ୱିତୀୟ କ୍ୱାର୍ଟର ଗୋଲଶୂନ୍ୟ ରହିବାରୁ ପ୍ରଥମାର୍ଦ୍ଧ ଶେଷ ବେଳକୁ ଜାପାନ ୧-୦ ଗୋଲରେ ଅଗ୍ରଣୀ ରହିଥିଲା। ତୃତୀୟ କ୍ୱାର୍ଟରରେ ଆକ୍ରମଣ ପ୍ରତିଆକ୍ରମଣ ଜାରି ରହିଥିଲେ ହେଁ ଗୋଲ ହୋଇ ନ ଥିଲା। ଫଳରେ ଅନ୍ତିମ କ୍ୱାର୍ଟରରେ ଆକ୍ରମଣକୁ ଉଭୟ ଦଳ ଜୋରଦାର କରିଥିଲେ। ୫୪ତମ ମିନିଟରେ ଫୁକୁଦା କେଣ୍ଟାରୋ ପେନାଲ୍ଟି କର୍ନରରୁ ଏକ ଗୋଲ ଦେଇ ଜାପାନର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ୫୭ତମ ମିନିଟରେ ଚାଇନାକୁ ଏକ ପେନାଲ୍ଟି କର୍ନର ମିଳିଥିଲା।

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ଡ୍ର | ପରାଜୟ | ସ.ଗୋଲ | ବି.ଗୋଲ | ବ୍ୟବଧାନ | ପଏଣ୍ଟ |
|---|---|---|---|---|---|---|---|---|
| ଭାରତ | ୫ | ୪ | ୧ | ୦ | ୨୦ | ୫ | +୧୫ | ୧୩ |
| ମାଲେସିଆ | ୫ | ୪ | ୦ | ୧ | ୧୨ | ୮ | +୪ | ୧୨ |
| ଦ.କୋରିଆ | ୫ | ୧ | ୨ | ୨ | ୬ | ୭ | -୧ | ୫ |
| ଜାପାନ | ୫ | ୧ | ୨ | ୨ | ୮ | ୧୦ | -୨ | ୫ |
| ପାକିସ୍ତାନ | ୫ | ୧ | ୨ | ୨ | ୭ | ୧୨ | -୫ | ୫ |
| ଚାଇନା | ୫ | ୦ | ୧ | ୪ | ୬ | ୧୭ | -୧୧ | ୧ |



ପାକିସ୍ତାନ ବିପକ୍ଷରେ ଗୋଲ ସ୍କୋର କରିବାପରେ ଭାରତ ଅଧିନାୟକ ହରମନପ୍ରୀତ ସିଂଙ୍କୁ ସାଥୀ ଖେଳାଳି ବଧେଇ ଜଣାଉଛନ୍ତି।

# ସରକାରୀ ହସ୍ତକ୍ଷେପ ଲୋଡ଼ିଲେ ଆର୍ମି ଆଥ୍‌ଲେଟ

ନୂଆଦିଲ୍ଲୀ,୯।୮ (ପି.ଟି.)

ଏସିଆନ ଗେମ୍ସର ପ୍ରସ୍ତୁତି ପାଇଁ ଅର୍ଥ ବାଧକ ସାଜିଥିବାରୁ କେନ୍ଦ୍ର ସରକାରଙ୍କ କ୍ରୀଡା ଓ ଯୁବବ୍ୟାପାର ମନ୍ତ୍ରଣାଳୟର ଦ୍ୱାରସ୍ଥ ହୋଇଛନ୍ତି ଦୁଇ ଜଣ ଆଥ୍‌ଲେଟ। ଭାରତୀୟ ସେନାରେ କାର୍ଯ୍ୟରତ ମେଜର ଅପୂର୍ବ ଦଭାଡେ ଓ ଦଫାଦାର ବିକାଶ କୁମାର ବୁଧବାର କ୍ରୀଡା ମନ୍ତ୍ରଣାଳୟ ଓ ଜାତୀୟ ଫେଡେରେଶନର ହସ୍ତକ୍ଷେପ ପାଇଁ ଦାବି କରିଛନ୍ତି। ଉଭୟ ଖେଳାଳି ଇଭେଣ୍ଟିଂ ବା ଅଶ୍ୱଚାଳନାରେ ଅଂଶଗ୍ରହଣ କରିଥାନ୍ତି। ଉଭୟ ଖେଳାଳି ଫ୍ରାନ୍ସରେ ଜାତୀୟ କୋଚ୍ ରୋଡୋଲ୍ଫ ଶ୍ଚେରରଙ୍କ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରୁଥିଲେ। ହାଙ୍ଗଝୌ ଏସିଆନ ଗେମ୍ସ

## ଏସିଆନ ଗେମ୍ସ ଅଭ୍ୟାସ ପାଇଁ ଅର୍ଥାଭାବ

ପାଇଁ ଜୁନ୍ ୧୫ରୁ ଉଭୟ ଫ୍ରାନ୍ସରେ ରହି ପ୍ରଶିକ୍ଷଣ ନେଉଛନ୍ତି। ତେବେ ଇକ୍ୱେଷ୍ଟ୍ରିଆନ୍ ଫେଡେରେଶନ୍ ଅଫ୍ ଇଣ୍ଡିଆ (ଇଏଫ୍‌ଆଇ) ପକ୍ଷରୁ ରୋଡୋଲ୍ଫଙ୍କ ବେତନ ଦିଆଯାଇ ନ ଥିବାରୁ ଏମାନଙ୍କ ପ୍ରଶିକ୍ଷଣ ବନ୍ଦ ରହିଛି। ଅନ୍ୟ ଦୁଇ ଖେଳାଳି ଆଶିଷ ଲିମାୟେ ଓ ରାଜୁ ସିଂ ବ୍ୟକ୍ତିଗତ ସ୍ପନଶରଶିପ୍‌ରେ ଥିବାରୁ ରୋଡୋଲ୍ଫ ସେମାନଙ୍କ ପ୍ରଶିକ୍ଷଣ ଜାରି ରଖିଛନ୍ତି।

ମେଜର ଅପୂର୍ବ ଏ ନେଇ କେନ୍ଦ୍ର ସରକାର, ସାଇ ଓ ଇଏଫ୍‌ଆଇ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛନ୍ତି। କ୍ରୀଡା ମନ୍ତ୍ରାଳୟର ଉଦ୍ୟମ କାରଣରୁ ହିଁ ଏହି କୋଚିଂ କ୍ୟାମ୍ପ ସମ୍ଭବ ହୋଇଥିଲା। ମାତ୍ର ଅର୍ଥାଭାବ କାରଣରୁ ଜୁଲାଇ ୩୦ ପରଠାରୁ ଆମର ପ୍ରଶିକ୍ଷଣ ବନ୍ଦ ରହିଛି। ଟ୍ରେନିଂ ବନ୍ଦ ରହିଲେ ଏହା ଆମର ପ୍ରଦର୍ଶନକୁ ନିଶ୍ଚିତ ଭାବରେ ପ୍ରଭାବିତ କରିବ। ଏସିଆନ୍ ଗେମ୍ସକୁ ଆଉ ମାତ୍ର ମାସେ ସମୟ ରହିଥିବାରୁ ସରକାର ତୁରନ୍ତ ଏହି ମାମଲାରେ ହସ୍ତକ୍ଷେପ କରିବା ପାଇଁ ଚିଠିରେ ଉଲ୍ଲେଖ କରାଯାଇଛି। ଇଏଫ୍‌ଆଇ ମହାସଚିବ କଲୋନେଲ ଜସବୀର ସିଂ ସମାନ ଘଟଣାକୁ ସ୍ୱୀକାର କରିଛନ୍ତି। କେନ୍ଦ୍ର ସରକାରଙ୍କ ସହାୟତାରେ ଦୁଇମାସିଆ କ୍ୟାମ୍ପ ଆୟୋଜିତ ହୋଇଥିଲା।

# କାଉଣ୍ଟିରେ ପୃଥ୍ୱୀ ଶ'ଙ୍କ ଦ୍ୱିଶତକ

ନର୍ଥହାମ୍ପଟନ୍,୯।୮ (ପି.ଟି.)

ଭାରତୀୟ ଦଳରୁ ଦୂରରେ ଥିବା ଓପନର ପୃଥ୍ୱୀ ଶ କାଉଣ୍ଟିରେ ଦ୍ୱିଶତକ ହାସଲ କରିଛନ୍ତି। ବୁଧବାର ଇଂଲଣ୍ଡର ୱାନ୍ ଡେ କପ୍‌ରେ ନର୍ଥହାମ୍ପଟନଶାୟର ପକ୍ଷରୁ ଖେଳୁଥିବା ଶ' ୧୫୩ ବଲ୍ ଖେଳି ୨୪୪ ରନ୍ ସ୍କୋର କରିଛନ୍ତି। ଲିଷ୍ଟ ଏରେ ଏହା ପୃଥ୍ୱୀଙ୍କର ସର୍ବାଧିକ ସ୍କୋର ଅଟେ। ଏହି ଇନିଂସରେ ୨୮ ଚୌକା ଓ ୧୧ ଛକା ସାମିଲ ଥିଲା। ୨୦୨୦-୨୧ରେ ପୃଥ୍ୱୀ ବିଜୟ ହଜାରେ ଟ୍ରଫି ସେମିରେ ଶେଷ ଥର ପାଇଁ ଶତକ ହାସଲ କରିଥିଲେ। ନର୍ଥହାମ୍ପଟନଶାୟର ପାଇଁ ତୃତୀୟ ମ୍ୟାଚ୍ ଖେଳୁଥିବା ପୃଥ୍ୱୀ ୮୧ ବଲ୍‌ରେ ନିଜର ଶତକ ପୂରଣ କରିଥିଲେ। ପରେ ରନ୍‌ଗତି ବଢାଇବା ସହିତ ୧୨୯ ବଲ୍‌ରେ ଦ୍ୱିଶତକ ପୂରଣ କରିଥିଲେ। ୨୩ ବର୍ଷୀୟ ପୃଥ୍ୱୀଙ୍କର ଲିଷ୍ଟ ଏରେ ଏହା ଦ୍ୱିତୀୟ ଦ୍ୱିଶତକ। ଏହା ପୂର୍ବରୁ ପୁଡୁଚେରୀ ବିପକ୍ଷରେ ସେ ୨୨୭ ରନ୍‌ର ଇନିଂସ ଖେଳିଥିଲେ।



ଦ୍ୱିଶତକ ହାସଲପରେ ପୃଥ୍ୱୀ ଶ'।

# ଗୋକୁଲମ୍ କେରଳର ସହଜ ବିଜୟ

**କୋଲକାତା,୯।୮ (ପି.ଟି.):** ଏସିଆର ସର୍ବପୁରାତନ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଗୋକୁଲମ୍ କେରଳ ଏଫ୍‌ସିର ସହଜ ବିଜୟ। କିଶୋର ଭାରତୀ କ୍ରୀଡାଙ୍ଗନରେ ଅନୁଷ୍ଠିତ ମ୍ୟାଚରେ ବୁଧବାର ଇଣ୍ଡିଆନ ଏୟାର ଫୋର୍ସ ବିପକ୍ଷରେ ଦଳ ୨-୦ରେ ବିଜୟୀ ହୋଇଛି। ଗ୍ରୁପ୍ ସିର ମ୍ୟାଚ୍‌ରେ ଗୋକୁଲମ୍ ପକ୍ଷରୁ ସୌରଭ ଓ ଶ୍ରୀକୁଟ୍ଟନ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

ମ୍ୟାଚ୍‌ର ୨୦ ତମ ମିନିଟରେ ସୌରଭ ଦଳ ପକ୍ଷରୁ ପ୍ରଥମ ଗୋଲ ସ୍କୋର କରିଥିଲେ। ପ୍ରଥମାର୍ଦ୍ଧରେ ୧-୦ରେ ଆଗୁଆ ରହିବା ପରେ ଦ୍ୱିତୀୟାର୍ଦ୍ଧରେ ଶ୍ରୀକୁଟ୍ଟନ ଗୋଲ୍ ସ୍କୋର କରିଥିଲେ। ଆଲେକ୍ସ ସାଞ୍ଚେଜ୍‌ଙ୍କ ପାସ୍‌କୁ ଗୋଲ୍‌ରେ ପରିଣତ କରି ଗୋକୁଲମ୍ କେରଳକୁ ୨-୦ରେ ବିଜୟୀ କରିଥିଲେ ଶ୍ରୀକୁଟ୍ଟନ୍।

# ଭାରତର ପ୍ରଥମ ଅଲିମ୍ପିକ୍ସ ସ୍ୱର୍ଣ୍ଣ ବିଜୟକୁ ୭୫ ବର୍ଷ

କୋଝିକୋଡ଼େ, ୯।୮

ସ୍ୱାଧୀନ ହେବାପରେ ଭାରତୀୟ ପୁରୁଷ ହକି ଦଳ ୧୯୪୮ରେ ପ୍ରଥମଥରପାଇଁ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା। ଭାରତୀୟ କ୍ରୀଡ଼ାରେ ଏହା ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଥିଲା। ଫାଇନାଲରେ ଭାରତ ୪-୦ ଗୋଲରେ ଗ୍ରେଟ୍ ବ୍ରିଟେନକୁ ପରାସ୍ତ କରିଥିଲା। ସ୍ୱାଧୀନ ଭାରତର ଏହାଥିଲା ପ୍ରଥମ ଅଲିମ୍ପିକ୍ସ ସ୍ୱର୍ଣ୍ଣ। ଏହାକୁ ଏବେ ୭୫ ବର୍ଷ ପୂରଣ ହୋଇଛି। ଏହି ଅବସରରେ ୧୯୪୮ ହକି ଦଳର କିମ୍ବଦନ୍ତୀ ଖେଳାଳିମାନଙ୍କୁ ସମ୍ମାନ ଜଣାଇ କେରଳର କାଲିକଟସ୍ଥିତ ମାଲବାର କ୍ରିଷ୍ଟିଆନ କଲେଜର ଇତିହାସ ବିଭାଗ ମୁଖ୍ୟ ଡ. ବଶିଷ୍ଟ ଏବଂ ତାଙ୍କ ଛାତ୍ରୀ ଅକ୍ଷୟା ଏକ ବ୍ୟାନର ପ୍ରସ୍ତୁତ କରିଛନ୍ତି। "ଭାରତୀୟ ହିରୋଙ୍କ ସମ୍ମାନ ଉଦ୍ଦେଶ୍ୟରେ ଆମେ ଏହି ବ୍ୟାନର ପ୍ରସ୍ତୁତ କରିଛୁ" ବୋଲି ବଶିଷ୍ଟ ପ୍ରକାଶ କରିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଆର୍ଜେଣ୍ଟିନା, ଅଷ୍ଟ୍ରିଆ ଓ ସ୍ପେନ୍ ସହିତ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିବା ଭାରତ ୩ ମ୍ୟାଚରୁ ୩ ବିଜୟ ସହ ଟେବୁଲରେ ଶୀର୍ଷସ୍ଥାନ ଅଧିକାର କରିଥିଲା। ସେମିଫାଇନାଲରେ ଦଳ ନେଦରଲାଣ୍ଡ୍ସକୁ ୨-୧ରେ ହରାଇଥିବାବେଳେ ଫାଇନାଲରେ ବ୍ରିଟେନକୁ ପରାଜୟ ସ୍ୱାଦ ଚଖାଇଥିଲା। ସ୍ୱର୍ଣ୍ଣ ପଦକ ମ୍ୟାଚରେ ଭାରତ ପକ୍ଷରୁ ବଲବୀର ସିଂ ସିନିୟର ୩ ଓ ୫୫ତମ ମିନିଟରେ ୨ଟି ଏବଂ ପ୍ୟାଟ୍ରିକ ଆଣ୍ଟୋନୀ ଜାନସେନ ୧୦ ଓ ତର୍ଲୋଚନ ସିଂ ବାୱା ୬୬ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ।




ଛାତ୍ରୀ ଅକ୍ଷୟାଙ୍କ ସହ ବଶିଷ୍ଟ ବ୍ୟାନର ପ୍ରଦର୍ଶନ କରୁଛନ୍ତି।

# ଭାରତୀୟ ଶଟ୍‌ଗନ ଶୁଟରଙ୍କୁ ଆର୍ଥିକ କ୍ଷତି

ନୂଆଦିଲ୍ଲୀ,୯।୮ (ପି.ଟି.)

ଭାରତୀୟ ଶଟ୍‌ଗନ୍ ଶୁଟରଙ୍କୁ ବିପୁଳ ପରିମାଣରେ ଆର୍ଥିକ କ୍ଷତି ପହଞ୍ଚାଇପାରେ ୟୁରୋପିଆନ୍ ୟୁନିୟନ୍‌ର ନିଷ୍ପତ୍ତି। ଶୁଟିଂରେ ବ୍ୟବହୃତ ହେଉଥିବା ସୀସା ବ୍ୟବହାର ଉପରେ କଟକଣା ଲାଗୁ କରିବା ପାଇଁ ୟୁରୋପିଆନ୍ ୟୁନିୟନ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଶଟ୍‌ଗନ ଶୁଟରମାନଙ୍କୁ ସେମାନଙ୍କ ଶଟ୍‌ଗନ୍‌ର ବ୍ୟାରେଲ୍ ବଦଳାଇବାକୁ ପଡିପାରେ କିମ୍ବା ନୂତନ ବନ୍ଧୁକ କିଣିବାକୁ ପଡିପାରେ। ଉଭୟ ବ୍ୟବସ୍ଥା ବେଶ୍ ମହଙ୍ଗା ହୋଇଥିବାରୁ ଏହା ଭାରତୀୟ ଶୁଟରମାନଙ୍କୁ ଆର୍ଥିକ କ୍ଷତି ପହଞ୍ଚାଇବ। ୟୁରୋପିଆନ୍ ବ୍ରାଣ୍ଡର ଗୋଟିଏ ଟ୍ରାପ୍ ଅଥବା ସ୍କିଟ୍ ବନ୍ଧୁକର ମୂଲ୍ୟ ଭାରତୀୟ ମୁଦ୍ରାରେ ୯ ଲକ୍ଷ ଟଙ୍କା ପଡିଥାଏ। ଅନ୍ୟପକ୍ଷରେ ଜଣେ ଅନ୍ତର୍ଜାତୀୟ ଶୁଟରଙ୍କୁ ନିଜ ସାଥୀରେ ଅନ୍ୟୁନ ଦୁଇଟି ବନ୍ଧୁକ ରଖିବାକୁ ପଡିଥାଏ।

ଅନ୍ତର୍ଜାତୀୟ ଶୁଟିଂ ସ୍ପୋର୍ଟ ଫେଡେରେଶନ (ଆଇଏସ୍‌ଏସ୍‌ଏଫ୍) ମଧ୍ୟ ୟୁରୋପିଆନ୍ ୟୁନିୟନ୍‌ର ଏହି ପ୍ରସ୍ତାବକୁ ଗୁରୁତ୍ୱର ସହ ବିଚାର କରୁଛି। ଲିଡ୍ ବା ସୀସାର ବ୍ୟବହାର ଦ୍ୱାରା ପରିବେଶ ଉପରେ ଖରାପ ପ୍ରଭାବ ପଡିଥାଏ। ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସ କିମ୍ବା ଏହା ପୂର୍ବରୁ ଏହି ନୂତନ ନିୟମ ଲାଗୁ ହୋଇପାରେ। ଏ ସମ୍ପର୍କରେ ଆଇଏସ୍‌ଏସ୍‌ଏଫ୍ ପକ୍ଷରୁ କୌଣସି ନିଷ୍ପତ୍ତି ଚୂଡାନ୍ତ ହୋଇ ନ ଥିବା ବେଳେ କିଛି ପୂର୍ବତନ ଶୁଟର ଏହା ସପକ୍ଷରେ ମତ ଦେଇଛନ୍ତି। ରାଜ୍ୟଗୋଷ୍ଠୀ ଟ୍ରାପ୍ ଶୁଟର ସ୍ୱର୍ଣ୍ଣ ପଦକ ବିଜେତା ମନଶେର ସିଂ ଓ ଏସିଆନ୍ ଗେମ୍ସ ଡବଲ୍ ଟ୍ରାପ୍ ଚାମ୍ପିୟନ ରଞ୍ଜନ ସୋଧୀ ସୀସା ବଦଳରେ ଷ୍ଟିଲ ପେଲେଟ ବ୍ୟବହାର ଉପରେ ଗୁରୁତ୍ୱ ଦେଇଛନ୍ତି। ଭାରତୀୟ ଶୁଟରମାନେ ଏଣିକି ସୀସା ବଦଳରେ ଷ୍ଟିଲ ପେଲେଟ୍‌ରେ ଅଭ୍ୟାସ ଆରମ୍ଭ କରିବା ଉଚିତ। ଏହି ବିବାଦୀୟ ଘଟଣା ଉପରେ ୟୁରୋପିଆନ୍ ୟୁନିୟନ ସଦସ୍ୟମାନେ ଭୋଟ କରିବାକୁ ଯାଉଥିବା ନେଇ ଆଇଏସଏସ୍‌ଏଫ୍ ପକ୍ଷରୁ ପ୍ରକାଶ ପାଇଥିଲା। ତେବେ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ପରିବର୍ତ୍ତେ ଧୀରେ ଧୀରେ ଏ ଦିଗରେ ପାଦ ବଢାଇବା ପାଇଁ ଆଇଏସ୍‌ଏସ୍‌ଏଫ୍ ପକ୍ଷରୁ ମତ ପ୍ରକାଶ ପାଇଛି।

ଶଟ୍ ଗନ୍ ଶୁଟିଂରେ ଭାରତ କିଛି ବିଶ୍ୱସ୍ତରୀୟ ଶୁଟରଙ୍କୁ ପାଇଛି। ଅଲିମ୍ପିକ୍ସ ପଦକ ବିଜେତା ରାଜ୍ୟବର୍ଦ୍ଧନ ସିଂ ରାଠୋର, ମାନବଜିତ ସିଂ, ମନଶେର ସିଂ, ରଞ୍ଜନ ସୋଧୀ,ଅଙ୍କୁର ମିତ୍ତଲ ଓ ମୈରାଜ ଅହମଦ ଖାନ ଏମାନଙ୍କ ମଧ୍ୟରୁ ଅନ୍ୟତମ। ଅଧିକାଂଶ ଶଟ୍‌ଗନ୍ ୟୁରୋପରେ ପ୍ରସ୍ତୁତ ହୋଇଥାଏ। ତେଣୁ ଭାରତୀୟ ଶୁଟରମାନଙ୍କୁ ବନ୍ଧୁକ ଅଥବା ଏହାର ବ୍ୟାରେଲ ବଦଳାଇବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବାକୁ ଥିବାବେଳେ ସେମାନେ ଆଗୁଆ ଏହି ବ୍ୟବସ୍ଥାକୁ ଆପଣେଇବା ଉଚିତ ବୋଲି ପୂର୍ବତନ ଶୁଟରମାନେ କହିଛନ୍ତି।



**କୋଲକାତା:** ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟରେ ବୁଧବାର ଗୋକୁଲମ୍ କେରଳ ଓ ଇଣ୍ଡିଆନ ଏୟାର ଫୋର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

କେନ୍ଦୁଝର, ୯।୮
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝରର ଧରଣୀଧର ଇଣ୍ଡୋର ଷ୍ଟାଡିୟମଠାରେ ବୁଧବାର ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ହୋଇଯାଇଛି। କେନ୍ଦୁଝର ଜିଲ୍ଲାପାଳ ଆଶିଷ ଠାକ୍‌ରେ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଯୋଗଦେଇ କ୍ରୀଡା ପତାକାକୁ ଉତ୍ତୋଳନ କରିଥିଲେ। ବାଲେଶ୍ୱର, ବଲାଙ୍ଗୀର, ରାଉରକେଲା, ରାୟଗଡା, ବ୍ରହ୍ମପୁର, ଝାରସୁଗୁଡା, କଟକ ଓ ଭୁବନେଶ୍ୱରର ୮ଟି ଜୋନ୍‌ରୁ ୧୫୦ରୁ ଉର୍ଦ୍ଧ୍ୱ ବାଳିକା, ବାଳକ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୧୪ ବର୍ଷରୁ କମ,୧୭ ବର୍ଷରୁ କମ ଏବଂ ୧୯ ବର୍ଷରୁ କମ ୩ଟି ବର୍ଗରେ ଉଭୟ ସିଙ୍ଗଲ ଓ ଡବଲ୍ସ ଇଭେଣ୍ଟରେ ପ୍ରତିଯୋଗୀ ମାନେ ଭାଗ ନେଇଥିଲେ। ୧୪ ବର୍ଷରୁ କମ ବାଳକ ବର୍ଗରେ ଭୁବନେଶ୍ୱର ଜୋନ ଚାମ୍ପିୟନ ଓ ଝାରସୁଗୁଡା ରନର୍ସଅପ ହୋଇଥିଲା। ୧୪ ବର୍ଷରୁ କମ ବାଳିକା ବର୍ଗରେ ଭୁବନେଶ୍ୱର ଜୋନ ଚାମ୍ପିୟନ ଓ ରାଉରକେଲା ଜୋନ ରନର୍ସଅପ ଆଖ୍ୟା ଅର୍ଜନ କରିଥିଲା। ୧୭ ବର୍ଷରୁ କମ ବାଳକ ବର୍ଗରେ କଟକ ଜୋନ ଚାମ୍ପିୟନ ଓ ରାଉରକେଲା ଜୋନ ରନର୍ସଅପ ହୋଇଥିଲା। ୧୭ ବର୍ଷରୁ କମ ବାଳିକା ବର୍ଗରେ ଭୁବନେଶ୍ୱର ଜୋନ ଚାମ୍ପିୟନ ଓ ରାୟଗଡା ଜୋନ ରନର୍ସ ଅପ୍,୧୯ ବର୍ଷରୁ କମ ବାଳକ ବର୍ଗରେ ରାଉରକେଲା ଜୋନ ଚାମ୍ପିୟନ ଓ ଝାରସୁଗୁଡା ଜୋନ ରନର୍ସଅପ, ୧୯ ବର୍ଷରୁ କମ ବାଳିକା ବର୍ଗରେ ରାଉରକେଲା ଜୋନ ଚାମ୍ପିୟନ ଓ ଝାରସୁଗୁଡା ଜୋନ ରନର୍ସ ଅପ୍ ପୁରସ୍କାର ହାସଲ କରିଥିଲେ। କେନ୍ଦୁଝରଗଡ ପୌରପାଳିକା ଅଧ୍ୟକ୍ଷ ନିକୁ ସାହୁ ଉଦ୍‌ଯାପନୀ ଉତ୍ସବରେ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# ବଲିଉଡ୍ ନାୟିକାଙ୍କ ପସନ୍ଦୀୟ ଖାଦ୍ୟ





ଦୀପିକା ପାଦୁକୋନ୍



ଜ୍ୟାକ୍ଲିନ୍



ଶ୍ରଦ୍ଧା କପୁର



କରୀନା କପୁର

**ହିନ୍ଦୀ ସିନେମା ଜଗତର ଅଭିନେତ୍ରୀମାନେ ସେମାନଙ୍କର ଫିଟ୍‌ନେସ୍ ଏବଂ ଖାଦ୍ୟପେୟ ପ୍ରତି ବେଶ୍ ସଚେତନ। ନିଜକୁ ସ୍ଲିମ୍ ଟ୍ରିମ୍ ରଖିବାକୁ ସେମାନେ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିଥାଆନ୍ତି। ବଲିଉଡ୍‌ର କେତେକ ପ୍ରମୁଖ ନାୟିକାଙ୍କର ପସନ୍ଦୀୟ ଖାଦ୍ୟ ସମ୍ପର୍କରେ...**

**କରୀନା କପୁର :** କପୁର ଖାନଦାନର ଅନ୍ୟତମ ଅଭିନେତ୍ରୀ ହେଉଛନ୍ତି କରୀନା। ଇତିମଧ୍ୟରେ ସେ ଅନେକ ହିଟ୍ ସିନେମାରେ ଅଭିନୟ କରିସାରିଛନ୍ତି। ହେଲେ ସବୁବେଳେ ସେ ନିଜର ଜିରୋ ଫିଗର ପାଇଁ ଚର୍ଚ୍ଚାରେ ରହିଥାଆନ୍ତି। ଯେତେ ବ୍ୟସ୍ତ ରହିଲେ ମଧ୍ୟ ଏକ୍ସରସାଇଜ କରିବାକୁ ଭୁଲି ନ ଥାନ୍ତି ସେ। କରୀନା ସବୁବେଳେ ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଆନ୍ତି। ଏପରି କି ଶୁଟିଂ ସେଟ୍‌ରେ ସେ ନିଜ ପସନ୍ଦୀୟ ଖାଦ୍ୟ ଖାଇଥାଆନ୍ତି। ତାଙ୍କର ସବୁଠାରୁ ମନ ପସନ୍ଦର ଖାଦ୍ୟ ହେଲା ପାସ୍ତା। ହେଲେ ବାହାରେ ପ୍ରସ୍ତୁତ ପାସ୍ତା ସେ ଆଦୌ ଖାଇ ନ ଥାନ୍ତି। ସବୁବେଳେ ଘରେ ତିଆରି ହୋଇଥିବା ପାସ୍ତା ଖାଆନ୍ତି।

**ପ୍ରିୟଙ୍କା ଚୋପ୍ରା :** ଦିନ ଥିଲା ବଲିଉଡ୍‌ରେ ନିଜର ଆଧିପତ୍ୟ ବିସ୍ତାର କରିଥିଲେ ପ୍ରିୟଙ୍କା। ହେଲେ ହଲିଉଡ୍ ଗାୟକ ନିକ୍ ଜୋନାସଙ୍କ ସହ ଘର ସଂସାର କରିବା ପରେ ସେ ଏବେ ବିଦେଶରେ ରହୁଛନ୍ତି। ହେଲେ ତାଙ୍କର ସବୁବେଳେ ଭାରତୀୟ ଖାଦ୍ୟ ହିଁ ପସନ୍ଦ। ପନିପରିବା ମଧ୍ୟରେ ସେ ଶାଗ ଖାଇବାକୁ ପସନ୍ଦ କରନ୍ତି। ପ୍ରିୟଙ୍କା ସବୁବେଳେ ମକାରୁ ପ୍ରସ୍ତୁତ ରୁଟି ଖାଇଥାଆନ୍ତି।

**ଶ୍ରଦ୍ଧା କପୁର :** ଶକ୍ତି ତନୟା ଶ୍ରଦ୍ଧା କପୁରଙ୍କ ପସନ୍ଦ ଟିକେ ନିଆରା। ସେ ସବୁବେଳେ ରୋଲ୍ ଖାଇବାକୁ ପସନ୍ଦ କରନ୍ତି। ହେଲେ ଅଧିକ ତେଲମସଲାଯୁକ୍ତ ଖାଦ୍ୟ ଆଦୌ ଖାଇ ନ ଥାନ୍ତି। ସେ ସବୁବେଳେ ଏପରି ଖାଦ୍ୟ ଖାଆନ୍ତି, ଯାହା ତାଙ୍କର ଫିଗରକୁ ପରଫେକ୍ଟ ରଖିବ। ଅନ୍ୟପକ୍ଷରେ ଜାପାନୀ ଖାଦ୍ୟ ଖାଇବାକୁ ଭଲ ପାଆନ୍ତି ଏହି ଅଭିନେତ୍ରୀ।

**ଅନୁଷ୍କା ଶର୍ମା :** ଅନୁଷ୍କା ବିଶେଷଭାବରେ ନନ୍ ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ପ୍ରତିଦିନ ଯାହାହେଲେ ବି ଟିକେ ଆମିଷ ଖାଇବା ତାଙ୍କର ଏକ ଅଭ୍ୟାସ। ହେଲେ ତାଙ୍କର ସବୁଠାରୁ ଅଧିକ ପସନ୍ଦ ହେଉଛି ତାଙ୍କ ମା'ଙ୍କ ଦ୍ୱାରା ପ୍ରସ୍ତୁତ ବଟର ଚିକେନ୍।

**ଜ୍ୟାକଲିନ୍ ଫର୍ନାଡିସ୍ :** ଜ୍ୟାକ୍ଲିନ୍ ସବୁବେଳେ ନିଜ ଖାଦ୍ୟପେୟ ପ୍ରତି ବେଶ୍ ସଚେତନ ରହିଥାଆନ୍ତି। ନିଜ ଫିଗରକୁ ଫିଟ୍ ରଖିବା ପାଇଁ ସେ ସବୁବେଳେ ନିଜ ଦ୍ୱାରା ପ୍ରସ୍ତୁତ ଖାଦ୍ୟ ତାଲିକା ଅନୁସରଣ କରନ୍ତି। ହେଲେ ପ୍ରତିଦିନ ଗୋଟିଏ ଜିନିଷ ଖାଇବାକୁ ସେ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ଚକୋଲେଟ୍। ପ୍ରତିଦିନ ସେ ଯେମିତି ହେଲେ ୩-୪ଟି ଚକୋଲେଟ ଖାଇବା ଥୟ।

**ସୋନମ କପୁର :** ଅନିଲ ତନୟା ସୋନମ ଯେତେବେଳେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କର ଓଜନ ଅଧିକ ଥିଲା। ତେଣୁ ଏହାକୁ ସନ୍ତୁଳିତ ରଖିବାକୁ ତାଙ୍କୁ ଡାଏଟିଂ ପ୍ରତି ଧ୍ୟାନ ଦେବାକୁ ପଡିଥିଲା। ଏବେ ମଧ୍ୟ ସେ ନିଜ ଖାଦ୍ୟପେୟକୁ ନେଇ ବେଶ୍ ସତର୍କତା ଅବଲମ୍ବନ କରନ୍ତି। ତାଙ୍କର ମନ ପସନ୍ଦର ଖାଦ୍ୟ ହେଲା ପାଓଭାଜି।

**ପରିଣୀତି ଚୋପ୍ରା :** ପରିଣିତିଙ୍କ ଜନ୍ମ ପଞ୍ଜାବରେ। ତେଣୁ ସେ ସବୁବେଳେ ପଞ୍ଜାବୀ ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ତାଙ୍କର ସବୁଠାରୁ ଅଧିକ ପସନ୍ଦୀୟ ଖାଦ୍ୟ ହେଲା ରାଜମା ଚାଓ୍ୱଲ ଆଉ କଡାଇ ମସାଲା ଚିକେନ୍।

**ଦୀପିକା ପାଦୁକୋନ୍ :** ଦୀପିକା ସବୁବେଳେ ଏକ ବାଲାନ୍ସଡ ଡାଏଟ ଅନୁସରଣ କରନ୍ତି। ସେ କଦାପି ଏଭଳି ଖାଦ୍ୟ ଖାଆନ୍ତି ନାହିଁ, ଯାହାର ପ୍ରତିକୂଳ ପ୍ରଭାବ ତାଙ୍କର ଫିଗର ଉପରେ ପଡ଼ିବ। ସେ ସବୁବେଳେ ବ୍ରେକ୍‌ଫାଷ୍ଟରେ ଇଡଲି ଏବଂ ଚଟନି ଖାଇଥାଆନ୍ତି।

**କ୍ୟାଟ୍ରିନା କୈଫ :** କ୍ୟାଟ୍ରିନା ନିଜ ଖାଦ୍ୟପେୟକୁ ନେଇ ବେଶ୍ ସଚେତନ। ହେଲେ ଲଞ୍ଚ ହେଉ କି ଡିନର ପରେ ସେ ମିଠା ଖାଇବାକୁ ଭୁଲି ନ ଥାନ୍ତି। ଆଉ ଏକ ଜିନିଷ ତାଙ୍କର ମଧ୍ୟ ଭାରି ପସନ୍ଦ। ତାହା ହେଲା ଆଇସକ୍ରିମ।

**ଆଲିୟା ଭଟ୍ଟ :** ଆଲିୟା ସବୁବେଳେ ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଇବାକୁ ପସନ୍ଦ କରନ୍ତି। ନିଜ ଫିଟ୍‌ନେସ ପାଇଁ ସେ ସନ୍ତୁଳିତ ଖାଦ୍ୟ ଖାଇଥାଆନ୍ତି। ଫ୍ରେଞ୍ଚ ଡାଏସ୍ ତାଙ୍କର ଭାରି ପସନ୍ଦ।

ଶୁଟିଂ ଚାଲିଛି..

## ବସ୍

ଆଜିକାଲି ମହିଳାମାନେ କୌଣସି କ୍ଷେତ୍ରରେ ପଛରେ ପଡ଼ି ନାହାନ୍ତି। ବିଭିନ୍ନ କ୍ଷେତ୍ରରେ ସେମାନେ ନିଜର ପାରଦର୍ଶିତା ଦେଖାଇବା ସହ ପୁରୁଷମାନଙ୍କ ସହ ସମକକ୍ଷ ହେଲେଣି। ସମାଜରେ ପରିବର୍ତ୍ତନ ଆଣିବାରେ ସେମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସେଭଳି ଏକ କଥାବସ୍ତୁକୁ ନେଇ ପ୍ରସ୍ତୁତ ହେଉଛି ନୂଆ ଓଡ଼ିଆ ସିନେମା 'ବସ୍'। ଏକ କମ୍ପାନୀର ବସ୍ କିପରି ସମାଜର ଉନ୍ନତି ପାଇଁ ଚେଷ୍ଟା କରୁଛି ତାହାକୁ ନେଇ କାହାଣୀ ଗତିଶୀଳ। ଆର.ଆର. ଇଭେଣ୍ଟସ ଆଣ୍ଡ ସିନେ ପ୍ରଡକ୍ସନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ରମେଶ ବାରିକ। ସଂଳାପ ରଚନା କରିଛନ୍ତି ବିଜୟ ମଲ୍ଲ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅଭିଜିତ ମଜୁମଦାର। ଟାଇଟଲ ଭୂମିକାରେ ବର୍ଷା ପ୍ରିୟଦର୍ଶିନୀ ଅଭିନୟ କରୁଥିବା ବେଳେ ଅନ୍ୟାନ୍ୟ ରୋଲ୍‌ରେ ଅଭିନୟ କରିଛନ୍ତି ହରିହର ମହାପାତ୍ର, ରାଜ ରାକେଶ, ରାକେଶ, ଐଶ୍ୱର୍ଯ୍ୟା, ପୁଷ୍ପା, ଅରବିନ୍ଦ ଷଡ଼ଙ୍ଗୀ ଏବଂ ଶିଶୁ କଳାକାର ଶିବାନ୍ ପ୍ରମୁଖ କଳାକାର। ଫିଲ୍ମଟିର ଶୁଟିଂ ଏବେ ଚାଲୁ ରହିଛି।



ବର୍ଷା ପ୍ରିୟଦର୍ଶିନୀ

ନୂଆ ସିନେମା

## କଟକ : ଶେଷରୁ ଆରମ୍ଭ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହେଉଛି ଓଡ଼ିଆ ସିନେମା 'କଟକ : ଶେଷରୁ ଆରମ୍ଭ'। ଆନାସମିସ ପ୍ରଡକ୍ସନ ଏବଂ ଆମରା ଷ୍ଟୁଡିଓ ବ୍ୟାନରରେ ଏହାର ଶୁଟିଂ ଆଗେଇ ଚାଲିଛି। ଖାସ୍ କଥା ହେଲା ଏହି ଫିଲ୍ମରେ ପୁଣି ଥରେ ଦର୍ଶକ ଅନ୍ୟତମ ଲୋକପ୍ରିୟ ଯୋଡି ସିଦ୍ଧାନ୍ତ ମହାପାତ୍ର ଏବଂ ଅନୁ ଚୌଧୁରୀଙ୍କୁ ଦେଖିବାକୁ ପାଇବେ। ଏହାର ଲିଡ୍ ରୋଲ୍‌ରେ ଅଛନ୍ତି ଦେବାଶିଷ ପାତ୍ର। ତାଙ୍କ ସହ ସ୍କ୍ରିନ୍ ଶେୟାର କରୁଛନ୍ତି ପୁନମ ମିଶ୍ର। କୁମାର ପ୍ରୀତମ ସାହୁଙ୍କ ପ୍ରଯୋଜିତ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଉଛନ୍ତି ସୁଧାଂଶୁ ସାହୁ। ଏଥିରେ ନିଜ ଭୂମିକା ସମ୍ପର୍କରେ ଦେବାଶିଷ କହନ୍ତି, 'ଏହି ଫିଲ୍ମରେ ମୋ ଚରିତ୍ରଟି ହେଉଛି ଅଭି। ଏକ ଗାଁରୁ ନିଜର ଲକ୍ଷ୍ୟ ପୂରଣ ପାଇଁ କଟକ ଆସିଛି। ହେଲେ ଏକ ପରିସ୍ଥିତିରେ ପଡ଼ି ସେ ଗ୍ୟାଙ୍ଗଷ୍ଟର ପାଲଟି ଯାଉଛି। ତେବେ ସେହି କାରଣଟି କ'ଣ ତାହା ଦର୍ଶକ ସିନେମା ଦେଖିଲେ ହିଁ ଜାଣିପାରିବେ। ସବୁଠାରୁ ଖାସ୍ କଥା ହେଲା, ଏଥିରେ ମୋତେ ସମ୍ପୂର୍ଣ୍ଣ କଳା ଗେଟ୍‌ଅପ୍ କରାଯାଇଛି। ଏଭଳି ଏକ ଭୂମିକାଟିଏ ତୁଲାଇବାକୁ ଯଥା ସମ୍ଭବ ଚେଷ୍ଟା କରିଛି।' ଫିଲ୍ମଟି ଏଥର ଦଶହରାରେ ପରଦା ଉପରକୁ ଆସିବାର ଯୋଜନା ରହିଛି।



'କଟକ : ଆରମ୍ଭରୁ ଶେଷ' ଫିଲ୍ମରେ ଦେବାଶିଷ

ଅପେରା ହାଲ୍‌ଚାଲ୍

## ରଞ୍ଜନ ଯାହା ଚାହୁଁଥିଲେ...



ରଞ୍ଜନ

ନିର୍ଦ୍ଦେଶକ ରଞ୍ଜନ ବିଶ୍ୱାଳ। ପ୍ରତିଟି ଯାତ୍ରା ସିଜନରେ ସେ କିଛି ନା କିଛି ନୂଆ ଗିମିକ୍ ଦର୍ଶକଙ୍କୁ ଦେଖାଇଥାଆନ୍ତି। ଏଥର ମଧ୍ୟ ସେ ପୂରାଦମ୍‌ରେ ନିର୍ଦ୍ଦେଶନାରେ ବ୍ୟସ୍ତ ଅଛନ୍ତି। ଚଳିତ ଯାତ୍ରା ସିଜନରେ ସେ ଯେଉଁଭଳି କେତୋଟି ନାଟକ ନିର୍ଦ୍ଦେଶନା ଦେବାକୁ ଚାହୁଁଥିଲେ ତାହା ତାଙ୍କୁ ମିଳିଯାଇଛି। ଏ ନେଇ ସେ କହନ୍ତି, 'କୌଣସି ନାଟକଟିଏ ନିର୍ଦ୍ଦେଶନା ଦେବା ପୂର୍ବରୁ ମୁଁ ତାହାର କାହାଣୀକୁ ତନ୍ନ ତନ୍ନ କରି ତର୍ଜମା କରିଥାଏ। କାରଣ ମୋ ମତରେ ସେଥିରେ ଏଭଳି ମସଲା ରହିବା ଦରକାର, ଯାହା ଦର୍ଶକଙ୍କୁ ନାଟକ ଶେଷ ହେବା ପର୍ଯ୍ୟନ୍ତ ଟେଣ୍ଟ ଭିତରେ ବାନ୍ଧି ରଖିପାରୁଥିବ। ଆଜିକାଲି ଯାତ୍ରାର ଭବିଷ୍ୟତକୁ ନେଇ ଅନେକ ଆଲୋଚନା ହେଉଛି। ହେଲେ ମୁଁ କହିବି, ଯାତ୍ରାର ଭବିଷ୍ୟତ ଉଜ୍ଜ୍ୱଳ। ଦର୍ଶକମାନଙ୍କର ଭଲ ପାଇବା ଏବେ ବି ରହିଛି।' ଏଥର ତାଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ନାଟକ ଭିତରେ ରହିଛି ପପୁ ବ୍ରହ୍ମଙ୍କ ରଚିତ ଅପେରା ଅଶୋକ ସମ୍ରାଟର 'ପଚାରନା ମୁଁ କେମିତି ଅଛି'। ଡ. ସୁଧାଂଶୁ ନାୟକଙ୍କ ରଚିତ ନାଟକ 'ଏଇ ମନ ଝୁରୁଛି ତୋତେ' (ଓଁ ଶ୍ରୀ ବାଘାଯତୀନ ଲୋକନାଟ୍ୟ), ରାଜଧାନୀ ଅପେରାର 'ରାତି କଥା ଛାତିରେ ଥାଉ' (ପପୁ ବ୍ରହ୍ମ), ଯାତ୍ରା ମୋହିନୀର 'ସବୁ ବାଟ ମୋର ଏଇଠି ଶେଷ' ଏବଂ ଯାତ୍ରା ଆକାଶଗଙ୍ଗାର 'ପଦେ ଭାଗବତ ଦି' ପଦ ଗୀତା' (ସଚ୍ଚି ସ୍ୱାଇଁ)। ତେବେ ତାଙ୍କ ନିର୍ଦ୍ଦେଶନାରେ ନାଟକଗୁଡ଼ିକ ଏଥର କେତେ ବାଜିମାତ କରୁଛି ତାହା ଦେଖିବାକୁ ବାକି ରହିଲା।

## ନଟ୍‌ଆଉଟ୍ @ ୯୯

ଓଲିଉଡ୍‌ର ବରିଷ୍ଠ ତଥା ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଅଧ୍ୟାପନାରୁ ପ୍ରିନ୍ସିପାଲ ଭାବରେ କାର୍ଯ୍ୟ କରି ରିଟାୟାର୍ଡ ହେବା ପରେ ଏବେ ସିନେମା ସହ ସମ୍ପୂର୍ଣ୍ଣ ଭାବରେ ଜଡିତ। ନିଜ ସଂଳାପ ରଚନା କ୍ୟାରିୟରରେ ସେ ଏକ ଅଭୁଲା ରେକର୍ଡ ଯୋଡିବାକୁ ଯାଉଛନ୍ତି। ଖୁବ୍‌ଶୀଘ୍ର ସେ ନିଜର ୧୦୦ତମ ଫିଲ୍ମର ସଂଳାପ ରଚନା କରିବାକୁ ଯାଉଛନ୍ତି। ଏହି ଫିଲ୍ମର ପ୍ରାରମ୍ଭିକ କାମ ଆଗେଇ ଚାଲିଛି ଏବଂ ନିକଟରେ ଏହାର ଟାଇଟଲ ଘୋଷଣା ସହ ସଂଳାପ ଲେଖା ଆରମ୍ଭ ହେବ ବୋଲି ସୂଚନା ଦେଇଛନ୍ତି ରଜନୀ। ଏ ନେଇ ସେ କହନ୍ତି, 'ଆଜି ମୁଁ ଯେଉଁଠି ପହଞ୍ଚିଛି ସେଥିପାଇଁ ଦର୍ଶକ ସମ୍ପୂର୍ଣ୍ଣ ଭାବରେ ଦାୟୀ। ସେମାନେ ମୋ ପରିଶ୍ରମର ମୂଲ୍ୟ ବୁଝିଛନ୍ତି। ତେଣୁ ମୁଁ ଏ ପର୍ଯ୍ୟନ୍ତ ଓଲିଉଡ୍‌ରେ ତିଷ୍ଠି ରହିଛି।' ୧୯୮୯ରେ 'ମୋ ଭାଇ ଜଗା'ରୁ ଜଣେ ଗୀତିକାର ଭାବରେ ତାଙ୍କର ବଡ ପରଦାରେ ଏଣ୍ଟ୍ରି କରିଥିଲେ। 'ମୋ ଭାଇ ଜଗା' ଫିଲ୍ମର ସଂଳାପରୁ ତାଙ୍କର ସଂଳାପକାର ଜୀବନ ଆରମ୍ଭ ହୋଇଥିଲା। ତାଙ୍କ ରଚିତ ସଂଳାପକୁ ନେଇ ନିର୍ମିତ ପ୍ରମୁଖ ତଥା ହିଟ୍ ସିନେମାଗୁଡିକ ମଧ୍ୟରେ ରହିଛି, 'ଜୟ ଜଗନ୍ନାଥ', 'ସଞ୍ଜୁ ଆଉ ସଞ୍ଜନା', 'ଲୋଫର', 'ଗୁଡ ବୟ', 'ପିଲାଟା ବିଗିଡି ଗଲା', 'ଲଭ୍ ଡଟ୍ କମ୍', 'ମତେ ବୋହୂ କରି ନେଇଯା' ଆଦି ଚଳଚ୍ଚିତ୍ର। ଏବେ ପ୍ରାୟ ୧୫ଟି ସିନେମା ରିଲିଜ ଅପେକ୍ଷାରେ ରହିଛି। ତେବେ ରଜନୀଙ୍କର ଶହେତମ ଚଳଚ୍ଚିତ୍ରର ଟାଇଟଲ କ'ଣ ରହୁଛି ତାହା ଜାଣିବାକୁ ଦର୍ଶକ ଅପେକ୍ଷା କରିଛନ୍ତି।



ଡ. ରଜନୀ ରଞ୍ଜନ

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୦/୨୦୨୩ Bhubaneswar, Thursday, August 10/ 2023


# ଡୋପ୍ ଟେଷ୍ଟ: ଜାଡେଜା ଆଗରେ

ନୂଆଦିଲ୍ଲୀ,୯।୮(ପି.ଟି.)

ବୁଧବାର ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡା) ପକ୍ଷରୁ କ୍ରିକେଟରମାନଙ୍କ ଡୋପ୍ ଟେଷ୍ଟିଂକୁ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁସାରେ ସମୁଦାୟ ୫୫ ଜଣ କ୍ରିକେଟରଙ୍କଠାରୁ ୫୮ ଥର ନମୁନା(ସାମ୍ପଲ) ସଂଗ୍ରହ କରାଯାଇଛି। ଭାରତୀୟ ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କଠାରୁ ସର୍ବାଧିକ ୩ ଥର ଏହି ନମୁନା ସଂଗ୍ରହ କରାଯାଇଛି। ଜୁନ୍ ମାସ ମଧ୍ୟରେ ୫୫ ଜଣ ପୁରୁଷ ଓ ମହିଳା କ୍ରିକେଟରଙ୍କଠାରୁ ମୂତ୍ର ଓ ରକ୍ତ ନମୁନା ସଂଗ୍ରହ କରାଯାଇଛି।


ରବୀନ୍ଦ୍ର ଜାଡେଜା

ଜାନୁୟାରୀରୁ ଜୁନ୍ ମାସ ମଧ୍ୟରେ ନମୁନା ସଂଗ୍ରହ କରାଯାଇଥିବା ବେଳେ ରବୀନ୍ଦ୍ର ଜାଡେଜା ସର୍ବାଧିକ ଥର ଦେଇଛନ୍ତି। ଜାଡେଜାଙ୍କ ୩ ସାମ୍ପଲ ଫେବୃୟାରୀ ୧୯, ମାର୍ଚ୍ଚ ୨୬ ଓ ଏପ୍ରିଲ ୨୬ରେ ନିଆଯାଇଥିଲା। ୨୦୨୧ରେ ସମୁଦାୟ ୫୪ ଓ ୨୦୨୨ରେ ସମୁଦାୟ ୬୦ କ୍ରିକେଟରଙ୍କ ନମୁନା ପରୀକ୍ଷଣ କରିଥିଲା ନାଡା। ଚଳିତ ବର୍ଷର ପ୍ରଥମ ୬ ମାସ ମଧ୍ୟରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରି ଷ୍ଟାର ଖେଳାଳିଙ୍କଠାରୁ ଥରେ ମଧ୍ୟ ନମୁନା ସଂଗୃହୀତ ହୋଇନାହିଁ।

ଭାରତୀୟ ଟି୨୦ ଦଳର ଅଧିନାୟକ ରହିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନିକଟରୁ ଥରେ ସାମ୍ପଲ ନିଆଯାଇଛି। ୨୦୨୧ ଓ ୨୦୨୨ରେ ରୋହିତ ଶର୍ମା ସର୍ବାଧିକ ଟେଷ୍ଟ କରାଯାଇଥିବା ଖେଳାଳି ରହିଥିଲେ। ଚଳିତ ବର୍ଷ ମହିଳା ଖେଳାଳିଙ୍କ ମଧ୍ୟରେ ହରମନ୍‌ପ୍ରୀତ୍ କୌର ଓ ସ୍ମୃତି ମାନ୍ଧନା ରହିଛନ୍ତି। ସେହିପରି ଓମେନ୍ସ ପ୍ରିମିୟର ଲିଗ୍ ସମୟରେ ପ୍ରାୟ ୨୦ ଖେଳାଳିଙ୍କ ସାମ୍ପଲ ନିଆଯାଇଥିବା ଜଣାପଡିଛି। ୫୮ ସାମ୍ପଲ ମଧ୍ୟରୁ ୭ଟି ରକ୍ତ ନମୁନା ରହିଛି। ଏପ୍ରିଲ୍ ୨୭ ତାରିଖରେ ଟି. ନଟରାଜନଙ୍କ ଉଭୟ ମୂତ୍ର ଓ ରକ୍ତ ନମୁନା ପରୀକ୍ଷଣ ପାଇଁ ଯାଇଥିଲା।

କ୍ରିକେଟରମାନଙ୍କ ବ୍ୟତୀତ ଅଲିମ୍ପିକ୍ସ ପଦକ ବିଜେତା ମୀରାବାଈ ଚାନୁ, ବକ୍ସର ଲଭଲିନା ବୋର୍ଗୋହେନ୍, ସାଇନା ନେହ୍ୱାଲ, କିଦାମ୍ବି ଶ୍ରୀକାନ୍ତ, ରେସ୍‌ଲର ବଜରଙ୍ଗ ପୁନିଆ, ଭିନେଶ ଫୋଗଟ, ହକି ଖେଳାଳି ପି. ଆର. ଶ୍ରୀଜେସ୍, ହରମନ୍‌ପ୍ରୀତ୍ ସିଂ ଓ ସବିତା ପୁନିଆଙ୍କଠାରୁ ମଧ୍ୟ ନମୁନା ନିଆଯାଇଥିଲା। ୬୦ ପୃଷ୍ଠାର ରିପୋର୍ଟରେ ସମୁଦାୟ ୧୫୦୦ ଖେଳାଳି ଡୋପ୍ ଟେଷ୍ଟ ପାଇଁ ନମୁନା ଦେଇଥିବା ଜଣାପଡିଛି। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରୁ ସର୍ବାଧିକ ୫୦୦ ନମୁନା ପରୀକ୍ଷଣ ହୋଇଥିବା ଜଣାପଡିଛି।

# ଗିଲ୍, କିଶନଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍‌ୟାଙ୍କିଂ


ଶୁବମନ ଗିଲ୍ ଓ ଇଶାନ କିଶନ।

ଦୁବାଇ,୯।୮(ପି.ଟି.)

ଆଇସିସି ପକ୍ଷରୁ ଦିନିକିଆ ର୍‌ୟାଙ୍କିଂ ତାଲିକା ବୁଧବାର ପ୍ରକାଶ ପାଇଥିବା ବେଳେ ଭାରତୀୟ ଓପନିଂ ବ୍ୟାଟର ଶୁବମନ ଗିଲ୍ ଓ ଇଶାନ କିଶନଙ୍କୁ ମିଳିଛି କ୍ୟାରିୟର ଶ୍ରେଷ୍ଠ ର୍‌ୟାଙ୍କିଂ। ଗିଲ୍ ଦୁଇଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ଏହା ସହିତ ୭୪୩ ପଏଣ୍ଟ ହାସଲ କରି ପାକିସ୍ତାନର ବାବର ଆଜମ, ଫଖର ଜମାନ୍ ଓ ଇମାମ୍ ଉଲ ହକ୍‌ଙ୍କ ପାଖା ପାଖି ପହଞ୍ଚିଛନ୍ତି ଗିଲ୍। ବାବର ଆଜମ୍ ୧ ନମ୍ବର ସ୍ଥାନରେ ରହିଥିବା ବେଳେ ଜମାନ୍ ୭୫୫ ପଏଣ୍ଟ ସହିତ ତୃତୀୟ ଓ ଇମାମ୍ ଉଲ୍ ହକ୍ ୭୪୫ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ଅନ୍ୟ ପକ୍ଷରେ ଇଶାନ୍ କିଶନ୍ ୯ ସ୍ଥାନ ଉପରକୁ ଉଠି ୩୬ ତମ ସ୍ଥାନରେ ପହଞ୍ଚିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ୧୦ସ୍ଥାନ ଉପରକୁ ଉଠି ବ୍ୟାଟରଙ୍କ ତାଲିକାରେ ୭୧ତମ ସ୍ଥାନରେ ପହଞ୍ଚିଛନ୍ତି।

ଦିନିକିଆରେ ବୋଲରଙ୍କ ମଧ୍ୟରେ କୁଲଦୀପ ଯାଦବ ଟପ୍-୧୦ରେ ପ୍ରବେଶ କରିଛନ୍ତି। ୭ ଉଇକେଟ ନେଇଥିବା କୁଲଦୀପ ୪ ସ୍ଥାନର ଉନ୍ନତି ସହ ୧୦ ନମ୍ବର ସ୍ଥାନରେ ରହିଛନ୍ତି। ଅନ୍ୟ ପକ୍ଷରେ ସିମର ଶାର୍ଦ୍ଦୁଳ ଠାକୁର ୩ ସ୍ଥାନ ଉପରକୁ ଉଠି ୩୦ ତମ ସ୍ଥାନରେ ପହଞ୍ଚିଛନ୍ତି। ଅଲରାଉଣ୍ଡରଙ୍କ ତାଲିକାରେ ହାର୍ଦ୍ଦିକ ପାଣ୍ଡ୍ୟା ୧୧ତମ ସ୍ଥାନରେ ପହଞ୍ଚିଛନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ପଦାର୍ପଣ କରିଥିବା ତିଳକ ବର୍ମା ଟି୨୦ ବ୍ୟାଟରଙ୍କ ମଧ୍ୟରେ ୪୬ତମ ସ୍ଥାନ ହାସଲ କରିଛନ୍ତି।






# ମନିକା ବାତ୍ରାଙ୍କ ବ୍ୟାଗ୍ ମିଳିଲା

ନୂଆଦିଲ୍ଲୀ,୯।୮(ପି.ଟି.)

ଭାରତୀୟ ଟେବଲ ଟେନିସ୍ ତାରକା ମନିକା ବାତ୍ରାଙ୍କ ଉଭାନ୍ ହୋଇଥିବା ବ୍ୟାଗ୍ ବୁଧବାର ଦିନ ମିଳିଛି। ସ୍ପୋର୍ଟିଂ କିଟ୍ ଥିବା ବ୍ୟାଗ୍ ବିମାନ ଯାତ୍ରା ସମୟରେ ଗାଏବ ହୋଇଥିଲା। ପେରୁରୁ କେଏଲ୍‌ଏମ୍ ଏୟାର ଲାଇନ୍ସର ବିମାନ ଜରିଆରେ ଏକ ଟୁର୍ନାମେଣ୍ଟ ପରେ ଫେରୁଥିବା ସମୟରେ ଏଭଳି ଘଟଣା ଘଟିଥିଲା। ବ୍ୟାଗ ମିଳିବା ପରେ ମନିକା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ତ୍ୱରିତ ପଦକ୍ଷେପ ପାଇଁ ଧନ୍ୟବାଦ ଜଣାଇଛନ୍ତି। ମଙ୍ଗଳବାର ବ୍ୟାଗ୍ ଉଭାନ୍ ହୋଇଥିବା ନେଇ ମନିକା ସିନ୍ଧିଆଙ୍କୁ ଟ୍ୟାଗ୍ କରି ହସ୍ତକ୍ଷେପ ଲୋଡିଥିଲେ। ବ୍ୟାଗ୍‌ଟି ଗୁରୁବାର ସୁଦ୍ଧା ନୂଆଦିଲ୍ଲୀରେ ପହଞ୍ଚିବ ବୋଲି ବିମାନ ଚଳାଚଳ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟିଂ ୪-୩ରେ ବିଜୟୀ

ଭୁବନେଶ୍ୱର, ୯।୮ (ତପନ ସ୍ୱାଇଁ)

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ୟୁନାଇଟେଡ ୟୁଥ୍ ସ୍ପୋର୍ଟିଂ ବିଜୟୀ ହୋଇଛି। ଏକଦା ୦-୩ ଗୋଲରେ ପଛୁଆ ରହିବା ସତ୍ତ୍ୱେ ଏହି ଦଳ ୪-୩ ଗୋଲରେ ମଦର୍ସ ଫୁଟବଲ କ୍ଲବକୁ ପରାସ୍ତ କରିଛି। ମ୍ୟାଚ ଆରମ୍ଭରେ ମଦର୍ସ ଦଳ ଚମତ୍କାର ଖେଳିଥିଲା। ୧ମ, ୯ମ ଓ ୧୫ଶ ମିନିଟରେ ରୋହିତ ସଇଶ, ସୁଶାନ୍ତ ବେହେରା ଓ ଜାନୋପ ସୋନମ ଗୋଟିଏ ଲେଖାଏ ଗୋଲ ଦେଇ ମସର୍ଦ୍ଦକୁ ୩-୦ରେ ଅଗ୍ରଣୀ କରାଇଥିଲେ। ଚାପର ବଶବର୍ତ୍ତୀ ହୋଇଥିବା ୟୁନାଇଟେଡ ସ୍ପୋର୍ଟିଂ ପକ୍ଷରୁ ଜଗନ୍ନାଥ ବାରିକ ୩୪ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଭିନ୍ନ ଖେଳ ଦେଖାଇଥିଲା ୟୁନାଇେଟଡ ସ୍ପୋର୍ଟିଂ। ୪୮ତମ ମିନିଟ୍ରେର ଅଭିଷେକ ପଢ଼ିଆରୀ, ୫୪ତମ ମିନିଟରେ ଟିପୁନା ରାଉତ ଗୋଟିଏ ଲେଖାଏ ଗୋଲ ଦେବାରୁ ମ୍ୟାଚ ୩-୩ ସ୍ଥିତିକୁ ଚାଲି ଆସିଥିଲା। ୬୬ତମ ମିନିଟରେ ବାପୁନି ବିନ୍ଧାଣୀ ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଗୋଲ ପରିଶୋଧ କରିବାକୁ ମଦର୍ସ ଖେଳାଳିମାନେ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଆୟୋଜକ ଆସୋସିଏଶନର ଉପସଭାପତି ରାଧାନାଥ ମହାପାତ୍ର ଉପସ୍ଥିତ ରହି ୟୁନାଇଟେଡ ସ୍ପୋର୍ଟିଂର ବାପୁନି ବିନ୍ଧାଣୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ରାଜେନ୍ଦ୍ର ବାରିକ। ସୁଶାନ୍ତ ମିଶ୍ର ଓ ଆଲୋକ ଦେହୁରୀ ତାଙ୍କୁ ସହାୟତା କରିଥିଲେ। ଶିବ ସାମନ୍ତରାୟ ୪ର୍ଥ ରେଫରି ଥିଲେ। ଗୁରୁବାର ଆର୍ଡୋର ଫୁଟବଲ ଏକାଡେମୀ ସିନିୟର ଓ ଲିଙ୍ଗରାଜ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

**ଭୁବନେଶ୍ୱର 'ବି' ଡିଭିଜନ ଫୁଟବଲ ଲିଗ୍**


ବାପୁନି ବିନ୍ଧାଣୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୦/୨୦୨୩ Bhubaneswar, Thursday, August 10/ 2023

# ଡୋପ୍ ଟେଷ୍ଟ: ଜାଡେଜା ଆଗରେ

**ନୂଆଦିଲ୍ଲୀ,୯।୮(ପି.ଟି.)**

ବୁଧବାର ନ୍ୟାଶନାଲ ଆଣ୍ଟି ଡୋପିଂ ଏଜେନ୍ସି(ନାଡା) ପକ୍ଷରୁ କ୍ରିକେଟରମାନଙ୍କ ଡୋପ୍ ଟେଷ୍ଟିଂକୁ ନେଇ ଏକ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁସାରେ ସମୁଦାୟ ୫୫ ଜଣ କ୍ରିକେଟରଙ୍କଠାରୁ ୫୮ ଥର ନମୁନା(ସାମ୍ପଲ) ସଂଗ୍ରହ କରାଯାଇଛି। ଭାରତୀୟ ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜାଙ୍କଠାରୁ ସର୍ବାଧିକ ୩ ଥର ଏହି ନମୁନା ସଂଗ୍ରହ କରାଯାଇଛି। ଜୁନ୍ ମାସ ମଧ୍ୟରେ ୫୫ ଜଣ ପୁରୁଷ ଓ ମହିଳା କ୍ରିକେଟରଙ୍କଠାରୁ ମୂତ୍ର ଓ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଜାନୁୟାରୀରୁ ଜୁନ୍ ମାସ ମଧ୍ୟରେ ନମୁନା ସଂଗ୍ରହ କରାଯାଇଥିବା ବେଳେ ରବୀନ୍ଦ୍ର ଜାଡେଜା ସର୍ବାଧିକ ଥର ଦେଇଛନ୍ତି। ଜାଡେଜାଙ୍କ ୩ ସାମ୍ପଲ ଫେବୃୟାରୀ ୧୯, ମାର୍ଚ୍ଚ ୨୬ ଓ ଏପ୍ରିଲ ୨୬ରେ ନିଆଯାଇଥିଲା। ୨୦୨୧ରେ ସମୁଦାୟ ୫୪ ଓ ୨୦୨୨ରେ ସମୁଦାୟ ୬୦ କ୍ରିକେଟରଙ୍କ ନମୁନା ପରୀକ୍ଷଣ କରିଥିଲା ନାଡା। ଚଳିତ ବର୍ଷର ପ୍ରଥମ ୬ ମାସ ମଧ୍ୟରେ ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ପରି ଷ୍ଟାର ଖେଳାଳିଙ୍କଠାରୁ ଥରେ ମଧ୍ୟ ନମୁନା ସଂଗୃହୀତ ହୋଇନାହିଁ।

ଭାରତୀୟ ଟି୨୦ ଦଳର ଅଧିନାୟକ ରହିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ନିକଟରୁ ଥରେ ସାମ୍ପଲ ନିଆଯାଇଛି। ୨୦୨୧ ଓ ୨୦୨୨ରେ ରୋହିତ ଶର୍ମା ସର୍ବାଧିକ ଟେଷ୍ଟ କରାଯାଇଥିବା ଖେଳାଳି ରହିଥିଲେ। ଚଳିତ ବର୍ଷ ମହିଳା ଖେଳାଳିଙ୍କ ମଧ୍ୟରେ ହରମନ୍‌ପ୍ରୀତ୍ କୌର ଓ ସ୍ମୃତି ମାନ୍ଧନା ରହିଛନ୍ତି। ସେହିପରି ଓମେନ୍ସ ପ୍ରିମିୟର ଲିଗ୍ ସମୟରେ ପ୍ରାୟ ୨୦ ଖେଳାଳିଙ୍କ ସାମ୍ପଲ ନିଆଯାଇଥିବା ଜଣାପଡିଛି। ୫୮ ସାମ୍ପଲ ମଧ୍ୟରୁ ୭ଟି ରକ୍ତ ନମୁନା ରହିଛି। ଏପ୍ରିଲ୍ ୨୭ ତାରିଖରେ ଟି. ନଟରାଜନଙ୍କ ଉଭୟ ମୂତ୍ର ଓ ରକ୍ତ ନମୁନା ପରୀକ୍ଷଣ ପାଇଁ ଯାଇଥିଲା।

କ୍ରିକେଟରମାନଙ୍କ ବ୍ୟତୀତ ଅଲିମ୍ପିକ୍ସ ପଦକ ବିଜେତା ମୀରାବାଈ ଚାନୁ, ବକ୍ସର ଲଭଲିନା ବୋର୍ଗୋହେନ୍, ସାଇନା ନେହ୍ୱାଲ, କିଡାମ୍ବି ଶ୍ରୀକାନ୍ତ, ରେସ୍‌ଲର ବଜରଙ୍ଗ ପୁନିଆ, ଭିନେଶ ଫୋଗଟ, ହକି ଖେଳାଳି ପି. ଆର. ଶ୍ରୀଜେଶ୍, ହରମନ୍‌ପ୍ରୀତ୍ ସିଂ ଓ ସବିତା ପୁନିଆଙ୍କଠାରୁ ମଧ୍ୟ ନମୁନା ନିଆଯାଇଥିଲା। ୬୦ ପୃଷ୍ଠାର ରିପୋର୍ଟରେ ସମୁଦାୟ ୧୫୦୦ ଖେଳାଳି ଡୋପ୍ ଟେଷ୍ଟ ପାଇଁ ନମୁନା ଦେଇଥିବା ଜଣାପଡିଛି। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରୁ ସର୍ବାଧିକ ୫୦୦ ନମୁନା ପରୀକ୍ଷଣ ହୋଇଥିବା ଜଣାପଡିଛି।


ରବୀନ୍ଦ୍ର ଜାଡେଜା

# ଗିଲ୍, କିଶନଙ୍କୁ କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ୍


ଶୁବମନ ଗିଲ୍ ଓ ଇଶାନ କିଶନ।

**ଦୁବାଇ,୯।୮(ପି.ଟି.)**

ଆଇସିସି ପକ୍ଷରୁ ଦିନିକିଆ ର୍‍ୟାଙ୍କିଙ୍ଗ ତାଲିକା ବୁଧବାର ପ୍ରକାଶ ପାଇଥିବା ବେଳେ ଭାରତୀୟ ଓପନିଙ୍ଗ ବ୍ୟାଟର ଶୁବମନ ଗିଲ୍ ଓ ଇଶାନ କିଶନଙ୍କୁ ମିଳିଛି କ୍ୟାରିୟର ଶ୍ରେଷ୍ଠ ର୍‍ୟାଙ୍କିଙ୍ଗ। ଗିଲ୍ ଦୁଇଟି ସ୍ଥାନ ଉପରକୁ ଉଠି ପଞ୍ଚମ ସ୍ଥାନରେ ପହଞ୍ଚିଛନ୍ତି। ଏହା ସହିତ ୭୪୩ ପଏଣ୍ଟ ହାସଲ କରି ପାକିସ୍ତାନର ବାବର ଆଜମ, ଫଖର ଜମାନ୍ ଓ ଇମାମ୍ ଉଲ ହକ୍‌ଙ୍କ ପାଖା ପାଖି ପହଞ୍ଚିଛନ୍ତି ଗିଲ୍। ବାବର ଆଜମ୍ ୧ ନମ୍ବର ସ୍ଥାନରେ ରହିଥିବା ବେଳେ ଜମାନ୍ ୭୫୫ ପଏଣ୍ଟ ସହିତ ତୃତୀୟ ଓ ଇମାମ୍ ଉଲ୍ ହକ୍ ୭୪୫ ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ଅନ୍ୟ ପକ୍ଷରେ ଇଶାନ୍ କିଶନ୍ ୯ ସ୍ଥାନ ଉପରକୁ ଉଠି ୩୬ ତମ ସ୍ଥାନରେ ପହଞ୍ଚିଛନ୍ତି। ହାର୍ଦ୍ଦିକ ପାଣ୍ଡ୍ୟା ୧୦ସ୍ଥାନ ଉପରକୁ ଉଠି ବ୍ୟାଟରଙ୍କ ତାଲିକାରେ ୭୧ତମ ସ୍ଥାନରେ ପହଞ୍ଚିଛନ୍ତି।

ଦିନିକିଆରେ ବୋଲରଙ୍କ ମଧ୍ୟରେ କୁଲଦୀପ ଯାଦବ ଟପ୍-୧୦ରେ ପ୍ରବେଶ କରିଛନ୍ତି। ୭ ଉଇକେଟ ନେଇଥିବା କୁଲଦୀପ ୪ ସ୍ଥାନର ଉନ୍ନତି ସହ ୧୦ ନମ୍ବର ସ୍ଥାନରେ ରହିଛନ୍ତି। ଅନ୍ୟ ପକ୍ଷରେ ସିମର ଶାର୍ଦ୍ଦୁଳ ଠାକୁର ୩ ସ୍ଥାନ ଉପରକୁ ଉଠି ୩୦ ତମ ସ୍ଥାନରେ ପହଞ୍ଚିଛନ୍ତି। ଅଲରାଉଣ୍ଡରଙ୍କ ତାଲିକାରେ ହାର୍ଦ୍ଦିକ ପାଣ୍ଡ୍ୟା ୧୧ତମ ସ୍ଥାନରେ ପହଞ୍ଚିଛନ୍ତି। ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ପଦାର୍ପଣ କରିଥିବା ତିଳକ ବର୍ମା ଟି୨୦ ବ୍ୟାଟରଙ୍କ ମଧ୍ୟରେ ୪୬ତମ ସ୍ଥାନ ହାସଲ କରିଛନ୍ତି।

# ମନିକା ବାତ୍ରାଙ୍କ ବ୍ୟାଗ୍ ମିଳିଲା

**ନୂଆଦିଲ୍ଲୀ,୯।୮(ପି.ଟି.)**

ଭାରତୀୟ ଟେବଲ ଟେନିସ୍ ତାରକା ମନିକା ବାତ୍ରାଙ୍କ ଉଭାନ୍ ହୋଇଥିବା ବ୍ୟାଗ୍ ବୁଧବାର ଦିନ ମିଳିଛି। ସ୍ପୋର୍ଟିଙ୍ଗ କିଟ୍ ଥିବା ବ୍ୟାଗ୍ ବିମାନ ଯାତ୍ରା ସମୟରେ ଗାଏବ ହୋଇଥିଲା। ପେରୁରୁ କେଏଲ୍‌ଏମ୍ ଏୟାର ଲାଇନ୍ସର ବିମାନ ଜରିଆରେ ଏକ ଟୁର୍ନାମେଣ୍ଟ ପରେ ଫେରୁଥିବା ସମୟରେ ଏଭଳି ଘଟଣା ଘଟିଥିଲା। ବ୍ୟାଗ ମିଳିବା ପରେ ମନିକା ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆଙ୍କୁ ତ୍ୱରିତ ପଦକ୍ଷେପ ପାଇଁ ଧନ୍ୟବାଦ ଜଣାଇଛନ୍ତି। ମଙ୍ଗଳବାର ବ୍ୟାଗ୍ ଉଭାନ୍ ହୋଇଥିବା ନେଇ ମନିକା ସିନ୍ଧିଆଙ୍କୁ ଟ୍ୟାଗ୍ କରି ହସ୍ତକ୍ଷେପ ଲୋଡିଥିଲେ। ବ୍ୟାଗ୍‌ଟି ଗୁରୁବାର ସୁଦ୍ଧା ନୂଆଦିଲ୍ଲୀରେ ପହଞ୍ଚିବ ବୋଲି ବିମାନ ଚଳାଚଳ କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

# ୟୁନାଇଟେଡ୍ ୟୁଥ୍ ସ୍ପୋର୍ଟିଂ ୪-୩ରେ ବିଜୟୀ

## ଭୁବନେଶ୍ୱର 'ବି' ଡିଭିଜନ ଫୁଟ୍‌ବଲ ଲିଗ୍

**ଭୁବନେଶ୍ୱର, ୯।୮ (ତପନ ସ୍ୱାଇଁ)**

ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ୟୁନିଟ-୧ସ୍ଥିତ ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ଗତିକୃଷ୍ଣ ମେମୋରିଆଲ 'ବି' ଡିଭିଜନ ଫୁଟବଲ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ ୟୁନାଇଟେଡ ୟୁଥ୍ ସ୍ପୋର୍ଟିଂ ବିଜୟୀ ହୋଇଛି। ଏକଦା ୦-୩ ଗୋଲରେ ପଛୁଆ ରହିବା ସତ୍ତ୍ୱେ ଏହି ଦଳ ୪-୩ ଗୋଲରେ ମଦର୍ସ ଫୁଟବଲ କ୍ଲବକୁ ପରାସ୍ତ କରିଛି। ମ୍ୟାଚ ଆରମ୍ଭରେ ମଦର୍ସ ଦଳ ଚମତ୍କାର ଖେଳିଥିଲା। ୧ମ, ୯ମ ଓ ୧୫ଶ ମିନିଟରେ ରୋହିତ ସଇଶ, ସୁଶାନ୍ତ ବେହେରା ଓ ଜାନୋପ ସୋନମ ଗୋଟିଏ ଲେଖାଏ ଗୋଲ ଦେଇ ମଦର୍ସକୁ ୩-୦ରେ ଅଗ୍ରଣୀ କରାଇଥିଲେ। ଚାପର ବଶବର୍ତ୍ତୀ ହୋଇଥିବା ୟୁନାଇଟେଡ ସ୍ପୋର୍ଟିଂ ପକ୍ଷରୁ ଜଗନ୍ନାଥ ବାରିକ ୩୪ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିଥିଲେ। ଦ୍ୱିତୀୟାର୍ଦ୍ଧରେ କିନ୍ତୁ ଭିନ୍ନ ଖେଳ ଦେଖାଇଥିଲା ୟୁନାଇଟେଡ ସ୍ପୋର୍ଟିଂ। ୪୮ତମ ମିନିଟ୍‌ରେ ଅଭିଷେକ ପଡ଼ିଆରୀ, ୫୪ତମ ମିନିଟରେ ଟିପୁନା ରାଉତ ଗୋଟିଏ ଲେଖାଏ ଗୋଲ ଦେବାରୁ ମ୍ୟାଚ ୩-୩ ସ୍ଥିତିକୁ ଚାଲି ଆସିଥିଲା। ୬୬ତମ ମିନିଟରେ ବାପୁନି ବିନ୍ଧାଣୀ ସ୍କୋର କରିଥିବା ଗୋଲଟି ନିର୍ଣ୍ଣାୟକ ହୋଇଥିଲା। ଗୋଲ ପରିଶୋଧ କରିବାକୁ ମଦର୍ସ ଖେଳାଳିମାନେ ଆପ୍ରାଣ ଉଦ୍ୟମ କରିଥିଲେ ମଧ୍ୟ ସଫଳ ହୋଇ ନ ଥିଲେ। ଆୟୋଜକ ଆସୋସିଏଶନର ଉପସଭାପତି ରାଧାନାଥ ମହାପାତ୍ର ଉପସ୍ଥିତ ରହି ୟୁନାଇଟେଡ ସ୍ପୋର୍ଟିଂର ବାପୁନି ବିନ୍ଧାଣୀଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ମ୍ୟାଚ ପରିଚାଳନା କରିଥିଲେ ରାଜେନ୍ଦ୍ର ବାରିକ। ସୁଶାନ୍ତ ମିଶ୍ର ଓ ଆଲୋକ ଦେହୁରୀ ତାଙ୍କୁ ସହାୟତା କରିଥିଲେ। ଶିବ ସାମନ୍ତରାୟ ୪ର୍ଥ ରେଫରି ଥିଲେ। ଗୁରୁବାର ଆର୍ଡୋର ଫୁଟବଲ ଏକାଡେମୀ ସିନିୟର ଓ ଲିଙ୍ଗରାଜ କ୍ଲବ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।


ବାପୁନି ବିନ୍ଧାଣିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ